# ଧରିତ୍ରୀ DHARITRI

ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୧୩/୨୦୧୮ (୧୬ ପୃଷ୍ଠା) Sambalpur, Tuesday, November 13/ 2018 ★★

୧୪ଶ ଭାଗ ୩୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**'ଦି ସ୍କାଏ ଇଜ୍ ପିଙ୍କ୍' ଶୁଟିଂ ଆରମ୍ଭ କଲେ ପ୍ରିୟଙ୍କା**

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ରାଜଧାନୀ ଦିଲ୍ଲୀରେ 'ଦି ସ୍କାଏ ଇଜ୍ ପିଙ୍କ୍'ର ଶୁଟିଂ ଆରମ୍ଭ କରିଛନ୍ତି।

୦୨

୧୪

**ମୁସ୍‌ଫିକରଙ୍କ ରେକର୍ଡ**

ବାଂଲାଦେଶର ମୁସ୍‌ଫିକର ରହିମ ପ୍ରଥମ ଉଇକେଟକିପର ଭାବେ ଟେଷ୍ଟରେ ଦୁଇଟି ଦ୍ୱିଶତକ ହାସଲ କରି ରେକର୍ଡ ପ୍ରତିଷ୍ଠା କରିଛନ୍ତି।








## ପରଲୋକରେ ଅନନ୍ତ କୁମାର

ବାଙ୍ଗାଲୋର,୧୨।୧୧(ପି.ଟି.)

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥା ଭାଜପା ନେତା ଅନନ୍ତ କୁମାରଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ଫୁସ୍‌ଫୁସ୍ କର୍କଟରେ ସେ ଅନେକ ଦିନ ହେଲା ପୀଡ଼ିତ ଥିଲେ। ଏକ ଘରୋଇ ହସ୍ପିଟାଲରେ ଅନନ୍ତ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଦକ୍ଷିଣ ବାଙ୍ଗାଲୋର ଏମ୍‌ପି ଅନନ୍ତ କୁମାର ପ୍ରାଣନାଶୀ କର୍କଟ ଓ ସଂକ୍ରମଣରେ ପୀଡ଼ିତ ହେବା ପରେ ଚିକିତ୍ସା ପାଇଁ ଆମେରିକା ଏବଂ ବ୍ରିଟେନ ଯାଇଥିଲେ। ଗତ ଅକ୍ଟୋବରରେ ସେ ବିଦେଶରୁ ଫେରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଙ୍ଗାଲୋରର ଏକ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଗତ କିଛିଦିନ ହେଲା ସେ ଆଇସିୟୁରେ ଥିଲେ। ରବିବାର ରାତି ୨ଟା ସମୟରେ ସେ ପ୍ରାଣ ହରାଇଛନ୍ତି। ମୃତ୍ୟୁ ବେଳକୁ ଅନନ୍ତଙ୍କ ନିକଟରେ ସ୍ତ୍ରୀ ତେଜସ୍ୱିନୀ ଏବଂ ଦୁଇ ଝିଅ ଥିଲେ। ପରଲୋକ ଗମନ କରିଥିବା ଭାଜପା ନେତାଙ୍କ ଶେଷ ଦର୍ଶନ ଲାଗି ଦିନ ତମାମ ତାଙ୍କ ☞ପୃଷ୍ଠା-୪

## ■ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮

# ପୁଞ୍ଜି ନିବେଶ ପାଇଁ ଭରସା ଦେଲେ ଶିଳ୍ପହସ୍ତୀ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ରାଜ୍ୟରେ ପୁଞ୍ଜି ନିବେଶର ପର୍ଯ୍ୟାପ୍ତ ସୁଯୋଗ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ହେଲେ ରାଜ୍ୟର ଆର୍ଥିକ ବିକାଶ ଆହୁରି ଦ୍ରୁତଗତିରେ ମାଡ଼ିଚାଲିବ। ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରି ଦେଶର ବଡ଼ ବଡ଼ ଶିଳ୍ପ ହସ୍ତୀମାନେ ବହୁ କୋଟି ଟଙ୍କାର ପୁଞ୍ଜି ନିବେଶ କରିବା ସ୍ୱପ୍ନ ଦେଖାଇଛନ୍ତି। ରାଜ୍ୟର ସାମାଜିକ, ସାଂସ୍କୃତିକ, ଆର୍ଥିକ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସହ କାନ୍ଧ ମିଳାଇ ଚାଲିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟରେ ଥିବା ପର୍ଯ୍ୟାପ୍ତ ସୁଯୋଗର ସହାୟତା ନେଇ ଆଧୁନିକ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳ୍ପ ମହାରଥୀମାନଙ୍କର ସହଯୋଗ କାମନା କରିଛନ୍ତି।

ଓଡ଼ିଶାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଆରଆଇଏଲ) ୬ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିଛି। ଆସନ୍ତା ୩ ବର୍ଷ ମଧ୍ୟରେ ଆଉ ୩ ହଜାର କୋଟି ପୁଞ୍ଜି ନିବେଶ କରିବ। ଜିଓ ନେଟ୍‌ୱର୍କ ସୃଷ୍ଟି କରିବାରେ ଏହି ପୁଞ୍ଜିରୁ ଅଧିକାଂଶ ବ୍ୟୟ କରାଯିବ। ଆରଆଇଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏହି ସୂଚନା ଦେଇଛନ୍ତି। ସୋମବାର ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ମେଗା ଶିଳ୍ପ ମହାମେଳା 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'ର ବିଜ୍‌ନେସ ଲିଡରଶିପ୍ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ରିଲାଏନ୍ସ ପାଇଁ ଜିଓ କେବଳ ଏକ ବ୍ୟବସାୟ ନୁହେଁ। ଭାରତ ଏବଂ ଓଡ଼ିଶାକୁ ପରିବର୍ତ୍ତନ କରିବା ଏହାର ଲକ୍ଷ୍ୟ। ଏଥିଯୋଗୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ପାଇଁ ନୂତନ ସୁଯୋଗ ସୃଷ୍ଟି କରାଯାଇଛି। ରାଜ୍ୟରେ ୩୦ ହଜାର ଲୋକଙ୍କୁ ଏଥିରେ ଯୋଡ଼ାଯାଇଛି। ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଓ ଶିକ୍ଷା, ☞ପୃଷ୍ଠା-୪



ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ର ଦ୍ୱିତୀୟ ଦିବସରେ ଉପସ୍ଥିତ ବିଶିଷ୍ଟ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- ■ଓଡ଼ିଶା ବିକାଶରେ ଭାଗୀଦାର ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ■ରିଲାଏନ୍ସ ୩ ହଜାର, ଟାଟା ସନ୍ସ ୨୫ ହଜାର କୋଟି ପୁଞ୍ଜି ନିବେଶ କରିବ
- ■ବିଜୁବାବୁଙ୍କୁ ମନେ ପକାଇଲେ ମୁକେଶ, ନବୀନ, ଅନିଲ

# ନିର୍ଣ୍ଣାୟକ ଲଢ଼େଇ ନିଷ୍ପତ୍ତି ନେଲା ସିଏସି

ସମ୍ବଲପୁର, ୧୨।୧୧(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଏବେ ନିର୍ଣ୍ଣାୟକ ଲଢେଇ କରିବାକୁ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କିମିଟି(ସିଏସି) ସ୍ଥିର କରିଛି। ସିଏସି ଆବାହକ ଅଶୋକ ଦାଶଙ୍କ ଅଧ୍ୟକ୍ଷତାରେ ସୋମବାର ବୁର୍ଲା ଥାନା ଅନ୍ତର୍ଗତ ଆ.କଟାପାଲି ନିକଟ ଏକ ହୋଟେଲରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆନ୍ଦୋଳନକୁ ଜୋର୍‌ଦାର କରି ନଭେମ୍ବର ୨୯ ଓ ୩୦ତାରିଖ ୪୮ଘଣ୍ଟା ପଶ୍ଚିମ ଓଡିଶାରେ ମହାବନ୍ଦ ପାଳନ କରାଯିବ। ଏଥିରେ ଦୋକାନ ବଜାର, ଗାଡି ମୋଟର ଚଳାଚଳ, ସରକାରୀ, ବେସରକାରୀ ଅଫିସ, ଶିକ୍ଷାନୁଷ୍ଠାନ, କୋର୍ଟ, କଚେରି, ବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରତିଷ୍ଠାନ ବନ୍ଦ କରାଯିବ ବୋଲି ସ୍ଥିର ହୋଇଛି। ଏହା ସହ ନଭେମ୍ବର ୧୯ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟଗୁଡିକ ଅଚଳ କରି ଦିଆଯିବ । ୨୦୦୭ ମସିହାରେ ମୁଖ୍ୟମନ୍ତ୍ରୀ ହାଇକୋର୍ଟକୁ ସୁପାରିସ କରିଥିବା ନାମକରଣ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଉ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଡିସେମ୍ବର ୧୬ତାରିଖ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସିଏସି ବୈଠକ କରାଯିବ ଓ ଆଗାମୀ ଆନ୍ଦୋଳନର ରୂପରେଖ ସ୍ଥିର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼,ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବରଗଡ଼ ଜିଲାର ଅତାବିରା ସମେତ ମୋଟ ୧୧ଟି ବାର ଆସୋସିଏଶନର ☞ପୃଷ୍ଠା-୪

**ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ**

- ■୪୮ଘଣ୍ଟା ପାଳନ ହେବ ମହାବନ୍ଦ
- ■୧୯ରୁ ୩୦ ଯାଏ ସରକାରୀ କାର୍ଯ୍ୟାଳୟ ବନ୍ଦ
- ■ପୂର୍ବରୁ ଦେଇଥିବା ସୁପାରିସ କାର୍ଯ୍ୟକାରୀ ଉପରେ ଗୁରୁତ୍ୱ



ବୁର୍ଲା ଥାନା ଅନ୍ତର୍ଗତ ଆ.କଟାପାଲି ନିକଟ ଏକ ହୋଟେଲରେ ଅନୁଷ୍ଠିତ ସିଏସି ବୈଠକରେ ଉପସ୍ଥିତ ଆଇନଜୀବୀ।

**ହକି ବିଶ୍ୱକପ୍ ଟ୍ରଫି ଉନ୍ମୋଚିତ**



୧୫

**ଆଜିର ସମ୍ପାଦକୀୟ**

**ଅପେକ୍ଷା ଓ ସଜାଗ**

**ଆଜିର ମନ୍ତବ୍ୟ**

"କଶ୍ମୀର ପ୍ରସଙ୍ଗରେ କେନ୍ଦ୍ର ସରକାର ଆତଙ୍କବାଦୀଙ୍କ ସହ ଆଦୌ ଆଲୋଚନା କରିବେ ନାହିଁ।

–ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

**କିଛି ତଥ୍ୟ**

ଚଳିତ ବର୍ଷ ସେପ୍ଟେମ୍ବରରେ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ଘଟିବା ସହ ଏହା ୪.୩% ସ୍ତରରେ ରହିଛି।

– ସରକାରଙ୍କ ପ୍ରଦତ୍ତ ତଥ୍ୟ


NECC NATIONAL EGG CO-ORDINATION COMMITTEE 12.11.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 62 | 109 | 119 |
| ANG | 64 | 111 | 121 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


## ଗୁଳି ବିନିମୟରେ ୫ ମାଓବାଦୀ ମୃତ

ମାଲକାନଗିରି,୧୨।୧୧ (ଡି.ଏନ୍.ଏ.)

ଛତିଶଗଡ ନିର୍ବାଚନର ପ୍ରଥମ ଦିନରେ ପୋଲିସ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇ ୫ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ନିହତ ମାଓବାଦୀଙ୍କ ପରିଚୟ ମିଳିନାହିଁ। ବିଜାପୁର ଜିଲା ପାମେଡ୍ ଜଙ୍ଗଲରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଯବାନଙ୍କ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା। ଏଥିରେ ୫ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ମାଓବାଦୀଙ୍କ ଗୁଳିରେ ୫ଜଣ ଯବାନ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ରାୟପୁର ପଠାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା।

## ୬ଜେଲ୍‌ର ଅନ୍ତେବାସୀ ଖାଇଛନ୍ତି ୧୮ଲକ୍ଷ ଟଙ୍କାର ଜଳଖିଆ

ଭୁବନେଶ୍ୱର, ୧୨।୧୧ (ବ୍ୟୁରୋ)

- ■ଜେଲକୁ ବେଆଇନ ଭାବେ ଯାଉଛି ବିପୁଳ ଟଙ୍କା
- ■ଜେଲ କର୍ମଚାରୀଙ୍କ କାର୍ଯ୍ୟଧାରାକୁ ନେଇ ଉଠିଲା ପ୍ରଶ୍ନ

ରାଜ୍ୟର ୬ଟି ଜେଲ୍‌ରେ ରହୁଥିବା ଅନ୍ତେବାସୀମାନେ ବର୍ଷକ ଭିତରେ ୧୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜଳଖିଆ ଖାଇଛନ୍ତି। କଏଦୀଙ୍କ ଏହି ଜଳଖିଆ ଖର୍ଚ୍ଚକୁ ନେଇ ଏବେ ନୂଆ ବିବାଦ ଆରମ୍ଭ ହୋଇଥିବାବେଳେ ଜେଲ୍ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ କାର୍ଯ୍ୟଧାରା ସନ୍ଦେହ ଘେରକୁ ଆସିଛି। କଏଦୀ-ଜେଲ୍ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଜେଲ୍ ଭିତରକୁ ବେଆଇନ ଭାବେ ବିପୁଳ ଟଙ୍କା ଯାଉଥିବା ବାରି ହୋଇପଡୁଛି। ଚାରିକାନ୍ଥ ଭିତରେ ରହୁଥିବା କଏଦୀମାନେ ଏତେ ଟଙ୍କା କେଉଁଠୁ ଆଣି ଜଳଖିଆରେ ଖର୍ଚ୍ଚ କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ତଥ୍ୟ ଅନୁଯାୟୀ, କଏଦୀଙ୍କ ଜଳଖିଆ ଖର୍ଚ୍ଚ ତାଲିକାରେ ଝାରପଡା ଜେଲ ପ୍ରଥମ ସ୍ଥାନରେ ରହିଛି। ଝାରପଡା ଜେଲ କ୍ୟାଣ୍ଟିନରୁ କଏଦୀମାନେ ପ୍ରାୟ ୭ ଲକ୍ଷ ୨୨ ହଜାର ଟଙ୍କାର ଜଳଖିଆ ଖାଇଛନ୍ତି। ସେହିପରି ଚୌଦ୍ୱାର ଜେଲ୍‌ରେ ୬ ଲକ୍ଷ ୩୦ ହଜାର, ବ୍ରହ୍ମପୁର ଜେଲରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ବାରିପଦା ଜେଲରେ ୬୦ ହଜାର, କେଉଁଝର ଜେଲ୍‌ରେ ୫୦ ☞ପୃଷ୍ଠା-୪


**ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା**

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା୧୦.୧୧.୨୦୧୮ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତ କ୍ରମିକ ସଂଖ୍ୟା ୨୪୧ ରୁ ୩୦୦ ପର୍ଯ୍ୟନ୍ତ ତା୩୦.୧୧.୧୮ ରିଖ ଦିନ ଶୁଣାଣି ନିମନ୍ତେ ଧାର୍ଯ୍ୟ ହୋଇଥିଲା । ଉକ୍ତ ଦିନ ସ୍ଥାନୀୟ ଛୁଟି ପଡୁଥିବାରୁ ଶୁଣାଣି ନିମନ୍ତେ ଧାର୍ଯ୍ୟ ଦରଖାସ୍ତଗୁଡିକୁ ତା୩୦.୧୧.୨୦୧୮ ରିଖ ପରିବର୍ତ୍ତେ ତା୦୩.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଶୁଣାଣି କରାଯିବ ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ



“କଂଗ୍ରେସର ରାଜନୀତି ଗୋଟିଏ ପରିବାରରୁ ଆରମ୍ଭ ଏବଂ ସେଇଠି ହିଁ ଶେଷ । ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ଦୁର୍ନୀତି ମାମଲାରେ ଜାମିନରେ ମୁକୁଳିଥିବା ସତ୍ତ୍ୱେ ମୋତ ସାର୍ଟିଫିକେଟ ଦେବା ଅତି ହାସ୍ୟାସ୍ପଦ କଥା ।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ

### ଅଯୋଧ୍ୟା ମାମଲା
### ତ୍ୱରିତ ବିଚାର ପାଇଁ ନା କହିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୧୨।୧୧-** ଅଯୋଧ୍ୟା ଜମି ବିବାଦ ମାମଲାର ବିଚାର ତୁରନ୍ତ କରାଯାଇପାରିବ ନାହିଁ। ହିନ୍ଦୁ ମହାସଭା ପକ୍ଷରୁ ହୋଇଥିବା ଏକ ଆବେଦନର ଶୁଣାଣି କରି ସୋମବାର ଏଭଳି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ଏସ୍.କେ. କୌଲ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନ ଖାରଜ କରି ଏହା କହିଛନ୍ତି। ନିର୍ଦ୍ଧାରିତ ସମୟ ଅନୁଯାୟୀ ଜାନୁୟାରୀରେ ଏହି ମାମଲାର ବିଚାର ସମ୍ପର୍କରେ ନିଷ୍ପତ୍ତି ହେବ ବୋଲି ଖଣ୍ଡପୀଠ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୦ରେ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଅକ୍ଟୋବର ୨୯ରେ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ ଦାଖଲ କରାଯାଇଥିଲା। ଆହ୍ଲାବାଦ ହାଇକୋର୍ଟ ବିବାଦୀୟ ୨.୭୭ ଏକର ଜମିକୁ ରାମଲାଲା, ନିର୍ମୋହୀ ଆଖଡ଼ା ଏବଂ ସୁନ୍ନି ୱାକଫ୍ ବୋର୍ଡ ମଧ୍ୟରେ ସମାନ ଭାଗରେ ବାଣ୍ଟିବାକୁ ରାୟ ଦେଇଥିଲେ।

### ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ବିଜ୍ଞପ୍ତି

**ହାଇଦ୍ରାବାଦ,୧୨।୧୧(ପି.ଟି.)-** ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଡିସେମ୍ବର ୭ରେ ଏହି ରାଜ୍ୟରେ ଭୋଟ ଗ୍ରହଣ ହେବ ବୋଲି ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି। ବିଜ୍ଞପ୍ତି ଅନୁଯାୟୀ ନଭେମ୍ବର ୧୨ରୁ ୧୯ ମଧ୍ୟରେ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ ହେବ। ୨୦ ତାରିଖରେ ସେସବୁ ଯାଞ୍ଚ କରାଯିବ। ସେହି ମାସ ୨୨ ତାରିଖ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ। ଡିସେମ୍ବର ୭ରେ ଭୋଟହେବା ପରେ ୧୧ ତାରିଖରେ ଫଳାଫଳ ଘୋଷଣା ହେବ ବୋଲି ଇସି ପ୍ରକାଶ କରିଛନ୍ତି। କାମଚଳା ମୁଖ୍ୟମନ୍ତ୍ରୀ ତଥା ଟିଆର୍‌ଏସ୍ ସୁପ୍ରିମୋ କେ. ଚନ୍ଦ୍ରଶେଖର ରାଓ ପୁନଃ କ୍ଷମତା ଦଖଲ ପାଇଁ ଉଦ୍ୟମ ଚଳାଇଛନ୍ତି। ସେ ମେଡ଼କ୍ ଜିଲାର ଗଜୱେଲ ଆସନରୁ ପ୍ରାର୍ଥୀ ହେବେ ବୋଲି ଜଣାପଡ଼ିଛି।

[ଇତିହାସର ଆଇନାରେ]

### ନଭେମ୍ବର ୧୩ର ପ୍ରମୁଖ ଘଟଣା

୧୯୭୦ ନଭେମ୍ବର ୧୩ରେ ପୂର୍ବ ପାକିସ୍ତାନ (ବର୍ତ୍ତମାନର ବାଂଲାଦେଶ)ରେ ସାମୁଦ୍ରିକ ଝଡ଼ ‘ଭୋଳା’ର ତାଣ୍ଡବ ଦେଖିବାକୁ ମିଳିଥିଲା। ଏଥିରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବାବେଳେ ଲକ୍ଷ ଲକ୍ଷ ସଂଖ୍ୟାରେ ବାସହରା ହୋଇଥିଲେ। ‘ଭୋଳା’ ଯୋଗୁ ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ରାସ୍ତାଘାଟ ଧୋଇଯିବା ସହ ଘରଦ୍ୱାର ନଷ୍ଟ ହୋଇଯାଇଥିଲା। ନଭେମ୍ବର ୮ରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ସାମୁଦ୍ରିକ ଝଡ଼ ଧୀରେ ଧୀରେ ଶକ୍ତିଶାଳୀ ହେବା ସହ ବାଂଲାଦେଶ ଆଡ଼କୁ ମୁହାଁଇଥିଲା। ନଭେମ୍ବର ୧୨ ସନ୍ଧ୍ୟାରେ ଏହା ବାଂଲାଦେଶ ଭୂଖଣ୍ଡ ଛୁଇଁଥିଲା। କିନ୍ତୁ ୧୩ ତାରିଖରେ ଏହା ଅଧିକ ଉଗ୍ରରୂପ ଧାରଣ କରିଥିଲା। ଉପକୂଳବର୍ତ୍ତୀ ଅଞ୍ଚଳକୁ ସମ୍ପୂର୍ଣ୍ଣ ଧ୍ୱଂସସ୍ତୂପରେ ପରିଣତ କରି ଦେଇଥିଲା।

୧୮୮୭ ନଭେମ୍ବର ୧୩ରେ ବ୍ରିଟେନ୍‌ର ଲଣ୍ଡନ ସାମ୍ନା କରିଥିଲା ଏକ ରକ୍ତରଞ୍ଜିତ ରବିବାର (ବ୍ଲଡି ସନ୍‌ଡେ)। ଆୟର୍ଲାଣ୍ଡରେ ଲାଗି ରହିଥିବା ବର୍ବରତା ଏବଂ ବେକାରି ସମସ୍ୟାକୁ ବିରୋଧ କରି ଲଣ୍ଡନ ସହରରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ବିକ୍ଷୋଭକାରୀ ଏମ୍‌ପି ୱିଲିୟମ୍ ଓ’ବ୍ରାଏନ୍‌ଙ୍କୁ ମୁକ୍ତକରିବା ଲାଗି ମଧ୍ୟ ଦାବି କରିଥିଲେ। କିନ୍ତୁ ବ୍ରିଟିଶ୍ ସେନା ଏବଂ ଲଣ୍ଡନ ମେଟ୍ରୋପଲିଟାନ୍ ପୋଲିସ ଉକ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ଉପରେ ବଳପ୍ରୟୋଗ କରିଥିଲେ। ଲୁହାଛଡ଼, ଛୁରି, ପୋକର୍ ଏବଂ ଗ୍ୟାସ୍ ପାଇପ୍ ଜରିଆରେ ସେମାନଙ୍କୁ ଆକ୍ରମଣ କରିଥିଲେ। ସେନା ଏବଂ ପୋଲିସ ୪୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଥିବାବେଳେ ୭୫ ଜଣ ଏଥିରେ ଗୁରୁତର ଭାବେ ଆହତ ହୋଇଥିଲେ।

# ସୁପ୍ରିମକୋର୍ଟରେ ରାଫାଲ୍ ପେଡ଼ି

■ ଯୁଦ୍ଧବିମାନର ମୂଲ୍ୟ ସମ୍ପର୍କିତ ଦସ୍ତାବିଜ ହସ୍ତାନ୍ତର
■ ପ୍ରତିରକ୍ଷା ଚୁକ୍ତି ନିୟମ ପାଳନ ହୋଇଛି: କେନ୍ଦ୍ର

ନୂଆଦିଲ୍ଲୀ,୧୨।୧୧(ପି.ଟି.)



ରାଫାଲ୍ ଯୁଦ୍ଧବିମାନ କ୍ରୟ ନେଇ ଫ୍ରାନ୍ସ ସହ ହୋଇଥିବା ଚୁକ୍ତିବେଳେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଦୁର୍ନୀତି କରିଥିବା ଅଭିଯୋଗ ଆଣି ହୁଙ୍କାର ଛାଡୁଛନ୍ତି ବିରୋଧୀ। ବିବାଦ ଘନୀଭୂତ ହେବାରୁ ଏନେଇ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି। ଦାବି ଜୋର୍ ଧରିବା ପରେ ଶେଷରେ ସରକାର ସୋମବାର ୩୬ ରାଫାଲ୍ ବିମାନର ମୂଲ୍ୟ ସମ୍ପର୍କିତ ସବିଶେଷ ତଥ୍ୟ ବନ୍ଦ ଲଫାପାରେ ରଖି ସର୍ବୋଚ୍ଚ ଅଦାଲତଙ୍କୁ ପ୍ରଦାନ କରିଛନ୍ତି। ଭଲଭାବେ ତର୍ଜମା କରି ଏହି ମୂଲ୍ୟ ନିର୍ଦ୍ଧାରଣ ହୋଇଛି ଏବଂ ପ୍ରତିରକ୍ଷା ଚୁକ୍ତି ସଂକ୍ରାନ୍ତ ନିୟମ (୨୦୧୩) ପାଳନ ହୋଇଥିବା କେନ୍ଦ୍ର କହିଛି।

ରାଫାଲ୍ ଚୁକ୍ତିରେ ବହୁକୋଟି ଟଙ୍କାର ଦୁର୍ନୀତି ହୋଇଥିବାରୁ ସବିଶେଷ ତଥ୍ୟ ସର୍ବସମ୍ମୁଖକୁ ଅଣାଯାଉ ବୋଲି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ଅଡ଼ିବସିଛନ୍ତି। ଏସବୁ ସମ୍ବେଦନଶୀଳ ତଥ୍ୟ ଯେବେ ପାର୍ଲାମେଣ୍ଟରେ ଉପସ୍ଥାପନ ହେଉ ନାହିଁ, ସେତେବେଳେ ରିପୋର୍ଟ ସାର୍ବଜନୀନ କରିବା ସମ୍ଭବ ନୁହେଁ ବୋଲି ସରକାର ଦୋହରାଇ ଆସୁଛନ୍ତି। ଉଭୟ ପକ୍ଷ ନିଜ ଜିଦ୍‌ରେ ଅଟଳ ରହିଥିବାବେଳେ ଅକ୍ଟୋବର ୩୧ରେ ଅଦାଲତ ଦେଇଥିବା ରାୟ ଘଟଣାର ମୋଡ଼ ବଦଳାଇଦେଲା। କୋର୍ଟ ନିର୍ଦ୍ଦେଶକ୍ରମେ କେନ୍ଦ୍ର ରାଫାଲ୍ ଚୁକ୍ତି ସଂକ୍ରାନ୍ତ ନିଷ୍ପତ୍ତି ଉପରେ ୧୪ ପୃଷ୍ଠା ସମ୍ବଳିତ ଦସ୍ତାବିଜ୍ ଦାଖଲ କରିଛି। ଏଥିସହ ନିଜ ପକ୍ଷରୁ କୌଣସି ତ୍ରୁଟି ନ ଥିବା ସରକାର କହିଛନ୍ତି। ତେବେ ବନ୍ଦ ଲଫାପାରେ ଥିବା ରିପୋର୍ଟରେ ବାସ୍ତବରେ କ’ଣ ଦର୍ଶାଯାଇଛି, ତାହା ଜଣାପଡ଼ି ନାହିଁ। ଏହି ରିପୋର୍ଟ ଏବେ ଅଦାଲତଙ୍କ ହେପାଜତରେ ରହିଛି।

ପ୍ରକାଶ ଯେ, ୨୦୧୬ ସେପ୍ଟେମ୍ବର ୨୩ରେ ଭାରତ ଏବଂ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଅତ୍ୟାଧୁନିକ ରାଫାଲ ଯୁଦ୍ଧବିମାନ କ୍ରୟ ନେଇ ଚୁକ୍ତି ସ୍ୱାକ୍ଷର ହୋଇଥିଲା।

■ ସିବିଆଇରେ ଅନ୍ତର୍କନ୍ଦଳ: ବଢ଼ିଲା ବର୍ମାଙ୍କ ଅଡୁଆ

# ବନ୍ଦ ଲଫାପାରେ ତଦନ୍ତ ରିପୋର୍ଟ ଦେଲା ସିଭିସି

ନୂଆଦିଲ୍ଲୀ,୧୨।୧୧(ପି.ଟି.)



ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ନାଁରେ ଆସିଥିବା ଲାଞ୍ଚ ଅଭିଯୋଗର ତଦନ୍ତ ଚଳାଇଛି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)। ସୋମବାର ତଦନ୍ତ ସଂସ୍ଥା ବନ୍ଦ ଲଫାପାରେ ପ୍ରାଥମିକ ତଦନ୍ତ ରିପୋର୍ଟକୁ ସୁପ୍ରିମକୋର୍ଟରେ ଦାଖଲ କରିଛି।

ବର୍ମାଙ୍କ ନାଁରେ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ଦୁର୍ନୀତି ଅଭିଯୋଗ ଆଣିବା ପରେ ସବୁଠୁ ବିଶ୍ୱସନୀୟ ତଦନ୍ତ ସଂସ୍ଥାରେ ଥିବା କଳି ପଦାରେ ପଡ଼ିଛି। ଲାଞ୍ଚ ଅଭିଯୋଗ ନେଇ ବର୍ମାଙ୍କୁ କାର୍ଯ୍ୟରୁ ନିବୃତ୍ତ ରଖାଯିବା ସହ ବାଧ୍ୟତାମୂଳକ ଛୁଟିରେ ପଠାଇଦିଆଯାଇଛି। ଅସ୍ଥାନାଙ୍କ ବିରୋଧରେ ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ହୋଇଛି। ସର୍ବୋଚ୍ଚ ଅଦାଲତଙ୍କ ତତ୍ତ୍ୱାବଧାନରେ ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଚାଲିଛି। ଏବେ ଭିଜିଲାନ୍ସ କମିଶନ୍‌ର ତଦନ୍ତ ରିପୋର୍ଟ ବର୍ମାଙ୍କୁ ଅଡୁଆରେ ପକାଇଛି। ସିବିଆଇର କାମଚଳା ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓ ମଧ୍ୟ ଅକ୍ଟୋବର ୨୩ରୁ ୨୬ ମଧ୍ୟରେ ନେଇଥିବା ନିଷ୍ପତ୍ତି ସମ୍ପର୍କିତ ରିପୋର୍ଟକୁ ଦାଖଲ କରିଛନ୍ତି। ବନ୍ଦ ଲଫାପାରେ ରହିଥିଲା ଏହି ରିପୋର୍ଟ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୟ କିଷାନ୍ କୌଲ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଭୟ ରିପୋର୍ଟକୁ ଗ୍ରହଣ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୬ରେ ହେବ ବୋଲି କୋର୍ଟ କହିଛନ୍ତି। ଅକ୍ଟୋବର ୨୬ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଆଧାରରେ ସିଭିସି ଏବଂ ରାଓ ସେମାନଙ୍କ ରିପୋର୍ଟର ୩ଟି ନକଲ କୋର୍ଟଙ୍କୁ ହସ୍ତାନ୍ତର କରିଛନ୍ତି।

# ଛତିଶଗଡ଼ ନିର୍ବାଚନ: ପ୍ରଥମ ପର୍ଯ୍ୟାୟରେ ୭୦% ମତଦାନ

**ରାୟପୁର,୧୨।୧୧(ପି.ଟି.)**–ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ସୋମବାର ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଛି। ୧୮ ନିର୍ବାଚନମଣ୍ଡଳୀରେ ୭୦ ପ୍ରତିଶତ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି। ତନ୍ମଧ୍ୟରେ ଅନେକ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ରହିଛି। ମାଓବାଦୀଙ୍କ ଧମକକୁ ଖାତିର ନ କରି ବହୁସଂଖ୍ୟକ ମତଦାତା ପୋଲିଂ ବୁଥ୍‌କୁ ଯାଇଥିଲେ।

ସୋମବାର ପୂର୍ବାହ୍ନରେ ଭୋଟ ଗ୍ରହଣ ଆରମ୍ଭ ହେବା ପରେ କମ୍ ଭୋଟରଙ୍କୁ ଦେଖିବାକୁ ମିଳିଥିଲା। ଧୀରେ ଧୀରେ ଲୋକଙ୍କ ଲମ୍ବା ଲାଇନ୍ ଲାଗିଥିଲା। ଶାନ୍ତିପୂର୍ଣ୍ଣ ଭାବେ ମତଦାନ ପ୍ରକ୍ରିୟା ଶେଷ କରିବା ଲାଗି ସୁରକ୍ଷା କଡ଼ାକଡ଼ି କରାଯାଇଥିଲା। ମୋଲା-ମନ୍‌ପୁର, ଅନ୍ତଗଡ଼, ଭାନୁପ୍ରତାପପୁର, କଙ୍କେର, କେସ୍କଲ, କୋନ୍ଦାଗାଁ, ନାରାୟଣପୁର, ଦାନ୍ତେୱାଡ଼ା, ବିଜାପୁର ଏବଂ କୋନ୍ତା ଆଦି ୧୦ ନିର୍ବାଚନମଣ୍ଡଳୀରେ ଅପରାହ୍ନ ୩ଟା ସୁଦ୍ଧା ଭୋଟ ଶେଷ ହୋଇଥିଲା। ସେହିପରି ଖୈରଗଡ଼, ଦୋଙ୍ଗାରଗଡ଼, ରାଜନନ୍ଦଗାଁ, ଖୁଜି, ବସ୍ତର, ଜଗଦଲପୁର ଏବଂ ଚିତ୍ରକୂଟରେ ଅପରାହ୍ନ ୫ଟାରେ ମତଦାନ ସମାପ୍ତ ହୋଇଛି।

### ମାଓବାଦୀଙ୍କ ଧମକକୁ ଫୁ



୧୫ ବର୍ଷ ପରେ ସୁକୁମା ଜିଲାର ପାଲମ୍ ଅଡଗୁ ଗ୍ରାମରେ ନିର୍ବାଚନ ହୋଇଛି। ଏଠାରେ ୪୪% ମତଦାନ ରେକର୍ଡ କରାଯାଇଛି। ନାରାୟଣପୁରରେ ଆତ୍ମସମର୍ପଣ କରିଥିବା ମାଓବାଦୀ ଦମ୍ପତି ମୈନୁରାମ ଏବଂ ତାଙ୍କ ସ୍ତ୍ରୀ ରାଜବତୀ ଭୋଟ ଦେଇଛନ୍ତି। ସେହିପରି ଶତାୟୁଙ୍କ ସମେତ ଅନେକ ବୃଦ୍ଧାବୃଦ୍ଧ ଏବଂ ଦିବ୍ୟାଙ୍ଗ ମଧ୍ୟ ମତାଧିକାର ସାବ୍ୟସ୍ତ କରିଥିଲେ। କେତେକ ସ୍ଥାନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଏବଂ ଭିଭିପିଏଟି ମେଶିନ୍‌ରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସେସବୁକୁ ବଦଳାଇ ନୂଆ ମେଶିନ୍ ଲଗାଯିବା ପରେ ପୁଣି ଭୋଟ ଗ୍ରହଣ ହୋଇଥିଲା।

ମାଓବାଦୀ ଅଧ୍ୟୁଷିତ ବସ୍ତର, କଙ୍କେର, ସୁକୁମା, ବିଜାପୁର, ଦାନ୍ତେୱାଡ଼ା, ନାରାୟଣପୁର, କୋନ୍ଦାଗାଁ ଏବଂ ରାଜନନ୍ଦଗାଁ ଜିଲାର ୧୮ ନିର୍ବାଚନମଣ୍ଡଳୀରେ ଏହି ଭୋଟ ଶେଷ ହୋଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଏସବୁ ଅଞ୍ଚଳରେ ପ୍ରାୟ ୧.୨୫ ଲକ୍ଷ ପୋଲିସ ଏବଂ ଅର୍ଦ୍ଧସାମରିକ ବାହିନୀଙ୍କୁ ମୁତୟନ କରାଯାଇଥିଲା। ଗୋଟିଏ ପଟେ ନିର୍ବାଚନ ପ୍ରକ୍ରିୟା ଚାଲିଥିଲାବେଳେ ଅନ୍ୟପଟେ ବିଜାପୁରରେ ମାଓବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ଘଟିଛି। ଦାନ୍ତେୱାଡ଼ାରେ ମଧ୍ୟ ବୋମା ବିସ୍ଫୋରଣ ହୋଇଛି। ଏଥିରେ ୫ ଯବାନ ଆହତ ହୋଇଛନ୍ତି।

ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ପ୍ରମୁଖ ନେତାଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ରମଣ ସିଂ, ମନ୍ତ୍ରୀ କେଦାର କାଶ୍ୟପ, ମହେଶ ଗଗ୍‌ଦା, ଭାଜପାର କଙ୍କେର ଏମ୍‌ପି ବିକ୍ରମ ଉସେଣ୍ଡି, କଂଗ୍ରେସ ନେତା ଦେବତୀ କର୍ମା। ଏହି ପର୍ଯ୍ୟାୟରେ ମୋଟ ୧୯୦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ଆଉ ୭୨ ଆସନ ଲାଗି ନଭେମ୍ବର ୨୦ରେ ଭୋଟଗ୍ରହଣ ହେବ। ଡିସେମ୍ବର ୧୧ରେ ଭୋଟ ଗଣତି ପରେ ଫଳାଫଳ ଘୋଷଣା କରାଯିବ।

■ ସର୍ଜିକାଲ ଷ୍ଟ୍ରାଇକ୍ ଭୟ

# ନିୟନ୍ତ୍ରଣ ରେଖାରେ ପାକ୍ ସ୍ନାଇପର କମାଣ୍ଡୋଙ୍କ ପଇଁତରା

ନୂଆଦିଲ୍ଲୀ/ଇସଲାମାବାଦ୍,୧୨।୧୧

ଭାରତୀୟ ସୈନ୍ୟଙ୍କୁ ଟାର୍ଗେଟ କରିବା ସହ ପୁଣି ଏକ ସର୍ଜିକାଲ ଷ୍ଟ୍ରାଇକ୍ ହେବା ଆଶଙ୍କା କରି ପାକିସ୍ତାନ ନିୟନ୍ତ୍ରଣ ରେଖାରେ ସୁରକ୍ଷା ବଳ ବଢ଼ାଇଛି। ସୀମାରେ ପାକ୍ ସ୍ନାଇପର ଏସ୍‌ଏସ୍‌ଜି କମାଣ୍ଡୋଙ୍କ ସଂଖ୍ୟା ବୃଦ୍ଧି କରିଛି। କମାଣ୍ଡୋମାନେ ଭାରତ ଯବାନଙ୍କ ଉପରେ ସ୍ନାଇପର ଆକ୍ରମଣ ଜାରି ରଖିଛନ୍ତି। ଇତିମଧ୍ୟରେ ଏଭଳି ଆକ୍ରମଣରେ କେତେଜଣ ଯବାନ ମଧ୍ୟ ଶହୀଦ୍ ହେଲେଣି। ସୀମାରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ଲାଗି ପାକିସ୍ତାନ ଏଭଳି ଛାୟା ଯୁଦ୍ଧ ସୃଷ୍ଟି କରିଥିବା କୁହାଯାଉଛି। ପାକିସ୍ତାନୀ ସ୍ନାଇପର କମାଣ୍ଡୋ ଭାରତୀୟ ଯବାନଙ୍କ ଉପରକୁ ସ୍ନାଇପର ଗନ୍‌ରେ ଆକ୍ରମଣ କରୁଛନ୍ତି। ଏହି ଗନ୍‌ର ମାରକ କ୍ଷମତା ୧୬ଶହ ମିଟର ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୧୬ରେ ଭାରତୀୟ ସେନାଙ୍କ ସର୍ଜିକାଲ୍ ଷ୍ଟ୍ରାଇକ୍ ପରେ ପାକିସ୍ତାନ ଏହାର ସୀମାରେ ଏସ୍‌ଏସ୍‌ଜି କମାଣ୍ଡୋଙ୍କୁ ମୁତୟନ କରିବା ଆରମ୍ଭ କରିଥିଲା।

## ଫୁର୍‌ସତ

### ଶୁକ୍ରକୁ ସ୍ପେସ୍‌କ୍ରାଫ୍ଟ ପଠାଇବ ଇସ୍ରୋ



**ବେଙ୍ଗାଲୁରୁ:** ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ୨୦୨୩ରେ ଶୁକ୍ରକୁ ଏକ ପର୍ଯ୍ୟବେକ୍ଷଣକାରୀ ମହାକାଶଯାନ ଲଞ୍ଚ୍ କରିବ। ପ୍ରସ୍ତାବିତ ଶୁକ୍ର ମିଶନ୍ ପାଇଁ ଇସ୍ରୋ ଅନ୍ତର୍ଜାତୀୟ ମହାକାଶ ବୈଜ୍ଞାନିକ ସମୁଦାୟଙ୍କ ପ୍ରସ୍ତାବ ଲୋଡିଥିବା ସ୍ପେସ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ବିଦେଶୀ ମହାକାଶ ଗବେଷଣା ସଂସ୍ଥା, ରିସର୍ଚ୍ଚ ଲାବୋରେଟୋରି ଏବଂ ଏକାଡେମିକ୍ ୟୁନିଭର୍ସିଟିଗୁଡିକ ଏଥିପାଇଁ କ’ଣ ପ୍ରସ୍ତାବ ଦେଉଛନ୍ତି ତାହା ଉପରେ ଉକ୍ତ ମିଶନ୍ ନିର୍ଭର କରୁଥିବା ଇସ୍ରୋ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଶୁକ୍ର ଗ୍ରହକୁ ପୃଥିବୀର ଯମଜ ଭଗିନୀ ଭାବରେ ବର୍ଣ୍ଣନା କରାଯାଏ। କାରଣ ପୃଥିବୀ ଓ ଶୁକ୍ରର ଆକୃତି, ବସ୍ତୁତ୍ୱ, ସାନ୍ଦ୍ରତା ଏବଂ ମାଧ୍ୟାକର୍ଷଣ ଶକ୍ତି ପ୍ରାୟତଃ ସମାନ। ପ୍ରସ୍ତାବିତ ସ୍ପେସ୍‌କ୍ରାଫ୍ଟର ଓଜନ ହେବ ୧୦୦କିଲୋଗ୍ରାମ ଏହା ପାଖାପାଖି ୫୦୦ୱାଟ କ୍ଷମତା ବିଶିଷ୍ଟ ହେବ। ଉକ୍ତ ସ୍ପେସ୍‌କ୍ରାଫ୍ଟ ଶୁକ୍ରର ନିକଟବର୍ତ୍ତୀ ହେବାବେଳକୁ ୫୦୦କିଲୋମିଟର ଏବଂ ଦୂରବର୍ତ୍ତୀ ହେବାବେଳକୁ ୬୦,୦୦୦ କିଲୋମିଟର ଦୂରରେ ଅବସ୍ଥାନ କରିବ।

### ବାୟୁ ପ୍ରଦୂଷଣ: ୩ ବର୍ଷରେ ନେଇଛି ୨୫ ଲକ୍ଷ ଜୀବନ

ନୂଆଦିଲ୍ଲୀ/ୱାଶିଂଟନ:



ଦେଶରେ ବାୟୁ ପ୍ରଦୂଷଣ ଧୀରେ ଧୀରେ ଉଗ୍ର ରୂପ ନେଉଛି। ୨୦୧୫ଠାରୁ ଇତିମଧ୍ୟରେ ଦେଶର ବିଭିନ୍ନ ଅଞ୍ଚଳରେ ବାୟୁ ପ୍ରଦୂଷଣ ଯୋଗୁ ୨୫ ଲକ୍ଷ ଲୋକଙ୍କର ଜୀବନ ଯାଇଛି। ଦିଲ୍ଲୀ ଏନ୍‌ସିଆର୍‌ରେ ବାୟୁ ପ୍ରଦୂଷଣ ମାତ୍ରା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଇତିମଧ୍ୟରେ ପୃଥିବୀରେ ବାୟୁ ପ୍ରଦୂଷଣ ଯୋଗୁ ୯୦ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଛି। ଭାରତ ପଛକୁ ଏହି ତାଲିକାରେ ରହିଛି ଚାଇନା। ଚାଇନାରେ ଏହି ସମୟ ମଧ୍ୟରେ ୧୮ ଲକ୍ଷ ଲୋକଙ୍କର ଜୀବନ ଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ପ୍ରକାଶିତ ପତ୍ରିକା ମୌସମ ମଞ୍ଜୁଷାରେ ଦର୍ଶାଯାଇଛି ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ଠାରୁ ୧୯୪୫ ମଧ୍ୟରେ ଭାରତରେ ୧୬ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ୩ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ କାରଗିଲ୍ ଯୁଦ୍ଧରେ ୫୨୭ ଯବାନ ଶହୀଦ୍ ହୋଇଥିଲେ। ମାତ୍ର ବାୟୁ ପ୍ରଦୂଷଣ ମୃତ୍ୟୁ ସଂଖ୍ୟା ଏ ସବୁଠାରୁ ଯଥେଷ୍ଟ ଅଧିକ ରହିଛି। ବାୟୁ ପ୍ରଦୂଷଣ ଯୋଗୁ ବିଭିନ୍ନ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୧ | ୧୭.୦ |
| ଚାନ୍ଦବାଲି | ୨୯.୭ | ୧୯.୧ |
| କଟକ | ୨୮.୨ | ୧୭.୮ |
| ପାରାଦ୍ୱୀପ | ୨୯.୬ | ୨୦.୫ |
| ଭୁବନେଶ୍ୱର | ୩୦.୨ | ୧୮.୪ |
| ଗୋପାଳପୁର | ୩୨.୪ | ୨୦.୧ |
| ପୁରୀ | ୩୦.୬ | ୨୦.୨ |
| ଅନୁଗୋଳ | ୨୯.୧ | ୧୫.୦ |
| ବାରିପଦା | ୨୮.୦ | ୧୭.୨ |
| ଝାରସୁଗୁଡ଼ା | ୩୧.୫ | ୧୫.୬ |
| କେନ୍ଦୁଝର | ୨୭.୬ | ୧୪.୫ |
| ସମ୍ବଲପୁର | ୩୧.୮ | ୧୫.୫ |
| ସୁନ୍ଦରଗଡ଼ | --- | ୧୪.୫ |
| ହୀରାକୁଦ | ୩୧.୨ | ୧୬.୬ |
| ତାଳଚେର | --- | ୧୭.୫ |
| ଭବାନୀପାଟଣା | ୩୦.୦ | ୧୪.୬ |
| ବଲାଙ୍ଗୀର | ୩୧.୫ | ୧୬.୩ |
| କୋରାପୁଟ | ୨୭.୬ | ୧୧.୦ |
| ଫୁଲବାଣୀ | ୨୮.୬ | ୧୦.୦ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୧.୮ | ୧୭.୮ |
| ଦାରିଙ୍ଗିବାଡ଼ି | ୨୮.୦ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ‘ଦି ସ୍କାଏ ଇଜ୍ ପିଙ୍କ୍’ ଶୁଟିଂରେ ବ୍ୟସ୍ତ



**ନୂଆଦିଲ୍ଲୀ:** ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ରାଜଧାନୀ ଦିଲ୍ଲୀରେ ଆଗାମୀ ଫିଲ୍ମ ‘ଦି ସ୍କାଏ ଇଜ୍ ପିଙ୍କ୍’ର ଶୁଟିଂ ଆରମ୍ଭ କରିଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଥିବା ବେଳେ ଉଭୟ ପ୍ରିୟଙ୍କା ଏବଂ ଅଭିନେତା ଫାରହାନ୍ ଅଖତର ମୁହଁରେ ମାସ୍କ ପିନ୍ଧି ଅଭିନୟ କରିଥିଲେ। ଫାରହାନ୍ ସୋମବାର ଏ ସମ୍ପର୍କିତ ଏକ ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ଅପଲୋଡ୍ କରିଛନ୍ତି। ଏଥିରେ ଉଭୟ କଳାକାର ପ୍ରଦୂଷଣ ନିରୋଧୀ ମୁଖା ପିନ୍ଧିଥିବା ଦେଖିବାକୁ ମିଳୁଛି। ଫାରହାନ୍ ଟୁଇଟ୍ କରିଛନ୍ତି, ଦିଲ୍ଲୀର ପ୍ରଦୂଷିତ ପରିବେଶରେ ମାସ୍କ ପରିଧାନ ନିହାତି ଆବଶ୍ୟକ। ପ୍ରିୟଙ୍କା, ଆପଣଙ୍କ ମୁଖାପିନ୍ଧା ପୋଜ୍ ଠିକ୍। ତେବେ ଏହା ଉପରେ ଜବାବ ରଖି ପ୍ରିୟଙ୍କା ଲେଖିଛନ୍ତି, ‘ଆରେ...ଏ ତୁମର କ’ଣ ହେଲା ? ପ୍ରିୟଙ୍କା ଖରାରେ ଠିଆହୋଇ ନିଜର ଏକ ଫଟୋଗ୍ରାଫ୍ ମଧ୍ୟ ଶେୟାର କରିଛନ୍ତି।

ପ୍ରିୟଙ୍କା ମଧ୍ୟ ଅଭିନେତ୍ରୀ ଜାଇରା ୱାସିମ୍‌ଙ୍କ ସହିତ ନିଜର ଏକ ଫଟୋଗ୍ରାଫ୍ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ଭିତ୍ତିକରି ଏପରି ଏକ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ସୋନାଲି ବୋଷ୍‌ଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ‘ଦି ସ୍କାଏ ଇଜ୍ ପିଙ୍କ୍’ ବାସ୍ତବ ଜୀବନ କାହାଣୀ ଉପରେ ଆଧାରିତ। ମୁମ୍ବାଇ, ଲଣ୍ଡନ ଏବଂ ଆଣ୍ଡାମାନ୍‌ରେ ମଧ୍ୟ ଏହାର ଶୁଟିଂ କାର୍ଯ୍ୟ ଚାଲିବ। ଏହାର ନିର୍ମାଣ ଦାୟିତ୍ୱରେ ଅଛନ୍ତି ରୋନି ସ୍କ୍ରିୱାଲା ଏବଂ ସିଦ୍ଧାର୍ଥ ରଏ କପୁର।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.



ଅଷ୍ଟ୍ରେଲିଆରେ ରହିଛି ଏକ ହସ୍ପିଟାଲ, ଯେଉଁଠାରେ ବାଦୁଡ଼ିଙ୍କର ଚିକିତ୍ସା କରାଯାଏ। ସ୍ଥାନୀୟ ଏଥର୍ଟନ ସହରରେ ଥିବା ଟୋଲ୍‌ଗୋ ଓ୍ୱେଷ୍ଟ ହସ୍ପିଟାଲରେ ବାଦୁଡ଼ିବଂଶ ବଞ୍ଚାଇବା ପାଇଁ ଏଭଳି ପ୍ରୟାସ କରାଯାଉଛି। ଏଠାରେ ବାଦୁଡ଼ିଙ୍କୁ ଛୋଟ ମଣିଷ ଶିଶୁ ଭଳି ଟାୱେଲରେ ଗୁଡ଼ାଇ ଚିକିତ୍ସା କରାଯିବା ସହିତ ଫିଡିଂ ବୋତଲରେ ଖାଦ୍ୟ ଦିଆଯାଇଥାଏ। ଏଠାରେ ଶୀତଋତୁରେ ଅଧିକ ସଂଖ୍ୟକ ବାଦୁଡ଼ିଙ୍କର ଚିକିତ୍ସା କରାଯାଇଥାଏ।








## ସଂକ୍ଷେପରେ

### ବିମାନବନ୍ଦରରେ ଶିଳ୍ପପତିଙ୍କ ୧୨ ବିମାନ

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ):** ମେକ୍ ଇନ୍ ଓଡ଼ିଶା କନକ୍ଲେଭର ସୋମବାର ଦ୍ୱିତୀୟ ଦିବସରେ ଦେଶର ବଡ଼ ବଡ଼ ଶିଳ୍ପପତି ଯୋଗଦେଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଅଧକ୍ଷ ମୁକେଶ ଅମ୍ବାନୀ, ବେଦାନ୍ତ ରିସୋର୍ସେସ୍ ଅଧକ୍ଷ ଅନୀଲ ଅଗ୍ରୱାଲ୍, ଜେଏସ୍‌ପିଏଲ ମୁଖ୍ୟ ନବୀନ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ମୁଖ୍ୟ ସଜ୍ଜନ ଜିନ୍ଦଲ, ଟାଟା ସନ୍ସର ଅଧକ୍ଷ ଏନ୍. ଚନ୍ଦ୍ରଶେଖରନଙ୍କ ସମେତ ବହୁ ଶିଳ୍ପପତି ବିମାନ ଯୋଗେ ଆସିଛନ୍ତି। ତେଣୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମେକ୍ ଇନ ଓଡ଼ିଶା କନକ୍ଲେଭ ପାଇଁ ସାଧାରଣ ବିମାନ ସହ ଶିଳ୍ପପତିଙ୍କ କିଛି ଚାଟାର୍ଡ଼ ବିମାନ ମଧ ଅବତରଣ କରିଥିଲା। ବିମାନବନ୍ଦରରେ ଗୋଟିଏ ଦିନରେ ଅଣନିର୍ଦ୍ଧାରିତ ୧୨ଟି ବିମାନ ଅବତରଣ ସହ ପାର୍କିଂ କରିବା ପ୍ରଥମ ଘଟଣା। ଏହି ବିମାନଗୁଡିକ ମଧରେ ରିଲାଏନ୍ସ କମର୍ସିଆଲର VTIAH ବିମାନ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର VTJSE ବିମାନ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍‌ର VTNJB ଓ VTBRS ଦୁଇଟି ବିମାନ, ମଦୁରାଇ ଟ୍ରାନ୍ସ କ୍ୟାରିୟରର VTMTV ବିମାନ, ରିଲାଏନ୍ସ ଟ୍ରାନ୍ସପୋର୍ଟ ଓ ଟ୍ରାଭେଲସ୍‌ର VTOMM ବିମାନ, ଇଆଇଏଚ୍ ଲିମିଟେଡ୍‌ର VTOBR, ତାଜ୍ ଏୟାର ଏଲଟିଡ଼ିର VTTDT ବିମାନ, କର୍ଣ୍ଣାବତୀ ଆଭିଏଶନ୍ ପ୍ରାଇଭେଟ୍ ଲିମିଟେଡ଼ର VTAGP ବିମାନ, ଏୟାର କାର୍ ଏୟାରଲାଇନ୍ସର VTCSP ବିମାନ, ଇଣ୍ଡିଆ ଫ୍ଲାଏ ସେଫ୍ ଆଭିଏଶନ୍‌ର VTJIN ବିମାନ, ଆର୍‌ଡ଼ିଏସ୍‌ଏଲର VTNMA ବିମାନ ରହିଥିଲା।

### ୧.୩୫ କୋଟି ଋଣ ଠକେଇ
### ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୧୨।୧୧ (ବ୍ୟୁରୋ):** ମଦ ଦୋକାନ କରିବା ଆଳରେ ଜାଲ୍ କାଗଜପତ୍ର ଦେଇ ଏସ୍‌ବିଆଇରୁ ୧.୩୫ କୋଟି ଋଣ ନେବା ଘଟଣାରେ ଇଓଡବ୍ଲ୍ୟୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ବାଙ୍କଟିଆର ବଦ୍ରି ନାରାୟଣ ମିଶ୍ର ଓରଫ ଟୁବୁରୁ। ତାଙ୍କୁ ଇଓଡବ୍ଲ୍ୟୁର ଅଧିକାରୀମାନେ ଭୁବନେଶ୍ୱର ମଧୁସୂଦନନଗରସ୍ଥିତ ବାସଭବନରୁ ଗିରଫ କରିଛନ୍ତି। କେସ୍ ନଂ-୨୨/୧୮, ଦଫା ୪୨୦, ୪୬୭, ୪୬୮, ୪୭୧, ୪୦୬ରେ ବଦ୍ରି ନାରାୟଣଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି। ଅଭିଯୁକ୍ତ ବଦ୍ରିନାରାୟଣ ବିଦେଶୀ ମଦ ଦୋକାନ କରିବା ପାଇଁ ଭୁବନେଶ୍ୱରର ଶାସ୍ତ୍ରୀନଗର ଏସ୍‌ବିଆଇ ଶାଖାରେ ଏକ ଜମି ବନ୍ଧକ ଦେଇ ପ୍ରଥମେ ୧.୨୦ କୋଟି ଓ ପରେ ୧୫ଲକ୍ଷ ଟଙ୍କା ଋଣ ନେଇଥିଲେ। ପରବର୍ତ୍ତୀ ସମୟରେ ସେ ଋଣ ବାବଦକୁ କିଛି ଟଙ୍କା ବ୍ୟାଙ୍କ୍‌କୁ ପରିଶୋଧ କରିଥିଲେ। ମାତ୍ର ବକେୟା ୧ କୋଟି ୨୮ ଲକ୍ଷ ୯୬ ହଜାର ୯୪୯ ଟଙ୍କାକୁ ସେ ଆଉ ଦେଇ ନ ଥିଲେ। ଇତିମଧରେ ବଦ୍ରିନାରାୟଣ ବନ୍ଧକ ଦେଇଥିବା ୨ ଏକର ୪୬୦ ଡିସିମିଲ୍ ଜମିଟିକୁ ସେ ୨୦୦୮ରେ ବେଆଇନ ଭାବେ ଅମରେଶ୍ୱର ଦାସ ନାମକ ଜଣେ ଅନୁସୂଚିତ ଜାତିର ବ୍ୟକ୍ତିଙ୍କଠାରୁ କିଣିଥିବା ଓ ଏ ନେଇ ମାମଲା ରହିଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ଶାସ୍ତ୍ରୀନଗର ଏସ୍‌ବିଆଇ ଶାଖା ପରିଚାଳକ ଅଜୟ୍ କୁମାର ମୁନି ଇଓଡବ୍ଲୁରେ ଲିଖିତ ଅଭିଯୋଗ କରିଥିଲେ।




■ବୁଧବାର ଯାଏ ବଢ଼ିଲା ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## ବଳବତ୍ତର ରହିବ ନିଲମ୍ବନ ଆଦେଶ

**କଟକ ଅଫିସ, ୧୨।୧୧**

ରବିବାର ସନ୍ଧ୍ୟାରେ ପୋଲିସ-ଆଇନଜୀବୀଙ୍କ ମଧରେ ୩ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଆଲୋଚନା ସଫଳ ହୋଇଥିବା ଉଭୟ ପକ୍ଷ ସୂଚନା ଦେଇଥିଲେ। ଆଶା କରାଯାଉଥିଲା ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର କରାଯିବ। ଆନ୍ଦୋଳନକାରୀ ଆଇନଜୀବୀମାନେ କାର୍ଯ୍ୟରେ ଯୋଗଦେବେ। ମାତ୍ର ସେଭଳି କିଛି ହେଲା ନାହିଁ। କାର୍ଯ୍ୟବନ୍ଦ ଆନ୍ଦୋଳନକୁ ବୁଧବାର ପର୍ଯ୍ୟନ୍ତ ବର୍ଦ୍ଧିତ କରିବାକୁ ହାଇକୋର୍ଟ ବାର୍ ଆସୋସିଏଶନ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲା ଉପରେ ସୋମବାର ଶୁଣାଣି ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ବ୍ୟକ୍ତିଗତ ଭାବେ ଖଣ୍ଡପୀଠରେ ହାଜର ହୋଇ ତଦନ୍ତ ପାଇଁ ଅଧିକ ସମୟ ଦେବାକୁ କୋର୍ଟଙ୍କୁ ନିବେଦନ କରିଥିଲେ। ତେବେ କ୍ରାଇମବ୍ରାଞ୍ଚର ଆବେଦନ ଉପରେ କୋର୍ଟ କେଉଁ ନିଷ୍ପତ୍ତି ନେଉଛନ୍ତି ତାହା ମଙ୍ଗଳବାର ଶୁଣାଣି ସମୟରେ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ଆଇନଜୀବୀଙ୍କୁ ଆକ୍ରମଣ ଘଟଣାରେ ନିଲମ୍ବିତ ହୋଇଥିବା ୩ ପୋଲିସ କର୍ମଚାରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିବା ନେଇ କୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେଣୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଉପରେ କୋର୍ଟ ରହିତାଦେଶ ଜାରି କରିଛନ୍ତି। ନିଲମ୍ବନ ଆଦେଶ ବଳବତ୍ତର ରହିବ ବୋଲି ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବିଚାରପତି ସି.ଆର୍. ଦାସଙ୍କ ତଦାରଖରେ ଚାଲିଥିବା ତଦନ୍ତର ଶୁଣାଣି ବୁଧବାରକୁ ବର୍ଦ୍ଧିତ କରାଯାଇଛି। ଏଭଳି ସ୍ଥିତିରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସୋମବାର ୭୬ ଦିନ ପୂରିଛି। ବୁଧବାର ବାର୍ ଆସୋସିଏଶନ ବୈଠକ ପରେ ଆନ୍ଦୋଳନର ଭାଗ୍ୟ ଭବିଷ୍ୟତ ନିର୍ଦ୍ଧାରଣ କରାଯିବ।

## ଭୟଙ୍କର ହେଉଛି ସାମୁଦ୍ରିକ ଝଡ଼ 'ଗଜ'

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

■ଦକ୍ଷିଣ ଓଡ଼ିଶାରେ ସାମାନ୍ୟ ବର୍ଷା ସମ୍ଭାବନା
■୧୧ ଡିଗ୍ରୀକୁ ଖସିଲା ପାରଦ

ପଶ୍ଚିମ କେନ୍ଦ୍ରୀୟ ଏବଂ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଝଡ଼ରେ ପରିଣତ ହୋଇଛି। ଏହାର ନାମ ରଖାଯାଇଛି 'ଗଜ'। ଏହା ପୂର୍ବ ଉତ୍ତର ପୂର୍ବ ତାମିଲନାଡୁର ନାଗପଟନମ୍‌ଠାରୁ ୭୩୦ କିଲୋମିଟର ଦୂର ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ କେନ୍ଦ୍ରୀଭୁତ ହୋଇଛି। ଏହା ଆହୁରି ଭୟଙ୍କର ହୋଇ ପଶ୍ଚିମ-ଦକ୍ଷିଣ ପଶ୍ଚିମ ଦିଗ ଦେଇ ଗତି କରିବାରେ ଲାଗିଛି। ଆସନ୍ତା ୨୪ ଘଣ୍ଟା ମଧରେ ସାମୁଦ୍ରିକ ଝଡ଼ ଆହୁରି ଉଗ୍ର ରୂପ ଧାରଣ କରିବା ସମ୍ଭାବନା ରହିଛି। ତେବେ ଏହା ପଶ୍ଚିମ ଦକ୍ଷିଣ ପଶ୍ଚିମ ଦିଗକୁ ଗତି କରି ଦୁର୍ବଳ ହୋଇ ଉତ୍ତର ତାମିଲନାଡୁ ଉପକୂଳ ନାଗପଟନମ ଏବଂ ଚେନ୍ନାଇ ଉପକୂଳ ଦେଇ ଅତିକ୍ରମ କରିବ। ଏହାର ପ୍ରଭାବରେ ଆସନ୍ତା ୧୪ ଓ ୧୫ ତାରିଖ ଦକ୍ଷିଣ ଓଡିଶାରେ କାଁଭାଁ ବର୍ଷା ହେବାର ସମ୍ଭାବନା ରହିଛି। ସାମୁଦ୍ରିକ ଝଡ଼କୁ ଦୃଷ୍ଟିରେ ରଖି ୧୨ରୁ ୧୫ ତାରିଖ ଯାଏ ଦକ୍ଷିଣ ଓ କେନ୍ଦ୍ରୀୟ ବଙ୍ଗୋପସାଗରକୁ ମାଛ ଧରିବାକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେଗତଦୁଇଦିନହେବରାଜ୍ୟରେପାରଦ ତଳକୁ ଖସିବାରେ ଲାଗିଛି। ସୋମବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗୀବାଡି ୧୩, କୋରାପୁଟ ୧୨.୪, ସୁନ୍ଦରଗଡ ୧୪, ଭବାନୀପାଟଣା ୧୪.୬, କେନ୍ଦୁଝର ୧୪.୫, ଝାରସୁଗୁଡା ୧୫.୬, ଅନୁଗୋଳ ୧୫ ଏବଂ ହୀରାକୁଦରେ ସର୍ବନିମ୍ନ ତାପମାତ୍ରା ୧୬.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

■ କୋଣାର୍କ ମନ୍ଦିରରୁ ମୂର୍ତ୍ତି କଢ଼ାଯିବା ପ୍ରସଙ୍ଗ

## ଏଏସ୍‌ଆଇ ଅଧିକାରୀ କହିଲେ କିଛି କଢ଼ାଯାଇ ନାହିଁ

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

କୋଣାର୍କ ବିଶ୍ୱ ଐତିହ୍ୟ ସ୍ଥଳଭାବେ ମାନ୍ୟତା ପାଇଥିବାବେଳେ ଏହାର ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣରେ କୌଣସି ପ୍ରକାର ଅବହେଳା କରାଯାଇ ନାହିଁ। କୋଣାର୍କ ବାବଦରେ ସବୁ ପ୍ରକାର ପ୍ରଯତ୍ନ ଓ ଆନ୍ତରିକତା ଅବ୍ୟାହତ ରହିବ ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ସୋମବାର ପୂର୍ବାହ୍ନରେ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ପ୍ରକୋଷ୍ଠରେ ଏଏସ୍‌ଆଇ ଡେପୁଟି ଇଞ୍ଜିନିୟର ତପନ ଭଟ୍ଟାଚାର୍ଯ୍ୟ ଓ ରାଜ୍ୟ ସର୍କଲର ଆଞ୍ଚଳିକ ମୁଖ୍ୟ ଅରୁଣ ମଲ୍ଲିକ ଉପସ୍ଥିତ ରହି କୋଣାର୍କମନ୍ଦିର ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ଆଲୋଚନା ମଧରେ ଅରୁଣ ମଲ୍ଲିକ କହିଛନ୍ତି ଯେ, କୋଣାର୍କ ମନ୍ଦିରର ଯେଉଁସବୁ ସ୍ଥାନରେ ସାଦା ପଥର ଲାଗିଛି ସେସବୁ ବ୍ରିଟିଶ ଅମଳରୁ ଲଗାଯାଇଛି। କୌଣସି ସ୍ଥାନରେ ପଥରର କାରୁକାର୍ଯ୍ୟ କଢାଯାଇ ନାହିଁ କି ଅପସାରିତ ହୋଇନାହିଁ କିମ୍ବା ସେହି ସ୍ଥାନରେ ସାଧା ପଥର ଲଗାଯାଇ ନାହିଁ। ଯେଉଁଠାରେ ଶୂନ୍ୟସ୍ଥାନ ରହିଛି ତାହାକୁ ସାଧା ପଥରରେ ପୂରଣ କରାଯାଇ ଏହି ବିଶ୍ୱବିଖ୍ୟାତ କୀର୍ତ୍ତିର ସୁରକ୍ଷା ପାଇଁ ଉଦ୍ୟମ କରାଯାଇଛି। କୋଣାର୍କକୁ ସୁରକ୍ଷିତ ରଖିବା ପାଇଁ ଏ.ଏସ୍.ଆଇ ପ୍ରତିଶ୍ରୁତିବଦ୍ଧ ବୋଲି ମଲିକ କହିଛନ୍ତି। ଶୁକ୍ରବାର ମଧ ଏନେଇ ଆଉ ଏକ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଏ.ଏସ୍.ଆଇ ପ୍ରତିନିଧି ବୃନ୍ଦ ଉପସ୍ଥିତ ରହିବେ। ଏହି ବୈଠକ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହେବ। ଏହାସହ ବୈଠକରେ ଉନ୍ନୟନ କମିଶନର, ପୁରୀ ଜିଲାପାଳ, କାକଟପୁର ଓ ନିମାପଡା ବିଧାୟକ ମଧ ଉପସ୍ଥିତ ରହିବେ। ଅପରାହ୍ନ ସାଢେ ୧୨ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଏ.ଏସ୍.ଆଇ ପ୍ରତିନିଧି ଦଳ ସବିଶେଷ ତଥ୍ୟ ଓ ବିବରଣୀ ଉପସ୍ଥାପିତ କରିବେ ବୋଲି ଜଣାପଡିଛି।

■ ଦାବି ପୂରଣ ହେଲାନି

## ଧାରଣା ଦେଲେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ବିଶ୍ୱବିଦ୍ୟାଳୟର ୟୁଜିସି ଅଧ୍ୟାପକମାନେ ୩ ଦଫା ଦାବି ନେଇ କାର୍ଯ୍ୟକ୍ଷେତ୍ରରେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିବା ପରେ ସରକାର ସେମାନଙ୍କ ଦାବିକୁ ଗ୍ରହଣ କଲେନାହିଁ। ଫଳରେ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର ୟୁଜିସିପ୍ରାପ୍ତ ଅଧ୍ୟାପକ ସୋମବାରଠାରୁ ଶାନ୍ତିପୂର୍ଣ୍ଣ ଭାବେ ମଧାହ୍ନ ସାଢ଼େ ୧ଟାରୁ ୨.୩୦ ମିନିଟ୍ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ସଂଯୋଜକ ସନ୍ତୋଷ ତ୍ରିପାଠୀ କହିଛନ୍ତି।

ସେ କହିଛନ୍ତି, ସରକାର ୟୁଜିସିକୁ ସଂଶୋଧନ କରି ୭ମ ବେତନ କମିଶନ ୟୁଜିସିପ୍ରାପ୍ତ ଅଧ୍ୟାପକମାନଙ୍କୁ ପ୍ରଦାନ କରନ୍ତୁ। ତା' ସହିତ ଅବସର ବୟସ ୬୫ ବର୍ଷକୁ ବୃଦ୍ଧି ଏବଂ ୟୁଜିସି ରେଗୁଲେଶନ-୨୦୧୮କୁ କାର୍ଯ୍ୟକାରୀ କରିବାକୁ ସଂଘ ଦାବି କରୁଛି। ୧୨ରୁ ୧୭ ତାରିଖ ଯାଏ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅଧ୍ୟାପକମାନେ ଏକଘଣ୍ଟା ପାଇଁ ଧାରଣାରେ ବସିବେ। ସରକାର ଅଧ୍ୟାପକଙ୍କ ଦାବି ପୂରଣ ନ କଲେ ସମସ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ଏକତ୍ରିତ ହୋଇ ୧୯ରେ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବେ। ଯଦି ସେଥିରେ ସରକାର ନ ତରଳନ୍ତି ତେବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକମାନେ ୨୬ରେ ପୁଣି ଏକାଠି ହୋଇ ଶାନ୍ତିପୂର୍ଣ୍ଣ ଭାବେ ରାମମନ୍ଦିରରୁ କ୍ୟାଣ୍ଡେଲ ଧରି ଶୋଭାଯାତ୍ରାରେ ବାହାରିବେ। ମାଷ୍ଟରମ୍ୟାଣ୍ଟିନ୍ ଛକରେ ପହଞ୍ଚି କ୍ୟାଣ୍ଡେଲ ଧରି ବିକ୍ଷୋଭ କରିବେ ବୋଲି ତ୍ରିପାଠୀ କହିଛନ୍ତି।

## ଭୁବନେଶ୍ୱରରେ ହେବ ୱାର୍ଲଡ ସ୍କିଲ୍ ସେଣ୍ଟର

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ୱାର୍ଲଡ ସ୍କିଲ୍ ସେଣ୍ଟର। ଦକ୍ଷତା ବିକାଶ କ୍ଷେତ୍ରରେ ଗତ କିଛିବର୍ଷ ମଧରେ ଓଡ଼ିଶା ଆଖିଦୃଶିଆ ସଫଳତା ହାସଲ କରିଥିବା ବେଳେ ଏହାକୁ ଆଉପାଦେ ଆଗକୁ ନେବାକୁ ରାଜ୍ୟରେ ବିଶ୍ୱସ୍ତରୀୟ ସ୍କିଲ୍ ସେଣ୍ଟର ପ୍ରତିଷ୍ଠା ହେବ। ସିଙ୍ଗାପୁରର ପ୍ରସିଦ୍ଧ ଆଇଟିଇ ଏଜୁକେଶନ ସର୍ଭିସେସ୍(ଆଇଟିଇଇଏସ୍) ତାଙ୍କାରେ ଏହା ପ୍ରତିଷ୍ଠା ହେବ। ଏଥିପାଇଁ ସୋମବାର 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ଆଇଟିଇଇଏସ୍ ଏବଂ ଓଡ଼ିଶା ସ୍କିଲ୍ ଡେଭେଲପ୍‌ମେଣ୍ଟ ଅଥରିଟି ମଧରେ ଏକ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ସ୍ୱାକ୍ଷର ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆଇଟିଇଇଏସ୍ ପକ୍ଷରୁ ଟାଙ୍ଗ୍ ମି ହାଙ୍ଗ୍ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ସଞ୍ଜୟ କୁମାର ସିଂ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି।






■ ଜେଲ୍‌ରେ କଏଦୀଙ୍କୁ ହତ୍ୟା ଘଟଣା

## କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ୨ ୱାର୍ଡର ନିଲମ୍ବିତ

**ବାଲେଶ୍ୱର ଅଫିସ,୧୨।୧୧**

ବାଲେଶ୍ୱର ଜେଲ୍ ପରିସରରେ ଆଜୀବନ କାରଦଣ୍ଡ ଭୋଗୁଥିବା ଜଣେ କଏଦୀଙ୍କ ଆକ୍ରମଣରେ ବିଚାରାଧୀନ କଏଦୀ ରାମଚନ୍ଦ୍ର ସେନାପତିଙ୍କ ମୃତ୍ୟୁ ଘଟଣାରେ ସୋମବାର ଜେଲ୍‌ର ଦୁଇ ୱାର୍ଡରଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବିତ ୱାର୍ଡ଼ର ହେଲେ ଦିଲୀପ କୁମାର ମହାପାତ୍ର ଓ ସଞ୍ଜୀବ ପଣ୍ଡା। ଦାୟିତ୍ୱରେ ଥାଇ କର୍ତ୍ତବ୍ୟରେ ଅବହେଳା ଯୋଗୁ ପ୍ରାଥମିକ ପର୍ଯ୍ୟାୟରେ ଜିଲା କାରାପାଳ ଶୁଭକାନ୍ତ ମିଶ୍ର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅପରପକ୍ଷରେ ମୃତକଙ୍କ ପରିବାର ପକ୍ଷରୁ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ଅନୁଯାୟୀ ତଦନ୍ତ ଜାରି ରହିଛି। କଏଦୀ ଆକ୍ରମଣ କରିଥିବା ଏକ ଶକ୍ତ ଇଟାକୁ ପୋଲିସ ଜବତ କରିଥିବା ବେଳେ ଜେଲ୍ ଡିଆଇଜି ଗୋପବନ୍ଧୁ ମଲ୍ଲିକ ସୋମବାର ମଧାହ୍ନରେ ବାଲେଶ୍ୱରରେ ପହଞ୍ଚି ତଦନ୍ତ କରିଛନ୍ତି।

ପ୍ରାଥମିକ ତଦନ୍ତ ଏବଂ ସିସିଟିଭି ଫୁଟେଜ୍‌ରୁ ମିଳିଥିବା ତଥ୍ୟ ଅନୁସାରେ, ରବିବାର ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀ ଖଇରା ଅଞ୍ଚଳର ଶରତ ଚନ୍ଦ୍ର ଗିରି ଜେଲ୍ ପରିସରରେ ଥିବା ଚିକିତ୍ସାକେନ୍ଦ୍ର ନିକଟରେ ଥିଲେ। ସେ ହଠାତ୍ ପାଇଖାନା ଭିତରକୁ ପଶି ଯାଇ ଏକ ଇଟା ଧରି ବାହାରକୁ ଆସିଥିଲେ। ଆଉ ଚିକିତ୍ସାକେନ୍ଦ୍ର ବାରଣ୍ଡାରେ ବସିଥିବା ବିଚାରାଧୀନ କଏଦୀ ରାମଚନ୍ଦ୍ରଙ୍କ ମୁଣ୍ଡକୁ ପଛଆଡୁ ଆକ୍ରମଣ କରିଥିଲେ। ପରେ ତାଙ୍କ ଛାତି ଉପରେ ବସି ବାରମ୍ବାର ମୁଣ୍ଡ ଏବଂ ମୁହଁକୁ ଆକ୍ରମଣ କରିଥିଲେ। ରାମଚନ୍ଦ୍ର ଜୋର୍‌ରେ ଚିତ୍କାର କରିବାରୁ ଜେଲ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟକୁ ନେଇ ଆସିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକେ, ଗ୍ରାମବାସୀ ଏବଂ ଭାଜପାର କର୍ମକର୍ତ୍ତାମାନେ ଜେଲ୍ ଫାଟକ ସମ୍ମୁଖରେ ରଖି ଦୀର୍ଘସମୟ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏବଂ ପୋଲିସ ଅଧିକାରୀମାନେ ପହଞ୍ଚି ଏହା ଏକ ଅଭାବନୀୟ ଘଟଣା ବୋଲି କହିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ଧାରଣାକାରୀମାନଙ୍କ ସହ ଆଲୋଚନା କରି ତାଙ୍କର ସମସ୍ତ ଦାବିକୁ ବିଚାର କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ ରେଡକ୍ରସ୍ ଏବଂ ଜେଲ ତରଫରୁ ୩୦ହଜାର ଟଙ୍କା ପ୍ରଦାନ ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୋମବାର ଏହାର ସବିଶେଷ ତଦନ୍ତ ଜାରି ରହିଥିବା ବେଳେ ଜେଲ୍‌ର ପ୍ରଥମ ପର୍ଯ୍ୟାୟରେ ଦୁଇଜଣଙ୍କୁ ନିଲମ୍ବିତ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପ୍ରେମ୍
ପରିବାରବର୍ଗ



ସ୍ୱାଗତିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### real estate

**SALE**

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

Gharabari boundary plot infront Krupajal Engineering College Bhubaneswar. 9090899281, 8908805482. D-65053

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

ଡୁମୁଡୁମା ନଗରରେ ଘର ବିକ୍ରି ହେବ। ୧୨୦୦ sqft. ୧ମହଲା 35 lakh 1111/12. 7377529311. D-65163

**First time in Bhubaneswar. A new mega plotting project colony at Mouza Krushnasaranpur sqft.- 450/- 30' project road, (boundary free). 9937542232.** D-64371

Residential plot with revenue road and electricity near Patia Station. Immediate registration and possession. 9437827966. D-9346

Readymade new 3BHK flat at BJB Nagar, No tax. 9439716901 (Broker not allowed). D-65171

30' road gharabari boundary residential plot at Benupur near Hanspal (100' road side) 7, 80,000/-. 9437033320. D-64373

### construction

Construct your building in finished house contact: 9937064680. D-27282

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### healthcare

Madam Monalisa massage club- 50% discount full body massage by hiprofile smart lady therapist. 9708545108. D-9361

### astrology

Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

### LOST

ମୁଁ ସିଦ୍ଧେଶ୍ୱର ଦାସ, ପିତା- ରାମଚନ୍ଦ୍ର ଦାସ, ଗ୍ରାମ- ବୀରରଘୁନାଥପୁର, ପୋ.- ଢୁଙ୍କାପଡ଼ା, ଥାନା- ପୋଲସରା ଗତ ୨୭।୧୨।୨୦୧୭ ତାରିଖ ଦିନ ବର୍ତ୍ତମାନ ରହଣି ବୁଗୁଡ଼ା ବାସଗୃହରୁ ବୁଗୁଡ଼ା ତହସିଲ ଅଫିସକୁ ଯିବା ସମୟରେ ହରିଶରଣପୁର ମୌଜାର ଖାତା ନମ୍ବର ୧୭୬/୭୬ ଓରିଜିନାଲ ପଟ୍ଟାଟି କେଉଁଠି ହଜିଯାଇଛି। ଯଦି କୌଣସି ବ୍ୟକ୍ତି ପାଇଲେ ଉପର ଲିଖିତ ଠିକଣାରେ ଜଣାଇବା ପାଇଁ ନିବେଦନ। ଧ-୯୪୦୬

### AFFIDAVIT

I, Babulal Ram Bachan Yadav residence Panchbhaiyapur, Azamgarh, UP have changed my name to Babulal Yadav vide affidavit dated 31.10.2018 sworn before Notary Rajnath Yadav-H(46) 2014. D-9408

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



(ପ୍ରେମ୍)

**ପ୍ରେମ କୁମାର ଲେଙ୍କା**
ମହାନଦୀବିହାର, କଟକ

ସବୁ ଖୁସି ଲୋଟିଯାଉ ତୋରି ପାଦରେ,
ସବୁସ୍ୱପ୍ନ ପୂରା ହେଉ ତୋ ଜୀବନରେ।
ତୋ ଓଠରେ ଥାଉ ସଦା ସେଇ ମିଠା ହସ,
ତୋ ରାସ୍ତାରେ ଫୁଲ ପଡୁ ମହକାଇ ବାସ।
ଶୁଭେଚ୍ଛା ସହ: **ବନ୍ଧୁ (ମଣ୍ଟୁ) ଓ ପରିବାରବର୍ଗ।** ଧ-୯୪୦୧

### 1st Birthday Wish



**(Siba)**

**Dhrubansh Dash**

ଧ୍ରୁବାଂଶୁଁର ପ୍ରଥମ ଶୁଭ ଜନ୍ମଦିନରେ ଆମେ ସପରିବାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋ'ର ନୀରୋଗ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: **ଅଜା, ଆଈ, ମାମୁ, ମଉସା, ମାଉସୀ, ଜେଜେବାପା, ଜେଜେମାଆ, ବାବା, ମାମା, ଦାଦା, ଖୁଡୀ, ରାକ୍ଷୀ, ବବୁଲୁ ଓ ଅନ୍ୟମାନଙ୍କ ତରଫରୁ ଅଶେଷ ଅଶେଷ ଆଶୀର୍ବାଦ।** ଧ-୯୩୯୫

### ଷୋଳପୂଜାର ଶୁଭେଚ୍ଛା



(ପାପା)

**ଜୀବନ ଜ୍ୟୋତି**
ନୂଆଗାଁ, ମାରୁତୀ ନଗର, ଭୁବନେଶ୍ୱର
ଶୁଭେଚ୍ଛା ସହ: **ବାବା, ମାମା, ସାନଭାଇ ଓମ୍, ବନ୍ଧୁ ଓ ପରିବାରବର୍ଗ।** ଧ-୯୪୦୭


## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୋଗ କରିବାକୁ ଜଣେ,**
**ଖଟି ମରୁଥା'ନ୍ତି ପଣେ ।**

କଷ୍ଟ କରିବା ଲୋକର ଫଳପ୍ରାପ୍ତିର ଦାବି ନ ଥାଏ । ଅଥଚ ସୁବିଧାବାଦୀ ଲୋକ ହିଁ ଏହି ଫଳ ଅନାୟାସରେ ଭୋଗ କରି ଚାଲିଥାଏ । ଅନେକଙ୍କର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭାତ ଲୁଗା ଦେଲି ସଉତୁଣୀକି,**
**ଟାକି ବସିଲି ମୁଁ ପେଯ ପାଣିକି ।**

ନିଜର ଅଧିକାର ପରକୁ ଦେବା କୌଣସି ପରିସ୍ଥିତିରେ ଉଚିତ ହୋଇ ନ ଥାଏ । କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ଅନ୍ୟର ଗୋଡ଼ାଣିଆ ହୋଇଯିବା ସହ ନିଜତ୍ୱ ହରାଇ ବସିବା ଆଶଙ୍କା ରହିଥାଏ। ପରୋକ୍ଷରେ ନିଜର ବ୍ୟକ୍ତିଗତ ସମ୍ପଦ ଅନ୍ୟ ହାତରେ ନ୍ୟସ୍ତ କରି ନିଜେ କଷ୍ଟ ଭୋଗିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଅନ୍ନପୂର୍ଣ୍ଣା ରଥ**
ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ପରିବାରବର୍ଗ। ଧ-୯୨୪୬

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଶକୁନ୍ତଳା ମହାନ୍ତି**
ଧାମରା, ଭଦ୍ରକ
ଆବିର୍ଭାବ: ୦୧।୦୮।୧୯୬୭
ତିରୋଧାନ: ୧୩।୧୧।୨୦୧୪
ମା, ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ସର୍ବଦା ଆମ ପାଇଁ ଅବିସ୍ମରଣୀୟ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୯୨୮୩

### ଦଶମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ରେଣୁବାଳା ପଣ୍ଡା**
ଗୁଣ୍ଡିଚା ବିହାର, ପୁରୀ
ଆବିର୍ଭାବ: ୧୨।୦୯।୧୯୫୨
ତିରୋଧାନ: ୦୪।୧୧।୨୦୦୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଧ-୬୪୦୨୦



## ପ୍ରଥମ ପୃଷ୍ଠାରୁ...


## ପୁଞ୍ଜି ନିବେଶ...

ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବା ସହିତ ଜଣେ ଅନ୍ୟ ଜଣଙ୍କ ସହିତ ଯୋଡିହୋଇ ବିଶ୍ୱ ସହିତ ପରିଚିତ କରାଇବା ଏହାର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଜିଓ ସହିତ ଓଡ଼ିଶାର ସମସ୍ତ ସହର ଏବଂ ୪୩ ହଜାର ଗାଁ ଯୋଡ଼ିହୋଇଛି। ସେ ପୁଣି କହିଛନ୍ତି ଯେ, ମୁଣ୍ଡପିଛା ଡାଟା ବ୍ୟବହାର କରିବାରେ ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ। ଶିକ୍ଷା, ଆର୍ଥିକ ସେବା ଆଦି ଅନ୍ୟାନ୍ୟ କ୍ଷେତ୍ରରେ ଡିଜିଟାଲ ସଂଯୋଗର ବହୁଳ ବ୍ୟବହାର ହେଉଛି। ରାଜ୍ୟ ସରକାରଙ୍କ ସହ ଆମେ ଏକାଠି ହୋଇ କାମ କରୁଛୁ। ମିଶନ ଶକ୍ତି ଜରିଆରେ ରାଜ୍ୟର ଲକ୍ଷାଧିକ ମହିଳା ଡିଜିଟାଲ ଇଣ୍ଡିଆର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି। ଗିଗା ଫାଇବର ସହ ଏଣିକି ଘରକୁ ବ୍ରଡ୍‌ବ୍ୟାଣ୍ଡ ଫାଇବର ସଂଯୋଗ କରାଯିବ ବୋଲି ମୁକେଶ କହିଛନ୍ତି। ରିଲାଏନ୍ସ ଏବଂ ଜିଓ ନିୟମିତ ଭାବେ ପ୍ରତ୍ୟେକଙ୍କ ପାଇଁ ଇଜ୍ ଅଫ୍ ଲିଭିଂ ଭାବେ କାର୍ଯ୍ୟ କରିଆସୁଛି। ଶେଷରେ ଅମ୍ବାନୀ ବିଜୁ ପଟ୍ଟନାୟକଙ୍କ ଉକ୍ତିକୁ ଉଦ୍ଧାର କହି କହିଥିଲେ, ଏକବିଂଶ ଶତାବ୍ଦୀରେ ମୋର ସ୍ୱପ୍ନ ହେଉଛି ଯୁବଗୋଷ୍ଠୀ ନିଜକୁ ଗର୍ବିତ ମନେକରିବା ସହ ନିଜ ଭିତରେ ଆତ୍ମବିଶ୍ୱାସ ଦେଖିପାରିଲେ ସେମାନେ ପୁଣି କଳିଙ୍ଗକୁ ଦଖଲ କରିବେ। ଏହି ସ୍ୱପ୍ନ ମୋର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବୋଲି କହିବା ସହ ଆମେ ମିଳିମିଶି ଓଡ଼ିଶାକୁ ବିଶ୍ୱରେ ଭାରତର ଏକ ଅଞ୍ଚଳରେ ପରିଣତ କରିବା ବୋଲି କହିଥିଲେ।

ସେ କହିଥିଲେ ଯେ, ତାଙ୍କ ପିତା ଧୀରୁ ଭାଇ ଅମ୍ବାନୀ ଏବଂ ବିଜୁବାବୁ ପରସ୍ପରଙ୍କର ଘନିଷ୍ଠ ବନ୍ଧୁ ଥିଲେ। ସେ ତାଙ୍କ ସମୟରେ ବହୁତ ଆଗରେ ଥିଲେ ଏବଂ ଦୁନିଆରେ କିଛି ଅସମ୍ଭବ ନୁହେଁ ବୋଲି ଲୋକମାନଙ୍କୁ ବାର୍ତ୍ତା ଦେଉଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ରାଜ୍ୟର ବିକାଶ ସୂଚକାଙ୍କ ୮ ପ୍ରତିଶତ ହୋଇପାରିଛି, ଯାହାକି ସର୍ବଭାରତୀୟ ସ୍ତରରେ ଅଧିକ।

ଏହି କନ୍‌କ୍ଲେଭରେ ଯୋଗଦେଇ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍‌ର ଚେୟାରମ୍ୟାନ ନବୀନ ଜିନ୍ଦଲ କହିଥିଲେ, ୩୦ ବର୍ଷ ପୂର୍ବରୁ ଓଡ଼ିଶାରେ ବ୍ୟବସାୟ ଆରମ୍ଭ କରିଥିଲେ। ମୋ ପିତା ଗୋପୀ ଜିନ୍ଦଲଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶାରେ ଇସ୍ପାତ କାରଖାନା ସ୍ଥାପନ କରିବାକୁ କହିଥିଲେ। ସେତେବେଳେ ତାହା ସମ୍ଭବ ହୋଇପାରି ନ ଥିଲା। ଓଡ଼ିଶାରେ ଦେଶରୁ ଉତ୍ପାଦନ ହେଉଥିବା କଞ୍ଚାମାଲରେ ୬ ନିୟୁତ ଟନ୍ ଇସ୍ପାତ କାରଖାନା ସ୍ଥାପନ କରିବାକୁ ୧୫ ବର୍ଷ ପୂର୍ବେ ଆମେ ଚିନ୍ତା କରିଥିଲୁ। ୨୦୦୫ରେ ବିଶ୍ୱର ପ୍ରଥମ କୋଇଲା ଗ୍ୟାସ୍‌ରେ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା କରିଥିଲୁ। ହେଲେ ୨୦୧୪ରେ ସୁପ୍ରିମକୋର୍ଟ କୋଇଲା ବ୍ଲକ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ, ଯାହା ଆମ ଯୋଜନାକୁ ଏକ ଶକ୍ତ ଧକ୍କା ଲାଗିଥିଲା। ଅନୁଗୋଳରେ ୬ ନିୟୁତ ଟନ୍‌ର ଇସ୍ପାତ କାରଖାନା ଗତବର୍ଷରୁ କାର୍ଯ୍ୟକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଗତ ୧୫ ବର୍ଷ ମଧ୍ୟରେ ରାଜ୍ୟରେ ଆମେ ୪୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିସାରିଛୁ। ଆମ ଆଗରେ ବହୁ ସମସ୍ୟା ସୃଷ୍ଟି ହୋଇଛି। ଓଡ଼ିଶା ଲୋକ, ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କଠାରୁ ବହୁ ସମର୍ଥନ ମିଳିଛି। ୨୦୩୦ ସୁଦ୍ଧା ଆମେ ୨୦ ନିୟୁତ ଟନ୍‌ର ଇସ୍ପାତ କାରଖାନା ଏଠାରେ ପ୍ରତିଷ୍ଠା କରିବୁ। ସେଥିରେ ୪୫ ହଜାର କୋଟିରୁ ୧ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ନିବେଶ ହେବା ସହିତ ୫୦ ହଜାର ନିଯୁକ୍ତିରୁ ୧ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ନବୀନ ଜିନ୍ଦଲ କହିଛନ୍ତି।

ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଓଡ଼ିଶାକୁ ଶାନ୍ତିର ରାଜ୍ୟ କହିବା ସହ ଏଠାରେ ପୁଞ୍ଜି ନିବେଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି କହିଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚେୟାରମ୍ୟାନ ରଜନିଶ କୁମାର କହିଲେ, ରାଜ୍ୟରେ ସ୍ଥିର ସରକାର ରହିଛି। ରାଜ୍ୟର ଆର୍ଥିକ ବିକାଶ ମଧ୍ୟ ଆଗେଇ ଚାଲିଛି। ଆସନ୍ତା ୨୦୩୦ ସୁଦ୍ଧା ୨ ଲକ୍ଷ ୫୦ ହଜାର ଉଦ୍ୟୋଗୀଙ୍କୁ ବ୍ୟାଙ୍କଋଣ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ସରକାରଙ୍କ ଯୋଜନାକୁ ସାକାର କରିବା ପାଇଁ ଆଗ୍ରହ ଦେଖାଉଥିବା ପୁଞ୍ଜି ନିବେଶକାରୀଙ୍କୁ ସହଯୋଗ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍)ର ଅଧ୍ୟକ୍ଷ ଅନିଲ କୁମାର ଚୌଧୁରୀ କହିଲେ, ରାଜ୍ୟରେ ୧୯୫୯ରେ ପ୍ରଥମ କରି ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା। ରାଜ୍ୟ ସରକାରଙ୍କ ସହଯୋଗ ଯୋଗୁ ସେଲ୍ ନିଜର ଉତ୍ପାଦନ ବୃଦ୍ଧି କରିଚାଲିଛି। ଟାଟା ସନ୍ସର ଚେୟାରମ୍ୟାନ ଏନ୍. ଚନ୍ଦ୍ରଶେଖରନ ରାଜ୍ୟ ସରକାରଙ୍କ ସହଯୋଗକୁ ଦୋହରାଇଥିଲେ। ଗୋପାଳପୁର ପ୍ରକଳ୍ପ ଶୀଘ୍ର ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। କଳିଙ୍ଗନଗର ଇସ୍ପାତ ପ୍ରକଳ୍ପରେ ୭୫ ହଜାର କୋଟି ଟଙ୍କା ବିନିଯୋଗ କରାଯାଇଥିବା ବେଳେ ଏହାର ସମ୍ପ୍ରସାରଣ ପାଇଁ ଆଉ ୨୫ ହଜାର କୋଟି ଟଙ୍କା ବିନିଯୋଗ ହେବ ବୋଲି ସେ କହିଥିଲେ। ସେହିପରିକି ଏହି କନକ୍ଲେଭରେ ଯୋଗ ଦେଇ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା ଓଡିଶାରେ ୨ ନିୟୁତ ଡଲାର ପୁଞ୍ଜି ନିବେଶ ହେବ ବୋଲି ସୂଚନା ଦେଇଥିଲେ। ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ରାଜ୍ୟର ପଛୁଆ ଜିଲା କଳାହାଣ୍ଡିରେ ୧୯୯୪ରେ ଇସ୍ପାତ କାରଖାନା ସ୍ଥାପନ କରି ଲୋକମାନଙ୍କର ମୁଣ୍ଡପିଛା ଆୟ ବଢ଼ାଇବାକୁ ଚେଷ୍ଟା କରିଥିବା ସୂଚନା ଦେଇଥିଲେ। ସେ ଆହୁରି କହିଲେ ଯେ, ଇସ୍ପାତ କାରଖାନା ପ୍ରତିଷ୍ଠା ହେବା ବେଳକୁ ସେଠାକାର ୧୪ ଲକ୍ଷ ଲୋକଙ୍କର ଜିଡିପି ଥିଲା ମାତ୍ର ୧ ପ୍ରତିଶତ। ଏବେ ତାହା ୨୦ ପ୍ରତିଶତରେ ପହଞ୍ଚିଛି। ତେବେ ସେ ପୁରୀରେ ବନ୍ଦ ହୋଇ ରହିଥିବା ବେଦାନ୍ତ ବିଶ୍ୱବିଦ୍ୟାଳୟ ବିଷୟ ଉଠାଇଥିଲେ। ସେ କହିଥିଲେ ଯେ, ଏହି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପାଇଁ ଆମେ ପଦକ୍ଷେପ ନେବା ଆରମ୍ଭ କରିଛୁ। ଏଥିରେ ୬ ଲକ୍ଷ ଛାତ୍ରୀଛାତ୍ର ଅଧ୍ୟୟନ କରିବାର ସୁଯୋଗ ପାଇପାରିବେ। ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଭଲ ବାତାବରଣ ରହିଛି। ରାଜ୍ୟ ସରକାରଙ୍କର ମଧ୍ୟ ସହଯୋଗ ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦୀର୍ଘକାଳୀନ ସମୃଦ୍ଧ ଓଡ଼ିଶା ଗଠନ କରିବା ଲାଗି ବିଶ୍ୱସ୍ତରରୁ ଏବଂ ଦେଶର ବଡ଼ ବଡ଼ ଶିଳ୍ପ ମୁଖିଆମାନଙ୍କୁ ଏହି କନ୍‌କ୍ଲେଭକୁ ଆମନ୍ତ୍ରଣ କରାଯାଇଛି। ମେକ୍ ଇନ୍ ଓଡ଼ିଶାର ଦ୍ୱିତୀୟ ସଂସ୍କରଣରେ ଜାପାନ କଣ୍ଟ୍ରିପାର୍ଟନର ଭାବେ ଯୋଗଦେଇଛି। ଅଭିବୃଦ୍ଧି ଓ ସମୃଦ୍ଧି ପାଇଁ ମାନବିକ ଚେଷ୍ଟା କରିବାକୁ ଶିଳ୍ପହସ୍ତୀମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଗତ ୮୦ ବର୍ଷ ଧରି ରାଜ୍ୟକୁ ଭାରତର ଆଧୁନିକ ରାଜ୍ୟ ଭାବେ ଗଠନ କରିବାକୁ ଉଦ୍ୟମ ହୋଇଆସିଛି। ଗତ ଦୁଇ ଦଶନ୍ଧି ଧରି ଘାତ ପ୍ରତିଘାତ ସତ୍ତ୍ୱେ ଆମେ ଆମ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଉଦ୍ୟମ କରିଚାଲିଛୁ। ଏଥିରେ ଶିଳ୍ପପତିମାନଙ୍କର ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୧୬ରେ ହୋଇଥିବା ପ୍ରଥମ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ସଫଳତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ୧୨୪ଟି ପୁଞ୍ଜିନିବେଶ ପାଇଁ ସୁଯୋଗ ଆସିଥିବା ବେଳେ ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସହ ୧ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ଏଥିରୁ ଦୁଇ ତୃତୀୟାଂଶ ପ୍ରକଳ୍ପ ବିଭିନ୍ନ ସ୍ତରରେ ରହିଛି। ଓଡ଼ିଶା ଦେଶର ସର୍ବବୃହତ୍ ଖଣିଜ ପଦାର୍ଥ ଉତ୍ପାଦନକାରୀ ରାଜ୍ୟ। ଏହା ଦେଶର ଷ୍ଟିଲ ହବ୍ ଭାବେ ପରିଚିତ ହୋଇ ପାରିଛି। ମାନୁଫାକ୍ଚର କ୍ଷେତ୍ରରେ ୨ ଲକ୍ଷ ୫୦ ହଜାର କୋଟିଟଙ୍କାର ପୁଞ୍ଜିନିବେଶ ତଥା ୩୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ରାଜ୍ୟ ସରକାର ଭିଜନ ୨୦୨୫ ପ୍ରସ୍ତୁତ କରିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପରେ ଆସନ୍ତା ୪ ବର୍ଷ ମଧ୍ୟରେ ୧ ଲକ୍ଷ ୫୦ ହଜାର ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୧୦୦୦ ଷ୍ଟାର୍ଟଅପ୍‌ଙ୍କ ସହାୟତାରେ ଓଡିଶାରେ ଆସନ୍ତା ୨୦୨୦ ସୁଦ୍ଧା ୩ଟି ଷ୍ଟାର୍ଟଅପ୍ ହବ୍ କରିବାକୁ ଯୋଜନା କରାଯାଇଛି। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୃଷି, ବାୟୋଟେକ୍ନୋଲୋଜି, ପର୍ଯ୍ୟଟନ ଆଦିରେ ବ୍ୟାପକ ପୁଞ୍ଜି ନିବେଶ ପାଇଁ ବ୍ୟାପକ କ୍ଷେତ୍ର ରହିଥିବା ସୂଚନା ଦେଇଥିଲେ। ଅଧିବେଶନ ଆରମ୍ଭରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା ମେକ୍ ଇନ୍ ଓଡ଼ିଶାର ଆଭିମୁଖ୍ୟ ଏବଂ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଥିବା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଇଡ୍‌କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂ ଧନ୍ୟବାଦ ଦେଇଥିଲେ।

## ପରଲୋକରେ...

ବାସଭବନରେ ଭିଡ଼ ଲାଗିରହିଥିଲା। ମଙ୍ଗଳବାର ଅନନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଭାଜପାର କର୍ଣ୍ଣାଟକ ଶାଖା ପକ୍ଷରୁ ସୂଚନା ମିଳିଛି। ଅନନ୍ତଙ୍କୁ ସମ୍ମାନ ଜଣାଇ ସୋମବାର ଦେଶବ୍ୟାପୀ ଜାତୀୟପତାକା ଅର୍ଦ୍ଧନମିତ କରାଯାଇଥିଲା। ସେହିପରି କର୍ଣ୍ଣାଟକ ସରକାର ମଧ୍ୟ ତାଙ୍କ ପାଇଁ ତିନିଦିନିଆ ଶୋକଦିବସ ପାଳନ ପାଇଁ ଘୋଷଣା କରିଛନ୍ତି। ସୋମବାର ରାଜ୍ୟରେ ଛୁଟି ଘୋଷଣା ହୋଇଥିଲା। ଅନନ୍ତ କୁମାର ଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଜଣେ ପ୍ରମୁଖ ସଦସ୍ୟ, ଯିଏକି ପ୍ରଥମ କରି ଜାତିସଂଘରେ କନ୍ନଡ଼ରେ ଭାଷଣ ଦେଇଥିଲେ। ତାଙ୍କ ଇହଲୀଳା ସମ୍ବରଣ ପରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଶୋକ ବାର୍ତ୍ତା ଦେଇଛନ୍ତି। ଅନନ୍ତ ଜଣେ ବିଚକ୍ଷଣ ନେତା ଥିଲେ। ତାଙ୍କ ଭଳି ଜଣେ ଉତ୍ତମ ସହକର୍ମୀ ଏବଂ ବନ୍ଧୁଙ୍କୁ ହରାଇ ମର୍ମାହତ ହୋଇଥିବା ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି।

## ନିର୍ଣ୍ଣାୟକ ଲଢ଼େଇ...

ସଦସ୍ୟ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ଆବାହକ ପ୍ରମୋଦ ଦାସ ଓ ସମ୍ପାଦକ ନିରଞ୍ଜନ ତ୍ରିପାଠୀଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସେପ୍ଟେମ୍ବର ୫ତାରିଖଠାରୁ ଓକିଲଙ୍କ ଆନ୍ଦୋଳନ ଜାରି ରହିଛି। ସମସ୍ତ କୋର୍ଟ, ରାଜସ୍ୱ କୋର୍ଟଗୁଡିକ ବନ୍ଦ ରହିଛି। ବିଭିନ୍ନ ସାମାଜିକ ଓ ବ୍ୟବସାୟିକ ଅନୁଷ୍ଠାନ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏପରି କି ମନ୍ତ୍ରୀମାନଙ୍କ ଗସ୍ତ ସମୟରେ କଳାପତାକା ଦେଖାଇ ବିରୋଧ ପ୍ରଦର୍ଶନ କରାଯାଉଛି।

## ୬ ଜେଲ୍‌ର...

ହଜାର ଓ ବାଲେଶ୍ୱର ଜେଲର ଅନ୍ତେବାସୀ ଜଳଖିଆ ବାବଦକୁ ୫୪ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। କଏଦୀଙ୍କ ସୁବିଧା ଓ ସୁରକ୍ଷା ପାଇଁ ଜେଲ୍ କର୍ତ୍ତୃପକ୍ଷ ବହୁ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିସହ ନୂଆ ନିୟମ ଲାଗୁକରିଛନ୍ତି। ଅନେକ ସମୟରେ ଜେଲ୍ ଭିତରେ ବହୁ ବେଆଇନ ସାମଗ୍ରୀ ମିଳୁଛି। ତେଣୁ ଜେଲ ଭିତରକୁ ବାହାର ଖାଦ୍ୟ ନେବା ଉପରେ କଟକଣା ଲଗାଯାଇଛି। ଏହି ଅନୁସାରେ, କଏଦୀମାନେ ବିଭିନ୍ନ କାର୍ଯ୍ୟ କରିବା ବାବଦକୁ ଦିନକୁ ୪୦ ଟଙ୍କା ଓ ପରିବାର ପକ୍ଷରୁ ଖର୍ଚ୍ଚ ପାଇଁ ମାସିକ ସର୍ବାଧିକ ୫ଶହ ଟଙ୍କା ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାର ନିୟମ ରହିଛି। ଏହି ଟଙ୍କାରେ ସେମାନେ ଜେଲ୍ କ୍ୟାଣ୍ଟିନରେ ଜଳଖିଆ ଖାଇବା ସହ ଅନ୍ୟକିଛି ଖର୍ଚ୍ଚ କରିପାରିବେ। କିନ୍ତୁ ଉପରୋକ୍ତ ୬ଟି ଜେଲ୍‌ରେ ଯେତିକି କଏଦୀ ରହୁଛନ୍ତି ସେମାନଙ୍କ ଜଳଖିଆ ଖର୍ଚ୍ଚକୁ ହିସାବକୁ ନେଲେ ଏହାଠାରୁ ବହୁଗୁଣ ଅଧିକ ଖର୍ଚ୍ଚ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୋଗ ହେଉଛି ଯେ, ପରିବାର ଲୋକ ଓ ସମ୍ପର୍କୀୟ କଏଦୀଙ୍କ ଦେଖା କରିବା ସମୟରେ ବିପୁଳ ଟଙ୍କା ସେମାନଙ୍କୁ ଦେଉଛନ୍ତି। ଜେଲ୍‌ର କର୍ମଚାରୀମାନେ ହାତଗୁଞ୍ଜା ନେଇ ଏଥିପାଇଁ ସୁଯୋଗ ଦେଉଛନ୍ତି। କଏଦୀ ଓ କର୍ମଚାରୀଙ୍କ ଏହି ମଧୁଚନ୍ଦ୍ରିକା ପାଇଁ ଜେଲ୍ ଭିତରକୁ ବହୁ ବେଆଇନ ସାମଗ୍ରୀ ମଧ୍ୟ ଯାଉଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଝାରପଡ଼ା ଜେଲର ଡି.ଏନ୍ ବାରିକ କହିଛନ୍ତି, ଜେଲ ଭିତରେ କଏଦୀମାନେ ଖାଇବା ଦ୍ୱାରା ସେମାନଙ୍କ ଭିତରେ ଆଉ ପୂର୍ବଭଳି ବିଶୃଙ୍ଖଳା ଦେଖାଯାଉ ନାହିଁ। କଏଦୀମାନେ ଉପାର୍ଜନ କରୁଥିବା ଅର୍ଥ ବନ୍ଦୀ କଲ୍ୟାଣ ଫଣ୍ଡ୍‌ରେ ଜମା କରାଯାଇଛି। ଉକ୍ତ ରୋଜଗାର ସହ ପରିବାର ଲୋକ ଦେଉଥିବା ଅର୍ଥରେ ସେମାନେ ଏହି ଖର୍ଚ୍ଚ କରିଛନ୍ତି। ଏଥିରେ ସେଭଳି କିଛି ବେଆଇନ୍ କାର୍ଯ୍ୟ ହୋଇନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିବା ସାଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହୋଇପାରନ୍ତି। ଅବୁଝା ବନ୍ଧୁଙ୍କ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ପାରିପାର୍ଶ୍ୱିକ ପରିସ୍ଥିତି ପ୍ରାୟତଃ ଭଲ ଦିଗକୁ ଗତିକରୁଥିବାରୁ ମାନସିକ ବ୍ୟସ୍ତତା ଦୂରେଇ ଯାଇପାରେ। ପ୍ରଶାସନିକ ସ୍ତରରେ, ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ର କରି ଭୁଲ୍ ବୁଝାମଣାବଶତଃ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହି ପାରେ।

**ମିଥୁନ** ଆକସ୍ମିକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ । ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ସହକର୍ମୀମାନେ କୌଶଳରେ କାର୍ଯ୍ୟ ହାସଲ କରିବାରେ ପଛାଇବେ ନାହିଁ। ଜମିଜମା କାରବାର, ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ତଥା ବିବାଦୀୟ ଘଟଣା ସମସ୍ୟା ବହୁଳ ହୋଇପାରେ।

**କର୍କଟ** ଭାବପ୍ରବଣତା ଓ ନିଷ୍କପଟ ଭାବନା ସମ୍ବଳିତ କର୍ମ ପରିପ୍ରେକ୍ଷୀରେ ଉଚ୍ଚବର୍ଗଙ୍କ ସାହାଯ୍ୟ ପାଇପାରିବେ। ବ୍ୟକ୍ତିଗତ ସାମାନ୍ୟ ଅସୁବିଧାକୁ କୌଣସି ବନ୍ଧୁ ଗୁରୁତର ଭାବରେ ଗ୍ରହଣ କରି ଦୂରେଇ ରହିପାରନ୍ତି। ସଭାସମିତିର ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ। ବାଣିଜ୍ୟ, ଶିକ୍ଷା ଓ ଅର୍ଥ ସମ୍ପର୍କ ମାନସିକ ଶାନ୍ତିର ପାଥେୟ ହୋଇପାରେ।

**ସିଂହ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢି ଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜିଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ପରିବାରର ଆର୍ଥିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମରେ ଉତ୍ସାହିତ ହୋଇ ପାରିବେ ନାହିଁ। ପରିସ୍ଥିତିବଶତଃ ସାମାଜିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ପରକଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡିପାରେ। ଦରକାରୀ କାଗଜପତ୍ର ହଜିଯିବାର ସୂଚନା ରହିଛି।

**ତୁଳା** ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ବ୍ୟକ୍ତିଗତ ସ୍ୱାର୍ଥକୁ କେନ୍ଦ୍ରକରି ପାରିବାରିକ ଅଶାନ୍ତି ହେତୁକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଶିଳ୍ପ,ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ କରିପାରିବେ ।

**ବିଛା** ଆଶା ଓ ଅଭିଳାଷ କେତେ ମାତ୍ରାରେ ପୂରଣ ହେବାରୁ ସାମୟିକ ଆଶ୍ୱସ୍ତି ମିଳିପାରେ। ତଥାପି ବିବାଦୀୟ ପରିସରରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନାକୁ ଏଡି ହେବ ନାହିଁ । ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରିବେ। ସଙ୍ଗୀତ,ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିବ।

**ଧନୁ** ପାରିବାରିକ ସ୍ଥିତି ପୂର୍ଣ୍ଣତଃ ଭଲ ନ ହେଲେ ମଧ୍ୟ ଏକ ପ୍ରକାର ଭଲ ରହିବ। ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାକୁ ସମସ୍ୟା ବହୁଳ କରିପାରନ୍ତି। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କ୍ରମରେ ଅଫିସ କାମରେ ତର୍କ ବିତର୍କର ସମ୍ଭାବନା ରହିଛି।

**ମକର** ଯାହା ଭାବୁଥିଲେ ତାହା କେତେକାଂଶରେ ପୂର୍ଣ୍ଣତା ଲାଭ କରିବାର ଆଶା ମନକୁ ପ୍ରଫୁଲ୍ଲ କରାଇବ। ଆଜିର ଯାତ୍ରା ଫଳପ୍ରଦ ହେବ ଏବଂ ବନ୍ଧୁମିଳନଜନିତ ସାମୟିକ ଆନନ୍ଦ ଅନୁଭବ କରିବେ। ଅନ୍ୟମାନଙ୍କର ତାଗିଦ୍ ଓ ବୃଥା ସନ୍ଦେହଜନକ ବାକ୍ୟାଳାପ ମନକୁ ଭାରାକ୍ରାନ୍ତ କରିପାରେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରି ପାରନ୍ତି।

**କୁମ୍ଭ** ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହେବାରେ ବହୁତ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘଦିନରୁ ଲାଗି ରହିଥିବା ରୋଗ ଓ ଋଣ ଦୁଶ୍ଚିନ୍ତାର କାରଣ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବ୍ୟବହାରରେ ଅପମାନିତ ବୋଧ କରିପାରନ୍ତି।

**ମୀନ** ପାପଯୁକ୍ତ ମଙ୍ଗଳ ଓ ଧନ ସ୍ଥାନପ୍ରତି ରବିଙ୍କ ଦୃଷ୍ଟି କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହା କଥା ନ ମିଶିବା କାରଣରୁ ମନର ସରସତା ମଉଳି ଯାଇପାରେ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ସୂର୍ଯ୍ୟ ଷଷ୍ଠୀ ମଙ୍ଗଳବାର, ନଭେମ୍ବର ୧୩ ତାରିଖ,ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ମକର ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮।୪୫ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୧୧।୩୩ମି. ଗତେ ଘ୧୨।୫୫ମି. ମଧ୍ୟେ ଅମୃତ ବେଳା । ଦିବା ଘ୧୦।୧୦ମି. ଗତେ ଘ୧୧।୨୫ମି. ମଧ୍ୟେ, ଘ୨।୧୮ମି. ଗତେ ଘ୩।୪୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୧୭ମି. ଗତେ ଘ୩।୪୦ମି. ମଧ୍ୟେ ରାହୁକାଳ।



ମଧ୍ୟପ୍ରଦେଶର ସାଗର ଜିଲା ଧାନା ଗ୍ରାମରେ ବାସ କରୁଥିବା ଜଣେ ବ୍ୟକ୍ତିଙ୍କ ଶରୀରରେ ରହିଛି ଚୁମ୍ବକୀୟ ଶକ୍ତି। ତାଙ୍କୁ ସଭିଏଁ ମ୍ୟାଗ୍ନେଟ୍ ମ୍ୟାନ ବୋଲି ଡାକିଥାଆନ୍ତି। ସେ ହେଉଛନ୍ତି ୫୦ ବର୍ଷୀୟ ଅରୁଣ ରାୟକ୍ୱାର। ପେସାରେ ସେ ଜଣେ ଫଟୋଗ୍ରାଫର। ଏପରି କରି ସେ ନିଜ ପରିବାରର ଭରଣପୋଷଣ କରନ୍ତି। ତାଙ୍କ ଶରୀର ଲୁହାକୁ ଆକର୍ଷିତ କରିଥାଏ। ଏଭଳି ଶକ୍ତି ତାଙ୍କଠାରେ କିଭଳି ଉତ୍ପନ୍ନ ହେଲା, ସେନେଇ ଡାକ୍ତରମାନେ ମଧ୍ୟ କିଛି ଉତ୍ତର ଦେଇପାରୁ ନାହାନ୍ତି।

## ସଂକ୍ଷେପରେ

### ଲାଞ୍ଚ: ଅବସରପ୍ରାପ୍ତ ଜିଲା ଶିକ୍ଷା ଶିକ୍ଷାଧିକାରୀ, କିରାଣି ଦଣ୍ଡିତ

କଟକ ଅଫିସ, ୧୨।୧୧:

ଏକ ଲାଞ୍ଚ ମାମଲାରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଓ କିରାଣି ଦଣ୍ଡିତ ହୋଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ରାୟଗଡ଼ାର ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ଦାସ ଓ ତାଙ୍କ କାର୍ଯ୍ୟାଳୟର ତତ୍କାଳୀନ କିରାଣି ବିଜୟ ଚନ୍ଦ୍ର ଜେନା। ଉଭୟ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ୧୯/୨୦୧୨ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି କରି ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ଦ୍ୱୟଙ୍କୁ ପୃଥକ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରଥମ ଦଫାରେ ଉଭୟଙ୍କୁ ୬ ମାସ ସଶ୍ରମ ଜେଲ୍ ଓ ୧ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଆଦାୟ ନ ହେଲେ ଅଭିଯୁକ୍ତଙ୍କୁ ଅଧିକ ୧ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସେହିପରି ଅନ୍ୟ ଏକ ଦଫାରେ ଅଭିଯୁକ୍ତଦ୍ୱୟଙ୍କୁ ୧ ବର୍ଷ ସଶ୍ରମ ଜେଲ୍ ଓ ୧ହଜାର ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଆଦାୟ ନ ହେଲେ ଉଭୟଙ୍କୁ ଅଧିକ ୨ ମାସ ଲେଖାଏ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ। ତେବେ ସମସ୍ତ ଦଣ୍ଡ ଏକକାଳୀନ ଲାଗୁ ହେବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି।




# ■ଶ୍ରୀମନ୍ଦିରରେ ମୁକେଶ ଅମ୍ବାନୀ

# ଝିଅ ବାହାଘର ପାଇଁ କଲେ ନିମନ୍ତ୍ରଣ

- ■ମହାପ୍ରଭୁଙ୍କ ଲାଗି ମାଳ, ଗୁଆ ନେଲେ
- ■କୌଳିକ ପଣ୍ଡାଙ୍କ ଯାତ୍ରୀ ଖାତାରେ କଲେ ଦସ୍ତଖତ
- ■ଲଫାପାରେ ଦେଲେ ଦକ୍ଷିଣା

ପୁରୀ ଅଫିସ, ୧୨।୧୧

ରିଲାଏନ୍ସ ଗ୍ରୁପ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୋମବାର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ମେକ ଇନ୍ ଓଡ଼ିଶା କନକ୍ଲେଭ-୨୦୧୮ର ଦ୍ୱିତୀୟ ଦିବସରେ ଯୋଗଦେବା ପରେ ଅମ୍ବାନୀ ହେଲିକପ୍ଟରରେ ଆସି ଅପରାହ୍ନ ୩ଟା ୨୩ରେ ତାଳବଣିଆ ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ଉପଜିଲାପାଳ ଭବତାରଣ ସାହୁ ଓ ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରିଥିଲେ। ହେଲିପ୍ୟାଡ୍‌ରୁ କାର ଯୋଗେ ବାହାରି ୩ଟା ୩୦ରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏବଂ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରି ଅମ୍ବାନୀଙ୍କୁ ସ୍ୱାଗତ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଜଗନ୍ନାଥଙ୍କ ଫଟୋଚିତ୍ର, ଶୁଖିଲା ମହାପ୍ରସାଦ ଓ ଶ୍ରୀମନ୍ଦିର କ୍ୟାଲେଣ୍ଡର ଦିଆଯାଇଥିଲା। ଏହାପରେ ସେ ସିଂହଦ୍ୱାର, ବାଇଶପାହାଚ, ଗାରଦଦ୍ୱାର, ନାଟମଣ୍ଡପ, ଜୟବିଜୟ ଦ୍ୱାର ଦେଇ ଭିତରକାଠ ନିକଟକୁ ଯାଇଥିଲେ। ଭିତରକାଠ ନିକଟରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଆସନ୍ତା ଡିସେମ୍ବର ୧୨ରେ ମୁକେଶଙ୍କ ଝିଅ ଇଶା ଅମ୍ବାନୀଙ୍କର ପ୍ରତିଷ୍ଠିତ ବ୍ୟବସାୟୀ ଆନନ୍ଦ ପରିମଳଙ୍କ ସହ ବିବାହ ଅନୁଷ୍ଠିତ ହେବ। ଏହାପୂର୍ବରୁ ମୁକେଶ ବଦ୍ରିନାଥ ଏବଂ କେଦାରନାଥ ଯାଇ ପୂଜାର୍ଚ୍ଚନା କରି ଝିଅ ବାହାଘର ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ମଧ୍ୟ ସେ ଝିଅ ବାହାଘରର



ମୁକେଶ ଅମ୍ବାନୀ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଖୁଣ୍ଟିଆ ସେବକ ବିଜୟ ଖୁଣ୍ଟିଆ ରତ୍ନସିଂହାସନ ନିକଟରେ ନିମନ୍ତ୍ରଣ ପତ୍ର ପଢି ମହାପ୍ରଭୁଙ୍କୁ ଶୁଣାଇ ନିମନ୍ତ୍ରଣ ଜଣାଇଥିଲେ। ଏଥିସହ ମହାପ୍ରଭୁଙ୍କ ଲାଗି ମାଳ ଓ ଗୁଆ ଆଣି ଅମ୍ବାନୀଙ୍କୁ ପ୍ରଦାନ କରିଥିଲେ। ଏହି ଗୁଆ ଓ ଲାଗି ମାଳକୁ ବିବାହ ବେଦିରେ ରଖିବା ନିମନ୍ତେ ବିଜୟ କହିଥିଲେ। ଅମ୍ବାନୀ ଖୁଣ୍ଟିଆ ସେବକଙ୍କୁ ଏକ ଲଫାପାରେ ଦକ୍ଷିଣା ଦେଇଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ଅମ୍ବାନୀ ବେହେରଣ ଦ୍ୱାର ଦେଇ ବାହାରି ଲକ୍ଷ୍ମୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ସେଠାରେ ମା'ଙ୍କ ଅଙ୍ଗ ବସ୍ତ୍ର, ଲାଗି ଫୁଲମାଳ ଏବଂ ଧାନ ସେବାୟତ ପ୍ରଦାନ କରିଥିଲେ। ଏହାକୁ ଗ୍ରହଣ କରି ରିଲାଏନ୍ସ ଲେଖା ଥିବା ଏକ ଲଫାପାରେ ଦକ୍ଷିଣା ସମ୍ପୃକ୍ତ ସେବାୟତଙ୍କୁ ପ୍ରଦାନ କରିଥିଲେ। ଦର୍ଶନ ସାରି ଲକ୍ଷ୍ମୀ ମନ୍ଦିର ଚଉତରା ଉପରେ କିଛି ସମୟ ବସିଥିଲେ। ଅମ୍ବାନୀଙ୍କୁ ତାଙ୍କ କୌଳିକ ପଣ୍ଡା ରଘୁନାଥ ଗୋଚ୍ଛିକାର ଉପସ୍ଥିତ ରହି ତାଙ୍କୁ ଦର୍ଶନ କରାଇଥିଲେ। ଲକ୍ଷ୍ମୀ ମନ୍ଦିର ଚଉତରାରେ ବସିଥିବା ବେଳେ କୌଳିକ ପଣ୍ଡାଙ୍କ ଯାତ୍ରୀ ଖାତା ପଢିବା ସହ ସେଥିରେ ଦସ୍ତଖତ କରିଥିଲେ। ତାଙ୍କୁ ମଧ୍ୟ ଦକ୍ଷିଣା ଦେଇଥିଲେ।

ମନ୍ଦିରରୁ ବାହାରି ସିଂହଦ୍ୱାରଠାରେ ଗଣମାଧ୍ୟମକୁ କହିଥିଲେ ଯେ, ଶ୍ରୀମନ୍ଦିରକୁ ପ୍ରଥମଥର ଆସି ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ମୁଁ ଖୁବ୍ ଆନନ୍ଦିତ। ଆମ ଗୁଜରାଟୀ ସମ୍ପ୍ରଦାୟରେ ପ୍ରଥମେ ଠାକୁରଙ୍କୁ ବିବାହ କାର୍ଡ ଦେଇ ନିମନ୍ତ୍ରଣ ଜଣାଇବାର ପରମ୍ପରା ରହିଛି। ସେହି ଅନୁଯାୟୀ ମହାପ୍ରଭୁଙ୍କୁ ଝିଅ ବିବାହ କାର୍ଡ ପ୍ରଦାନ କରିବାର ସୌଭାଗ୍ୟ ପାଇଛି। ଏହାପରେ ଅମ୍ବାନୀ ତାଳବଣିଆ ହେଲିପ୍ୟାଡ୍‌କୁ ଯାଇଥିଲେ। ସେଠାରୁ ହେଲିକପ୍ଟରରେ ଭୁବନେଶ୍ୱର ଫେରିଯାଇଥିଲେ।

ଅନ୍ୟପକ୍ଷରେ ଅମ୍ବାନୀଙ୍କ ଗସ୍ତକୁ ନେଇ ସୋସିଆଲ ମିଡିଆରେ କଂଗ୍ରେସର ଯୁବ ନେତା ଆଲୋକ କୁମାର ଦାଶ ଏକ ପୋଷ୍ଟ କରିଥିଲେ ସବୁ ଭକ୍ତଙ୍କ ଭଳି ଧାଡ଼ିରେ ଯାଇ ଦର୍ଶନ କଲେ ଆମେ ସ୍ୱାଗତ କରିବୁ। କିନ୍ତୁ ଭିଆଇପିଙ୍କ ଭଳି ଗଲେ ଆମେ କାଳିମାଡ଼ କରିବୁ ବୋଲି ଦର୍ଶାଇଥିଲେ। ଯେଉଁଥିପାଇଁ ଅମ୍ବାନୀଙ୍କ ଗସ୍ତ ପୂର୍ବରୁ ଅପରାହ୍ନ ପ୍ରାୟ ୧ଟାରେ ପୋଲିସ ତାଙ୍କୁ ଧରି ଥାନାରେ ଅଟକ ରଖି ପରେ ଛାଡି ଦେଇଥିଲା।

**ଏମାର ମଠର ବିକାଶ ପାଇଁ ସହଯୋଗ ଲୋଡ଼ିଲା ପ୍ରଶାସନ**

ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ୫ ମହଲା ବିଶିଷ୍ଟ ମଲ୍ଟି ଲେଭଲ କାର ପାର୍କିଂ କରାଯିବ। ୩ ଲକ୍ଷ ୬୪ ହଜାର ବର୍ଗଫୁଟ ଇଲାକାରେ ଏହା ନିର୍ମାଣ ହେବ। ଏଥିରେ ପ୍ରାୟ ୪୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ପ୍ରାୟ ୧୫୦୦ କାର୍ ପାର୍କିଂ କରିବା ଭଳି ସୁବିଧା ରହିବ। ଏହି ପ୍ରକଳ୍ପ ଲାଗି ସହଯୋଗର ହାତ ବଢାଇବା ପାଇଁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଅମ୍ବାନୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ଶ୍ରୀମନ୍ଦିର ସଂସ୍କୃତି ସହ ଜଡ଼ିତ ଏମାର ମଠର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ସହଯୋଗ କରିବା ଲାଗି ଜିଲାପାଳ ପ୍ରସ୍ତାବ ଦେଇଛନ୍ତି। ଏଥିରେ ଅମ୍ବାନୀ ସହମତି ପ୍ରକାଶ କରିଥିବା ଜିଲାପାଳ ଗଣମାଧ୍ୟମକୁ କହିଛନ୍ତି।



# ବଡ଼ଠାକୁରଙ୍କ ହରିହର ବେଶ

ପୁରୀ ଅଫିସ, ୧୨।୧୧

ସୋମବାର ରତ୍ନସିଂହାସନରେ ବଡ଼ଠାକୁର ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବଡ଼ଠାକୁରଙ୍କ ଏହି ଦିବ୍ୟ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହୋଇଥିଲା। ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କୁ ଏହି ବେଶରେ ଭୂଷିତ କରାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶ ଏବଂ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ବଡ଼ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବା ବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରସ୍ଫୁଟିତ ହୋଇଥିଲା। ଶାସ୍ତ୍ରରେ ମଧ୍ୟ ହରି ଏବଂ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ଏହା ହିଁ ହରିହର ବେଶରେ ପରିଲକ୍ଷିତ ହୋଇଥାଏ। ଏହି ବେଶରେ ଠାକୁର ଅର୍ଦ୍ଧେକ କଳା ଓ ଅର୍ଦ୍ଧେକ ଧଳା ବସ୍ତ୍ରରେ ଭୂଷିତ ହୋଇଥାନ୍ତି। ବଡ଼ଠାକୁର ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ ସେହିଦିନ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଗୋଟିଏ ଦିନ ହରିହର ବେଶ ପଡିଛି।

## ରାଜ୍ୟ ମହିଳା କଂଗ୍ରେସ କମିଟି ଘୋଷିତ

# ଗୁରୁବାର ନୂତନ ସଦସ୍ୟଙ୍କୁ ନେଇ ବସିବ ବୈଠକ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ସୋମବାର ଦଳର ମହିଳା କମିଟି ଘୋଷଣା କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ମାର୍ଗଦର୍ଶନ ଏବଂ ଅଖିଳ ଭାରତ ମହିଳା କଂଗ୍ରେସ ସଭାପତି ସୁଶ୍ରୀ ସୁସ୍ମିତା ଦେବଙ୍କ ଅନୁମୋଦନକ୍ରମେ ଓଡ଼ିଶା ମହିଳା କଂଗ୍ରେସ ପ୍ରଭାରୀ ସନ୍ଧ୍ୟା ସାୱାଲେଖା କମିଟି ଘୋଷଣା କରିଛନ୍ତି। ଏହି କମିଟିରେ ୨ଜଣ କାର୍ଯ୍ୟକାରୀ ସଭାପତି, କୋଷାଧ୍ୟକ୍ଷଙ୍କ ସମେତ ୧୫ଜଣ ଉପସଭାପତି, ୩୧ଜଣ ସାଧାରଣ ସମ୍ପାଦିକା, ୩୫ଜଣ ସମ୍ପାଦିକା, ୧୦ଜଣ କାର୍ଯ୍ୟକାରିଣୀ ସଦସ୍ୟା, ୧୪ଜଣ ସ୍ଥାୟୀ ସ୍ୱତନ୍ତ୍ର ସଦସ୍ୟାଙ୍କ ନାମ ରହିଛି। ଉକ୍ତ କମିଟିରେ ସ୍ଥାନ ପାଇଥିବା ସମସ୍ତ ସଭ୍ୟା ଓ କର୍ମକର୍ତ୍ତାଙ୍କୁ ନେଇ ଆସନ୍ତା ଗୁରୁବାର କଂଗ୍ରେସ ମୁଖ୍ୟାଳୟଠାରେ ଏକ ଜରୁରୀ ବୈଠକ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ସେମାନଙ୍କୁ ସ୍ୱାଗତ କରାଯିବା ସହ ଆଗାମୀ ନିର୍ବାଚନ ପାଇଁ ଆଲୋଚନା କରାଯିବ ବୋଲି ଜଣାପଡିଛି। ରାଜ୍ୟ କମିଟିରେ ସ୍ଥାନ ପାଇଥିବା ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ କାର୍ଯ୍ୟ ଦ୍ୱାରା ମହିଳା କଂଗ୍ରେସ ନିଶ୍ଚିତ ସୁଦୃଢ ହେବ ବୋଲି ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା କହିଛନ୍ତି। ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଭାବେ ଅଜୟନ୍ତୀ ପ୍ରଧାନ ଓ ବନ୍ଦିତା ପରିଡା ରହିଥିବା ବେଳେ କୋଷାଧ୍ୟକ୍ଷ ଭାବେ ପ୍ରତିମା କର ନିଯୁକ୍ତି ପାଇଛନ୍ତି। ସେହିଭଳି ଉପସଭାପତି ଭାବେ ରତ୍ନମଣି ଉଲାକା, ପ୍ରଣତି ମିଶ୍ର, ମନୋଜା ମଞ୍ଜରୀ ଦେବୀ, ସ୍ୱାଧୀନବାଳା ଦାସ, ପ୍ରଭାତୀ ମିଶ୍ର, ସୁକାନ୍ତି ଦାସ, ରଞ୍ଜିତା ଯୋଶୀ, ଶୁଭଶ୍ରୀ ପଣ୍ଡା, ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ ଥିବାବେଳେ ସାଧାରଣ ସମ୍ପାଦିକା ଭାବେ ଅର୍ଚ୍ଚନା ନନ୍ଦୀ, ବନ୍ଦିତା ପଟ୍ଟନାୟକ, ଶ୍ରୀୟା ସମ୍ବେଦନା, ପ୍ରତିମା ମଲ୍ଲିକ, ରେଣୁବାଳା ରାଉତ, କନକଲତା ମଲ୍ଲିକ, ଅନ୍ନପୂର୍ଣ୍ଣା ସାହୁ, ସରିତା ରଥ, ପ୍ରତିମା ଜେନା ପ୍ରମୁଖ ରହିଛନ୍ତି। ସେହିପରି ସମ୍ପାଦିକା ଭାବେ ବିଜୟିନୀ ତିରିଆ, ନିରୁପମା ପାତ୍ର, ସନ୍ଧ୍ୟାରାଣୀ ଦାସସାମନ୍ତ, ସୁନିତା ବାଗ, ଉଲ୍ଲାସ ମଲ୍ଲିକ, ବିନୀତା ନାୟକ ପ୍ରମୁଖ ରହିଛନ୍ତି। ସେହିଭଳି କାର୍ଯ୍ୟକାରୀ ସଦସ୍ୟା ଭାବେ ସଞ୍ଜୁକ୍ତା ମହାନ୍ତି, ବାସନ୍ତୀ ପ୍ରଧାନ, ଉର୍ବଶୀ ମିଶ୍ର ପ୍ରମୁଖ ରହିଥିବା ବେଳେ କମିଟିର ସ୍ଥାୟୀ ସ୍ୱତନ୍ତ୍ର ସଦସ୍ୟା ଭାବେ ଜୟନ୍ତୀ ପଟ୍ଟନାୟକ, ସୁଶୀଳା ତିରିଆ, ଉମାରାଣୀ ପାତ୍ର, ସରସ୍ୱତୀ ହେମ୍ବ୍ରମ୍, ବିଜୟଲକ୍ଷ୍ମୀ ସାହୁ, ସନ୍ଧ୍ୟା ମହାପାତ୍ର, ସସ୍ମିତା ବେହେରା, ପରମା ପୂଜାରୀ, କିରଣ ପଣ୍ଡା ଓ ପ୍ରଭା ପଟେଲ ପ୍ରମୁଖ ରହିଛନ୍ତି।

{ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।}

# ଓଡ଼ିଶାରେ ହେବ ଏଣ୍ଡୋକ୍ରାଇନ ଜାତୀୟ ସମ୍ମିଳନୀ

- ■ସ୍ପୋର୍ଟ୍ସ ଏଣ୍ଡୋକ୍ରାଇନ ସ୍ୱତନ୍ତ୍ର ଆଲୋଚନା
- ■ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ■କାର୍ଯ୍ୟକ୍ରମକୁ ଆସିବେ ଅନୀଲ କୁମ୍ବଲେ

ଭୁବନେଶ୍ୱର, ୧୨।୧୧ (ବ୍ୟୁରୋ)

ଏଣ୍ଡୋକ୍ରାଇନ ସୋସାଇଟି ଅଫ୍ ଇଣ୍ଡିଆ (ଇଏସ୍‌ଆଇ)ର ୪୮ତମ ବାର୍ଷିକ ସମ୍ମିଳନୀ ପ୍ରଥମଥର ପାଇଁ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମିଳନୀ ନଭେମ୍ବର ୧୫ରୁ ୧୮ ଯାଏ ଚାଲିବ। ତେବେ ଆଗକୁ ହକି ବିଶ୍ୱକପ୍ ଥିବାରୁ ଅନୁଷ୍ଠାନ ସ୍ପୋର୍ଟ୍ସ ଏଣ୍ଡୋକ୍ରାଇନ ବିଷୟବସ୍ତୁ ନେଇ ସ୍ୱତନ୍ତ୍ର ଭାବେ ଆଲୋଚନା କରିବ। ଖେଳାଳିମାନଙ୍କ ଶରୀରରେ ଥିବା ହର୍‌ମୋନକୁ ନେଇ ବିଭିନ୍ନ ସମୟରେ ପ୍ରସଙ୍ଗ କରାଯାଉଛି। ଏହାକୁ ନେଇ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସମ୍ମିଳନୀରେ ଆଲୋଚନା କରାଯିବ ବୋଲି ଇଏସ୍‌ଆଇର ସାଙ୍ଗଠନିକ ସମ୍ପାଦକ ଡା. ଅଭୟ କୁମାର ସାହୁ କହିଛନ୍ତି।

ସୋମବାର ମଧ୍ୟାହ୍ନରେ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆଇଏମ୍ଏ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ସାହୁ ଅଧ୍ୟକ୍ଷତା କରି କହିଛନ୍ତି, ସମ୍ମିଳନୀରେ ୨୦୦୦ ଡାକ୍ତର ପଞ୍ଜୀକରଣ କରିବା ସମ୍ଭାବନା ରହିଛି। ୩୦୦ ଜାତୀୟସ୍ତରୀୟ ଡାକ୍ତରୀ ଶିକ୍ଷକ ଏବଂ ୨୨ ଅନ୍ତର୍ଜାତୀୟ ଡାକ୍ତରୀ ଶିକ୍ଷକ ଅଂଶଗ୍ରହଣ କରିବେ। ସମ୍ମିଳନୀ ୧୫ ତାରିଖରୁ ଆରମ୍ଭ ହେବାକୁଥିବାବେଳେ ଏହାକୁ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି ବୋଲି ଡା. ସାହୁ କହିଛନ୍ତି।

ଉଦ୍‌ଯାପନୀ ଦିବସର ପୂର୍ବାହ୍ନରେ ସ୍ପୋର୍ଟ୍ସ ଏଣ୍ଡୋକ୍ରାଇନ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଅନିଲ୍ କୁମ୍ବଲେ ଯୋଗଦେବାକୁ ଥିବାବେଳେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ୍ ତିର୍କୀ ଏବଂ ଧାବିକା ଦ୍ୟୁତୀ ଚାନ୍ଦ ଅଂଶଗ୍ରହଣ କରି ଖେଳାଳିଙ୍କ ଶରୀରରେ ଥିବା ହର୍‌ମୋନକୁ ନେଇ ମତ ରଖିବେ। ଜାତୀୟସ୍ତରରୁ ଆସୁଥିବା ଏଣ୍ଡୋକ୍ରାଇନ ଡାକ୍ତରଙ୍କୁ ନେଇ ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ ଏବଂ ଉତ୍ତରାଞ୍ଚଳ ଭାବେ ଚାରୋଟି ଜୋନ୍ କରାଯିବ। ଏହି ଜୋନ୍‌ଗୁଡିକ ବସି ହୃଦ୍‌ରୋଗ ଏବଂ ଥାଇରଏଡ୍ ଭଳି ରୋଗର ନିରାକରଣ ଏବଂ ଉନ୍ନତ ପରୀକ୍ଷାନିରୀକ୍ଷା ଉପରେ ଆଲୋଚନା କରିବେ। ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ବୈଜ୍ଞାନିକ କମିଟିର ସଦସ୍ୟ ଡା. ସମ୍ବିତ୍ ଦାଶ ଉପସ୍ଥିତ ଥିଲେ।

# କନ୍ଧମାଳରେ ପୁଣି ମାଓବାଦୀ ପୋଷ୍ଟର

## ଚାଷୀ ଆନ୍ଦୋଳନକୁ ସମର୍ଥନ ପାଇଁ ଆହ୍ୱାନ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୨।୧୧

କନ୍ଧମାଳ ଜିଲା କୋଟଗଡ ବ୍ଲକ ଦୁର୍ଗପାଙ୍ଗାରେ ରବିବାର ମାଓବାଦୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଥିଲା। ସୋମବାର ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଞ୍ଚଳ ଏବଂ ଗୋଚ୍ଛାପଡାରେ ମଧ୍ୟ ମାଓବାଦୀ ପୋଷ୍ଟର ଲାଗିଛି। ଫିରିଙ୍ଗିଆର ପବିଙ୍ଗିଆ, କୁକେରିମା ଛକ ଏବଂ ଗୋଚ୍ଛାପଡାର ଖଜୁରିଗାଁରେ ଏସବୁ ପୋଷ୍ଟର ମରାଯାଇଛି। ଏଥିରେ ଖୋଲାଖୋଲି ଭାବେ ଚାଷୀ ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ଓଡିଶା କମିଟି ଲେଖାଥିବା ଏହି ପୋଷ୍ଟରରେ ଚାଷୀ ଆନ୍ଦୋଳନକୁ ସମର୍ଥନ କରିବାକୁ ଆହ୍ୱାନ ଦିଆଯାଇଛି। ଏଥିସହ ହକ୍ ପାଇଁ ଲଢ଼ି ଗିରଫ ହୋଇଥିବା କୃଷକଙ୍କୁ ତୁରନ୍ତ ଖଲାସ କରିବା, ଚାଷୀ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା, ଆକ୍ରମଣକାରୀ ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଚାଷୀଙ୍କୁ ପେନସନ, ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ଆଦି ଉଲ୍ଲେଖ ରହିଛି। ତେବେ ଖବର ଲେଖାଯିବା ସୁଦ୍ଧା ପୋଲିସ କେଉଁଠାରୁ ବି ପୋଷ୍ଟର ବାହାର କରିପାରିନାହିଁ। ଏହା ମାଓବାଦୀଙ୍କ ପୋଷ୍ଟର ନା ଅନ୍ୟ କାହାର କାର୍ଯ୍ୟ, ତାହା ଉପରେ ତର୍ଜମା ଚାଲିଥିବା ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ କହିଛନ୍ତି।




ମାଓବାଦୀ ପୋଷ୍ଟର।







# CLASSIFIED DISPLAY










LOOKING FOR INVESTORS / PARTNERS / LEASE FACILITY
For running Automobile Workshop having Servicing / Painting / Welding and Repairing 5000 sqft area with Shed / Office / Staff Qtrs 3 phase Electric, own water supply.
Mob : 8114721727

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable



# ଅପେକ୍ଷା ଓ ସଜାଗ

ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାରେ ରାଜନୈତିକ ପରିସ୍ଥିତି ଦିନକୁ ଦିନ ଅତ୍ୟନ୍ତ ଦୟନୀୟ ହେବାରେ ଲାଗିଛି। ଗାଦିନସୀନ ପ୍ରଧାନମନ୍ତ୍ରୀ ରନିଲ ୱିକ୍ରମସିଂହେଙ୍କୁ ହଟାଇ ମହିନ୍ଦା ରାଜପାକ୍‌ସେଙ୍କୁ ଥଇଥାନ କରିବାରେ ପ୍ରମୁଖ ଭୂମିକା ନେଇଥିଲେ ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା। ନଭେମ୍ବର ୧୪ରେ ରାଜପାକ୍‌ସେ ପାର୍ଲାମେଣ୍ଟରେ ଶକ୍ତି ପ୍ରଦର୍ଶନ କରିବାର ଥିବା ବେଳେ ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ନଭେମ୍ବର ୯ରେ ସିରିସେନା ପାର୍ଲାମେଣ୍ଟକୁ ଭାଙ୍ଗି ଦେଇଛନ୍ତି। ଏଥିସହିତ ଘୋଷଣା କରିଛନ୍ତି ଯେ ୨୦୧୯ ଜାନୁୟାରୀ ୫ରେ ଦେଶରେ ନିର୍ବାଚନ ଅନୁଷ୍ଠିତ ହେବ। ରାଷ୍ଟ୍ରପତିଙ୍କ ଏଭଳି ଅସାମ୍ବିଧାନିକ ନିଷ୍ପତ୍ତି ପରେ ଦେଶର ପ୍ରମୁଖ ରାଜନୈତିକ ଦଳ ସମେତ ନିର୍ବାଚନ କମିଶନଙ୍କ ଜଣେ ସଦସ୍ୟ ନଭେମ୍ବର ୧୨ରେ ସୁପ୍ରିମକୋର୍ଟରେ ସିରିସେନାଙ୍କ ପଦକ୍ଷେପକୁ ଚ୍ୟାଲେଞ୍ଜ କରିଛନ୍ତି। ତେବେ ସିରିସେନାଙ୍କୁ ସବୁଆଡୁ ସମାଲୋଚନା କରାଯିବା ପରେ ସେ ନିଜକୁ ରକ୍ଷା କରିବା ପାଇଁ ଦେଇଥିବା ସଫେଇ ଏବେ ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଛି। ସେ କହିଛନ୍ତି, ଯେ ଗଣମାଧ୍ୟମରୁ ଶୁଣିବାକୁ ମିଳିଥିଲା ଯେ ଶକ୍ତିପରୀକ୍ଷା ଦିନ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ପାର୍ଲାମେଣ୍ଟରେ ବାଡ଼ିଆପିଟା ହେବାର ଆଶଙ୍କା ରହିଛି। ଆଇନ ପ୍ରଣୟନକାରୀ ଯଦି ଏଭଳି ପରିସ୍ଥିତି ଉପୁଯାଆନ୍ତି, ତାହା ହେଲେ ଦେଶର ପ୍ରତ୍ୟେକ ସହର ଓ ଗାଁରେ ଅରାଜକତା ସୃଷ୍ଟି ହୋଇ ଲୋକଙ୍କ ଜୀବନହାନି ଘଟିପାରେ। ଏପରି ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେବା ପୂର୍ବରୁ ସେ ପାର୍ଲାମେଣ୍ଟକୁ ଭାଙ୍ଗି ସଦ୍ୟ ଜନମତ ଲୋଡ଼ିବା ପାଇଁ ପ୍ରୟାସ କରିଛନ୍ତି ବୋଲି କହିଛନ୍ତି। ଅବଶ୍ୟ ବାଡ଼ିଆପିଟା ଭଳି ପରିସ୍ଥିତି ଶ୍ରୀଲଙ୍କା ପାଇଁ ଅଶୋଭନୀୟ ହେଉଥିବା ବେଳେ ଭାରତରେ ତାହା ଦୈନନ୍ଦିନ ଘଟଣା ଭାବେ ପରିଲକ୍ଷିତ ହେଉଛି।

ରାଷ୍ଟ୍ରପତି ନିଜ ପ୍ରତିରକ୍ଷା ପାଇଁ ଯେଉଁ ଉପରଲିଖିତ କଥା ଉପସ୍ଥାପନ କରିଛନ୍ତି, ତାହା ସାଧାରଣରେ ଗ୍ରହଣଯୋଗ୍ୟ ହୋଇପାରୁ ନାହିଁ। ବାସ୍ତବତା ହେଲା ନିଜ ଦମ୍ଭ ବଜାୟ ରଖିବାକୁ ଯାଇ ସିରିସେନା ରାଜପାକ୍‌ସେଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ଅବସ୍ଥାପିତ କରାଇ ଦେଇଥିଲେ। ହେଲେ ତାହା ସାମ୍ବିଧାନିକ ବିଧିବ୍ୟବସ୍ଥା ଦ୍ୱାରା ଧୂଳିସାତ ହେବାର ସବୁ ପ୍ରମାଣ ପାଇବା ପରେ ସେ ସଂସଦକୁ ଭାଙ୍ଗିବାର ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି କୁହାଯାଇପାରେ। ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରକୁ ବରଖାସ୍ତ କରି ସେ ଯେଉଁ ନୂଆ ନାଟକ ସୃଷ୍ଟି କଲେ ତାହା ଦ୍ୱାରା ଦେଶ ବହୁଦିଗରୁ କ୍ଷତିଗ୍ରସ୍ତ ହୋଇଛି। ଦେଖିବାକୁ ଗଲେ ରନିଲ୍ ୱିକ୍ରମସିଂହେ ସରକାରଙ୍କ ଅବଧି ୨୦୨୦ ଅଗଷ୍ଟରେ ଶେଷ ହେବାର ଥିଲା। ପାଖାପାଖି ୨୦ ମାସ ପୂର୍ବରୁ ଏକ ନିର୍ବାଚିତ ସରକାରକୁ ଭାଙ୍ଗି ଦେଇ ସଦ୍ୟ ନିର୍ବାଚନ ଲାଗି ପଦକ୍ଷେପ ନିଆଯିବା ଦ୍ୱାରା ଦେଶ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେବା ଥୟ। ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ସିରିସେନାଙ୍କ ନିଷ୍ପତ୍ତିକୁ ବିରୋଧ କରି ସୁପ୍ରିମକେର୍ଟଙ୍କ ଆଶ୍ରୟ ନେଇଥିବାରୁ ଏ ସଂକ୍ରାନ୍ତ ରାୟକୁ ଅପେକ୍ଷା କରାଯାଇଛି। ହେଲେ ଶ୍ରୀଲଙ୍କା ସମ୍ବିଧାନରେ ହୋଇଥିବା ସଂଶୋଧନ ଅନୁଯାୟୀ କୌଣସି ନିର୍ବାଚିତ ସରକାରକୁ ସାଢ଼େ ୪ ବର୍ଷ ପୂର୍ବରୁ ଭଙ୍ଗାଯାଇପାରିବ ନାହିଁ। ପାର୍ଲାମେଣ୍ଟର ସମୁଦାୟ ସଦସ୍ୟଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ଆଇନ ପ୍ରଣୟନକାରୀ ଯଦି ଏକ ସଂକଳ୍ପ ଜରିଆରେ ସଂସଦ ଭଙ୍ଗ କରିବାକୁ ସହମତିରେ ଆସନ୍ତି, ସେଭଳି ସ୍ଥଳେ ଶେଷ ପଦକ୍ଷେପ ନିଆଯାଇପାରିବ। ସିରିସେନାଙ୍କ ନିଷ୍ପତ୍ତିକୁ ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଉଦ୍‌ବେଗ ପ୍ରକାଶ କରିବା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ।

ବିଗତ କିଛି ବର୍ଷ ହେବ ଦେଖାଯାଇଛି ଯେ ଏକଛତ୍ରବାଦ ବା ସାମରିକ ଶାସନାଧୀନ ଟ୍ୟୁନିସିଆ, ଇଜିପ୍ଟ, ମ୍ୟାନ୍‌ମାର ଭଳି ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିଛି। ଫଳରେ ସେହିସବୁ ଦେଶର ନାଗରିକମାନେ ପୂର୍ବାପେକ୍ଷା ମତବ୍ୟକ୍ତ କରିବାର ସୁଯୋଗ ପାଇବା ସହ ଅନେକ ସୁବିଧା ପାଇପାରିଛନ୍ତି। ଶ୍ରୀଲଙ୍କା ରାଷ୍ଟ୍ରପତି ନିଜ ଜିଦ୍‌ରେ ଅଟଳ ରହିବାକୁ ଯାଇ ଗଣତାନ୍ତ୍ରିକ ପଦ୍ଧତିରେ ବଛାଯାଇଥିବା ସରକାରକୁ ବରଖାସ୍ତ କରିବା ପରେ ପାର୍ଲାମେଣ୍ଟକୁ ଭାଙ୍ଗିଦେବା ଭିନ୍ନ ସଙ୍କେତ ଦେଉଛି। ଏହି ପ୍ରଚ୍ଛଦପଟରେ ଭାରତ ପଡ଼ୋଶୀ ଦେଶର ରାଜନୈତିକ ଗତିବିଧିକୁ ଅତି ସତର୍କତାର ସହ ନିରୀକ୍ଷଣ କରିବା ଦରକାର। ସିରିସେନା ଓ ରାଜପାକ୍‌ସେ ଚାଇନାର ଗୋଡ଼ାଣିଆ ସାଜିଥିବା ବିଷୟ ସମସ୍ତେ ଜାଣନ୍ତି। ତେଣୁ ନୂଆଦିଲ୍ଲୀ ପଡ଼ୋଶୀ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରି 'ଅପେକ୍ଷା ଓ ସଜାଗ' ଶୈଳୀ ଆପଣାଇ ସେଠାକାର ଘଟଣାକ୍ରମ ଉପରେ ନଜର ରଖିବା ବିଜ୍ଞତାର ପରିଚୟ ହେବ ବୋଲି କୁହାଯାଉଛି।

## ଚିରନ୍ତନୀ

ପଲକହୀନ ନୟନ ତା'ର
ଅବଶ ହେଲା ପରାଣ–ଦ୍ୱାର
ସେ କେଉଁ ଦେଶେ ରହିଲା ଚାହିଁ
ସେ କେଉଁ ପରପାରେ !
ମୁଗ୍‌ଧ କବି ମୁରୁଛି ନାହିଁ ପାରେ।
(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku  ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 8 | 2 | 7 | | | | | | | | | E | A |
| | | | | C | 8 | 3 | | 0 | | | 5 | | | |
| | | | | 9 | | 2 | E | D | | | | | | 3 |
| | C | | | | | | | | | | | 9 | | |
| | | | 0 | | | A | 1 | | E | 4 | | | | 7 |
| C | 9 | | B | | 1 | E | | | | 2 | | | | 8 |
| | 7 | | | | | | | | 4 | | | | | |
| | | 0 | C | | 3 | D | 7 | 8 | 6 | | | | 2 | |
| 4 | E | | | A | 0 | 6 | B | | | | | 7 | | D |
| | | 5 | | 8 | D | | | | | | 1 | | 6 | |
| | | | | | | 4 | 5 | | 1 | | | | 9 | B |
| | B | 9 | | | 5 | | 3 | | | | | E | D | |
| E | 5 | | 9 | 6 | | C | D | | | | 3 | | | |
| A | 6 | 4 | 1 | | | | 0 | 9 | | 7 | | | | |
| 3 | | | | | | 7 | | A | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 3 | 9 | 6 | A | 1 | 2 | 5 | 0 | E | B | 7 | D | 8 | C |
| 7 | 5 | 1 | 4 | 9 | C | E | D | B | 6 | 8 | 0 | 2 | A | 3 |
| A | C | 8 | 2 | B | E | 1 | 7 | 3 | 4 | 5 | D | 0 | 9 | 6 |
| 0 | B | 2 | D | 5 | 3 | 8 | 6 | 9 | C | A | 1 | 4 | 7 | E |
| E | 6 | D | 0 | 8 | 7 | C | A | 4 | 2 | 9 | 3 | 1 | 5 | B |
| C | D | 7 | 3 | 0 | 2 | 6 | 1 | 8 | A | E | 5 | B | 4 | 9 |
| B | 8 | 5 | E | 4 | A | 3 | 9 | C | D | 1 | 2 | 6 | 0 | 7 |
| 2 | 1 | 0 | 7 | 6 | 8 | 5 | B | E | 3 | 4 | 9 | A | C | D |
| 3 | 9 | 4 | C | D | B | 7 | 2 | A | 0 | 6 | 8 | 5 | E | 1 |
| 6 | E | A | 5 | 1 | 9 | 4 | 0 | D | 7 | C | B | 8 | 3 | 2 |
| 9 | A | C | B | 3 | 0 | D | 4 | 1 | 5 | 2 | E | 7 | 6 | 8 |
| 5 | 2 | 6 | 1 | E | 4 | 0 | 8 | 7 | B | 3 | C | 9 | D | A |
| 8 | 7 | B | 9 | C | D | A | E | 6 | 1 | 0 | 4 | 3 | 2 | 5 |
| D | 4 | E | 8 | 2 | 6 | B | 3 | 5 | 9 | 7 | A | C | 1 | 0 |
| 1 | 0 | 3 | A | 7 | 5 | 9 | C | 2 | 8 | D | 6 | E | B | 4 |

ଗତକାଲିର ଉତ୍ତର

# ୨୦୧୯ରେ ମହାମେଣ୍ଟ : ଆଶା ଓ ଆଶଙ୍କା



ସହଦେବ ସାହୁ

୨୦୧୯ରେ ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ନ ଥିବା ଦଳର ନେତାଏ ଏକ ମହାମେଣ୍ଟ ଗଢ଼ିବାର ଚେଷ୍ଟା କରୁଛନ୍ତି। ଏ ଚେଷ୍ଟା ପ୍ରବଳ ରୂପ ଧାରଣ କରିଛି ରାଜସ୍ଥାନ ଓ କର୍ଣାଟକ ବିଧାନସଭା ନିର୍ବାଚନରେ ଭାଜପାର କ୍ଷତି ଘଟିଥିବାରୁ। ନଭେମ୍ବର ପ୍ରଥମ ସପ୍ତାହରେ କର୍ଣାଟକ ଉପନିର୍ବାଚନରେ କଂଗ୍ରେସ–ଜେଡିଏସ୍ ହାତ ମିଳାଇ ୩ଟି ଲୋକ ସଭା ଆସନରୁ ୨ଟି ଜିତି ଦେଖାଇଛି ଯେ ବିରୋଧୀ ଦଳମାନେ ମିଶି ଗୋଟିଏ ପ୍ରାର୍ଥୀ ଦେଲେ ଜିତିବା ସମ୍ଭାବନା ବେଶି। କିନ୍ତୁ ଜିତିବାର ବ୍ୟବଧାନ ଏତେ ବେଶି ହେବ ବୋଲି ଆଶାକରାଯାଉ ନ ଥିଲା। ପ୍ରତ୍ୟେକ ଦଳର କିଛି ନା କିଛି ସମର୍ଥକ ଅଛନ୍ତି, ସେମାନେ ଦଳର ଛବିରେ ଭୋଟ ଦିଅନ୍ତି, ଦଳ ଯାହାକୁ ଛିଡା କରାଉ, ସେଥିରେ ଯା'ଆସ ନାହିଁ। ତିନିଚତୁର୍ଥାଂଶ ନିର୍ବାଚନମଣ୍ଡଳୀରେ ଜିତିଥିବା ପ୍ରାର୍ଥୀ ବା ଦଳ ଶତକଡା ୩୫ ଭାଗରୁ କମ୍ ଭୋଟ ପାଇଥାନ୍ତି, ବାକି ୬୫ ଭାଗ ବିଭିନ୍ନ ଦଳ ବା ପ୍ରାର୍ଥୀ ଭିତରେ ବାଣ୍ଟି ହୋଇଯାଏ। ନିର୍ବାଚନ ଅଙ୍କ କହେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ଗୋଟିଏ ପ୍ରାର୍ଥୀ ଦେଲେ ଜିତିବା ସମ୍ଭାବନା ବଢିଯାଏ। ଲଜିକ୍ କହେ, ତେଣୁ ଦଳମାନେ ଜଣେ ପ୍ରାର୍ଥୀକୁ ସମର୍ଥନ କଲେ ସମ୍ପୃକ୍ତ ଦଳଗୁଡିକର ଭୋଟ ସେ ପାଇଥାଏ। ମିଳିତ ସାମ୍ମୁଖ୍ୟର ଏହି ଗଣିତ କର୍ଣାଟକରେ କାମ ଦେଇଛି। କର୍ଣାଟକକୁ ଦକ୍ଷିଣଭାରତର ପ୍ରବେଶଦ୍ୱାର ବୋଲି ଭାବୁଥିବା ଭାଜପା ଏମିତି ହାରିବ ବୋଲି ଭାବି ନ ଥିବ। ଭାଜପାର ଦୁର୍ଗ କୁହାଯାଉଥିବା ବେଲାରୀରୁ ଦୁଇଲକ୍ଷ ଭୋଟ ବ୍ୟବଧାନରେ ହାରିବାର କାରଣ ଭାଜପା ଖୋଜୁଛି। ସିମୋଗା ବୋଲି ଯେଉଁ ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଭାଜପା ଜିତିଛି ସେଠି ତାହାର ଭୋଟସଂଖ୍ୟା କମିଛି ; ଜିତିବାର ବ୍ୟବଧାନ କମିଛି।

୨୦୧୪ ନିର୍ବାଚନ ପରଠାରୁ କଂଗ୍ରେସ ଗୋଟିକ ପରେ ଗୋଟିଏ ରାଜ୍ୟରେ (କେବଳ ପଞ୍ଜାବକୁ ଛାଡି) ହାରିବାରେ ଲାଗିଥିବା ବେଳେ ସମ୍ପ୍ରତି ରାଜସ୍ଥାନର ଅଲ୍‌ୱାର ଓ ଆଜମିରରେ ଜିତି ଏବଂ ପରେ କର୍ଣାଟକରେ ଜେଡିଏସ୍ ସହ ମିଶି ଜିତି ଆଶାୟୀ ହୋଇପଡିଛି। ଅବଶ୍ୟ ମଧ୍ୟପ୍ରଦେଶ ଓ ଛତିଶଗଡ ବିଧାନସଭା ନିର୍ବାଚନ କି ଫଳ ଦେଖାଇବ ତା' ଉପରେ ୨୦୧୯ ଲଢେଇର ରୂପରେଖ ନିର୍ଭର କରିବ। କିନ୍ତୁ ଜାତୀୟ ଦଳ କଂଗ୍ରେସ ହିସାବ କରିନେଲାଣି ଯେ ଆଞ୍ଚଳିକ ଦଳମାନଙ୍କ ସହ ବୁଝାମଣା କରିବାକୁ ହେଲେ ତା'ର ଜାତୀୟ ଚରିତ୍ରକୁ କିଛି ମାତ୍ରାରେ ବଳି ପକାଇବାକୁ ବାଧ୍ୟ।

ହିସାବରୁ ଜଣାଯାଏ, ଏବେ ବିରୋଧୀଦଳ ତାଲିକାରେ ଅତିକମ୍‌ରେ ୧୨ଟି ଦଳ ଅଛନ୍ତି। ସେମାନଙ୍କ ଭିତରୁ ଗୋଟିଏ ହେଲେ ଦଳର ନିଜ ଗୋଡରେ ଠିଆ ହୋଇ ଶାସକ ଦଳକୁ ଡରାଇବାର ସାମର୍ଥ୍ୟ ନାହିଁ। ଏପରି କି ଦୁଇ ତିନୋଟି ମିଶିଲେ ବି ୨୦୧୯ର ସାଧାରଣ ନିର୍ବାଚନରେ ଶାସକ ଦଳକୁ ଧମକ ଦେଇ ପାରିବେ ନାହିଁ। ତଥାପି ସେମାନେ ମିଳିତ ଭାବରେ ଭାଜପାର ସାମ୍ନା କରିବେ ବୋଲି କହୁଛନ୍ତି ଏବଂ ଏଥିଲାଗି ବଡ ବଡ କଥା ଓ ମହତ୍ ଉଦ୍ଦେଶ୍ୟ ବଖାଣୁଛନ୍ତି। ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଏକ ମହାମେଣ୍ଟ ଗଢିବାର ଚେଷ୍ଟାରେ ବିଭିନ୍ନ ଦଳର ମୁଖ୍ୟମାନଙ୍କୁ ସାକ୍ଷାତ୍ କରୁଛନ୍ତି। କେତେକେ କହୁଛନ୍ତି ଧର୍ମନିରପେକ୍ଷ ପତାକା ତଳେ ମିଶି ଲଢିବା, ଆଉ କେତେକ କହୁଛନ୍ତି ଭାରତର ବିବିଧତା ରକ୍ଷା କରିବାକୁ ଲଢିବା, ପୁଣି ଆଉ କେତେକ କହୁଛନ୍ତି ଦେଶ ଓ ସମ୍ବିଧାନକୁ ରକ୍ଷା କରିବା। ଏତେ ବଡ ବଡ ମର୍ଯ୍ୟାଦାଜନକ ଉଦ୍ଦେଶ୍ୟ ୧୨ଟି ବିରୋଧୀ ଦଳଙ୍କର ଆଖଡାକୁ ଏକାଠି କରିବ ବୋଲି ସେମାନେ ଆଶା କରୁଛନ୍ତି। ଏଥିରେ ନୀତିନିୟମ ଯେତେ ନାହିଁ ଗାଦିକୁ ଆସିବାର ଲୋଭ ତାହାଠାରୁ ବେଶି।

ଭାଜପା ପରିଚାଳିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଲୋକ ସଭାର ମୋଟ ୫୪୩ ଆସନରୁ ୩୩୭ ପାଇଛି। ଏନ୍‌ଡିଏ ଦେଶର ୧୭ଟି ରାଜ୍ୟରେ ଶାସନ କରୁଛି। କର୍ଣାଟକକୁ ହାସଲ କରୁ କରୁ ହାତଛଡା କରିଛି। ଭାଜପା ନିଜେ ତ ୨୦୧୯ରେ ୩୫୦ରୁ ଅଧିକ ଆସନ ପାଇବାର ଲକ୍ଷ୍ୟ ରଖିଛି। ଦଳର ରଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ସବୁଦିନେ ନିର୍ବାଚନୀ ଅଭିଯାନରେ ଅଛନ୍ତି। ଭାଜପାର ମୌକା ବଢାଇବା ପାଇଁ ସେ ଦେଶସାରା ୯୫ ଦିନ ଭ୍ରମଣ କରିବାର ଲକ୍ଷ୍ୟ ରଖିଛନ୍ତି। ପଦ୍ମ ଫୁଟିବାକୁ ରୋକିବାର ଗୋଟିଏ ଉପାୟ ହେଉଛି ବିରୋଧୀ ଦଳମାନେ ମିଶି ଏକ ସାମ୍ମୁଖ୍ୟ ଗଢିବା। କିନ୍ତୁ ଆମର ଇତିହାସ କହେ, ଏଭଳି ସୁବିଧାବାଦୀ ମିଳିତ ସରକାର ବେଶି ଦିନ ତିଷ୍ଠି ନାହିଁ। ଜାତୀୟ ସ୍ତରରେ ଏପରି ତିନି ତିନିଥର ବିରୋଧୀ ଦଳମାନଙ୍କ ମହାମେଣ୍ଟ ତିଆରି ହୋଇ ସରକାର ଗଢିଛନ୍ତି। କେହି ପୂରା ପାଞ୍ଚବର୍ଷ ତିଷ୍ଠି ନାହାନ୍ତି। ପ୍ରଥମ ଥିଲା ୧୯୭୭ ଇନ୍ଦିରା ଗାନ୍ଧୀ ଓ ତାଙ୍କ ଜରୁରିକାଳୀନ ପରିସ୍ଥିତି ବିରୋଧରେ ମହାମିଳନ। ସାମ୍ୟବାଦୀ ନେତା ଜୟପ୍ରକାଶଙ୍କ ଆନ୍ଦୋଳନ ଦ୍ୱାରା ଉଭୟ ବାମ ଓ ଦକ୍ଷିଣପନ୍ଥୀମାନେ ମିଶି ଜନତା ଦଳ ଗଢିଥିଲେ ; ସେ ମିଳିତ ସରକାର ମାତ୍ର ୨ ବର୍ଷ ତିଷ୍ଠି ପାରିଲା। ୧୯୮୯ରେ ରାଜୀବ ଗାନ୍ଧୀଙ୍କ ସମୟର ଭ୍ରଷ୍ଟାଚାର ବିରୋଧରେ ପାଟି କରି ଭିପି ସିଂଙ୍କ ନେତୃତ୍ୱରେ ଜନତା ଦଳ ପତାକା ତଳେ ଆଉ ଗୋଟିଏ ସାମ୍ମୁଖ୍ୟ ତିଆରି ହେଲା। ତୃତୀୟ ପରୀକ୍ଷା ହେଲା ୧୯୯୬ରେ– ସାମ୍ମୁଖ୍ୟର ନାମ ହେଲା ୟୁନାଇଟେଡ୍ ଫ୍ରଣ୍ଟ। ସେ ବି ୨ବର୍ଷରୁ ବେଶି ତିଷ୍ଠିଲା ନାହିଁ।

ଏବେ ଯାହା ଜଣାଯାଉଛି କୌଣସି ବିରୋଧୀ ଦଳର ମୁଣ୍ଡରେ ପଶି ନାହିଁ ଯେ ସେମାନେ ୫ ବର୍ଷ ପାଇଁ ସରକାର ଗଢି ପାରିବେ। ଏବର ଏଜେଣ୍ଡା ହୋଇଛି ପ୍ରଥମେ ଯୋଡାଯୋଡି ହୋଇ ଲଢେଇ କରିବା। ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନର ଜଣେ ଛାତ୍ର ନୀତୀଶ କୁମାର ଯେତେବେଳେ ଲାଲୁ ଯାଦବଙ୍କ ସହ ମିଶି ଭାଜପାର ସାମ୍ବିଧାନିକ ଜରୁରୀ ବ୍ୟବସ୍ଥା ଚାଲୁ କରୁଥିବା ଉଦ୍ୟମ ବିରୋଧରେ କହୁଥିଲେ, ସେ ବେଳ ଆଉ ନାହିଁ। ନୀତୀଶଙ୍କ ଜେଡିୟୁ ଲାଲୁଙ୍କ ଆର୍‌ଜେଡି ସହିତ ଆଉ ମିଶି ରହି ନାହିଁ, ଭାଜପା ସହିତ ହାତ ମିଳାଇଛି। ଲୋକତାନ୍ତ୍ରିକ ଜନତା ଦଳର ଶରଦ ଯାଦବ ଏବେ ବି କହୁଛନ୍ତି ଯେ ଦେଶ ଓ ସମ୍ବିଧାନକୁ ରକ୍ଷା କରିବାପାଇଁ ସେକୁଲାର ଦଳମାନେ ମିଳିତ ହେବା ଦରକାର। ସେ ବେଳେ ବେଳେ କହୁଛନ୍ତି ଯେ ଏକ ମୁଖ୍ୟ ବିରୋଧୀଦଳର ନେତ୍ରୀ ହିସାବରେ ନେତୃତ୍ୱ ନେବାକୁ ସୋନିଆ ଗାନ୍ଧୀଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ପୁଣି ମାୟାବତୀ ଓ ମମତା ବାନାର୍ଜୀଙ୍କ ସହିତ କଥା ହୋଇଛନ୍ତି। ତାଙ୍କ ମତରେ ଯଦି ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ ଓ ପଞ୍ଜାବ ମିଶି ପାରନ୍ତି ତେବେ ୨୦୧୯ରେ ଭାଜପାକୁ ରୋକି ହେବ। ସିପିଆଇ ଜାତୀୟ ସେକ୍ରେଟାରୀ ଡି. ରାଜା କହୁଛନ୍ତି, ଭାଜପା ଆରଏସ୍‌ଏସ୍‌ର ରାଜନୈତିକ ଅସ୍ତ୍ର ହେବା କାରଣରୁ ଡେମୋକ୍ରାଟିକ୍ ଓ ସେକୁଲାର ପାର୍ଟିମାନେ ଏକାଠି ହେବାକୁ ବାଧ୍ୟ ହେଉଛନ୍ତି। ରାଷ୍ଟ୍ରୀୟ ଲୋକ ଦଳର ପ୍ରତିଷ୍ଠାତା ଅଜିତ୍ ସିଂ କହୁଛନ୍ତି ସମଭାବାପନ୍ନ ଲୋକମାନଙ୍କ ସହିତ ସାମ୍ମୁଖ୍ୟ ଗଢିବାର ଆଲୋଚନା ଚାଲୁ ରହୁ। ମନେରଖିବା କଥା ରାଷ୍ଟ୍ରୀୟ ଲୋକ ଦଳ କେବଳ ପଶ୍ଚିମ ଉତ୍ତରପ୍ରଦେଶରେ ସୀମିତ ଥିଲା, ତାକୁ ବିଧାନସଭା ନିର୍ବାଚନରେ ଭାଜପା ସଫା କରିଦେଲା। ଦକ୍ଷିଣରେ କେରଳରେ ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ୍ ଲିଗ୍‌ର ମୁଖ୍ୟ ପି.କେ. କୁହ୍ନାଲିକୁଟି କହୁଛନ୍ତି ଯେ, ସବୁ ବିରୋଧୀ ଦଳ ମିଶି ସାମ୍ମୁଖ୍ୟ ଗଢିଲେ ସିଏ ବି ଭାଗ ନେବେ। କେବଳ ସମାଜବାଦୀ ପାର୍ଟି ସହିତ ସୋନିଆ ଗାନ୍ଧୀ କଥାବାର୍ତ୍ତା କରିଛନ୍ତି ତାହା ନୁହେଁ, ସେ ଆର୍‌ଜେଡି ଓ ଓମାର ଅବଦୁଲ୍ଲାଙ୍କ ନ୍ୟାଶ୍‌ନାଲ କନ୍‌ଫରେନ୍ସ, ଶରଦ ପାୱାରଙ୍କ ନ୍ୟାଶ୍‌ନାଲ କଂଗ୍ରେସ ପାର୍ଟି (ଏନ୍‌ସିପି), ସିପିଏମ୍, ସିପିଆଇ, ଜେଡିୟୁ, ଏଚ୍‌ଡି ଦେବେଗୌଡାଙ୍କ ଜେଡିଏସ୍, ମମତାଙ୍କ ଟିଏମ୍‌ସି, ମାୟାବତୀଙ୍କ ବିଏସ୍‌ପି, ଏମ୍. କରୁଣାନିଧିଙ୍କ ଡିଏମ୍‌କେ ସହିତ କଥାବାର୍ତ୍ତା କରିଛନ୍ତି। ନବୀନ ପଟ୍ଟନାୟକଙ୍କ ବିଜେଡି ଏ ସମ୍ବନ୍ଧରେ ଅସ୍ପଷ୍ଟ ରହିଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୂର୍ଯ୍ୟୱାଲା କହନ୍ତି, ଜଣେ ଲୋକ ସବୁ ନିଷ୍ପତ୍ତି ନେବ କହିବା ଏକଛତ୍ରବାଦ ଆଣିଦିଏ। ତେଣୁ ଡେମୋକ୍ରାସିରେ ବିଶ୍ୱାସ କରୁଥିବା ଲୋକେ ମିଶି ଏକ ବିକଳ୍ପ ସାମ୍ମୁଖ୍ୟ କରିବା ଦରକାର। ଏଭଳି ସମୀକରଣ ସଫଳ ହେବ ଯେତେବେଳେ ପୁରୁଣା ଶତ୍ରୁମାନେ ତିକ୍ତ ଅତୀତକୁ ଭୁଲିଯିବେ। ଟିଏମ୍‌ସି ଓ ବାମପନ୍ଥୀମାନଙ୍କ ମିଶିବା କିମ୍ବା ମୁଲାୟମ ଓ ମାୟାବତୀ ମିଶିବା ଅଥବା ଏଆଇଏଡିଏମ୍‌କେ ଓ ଡିଏମ୍‌କେ ମିଶିବା, ଏପରି କି ଏକା ମଞ୍ଚରେ ଠିଆ ହେବା, ଏଭଳି ଆଶା କରିବା ବାସ୍ତବତାର ଦିଗ୍‌ବଳୟକୁ ଠେଲିଦେବା ଭଳି ମନେହେଉଛି। ବଡ ପ୍ରଶ୍ନ ହେଉଛି ବିରୋଧୀ ଦଳମାନଙ୍କ ଭିତରେ ଏମର୍‌ଜେନ୍ସି ସମୟର ନେତାଙ୍କ ଭଳି ଉତ୍ତୁଙ୍ଗ ବ୍ୟକ୍ତି ଅଛନ୍ତି କି? ସେତେବେଳେ ଜୟପ୍ରକାଶ ନାରାୟଣଙ୍କ ଛଡା ବିଜୁ ପଟ୍ଟନାୟକ, ମୋରାରଜୀ ଦେଶାଇ, ରାଜ ନାରାୟଣ ଓ ଚରଣ ସିଂଙ୍କ ଭଳି ଅନେକ ନେତା ଥିଲେ। ଏଭଳି ଅସମ୍ଭବତାକୁ ଲକ୍ଷ୍ୟ କଲେ ଓମାର ଅବଦୁଲ୍ଲାଙ୍କ ଉତ୍ତରପ୍ରଦେଶ ଉପନିର୍ବାଚନ ପରର ଟୁଇଟ୍‌ମନେପଡେ '୨୦୧୯ ଭୁଲିଯାଅ , ୨୦୨୪ ପାଇଁ ପ୍ଲାନ୍ କର'।

ଇମେଲ୍: sahadevas@yahoo.com

# ଗଛ ଡାଳରେ ଶିକ୍ଷକ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ସ୍କୁଲ୍‌ରେ ପହଞ୍ଚିବା ମାତ୍ରେ ପାଠପଢ଼ାକୁ ପଛରେ ପକାଇ ଗଛ ଚଢ଼ିବାରେ ମନ ଦିଅନ୍ତି। ସାଧାରଣ ଭାବେ ଶିକ୍ଷାନୁଷ୍ଠାନରେ ଏମିତି କାର୍ଯ୍ୟକଳାପକୁ କେହି ବରଦାସ୍ତ କରିବେ ନାହିଁ। କିନ୍ତୁ ଏହା ଯେ ଅପରିହାର୍ଯ୍ୟ ଏବଂ ଏମିତି ଡାଳରୁ ଡାଳ ନ ଡେଇଁଲେ ଭେଳା ବୁଡିଯିବ, ଏବିଷୟରେ ଏହି ଗଛଚଢ଼ାଳିମାନେ ଅବଗତ। ଆମେ ଏଠାରେ ଯେଉଁ ଗଛ କଥା କହୁଛୁ, ତା'ର ଉଚ୍ଚତା ବେଶ୍ ଅଧିକ। ସମ୍ଭବତଃ ଚାଳିଶ ଫୁଟ। ସେଥିରେ ବହୁ ସଂଖ୍ୟକ ଶାଖା–ପ୍ରଶାଖା ବଙ୍କାଟଙ୍କା ଭାବେ ବଢ଼ିଛି। ଗଛ ଚଢିବାର ଅର୍ଥ ନୁହେଁ ଯେ ସେଥିରୁ ଫୁଲଫଳ ଇତ୍ୟାଦି ତୋଳିବା କିମ୍ବା ପାଠକୁ ଡରି ପତ୍ର ଗହଳ ମଧ୍ୟରେ ଆତ୍ମଗୋପନ କରିବା।

ପ୍ରକାଶ୍ୟ ଯେ, ଏହି ଗଛଚଢ଼ାଳିମାନେ ହେଉଛନ୍ତି ବିଦ୍ୟାଦାନ କରୁଥିବା ଶିକ୍ଷକ। ଗଛ ଗଣ୍ଡିକୁ ଧରି ଉପରକୁ ଉଠିବା ବେଳେ ସେମାନେ ନିଶ୍ଚିତ ଭାବେ ଟାବ୍‌ଲେଟ ହାତରେ ଧରିଥିବେ ଏବଂ ଆକାଂକ୍ଷିତ ଡାଳକୁ ଖୋଜୁଥିବେ। ସେତେବେଳ ଯାଏ ସେମାନଙ୍କ ଛାତି ଦକ୍ ଦକ୍ ହେଉଥିବ ଓ ସେମାନେ ଅଣନିଃଶ୍ୱାସୀ ହେଉଥିବେ।

ଶିକ୍ଷାନୁଷ୍ଠାନରେ ଅବସ୍ଥିତ ଏହି ପଳାଶ ଗଛଟି ଅତି ଆଶ୍ଚର୍ଯ୍ୟଜନକ ଭାବେ ଆମ ଦେଶରେ ପ୍ରଚଳିତ ଡିଜିଟାଲ ଇଣ୍ଡିଆର ଅଭାବନୀୟ ଦୃଶ୍ୟର ଏକ ନମୁନା ପ୍ରଦର୍ଶନ କରୁଛି। ଝାଡ଼ଖଣ୍ଡ ଅନ୍ତର୍ଗତ ପାଲାମୁ ଜିଲାର ସୋହରି ଖାସ୍ ଜନପଦଟି ଜିଲା ମହକୁମାଠାରୁ ଚାରି କିଲୋମିଟର ଓ ରାଞ୍ଚିଠାରୁ ୧୮୦ କିଲୋମିଟର ଦୂରରେ ଅଛି। ସେଠାରେ ଥିବା ଗୋଟିଏ ଅପଗ୍ରେଡେଡ୍ ପ୍ଲସ୍ ଟୁ ସ୍କୁଲରେ ଆଠ ଶହ ଛାତ୍ରୀଛାତ୍ରଙ୍କୁ ଛଅ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଗତ ସେପ୍ଟେମ୍ବର ୨୫ ତାରିଖରେ ସେଇ ସ୍କୁଲକୁ ଗୋଟିଏ ଇଲେକ୍ଟ୍ରୋନିକ ଟାବ୍‌ଲେଟ କର୍ତ୍ତୃପକ୍ଷଙ୍କ ତରଫରୁ ଦିଆଗଲା। ଉଦ୍ଦେଶ୍ୟ, ସ୍କୁଲରେ ଶିକ୍ଷକଙ୍କ ଉପସ୍ଥାନ ବାୟୋମେଟ୍ରିକ୍ ପଦ୍ଧତିରେ ନିଆଯିବ। ଏହାଦ୍ୱାରା ବିଳମ୍ବରେ ପହଞ୍ଚିବା ଘଟଣାକୁ ରୋକାଯାଇ ପାରିବ। ଶିକ୍ଷକମାନଙ୍କୁ ସମୟାନୁବର୍ତ୍ତୀ କରିବାକୁ ଏହା ଏକ ଆଧୁନିକ ପ୍ରୟୋଗ। ଏହା ପଛରେ କର୍ତ୍ତୃପକ୍ଷଙ୍କ ମହତ୍ ଉଦ୍ଦେଶ୍ୟ ନିଶ୍ଚୟ ଅଛି। ମଧ୍ୟାହ୍ନଭୋଜନ, ସ୍କୁଲରେ ଛାତ୍ର ଉପସ୍ଥାନ, ଅଧାରେ ପାଠ ଛାଡୁଥିବା ବିଦ୍ୟାର୍ଥୀ ଇତ୍ୟାଦି ବିଷୟ ମଧ୍ୟ ଏହି ଟାବ୍‌ଲେଟ ମାଧ୍ୟମରେ ମନିଟର କରିହେବ। ସର୍ବୋପରି ମାସକୁ ମାସ ଦରମା ନେଇ, ସ୍କୁଲକୁ ନ ଯାଇ ଅନ୍ୟ ବେପାରରେ ମାତୁଥିବା ଠକ ଶିକ୍ଷକଙ୍କୁ ଏହାଦ୍ୱାରା ସାବାଡ଼ କରିହେବ।

ଅବଶ୍ୟ ଏମିତି ଏକ ଉନ୍ନତ ପ୍ରଣାଳୀ ଓ ଆପ୍ ସକାଶେ ପଳାଶ ଗଛର ଆବଶ୍ୟକତା ନାହିଁ। ମାତ୍ର ଏହି ଟାବ୍‌ଲେଟ ୨ଜି ନେଟ୍‌ୱର୍କ ଦ୍ୱାରା ପରିଚାଳିତ। ପ୍ରଥମ ଜେନେରେଶନ (୧ଜି) ମୋବାଇଲ ଫୋନ୍ ଆନାଲୋଗ ହୋଇଥିବା ବେଳେ ୨ଜି ହେଉଛି ଡିଜିଟାଲ। ଏହି ୨ଜି ଟେକ୍ନୋଲୋଜିର କାର୍ଯ୍ୟକାରିତା ପାଇଁ ରେଡିଓ–ସିଗ୍‌ନାଲ ଆବଶ୍ୟକ, ଯାହାକି ରେଡିଓ ଟାୱାର ସହ ଅବଶିଷ୍ଟ ମୋବାଇଲ ସିଷ୍ଟମକୁ ସଂଯୋଗ କରେ। ଦୁର୍ଭାଗ୍ୟବଶତଃ ଝାଡ଼ଖଣ୍ଡର ସେଇ ସ୍କୁଲର ପ୍ରକୋଷ୍ଠ ମଧ୍ୟରେ ଆବଶ୍ୟକ ପରିମାଣର ଶକ୍ତିସମ୍ପନ୍ନ ସିଗ୍‌ନାଲ ଉପଲବ୍ଧ ହେଉନାହିଁ। ଭୂପୃଷ୍ଠଠାରୁ ଆଣ୍ଟେନାର ଉଚ୍ଚତା ଉପରେ ଏହା ନିର୍ଭରଶୀଳ ହେଉଥିବାରୁ ଏମିତି ଅସୁବିଧା ଦେଖାଦେଉଛି।

ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୋହରି ଖାସ୍ ସ୍କୁଲର ଶିକ୍ଷକମାନେ ଭୂପୃଷ୍ଠରୁ ଅଧିକ ଉଚ୍ଚତାରେ ଥିବା ଅଭିଳଷିତ ଶାଖାରେ ଅବତୀର୍ଣ୍ଣ ହେବା ପାଇଁ ପଳାଶ ଗଛ ଉପରକୁ ଯିବା ଲାଗି ବାଧ୍ୟ ହେଉଛନ୍ତି। ତଥାପି ବେଳେବେଳେ ଏହି ଗଛର ଉଚ୍ଚତା ରେଡିଓ–ସିଗ୍‌ନାଲକୁ ଧରିବାରେ ଅସମର୍ଥ ହୁଏ ଏବଂ ସେମାନଙ୍କ ଅନୁସନ୍ଧାନ ବ୍ୟର୍ଥ ହୁଏ। ସେତେବେଳେ ଶିକ୍ଷକମାନଙ୍କ ମଧ୍ୟରେ ଭାଳେଣି ପଡେ। ଉପସ୍ଥିତି ଚିହ୍ନଟ କରିବାରେ ଡେରି ହେଲେ ଦରମା କଟିଯିବା ସହ ଚାକିରିରେ ଆଞ୍ଚ ଆସିପାରେ। ତେଣୁ ଅନନ୍ୟୋପାୟ ହୋଇ ସେମାନେ ସତର୍କତାମୂଳକ ପଦକ୍ଷେପ ହିସାବରେ ୨ଜି ଟାବ୍‌ଲେଟର ପ୍ରୟୋଗ ପୂର୍ବରୁ ଯେଉଁ ପାରମ୍ପରିକ ପ୍ରଥା ସ୍କୁଲରେ ପ୍ରଚଳିତ ହେଉଥିଲା, ତାହାର ଆଶ୍ରୟ ନିଅନ୍ତି। ଅର୍ଥାତ୍ ବିକଳ୍ପ ଭାବେ ପୁରାତନ ପଦ୍ଧତି ଅନୁରୂପ ଉପସ୍ଥାନ ଖାତାଟିଏ ସ୍କୁଲରେ ରଖିଛନ୍ତି। ଅନ୍ତତଃ ଏହା ଗୋଟିଏ ଲିଖିତ ରେକର୍ଡ ହିସାବରେ ସେମାନଙ୍କ ରକ୍ଷାକବଚ ସାଜିବ। ଉଦ୍‌ବେଗର ବିଷୟ ଯେ, ସମ୍ପ୍ରତି ୨ଜିରୁ ୫ଜିରେ ଟେକ୍ନୋଲୋଜି ପହଞ୍ଚି ସାରିଲାଣି। କିନ୍ତୁ ଆମ ଦେଶରେ ୨ଜି ସ୍ତରରେ ବି ଆମେ ସର୍ବତ୍ର ସକ୍ଷମ ହୋଇପାରିନୁ। ଏହା ଆମ ଦୁଃସ୍ଥିତିକୁ ସୂଚାଏ।

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଜ୍ଞାନୋଦୟ ଯୋଜନାରେ ଗତବର୍ଷ ଏପ୍ରିଲ ମାସରେ ଏହାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାନୁସାରେ ବିଦ୍ୟାଳୟଗୁଡ଼ିକରେ ୪୧,୦୦୦ ଏଚ୍‌ପି ପ୍ରୋ ୮ ଟାବ୍‌ଲେଟ ୧–ବିଦ୍ୟାବାହିନୀ ଆପ୍ ସହ ସଂସ୍ଥାପିତ ହୋଇଥିଲା। କିନ୍ତୁ କେତେକ ଗ୍ରାମାଞ୍ଚଳରେ ସିଗ୍‌ନାଲ ଅଭାବ ବା ଅନ୍ୟ କାରଣରୁ ଏହା ବ୍ୟବହୃତ ନ ହୋଇ ପଡିରହିଛି। ଆଉ କେତେକ ସ୍କୁଲରେ ସିଗ୍‌ନାଲ ପାଇବା ପାଇଁ ଶିକ୍ଷକଙ୍କ ଗଛଚଢ଼ା ପରି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳୁଛି। ଡିଜିଟାଲ ଇଣ୍ଡିଆ ଏହି ଅପବାଦରୁ ରକ୍ଷା ପାଇବ କେବେ?

ମୋ–୯୪୩୭୦୨୬୬୫୧

## ଏଇ ଭାରତରେ

୧୯୯୪ ମସିହାରେ ମାନବ ଅଙ୍ଗ ପ୍ରତିରୋପଣ ଅଧିନିୟମ ଜାରିହେବା ସତ୍ତ୍ୱେ ହୃତ୍‌ପିଣ୍ଡ ପ୍ରତିରୋପଣ ଖୁବ୍ କମ୍। ମଣିଷର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ହୃତ୍‌ପିଣ୍ଡ। ଏହା ଅଚଳ ହୋଇପଡିଲେ ମଣିଷର ମୃତ୍ୟୁ ଘଟେ। ତେବେ ଦିଲ୍ଲୀରେ ୩୪ ବର୍ଷର ଜଣେ ବ୍ୟକ୍ତି ଦାନ ହୃତ୍‌ପିଣ୍ଡ ଦ୍ୱାରା ନୂଆ ଜୀବନ ଲାଭ କରିପାରିଛନ୍ତି। ଓଖ୍‌ଲାସ୍ଥିତ ଫର୍ଟିସ୍ ଏସ୍‌କର୍ଟସ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ଚିକିତ୍ସାଧୀନ ଜଣେ ରୋଗୀଙ୍କର ହୃତ୍‌ପିଣ୍ଡ ଅକାମୀ ହୋଇଯିବା ଲକ୍ଷଣ ପ୍ରକାଶ ପାଇଥିଲା। ସରିତା ବିହାରସ୍ଥିତ ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲ୍‌ରେ ବ୍ରେନଡେଡ୍‌ର ଶିକାର ହୋଇଥିବା ୩୦ ବର୍ଷ ବୟସ୍କ ଜଣେ ରୋଗୀଙ୍କଠାରୁ ହୃତ୍‌ପିଣ୍ଡ କାଢ଼ି ନିଆଯାଇ ୩୪ ବର୍ଷୀୟ ଉକ୍ତ ରୋଗୀଙ୍କଠାରେ ପ୍ରତିରୋପଣ କରାଯାଇଛି। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ହୃତ୍‌ପିଣ୍ଡ ଦାନ କରିବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ଫର୍ଟିସ କାର୍ଡିଓ ଭାସ୍କୁଲାର ସର୍ଜରୀ ବିଭାଗର ନିର୍ଦ୍ଦେଶକ ଜେଡ୍. ଏସ୍. ମେହରୱାଲ୍‌ଙ୍କ ନେତୃତ୍ୱରେ ଏକ ଚିକିତ୍ସକ ଟିମ୍ ଉକ୍ତ ବ୍ୟକ୍ତିଙ୍କ ଶରୀରରୁ ଅସ୍ତ୍ରୋପଚାର ଦ୍ୱାରା ହୃତ୍‌ପିଣ୍ଡ କାଢ଼ିଥିଲେ। ପୋଲିସ ୩.୬ କିଲୋମିଟର ରାସ୍ତାକୁ ଗ୍ରୀନ୍ କରିଡରରେ ପରିଣତ କରି ମାତ୍ର ୩.୨୮ ମିନିଟ୍ ମଧ୍ୟରେ ହୃତ୍‌ପିଣ୍ଡକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାକୁ ସମର୍ଥ ହୋଇଥିଲା। ହୃତ୍‌ପିଣ୍ଡ ପ୍ରତିରୋପଣ ସଫଳ ହୋଇଥିବା ବେଳେ ରୋଗୀ ଜଣକ ଧୀରେ ଧୀରେ ସୁସ୍ଥ ହୋଇ ଉଠୁଛନ୍ତି। ବାସ୍ତବରେ ମୁମୂର୍ଷୁ ରୋଗୀଙ୍କର ହୃତ୍‌ପିଣ୍ଡ ଦାନ ଦ୍ୱାରା ଜଣଙ୍କ ଜୀବନ ଯେ ବଞ୍ଚିପାରିବ ଏ କଥା ସମସ୍ତେ ବୁଝିବା ଦରକାର।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ନଭେମ୍ବର ୧୯୯୩**

- ଦେବଗଡ଼, ଝାରସୁଗୁଡ଼ା ଓ ବୌଦ୍ଧକୁ ଜିଲାରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବିଧାନସଭାରେ ଘୋଷଣା କରିଛନ୍ତି।
- ଶ୍ରୀଲଙ୍କାର ୭୫୦ ସୈନ୍ୟ ଏଲଟିଟିଇ ନିକଟରେ ଆତ୍ମସମର୍ପଣ କରିଛନ୍ତି ବୋଲି ଏଲଟିଟିଇ ପକ୍ଷରୁ କୁହାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଅଣଟି.ଜି. ଶିକ୍ଷକଙ୍କୁ ଆନ୍ତଃଜିଲା ବଦଳି ସୁବିଧା ଦିଆଯାଉ

ମହାଶୟ,

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବଦଳି ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଅନୁଯାୟୀ ନିୟମିତ ଟି.ଜି. (କଳା ଓ ବିଜ୍ଞାନ) ଶିକ୍ଷକଙ୍କୁ ପ୍ରଶାସନିକ ତଥା ନିଜସ୍ୱ କ୍ଷେତ୍ରରେ ବଦଳରି ସୁବିଧା ଦେଇ ନିୟମିତ ଅଣଟି.ଜି. (ସଂସ୍କୃତ, ହିନ୍ଦୀ, ପିଇଟି ଇତ୍ୟାଦି) ଶିକ୍ଷକଙ୍କୁ ଆନ୍ତଃଜିଲା ବଦଳିର ସୁବିଧା ଦିଆଯାଇ ନାହିଁ। ନିଜସ୍ୱ କ୍ଷେତ୍ରରେ ସ୍ୱାମୀ ଓ ସ୍ତ୍ରୀ ସରକାରୀ ଚାକିରି କରୁଥିଲେ ଏକତ୍ର ସେବା ଦେବା ନିମନ୍ତେ ଆନ୍ତଃଜିଲା ବଦଳିର ବ୍ୟବସ୍ଥା ଥିଲେ ମଧ୍ୟ ନିୟମିତ ସଂସ୍କୃତ, ହିନ୍ଦୀ, ପିଇଟି ଆଦି ଅଣଟି.ଜି. ଶିକ୍ଷକମାନଙ୍କୁ ଏହି ନିୟମରୁ ବାଦ୍ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶନାମାରେ ଥିବା ଏହି ତ୍ରୁଟିପୂର୍ଣ୍ଣ ନିୟମକୁ ଅବିଳମ୍ବେ ସଂଶୋଧନ କରି ଘରଠାରୁ ଦୂରରେ ରହି ଅନ୍ୟ ଜିଲାରେ ଚାକିରି କରୁଥିବା ସ୍ୱାମୀ, ସ୍ତ୍ରୀ ଥିବା ଏହି ଶିକ୍ଷକଙ୍କୁ ଆନ୍ତଃଜିଲା ବଦଳିର ସୁବିଧା ଦେଇ ଏକତ୍ର ସେବା ଦେବା ନିମନ୍ତେ ବ୍ୟବସ୍ଥା କରିବାକୁ ସରକାରଙ୍କୁ ଅନୁରୋଧ।

ମନମୋହନ ଦାସ, ବାଙ୍କୀ, କଟକ

### ଦଫା ୪୯୭ର ଦଫାରଫା

ସୁପ୍ରିମକୋର୍ଟ ପାରିବାରିକ ବ୍ୟଭିଚାର ଅର୍ଥାତ୍ ଅନ୍ୟ ପୁରୁଷ କିମ୍ବା ସ୍ତ୍ରୀ ସଙ୍ଗରେ ଅନୈତିକ ସମ୍ପର୍କ ରଖିବା ଅପରାଧ ନୁହେଁ ବୋଲି ରାୟ ଦେଲେ। ଅତଏବ ବ୍ୟଭିଚାର ପାଇଁ ଆଇନଗତ ପର୍‌ମିଶନ ଦିଆଗଲା। ପୀଡିତ ସ୍ତ୍ରୀ କିମ୍ବା ପୁରୁଷ ଅନନ୍ୟୋପାୟ ହୋଇ ଆତ୍ମହତ୍ୟା କରିବ କିମ୍ବା ଅପରକୁ ହତ୍ୟା କରିବ। ଏହା ଦ୍ୱାରା ସମ୍ମାନ–ହତ୍ୟାର ବୃଦ୍ଧି ଘଟିବ ଏବଂ ଏହାର ସୁଦୂରପ୍ରସାରୀ କୁପ୍ରଭାବ ସମାଜ ଉପରେ ପଡିବ। ବ୍ୟଭିଚାର ପାଇଁ ସ୍ତ୍ରୀ ଓ ପୁରୁଷ ଉଭୟଙ୍କୁ ଦାୟୀ କରାଯିବା ଉଚିତ। ଆଇପିସି ଧାରା ୪୯୭କୁ ଉଚ୍ଛେଦ ନ କରି କିଛି ଯୁଗୋପଯୋଗୀ ପରିବର୍ତ୍ତନ କରାଯାଇପାରିଥାନ୍ତା। ବିବାହର ପବିତ୍ରତା, ସାମାଜିକ ପରମ୍ପରା, ଶାନ୍ତିଶୃଙ୍ଖଳା ଏବଂ ମଣିଷ ସମାଜର ଚିନ୍ତାଧାରାର ଉତ୍ଥାନପତନକୁ ଆଇନର ଧାରା ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ।

ନବ ପଟ୍ଟନାୟକ, ଅଇଁଠାପାଲି, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଦୁର୍ଘଟଣାରେ ୭ ଯାତ୍ରୀ ଆହତ

ସମ୍ବଲପୁର,୧୨।୧୧(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ଥାନା ଜାମଟାଲ ନିକଟରେ ଏକ ସଭାରି ଗାଡି ରାସ୍ତା ତଳକୁ ଓଲଟି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବସିଥିବା ୭ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ଜିଲା ସଦର ଡାକ୍ତରଖାନାକୁ ନିଆଯାଇଥିଲା । ଏମାନଙ୍କ ପରିଚୟ ମିଳି ନ ଥିବା ବେଳେ ସେମାନେ ଛାମୁଣ୍ଡା ଓ ଭଟଲି ଅଞ୍ଚଳର ବୋଲି ଜଣାପଡିଛି। ଏମାନେ ଛାମୁଣ୍ଡା ଯାଉଥିଲାବେଳେ ଜାମଟାଲ ନିକଟରେ ଗୋଟିଏ ଟ୍ରକ ପଛପଟୁ ଧକ୍କା ଦେଇଥିଲା । ଫଳରେ ସଭାରି ଗାଡିଟି ଭାରସାମ୍ୟ ହରାଇ ରାସ୍ତା ତଳ ଏକ ଖାଲକୁ ଗଳି ପଡିଥିଲା ।

### ଅଜଣା ଗାଡ଼ି ଧକ୍କାରେ ଜଣେ ଗୁରୁତର

ସମ୍ବଲପୁର,୧୨।୧୧(ବ୍ୟୁରୋ): ସମ୍ବଲପୁର କ୍ଷେତରାଜପୁର ଥାନା ଲକ୍ଷ୍ମୀଡୁଙ୍ଗୁରୀ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି । ଏହି ବ୍ୟକ୍ତି ଜଣକ ହେଲେ ଶାନ୍ତିନଗର ନିବାସୀ ହିମାଂଶୁ ଗୁରୁ (୪୫) । ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ପ୍ରଥମେ ବୁର୍ଲା ଓ ପରେ ଅବସ୍ଥା ବରଗଡର ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସେ ବୁର୍ଲା ପଟୁ ଗାଡି (ନଂ ଓଡି ୧୫-ଡି-୫୬୫୭)ରେ ଘରକୁ ଆସୁଥିଲେ। ଲକ୍ଷ୍ମୀଡୁଙ୍ଗୁରି ନିକଟରେ ଏକ ଗାଡି ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା।

### ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ସମ୍ବଲପୁର, ୧୨।୧୧ (ବ୍ୟୁରୋ): ପଞ୍ଚକୁଣ୍ଡୀୟ ମହାଯଜ୍ଞ ଓ ଦିବ୍ୟ ସତସଙ୍ଗ ସୋମବାର ବୁର୍ଲା ଜଗନ୍ନାଥ ମନ୍ଦିର ପରିସରରେ ଆରମ୍ଭ ହୋଇଛି। ଏହା ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ମହାନଦୀରୁ କଳସ ଶୋଭାଯାତ୍ରା ସହର ପରିକ୍ରମା କରି ଉତ୍ସବ ସ୍ଥଳରେ ପହଞ୍ଚିଥିଲା। ପଣ୍ଡିତମାନେ ଯଜ୍ଞାରମ୍ଭ, ଘଟସ୍ଥାପନ, ଅଗ୍ନିସ୍ଥାପନ କାର୍ଯ୍ୟ କରିଥିଲେ । ସନ୍ଧ୍ୟାରେ ବାବା ବଳିଆ ପ୍ରବଚନ ଦେଇଥିଲେ।

■ଜାତୀୟ ନାଟ୍ୟୋତ୍ସବ ତୃତୀୟ ରଜନୀ

# ନାଟକ ମେନ୍ ଉଇଥ୍ ଆଉଟ୍ ସେଡୋଜ୍ ମଞ୍ଚସ୍ଥ

**ସମ୍ବଲପୁର, ୧୨।୧୧ (ବ୍ୟୁରୋ)**

ଝାଡୁଆପଡା ବଡଦ୍ୱାରଠାରେ ଚାଲିଥିବା ଜାତୀୟ ନାଟ୍ୟୋତ୍ସବ ରଙ୍ଗସମାଗମର ସୋମବାର ତୃତୀୟ ରଜନୀରେ ବିହାର ପାଟଣାର ଦ ଷ୍ଟ୍ରଗଲ୍ କଳାକାରମାନେ ନାଟକ ମେନ୍ ଉଇଥ୍ ଆଉଟ୍ ସେଡୋଜ୍ ମଞ୍ଚସ୍ଥ କରିଛନ୍ତି। ଜେଏନ କୌଶଳ ନାଟକର ହିନ୍ଦୀ ଅନୁବାଦ କରିଥିବା ବେଳେ ରଜନିଶ କୁମାର ନିର୍ଦ୍ଦେଶନା ଦେଇଥିଲେ। ସୃଷ୍ଟି ଆରମ୍ଭରୁ ମଣିଷ ଲଢ଼ି ଆସିଛି ନିଜର ଉପଯୁକ୍ତ ସହାବସ୍ଥାନ ନିମିତ୍ତ । ନିଜର ଅସ୍ତିତ୍ୱକୁ ବଜାୟ ରଖିବା ସକାଶେ ସେ କେତେବେଳେ ଲଢ଼େଇ କରିଛି ପ୍ରକୃତି ସହିତ । ଆଉ କେତେବେଳେ ଅଯୌକ୍ତିକ ନୈଷ୍ଟିକ ଶାସନ ଧାରା ତଥା ଶାସନ ବିରୋଧରେ କୌଧରେ ଜର୍ଜରିତ ଆଉ ହତାଶ ହୋଇ କ୍ରାନ୍ତିକାରୀ ହୋଇ ଖୋଜି ବୁଲିଛି ସମାଜରେ ନିଜର ଅସ୍ତିତ୍ୱ ତଥା ସମ୍ପର୍କକୁ । ଏହି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା । ବିଭିନ୍ନ ଭୂମିକାରେ ଅଞ୍ଜଳି ଶର୍ମା, ଅଭିଷେକ ଆନନ୍ଦ, ମୃତ୍ୟୁଞ୍ଜୟ ପ୍ରସାଦ, ଧିରଜ କୁମାର, ରମେଶ କୁମାର, ରୋଶନ କୁମାର, ସମୀର କୁମାର ଓ ରଜନିଶ କୁମାର ଅଭିନୟ କରିଥିଲେ । ସତ୍ୟ ପ୍ରକାଶ ମଞ୍ଚସଜ୍ଜା, ରାହୁଲ କୁମାର ରବି ଓ ରବି ବର୍ମା ଆଲୋକ ସମ୍ପାତ, ରାହୁଲ କୁମାର ରାଜ ସଂଗୀତ ପରିଚାଳନା, ସ୍ୱେତ କୁମାରୀ ଓ ସୌମ୍ୟ ଭାରତୀ ବେଶଭୂଷା, ଜିତେନ୍ଦ୍ର କୁମାର ସାଜସଜ୍ଜା ଓ ରୋହିତ ଚନ୍ଦ୍ର ସହାୟକ ଦାୟିତ୍ୱ ନିର୍ବାହ କରିଥିଲେ । ଆୟୋଜକ ଶ୍ରୀକଳଚରାଲ ଆସୋସିଏସନ୍ ସଭାପତି ସତ୍ୟ ରଞ୍ଜନ ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ମଞ୍ଚ ଅଭିନେତ୍ରୀ ପୁଷ୍ପାଞ୍ଜଳି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



ଝାଡୁଆପଡା ଆରଣ୍ୟକ ମଞ୍ଚରେ ନାଟକ ମେନ୍ ଉଇଥ୍ ଆଉଟ୍ ସେଡୋଜ୍‌ର ଏକ ଦୃଶ୍ୟ ।

# ୮ ଦଫା ଦାବିରେ ଗାଁ ସାଥୀଙ୍କ ଧାରଣା



ସମ୍ବଲପୁର ଡିଆରଡିଏ ସମ୍ମୁଖରେ ଗାଁ ସାଥୀଙ୍କ ଧାରଣା।

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ରାଜ୍ୟ ଗାଁ ସାଥି ସଂଘ ଡାକରାରେ ଜିଲା ସଂଘ ସୋମବାର ଡିଆରଡିଏ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲା। ଜିଲା ସଭାପତି ଯୁଧିଷ୍ଠିର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ୨୦୦୮ ମସିହାରୁ ଚୟନ ହୋଇଥିବା ଗାଁ ସାଥୀମାନଙ୍କ ଷ୍ଟାଟସ ରିପୋର୍ଟ ତୁରନ୍ତ ସରକାର ଦାଖଲ କରନ୍ତୁ। ରେଜିଷ୍ଟ୍ରେଶନ ନମ୍ବର ସହ ପ୍ରଶାସନ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯାଉ। ସରକାରୀ ନିୟମ ଅନୁସାରେ ୧୫୦ ଦିନ କାମ ନିଶ୍ଚିତ କରାଯାଉ । ୬ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉ । ମନରେଗା କାମରେ ମେଟ୍ ନିଯୁକ୍ତ କରାଯାଉ ବୋଲି ୮ ଦାବି ରହିଛି। ତେବେ ଜିଲାର ୯ ଟି ବ୍ଲକରୁ ଶତାଧିକ ଗାଁ ସାଥୀ ଏଥିରେ ଉପସ୍ଥିତ ଥିଲେ ।

# ପୁରୁଣାପାନୀରେ ବିଜେଡିର ପଦଯାତ୍ରା

**କୁଚିଣ୍ଡା, ୧୨।୧୧ (ଡି.ଏନ.ଏ)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ ପଞ୍ଚାୟତର ପୁରୁଣାପାନୀ ଗ୍ରାମରେ ସୋମବାର ବ୍ଲକ ବିଜେଡି ପକ୍ଷରୁ ପଦଯାତ୍ରା ଏବଂ ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶତାଧିକ କର୍ମୀ ଗ୍ରାମର ହାଟପଦାଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ସ୍ଥାନୀୟ ସମିତି ସଭ୍ୟା ଜ୍ୟୋତିମଞ୍ଜୁରୀ ପଟେଲ ଏଡାର ନେତୃତ୍ୱ ନେଇଥିଲେ। ନେତା ଓକର୍ମୀ ଗ୍ରାମ ପରିକ୍ରମା କରିବା ସହ ଘରକୁ ଘର ବୁଲିଥିଲେ। ଲିଫଲେଟ ମାଧ୍ୟମରେ ଜନ ସାଧାରଣଙ୍କୁ ନବୀନ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ବାବଦରେ ସଚେତନ କରିଥିଲେ। ଏହାପରେ ହାଟପଦାଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ତିଲୋତ୍ତମା ନାୟକ, ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର କିସାନ, ବ୍ଲକ ବିଜେଡି ସଭାପତି ଅମୂଲ୍ୟ ମିଶ୍ର, ପର୍ଯ୍ୟବେକ୍ଷକ କୁଞ୍ଜବିହାରୀ ଦାସ (କୁନା), ବରିଷ୍ଠ ନେତା ଭୁବନେଶ୍ୱର କିସାନ, ସୁମନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ନବୀନ ସରକାରଙ୍କ କାର୍ଯ୍ୟକ୍ରମ ବାବଦରେ ସୂଚନା ଦେଇ ଆଗାମୀ ନିର୍ବାଚନରେ କୁଚିଣ୍ଡା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ବ୍ଲକ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ସାହାସପୁର ମାର୍କେଟ ୟାର୍ଡ କମିଟିର ସାଧାରଣ ବୈଠକ

**ଧମା, ୧୨।୧୧ (ଡି.ଏନ.ଏ)**

ସାହାସପୁର ମାର୍କେଟ ୟାର୍ଡ ଅନ୍ତର୍ଗତ କୃଷକମାନଙ୍କୁ ନେଇ ରବିବାର ଧାନ କିଣା ଆରମ୍ଭ ଅବ୍ୟବହିତ ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାହାସପୁର ମାର୍କେଟ ୟାର୍ଡ ପ୍ରାଙ୍ଗଣରେ ଆହୁତ ଏହି ବୈଠକରେ ପୂର୍ବତନ ସଭାପତି ତ୍ରିନାଥ ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଚଳିତ ବର୍ଷ ପାଇଁ କର୍ତ୍ତା ମନୋନୟନ କରାଯାଇଥିଲା । ସଭାପତି ଭାବେ ପ୍ରଦୀପ ପାତ୍ର, ଉପସଭାପତି ରାଧାକାନ୍ତ ପାଣିଗ୍ରାହୀ, ସମ୍ପାଦକ ସଞ୍ଜୟ କୁମାର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ବିଦ୍ୟାଧର ମେହେର ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତା ମନୋନୟନ ପରେ ସଭାପତିଙ୍କ ଆହ୍ୱାନରେ ଚାଷୀମାନେ ଚଳିତ ବର୍ଷ ପାଇଁ କେତେ ଗୁଡିଏ ପ୍ରସ୍ତାବ ରଖିଥିଲେ । ସର୍ବପ୍ରଥମ ଧାନର ସହାୟକ ମୂଲ୍ୟ ସରକାର କୁଇଣ୍ଟାଲ ପିଛା ମାତ୍ର ଦୁଇଶହ ଟଙ୍କା ବୃଦ୍ଧି କରିଥିବାରୁ ନିନ୍ଦା କରାଯାଇଛି। ଏହା ୨ ହଜାର ୯ ଶହ ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ଦାବି କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଦ୍ୱିତୀୟତଃ ୨୦୧୭-୧୮ ଖରିଫ ଋତୁରେ ବର୍ଷାଭାବରୁ ସାରା ମାନେଶ୍ୱର ବ୍ଲକ ମରୁଡି ଗ୍ରସ୍ତ ହୋଇଛି। ଫସଲ ବୀମା ଯୋଜନାରେ ସମସ୍ତ ପଞ୍ଚାୟତ ସହାୟତା ପାଇଁ ତାଲିକାଭୁକ୍ତ ହୋଇଛନ୍ତି। ହେଲେ ସାହାସପୁରକୁ ମିଶାଇ ୫ଟି ପଞ୍ଚାୟତକୁ ବାଦ୍ ଦିଆଯାଇଛି। ଏହାର ତଦନ୍ତ କରି ସେମାନଙ୍କୁ ତାଲିକାଭୁକ୍ତ କରାଯିବାକୁ ଦାବି ହୋଇଛି। ତୃତୀୟତଃ ସହାୟତା ପ୍ରଦାନବେଳେ ପଞ୍ଚାୟତୱାରି ଆକଳନ କରା ନ ଯାଇ ଗ୍ରାମୱାରି ଆକଳନ କରାଯିବା ପାଇଁ ଦାବି କରାଯିବାକୁ ଉପସ୍ଥିତ ଚାଷୀମାନେ ପ୍ରସ୍ତାବ ଦେଇଥିଲେ । ବୈଠକରେ ଅର୍ଡା, ସଙ୍ଖଳା, ମେଣ୍ଡଲିପାଲି, ସାଲେସିଂ, କେନ୍ଦୁମୁଣ୍ଡା ଇତ୍ୟାଦି ଅଞ୍ଚଳର ଶତାଧିକ ଚାଷୀ ଯୋଗ ଦେଇଥିଲେ। ଗୁଣ୍ଡେରପୁର, ବଡେମୁରା, ବରଗାଁ ଓ ଧମା ଚାଷୀ ସଂଗଠନ କର୍ମକର୍ତ୍ତା ମଧ୍ୟ ଯୋଗ ଦେଇଥିଲେ।

# ପ୍ରତି ବ୍ଲକରେ ବିହନ ବିକ୍ରି କେନ୍ଦ୍ର ଖୋଲାଯାଉ



ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ।

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ସମ୍ବଲପୁର ଉଦ୍ୟାନ ବିଭାଗ ନିର୍ଦ୍ଦେଶକ କାଯ୍ୟାଳୟକୁ ବିଜେଡି ପକ୍ଷରୁ ଘେରାଉ କରାଯାଇଛି । ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ନେତୃତରେ ଚଢାଉ କରାଯାଇଥିଲା । ରାଜ୍ୟ ସରକାର ଚାଷୀଙ୍କ ପାଇଁ ସବ୍‌ସିଡିରେ ପିଆଜ ବିହନ ଓ କୁକୁଡା ଚିଆଁ ଚାଷୀମାନଙ୍କୁ ଯୋଗାଇ ଦେଉଛନ୍ତି । ହେଲେ ଏହାର କେନ୍ଦ୍ର ସମ୍ବଲପୁରରେ ରହିଛି। ଫଳରେ ନାକଟିଦେଉଳ, ରେଢାଖୋଲ, ଯୁଯୁମୁରା, ମାନେଶ୍ୱର ସମତେ ସହରଠାରୁ ଦୂରରେ ଥିବା ବ୍ଲକ ଗୁଡିକର ଚାଷୀମାନେ ହଇରାଣ ହେଉଛନ୍ତି । କିଛି ଟଙ୍କା ସବ୍‌ସିଡି ପାଇବା ପାଇଁ ୫୦ରୁ ଶହେ କି.ମି. ଆସିବାକୁ ପଡୁଛି । ପରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ତେଣୁ ଶୀଘ୍ର ପ୍ରତିବ୍ଲକରେ ଗୋଟିଏ ଲେଖାଏଁ ସେଣ୍ଟର ଖୋଲାଯାଉ ବୋଲି ଦାବି କରିଥିଲେ । ଯୋଗାଣ ଏଜେନ୍ସି ସହିତ ଆଲେଚନା କରି ସମାଧାନ କରାଯିବ ବୋଲି ଦାବି ଅଧିକାରୀ ନନ୍ଦ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନେଶ୍ୱର ବ୍ଲକ ବିଜେଡି ସଭାପତି ଗୋପି ରଞ୍ଜନ ବେହେରା, ବସନ୍ତ ମିଶ୍ର, ସୁରୁବାବୁ ମେହେର, ମନୋଜ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଏମ୍ସ କଲେଜର ବାର୍ଷିକ ଉତ୍ସବ





ଏମ୍ସ କଲେଜର ବାର୍ଷିକ ଉତ୍ସବକୁ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରୁଛନ୍ତି (ଉପର)। ଉତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ସମ୍ବଲପୁରୀ ନୃତ୍ୟ।

**ସମ୍ବଲପୁର, ୧୨।୧୧ (ବ୍ୟୁରୋ)**

ଏମ୍ସ କଲେଜର ବାର୍ଷିକ ଉତ୍ସବ ଲକ୍ଷ୍ୟ- ୨୦୧୮ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କଲେଜ ପରିଚାଳନା ସଭାପତି ଶ୍ରୀକୁମାର ପାତ୍ର ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଯୁକ୍ତ ୩ ଏମ୍ସ କଲେଜ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ସମ୍ପାଦକ ଶ୍ରୀନିବାସ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଯୁକ୍ତ ୨ରେ ସର୍ବାଧିକ ନମ୍ବର ରଖିଥିବା ଚନ୍ଦ୍ରକାନ୍ତ ବିଶ୍ୱାଳ(୨୦୧୧), ଶାଶ୍ୱତି ସାହୁ (୨୦୧୨), ଶ୍ରେୟା ବର୍ମା (୨୦୧୩), ଛନ୍ଦାଚରଣ ଦିଶ୍ରୀ (୨୦୧୪), ଭାଗ୍ୟଶ୍ରୀ ବିଶ୍ୱାଳ (୨୦୧୫), ସରୋଜ ବାରିକ (୨୦୧୬), ସଙ୍ଗତିସ୍ୱରୂପା ଖିଲାରି (୨୦୧୭) ଏବଂ ଡିଲେଶ୍ୱର ପ୍ରଧାନ (୨୦୧୮)ଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଶରତ ଚନ୍ଦ୍ର ପାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ପ୍ରଦୀପ ଚନ୍ଦ୍ର ପାତ୍ରଙ୍କ ସ୍ମୃତିଚାରଣ କରି ସମସ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଯୁକ୍ତ ୩ କଲେଜ ଉପାଧ୍ୟକ୍ଷ ଅମରନାଥ ଜସୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ
ସଂଶୋଧନ ପତ୍ର
ତା.୦୯.୧୧.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ 'ନିୟମ ଓ ସର୍ତ୍ତାବଳୀ'ର କ୍ର. ନଂ. ୩ ରେ ଦର୍ଶିତ 'ଆକାଉଣ୍ଟ ନଂ. ଏବଂ ଆକାଉଣ୍ଟ ର ନାମ' "Account No.: 33401288726 & Name of the A/c: AGM, SARB, NO LIEN ACCOUNT" ପରିବର୍ତ୍ତେ **"Account No.: 30784275855 & Name of the A/c: AGM, SARB, Recovery Account"** ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୧୨.୧୧.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

# ବିକାଶ ସ୍କୁଲର କ୍ରୀଡ଼ା

**ସମ୍ବଲପୁର, ୧୨।୧୧ (ବ୍ୟୁରୋ)**

ବିକାଶ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଗଛିଆ ନିକଟସ୍ଥ ବିକାଶ ଫାଷ୍ଟ ଷ୍ଟେପ ସ୍କୁଲରେ ପ୍ରତିଯୋଗିତା ହୋଇଥିଲା। ପ୍ରି ପ୍ରାଇମେରୀ ସ୍କୁଲର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ଫେସ୍ ପାଉଡରିଂ, ଚକଲେଟ ରେସ୍ ପ୍ରଭୃତି ଇଭେଣ୍ଟ ହୋଇଥିଲା । ସ୍କୁଲ ଅଧ୍ୟକ୍ଷା ଭି ସୌଲଜା ସ୍ୱାଗତ ଭାଷଣ ଦେଇଥିଲେ । ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ଗାନ କରିଥିଲେ । ପ୍ରଥମ ଶ୍ରେଣୀ ଛାତ୍ର କହକଶା ପ୍ରଉଭିନ୍ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। କ୍ରୀଡା ଶିକ୍ଷକ ବଦ୍ରିନାରାୟଣ ପୁରୋହିତ ଇଭେଣ୍ଟ ପରିଚାଳନା କରିଥିଲେ ।



ସୋମବାର ସମ୍ବଲପୁର ବିକାଶ ଫାଷ୍ଟଷ୍ଟେପ୍ ସ୍କୁଲରେ ଫେସ୍ ପାଉଡରିଂ ପ୍ରତିଯୋଗିତା।

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲି଼ଃ.
Utkalika
ଡି-୨/୩, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର- ୧୦
ବିଜ୍ଞାପନ
ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **ଏନ୍.ଟି.ପି.ସି., କଣିହା ଠାରେ ୨୩/୧୧/୨୦୧୮ ଠାରୁ ୦୨/୧୨/୨୦୧୮ ପର୍ଯ୍ୟନ୍ତ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।
ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗର ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୧୯/୧୧/୨୦୧୮** ସୁଧା ଆବେଦନ କରିବା ପାଇଁ ଅନୁରୋଧ।
ପରିଚାଳନା ନିର୍ଦ୍ଦେଶକ

# ଆମ୍ବକୁନି ଜଗନ୍ନାଥ ମନ୍ଦିରର କୁମ୍ଭ ସ୍ଥାପନ ଯାତ୍ରା

**ଧମା, ୧୨।୧୧ (ଡି.ଏନ.ଏ)**

ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତର ଆମ୍ବକୁନି ଗ୍ରାମରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିରର କୁମ୍ଭ ସ୍ଥାପନ ଯାତ୍ରା ପାଳିତ ହୋଇଯାଇଛି । କ୍ଷୀରୋଦ୍ର ଦାଶ ଓ ଜଗଦୀଶ ଦାଶ ହୋମଯଜ୍ଞ ଓ ପୂଜାକାର୍ଯ୍ୟ କରିଥିଲେ। କର୍ତ୍ତା ଭାବେ ଚକ୍ରଧର ପୂଜାରୀ ଓ ମାଧୁରୀରାଧା ଯୋଗଦେଇ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ଡକରା ଗ୍ରାମର ଦୁଇଟି କୃଷ୍ଣଗୁରୁ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସୌମ୍ୟରଞ୍ଜନ ପୂଜାରୀ, ଚିତ୍ରସେନ ପାଣ୍ଡେ, କପରଚନ୍ଦ୍ର ବାରିକ, ସୁବୋଧ ନାଏକ, ଧ୍ରୁବ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଗୋପିରଞ୍ଜନ ବେହେରା ଓ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡଳି ପ୍ରମୁଖ ଆମ୍ବକୁନିଯାଇ କୁମ୍ଭଯାତ୍ରାରେ ସାମିଲ ହୋଇଥିଲେ।

**ODISHA JOINT ENTRANCE EXAMINATION 2018**

**No:- OJEE-18/506** **Date-12/11/2018**

**Detailed Schedule for Second Round Spot Counselling for BAMS/BHMS**

In view of the extended cut-off date of admission to BAMS/BHMS courses prescribed by appropriate Authority as per the letter No. **4CE-AT-01/15 No. 8073/DAYUSH Dt. 08.11.2018**, the **Second Round Spot counselling - cum-admission** for the Institutes in Odisha as mentioned below shall be conducted as per the following schedule.

All the **registered/ unregistered** (in previous rounds of counselling)' All India NEET' rank holders interested to take part in spot round counselling have to report as per the timetable given below.

| VENUE | DATE | REPORTING TIME | ALL INDIA NEET RANK |
|---|---|---|---|
| OJEE CELL, Gandamunda, Bhubaneswar | 15-11-2018 | 10:00AM TO 11.00 AM | 25000 TO 500000 |
| | 15-11-2018 | 11:00AM TO 12 NOON | 500001 TO 900000 |
| | 15-11-2018 | 2:30PM TO 3:30PM | 900001 AND ABOVE |

For further details, please login to **www.ojee.nic.in** or **www.odishajee.com**

**Seat Matrix for Second Round Spot Counselling (BAMS/BHMS 2018)**

| SL. No. | Homoeopathic Colleges | Course | Category GE | Total Vacancy |
|---|---|---|---|---|
| 1. | BPHMC&H Berhampur (Govt.) | BHMS | 01 | 01 |
| 2. | OMCH&R, Sambalpur (Govt.) | BHMS | 03 | 03 |

**Final updated SEAT MATRIX will be displayed on the website www.ojee.nic.in / www.odishajee.com on 14.11.2018, 5.00 PM**

***Admission will be declared closed as and when seats are exhausted.***

**SD/-**
**CHAIRMAN, OJEE 2018**



ମନୁଷ୍ୟ ନିଜର ପ୍ରଗାଢ଼ ଅଧ୍ୟବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ୍ୟ ଲାଭ କରିପାରେ।
-ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ

### ରେଙ୍ଗାଲି ପୁରୁଣା ବସ୍ତିରେ ନାଗ ଚତୁର୍ଥୀ ପୂଜା

ରେଙ୍ଗାଲି, ୧୨।୧୧ (ଡି.ଏନ.ଏ)- ରେଙ୍ଗାଲି ପୁରୁଣା ବସ୍ତିରେ ନାଗଚତୁର୍ଥୀ ପୂଜା କରାଯାଇଛି । ପ୍ରଭୁ ଶିବ ପାର୍ବତୀଙ୍କ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା । ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲା । ନାଚ, ସଂକୀର୍ତ୍ତନ, କୃଷ୍ଣଗୁରୁ, ନାଟକ, ଆର୍କେଷ୍ଟ୍ରା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ପାଖେଇ ଆସୁଥିବାରୁ ବିଭିନ୍ନ ଦଳର ନେତାମାନଙ୍କ ବି ସମାଗମ ହୋଇଥିଲା । ଗ୍ରାମର ପ୍ରତ୍ୟେକ ଘରକୁ ବନ୍ଧୁ ବାନ୍ଧବ ଆସି ନାଗ ଚତୁର୍ଥୀ ପୂଜାକୁ ଉପଭୋଗ କରିଥିଲେ।

#### ନାକଟିଦେଉଳରେ ହାତୀ ଉପଦ୍ରବ

### ବ୍ୟାପକ ଧାନ ଫସଲ ନଷ୍ଟ

ନାକଟିଦେଉଳ, ୧୨।୧୧ (ଡି.ଏନ.ଏ) ନାକଟିଦେଉଳ ବ୍ଲକର ବିଭିନ୍ନ ଗ୍ରାମରେ ବର୍ତ୍ତମାନ ହାତୀମାନଙ୍କ ଉପଦ୍ରବ ଲାଗି ରହିଛି । ଏଥି ଯୋଗୁ ଚାଷୀମାନଙ୍କର ଧାନ ଫସଲରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଗତ ଦୁଇ ଦିନ ହେଲା ବ୍ଲକର ସାହେବୀ ପଞ୍ଚାୟତରେ ହାତୀମାନଙ୍କ ଉତ୍ପାତ ବୃଦ୍ଧି ପାଇଛି । ଏହି ହାତୀପଲ ସନ୍ଧ୍ୟା ହେବାମାତ୍ରେ ନିକଟସ୍ଥ ଜଙ୍ଗଲରୁ ଗାଁ ମୁଣ୍ଡକୁ ଚାଲିଆସୁଛନ୍ତି। ଧାନ ଜମିରେ ପଶି ପାଚିଲା ଧାନ ସବୁ ଖାଇବା ସହ ଦଳିଚକଟି ନଷ୍ଟ କରି ଦେଉଛନ୍ତି । ଏହି ହାତୀ ପଲରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ହାତୀ ଥିବା ପ୍ରତ୍ୟକ୍ଷଦର୍ଶୀ ଗ୍ରାମବାସୀ କହିଛନ୍ତି । ରବିବାର ରାତିରେ ଏହି ହାତୀପଲ ସାହେବୀ ଗ୍ରାମର ରାଜକିଶୋର ସାହୁ, ଚନ୍ଦ୍ରଶେଖର ସାହୁ, ରବିନାରାୟଣ ସାହୁ, ନବୀନ ସାହୁ, ଝଗଡୁ ସାହୁ, ଶତ୍ରୁଘ୍ନ ସାହୁ ଏବଂ ଗୋପାଳ ସାହୁଙ୍କ ଧାନ କ୍ଷେତରେ ପଡିଥିବା ଅମଳକ୍ଷମ ପାଚିଲା ଧାନ ସବୁ ଖାଇବା ସହ ଏଣେତେଣେ ଫୋପାଡି ଦେଇଛନ୍ତି । ଅପରପକ୍ଷରେ ବ୍ଲକର ଜାମୁଯୋରୀ ପଞ୍ଚାୟତ ଅନ୍ତର୍ଗତ କଇଁଙ୍ଗ ଗ୍ରାମରେ ମଧ ଶନିବାର ରାତିରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ହାତୀ ପଶି ପିତାମ୍ବର ନାଗ, ରଘୁ ଦେହୁରୀ, ଗୋପାଳ ବଶାୟତ, ସୁଦାମ ବଶାୟତ, ଅରକ୍ଷିତ ଦେହୁରୀଙ୍କ ଧାନ କ୍ଷେତରେ ବ୍ୟାପକ ନଷ୍ଟ କରିଥିବା ବେଳେ ଧାନ ଖଳାରୁ ଧାନ ମଧ ଖାଇଛନ୍ତି । ହାତୀମାନଙ୍କ ଉପଦ୍ରବରୁ ଚାଷୀମାନଙ୍କୁ ରକ୍ଷା କରିବା ନିମନ୍ତେ ହାତୀ ଘଉଡାଇବା ଦିଗରେ ଜଙ୍ଗଲ ବିଭାଗ ଦୃଢ଼ ପଦକ୍ଷେପ ନେବା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ଜାମୁଯୋରୀ ସରପଞ୍ଚ ଅଜିତ ପ୍ରଧାନ ଏବଂ ସାହେବୀ ସରପଞ୍ଚ ଯଶୋବନ୍ତି ମାଝୀ ଦୃଢ଼ଦାବୀ କରିଛନ୍ତି ।

# ଜନଶୁଣାଣିରେ ଜିଲାପାଳଙ୍କୁ ଘେରିଲେ ଚାଷୀ

ବାମରା, ୧୨।୧୧ (ସ୍ୱ.ପ୍ର.)

ବାମରା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେଲେ ସଭାଗୃହ ସାମ୍ନାରେ ବାମରା ବ୍ଲକର ଶତାଧିକ ଚାଷୀ ବସି ରହିଥିଲେ। ମରୁଡି ସହାୟତା, ଇନପୁଟ ସବ୍‌ସିଡି ଓ ଜମିକୁ ଜଳଯୋଗାଣ ଦାବି ନେଇ ଜିଲାପାଳଙ୍କୁ ଏମାନେ ଘେରିଥିଲେ।

ଜନ ଶୁଣାଣିରେ ୯୦ଟି ବ୍ୟକ୍ତିଗତ, ୪୧ଟି ଗୋଷ୍ଠିଗତ ତଥା ସାମୂହିକ, ଗୋଟିଏ ସିଏମ ଆରଏଫ, ୨ଟି ରେଡକ୍ରସ ସମ୍ପର୍କିତ ଅଭିଯୋଗକୁ ମିଶାଇ ମୋଟ ୧୩୪ ଅଭିଯୋଗର ଶୁଣାଣି କରାଯାଇଛି। ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ପିଏଆଇଟିଡିଏ ପବିତ୍ର ବେହେରା, ଏସ୍‌ଡିପିଓ କୁଚିଣ୍ଡା ଏନ.ସି. ଦଣ୍ଡସେନା, ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ଉପାଧ୍ୟକ୍ଷା ଅକ୍ଷୟା ସାହୁ, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, ବାମରା ତହସିଲଦାର ମନୋଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଶୁଣାଣିରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳପରିମଳ, ପଞ୍ଚାୟତିରାଜ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, କୃଷି, ଉଦ୍ୟାନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, କଲ୍ୟାଣ, ବନ ବିଭାଗ, ଅବକାରୀ, ୱେଷ୍କୋ, ମୃତ୍ତିକା ସଂରକ୍ଷଣ, ଯୋଗାଣ ବ୍ୟତିତ ଅନ୍ୟାନ୍ୟ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ସାମିଲ ହୋଇଥିଲେ । ଜିଲାପାଳ ବର୍ମା ଏହି ଅବସରରେ ୧୩ଜଣଙ୍କୁ ମଧୁବାବୁ ପେନସନ, ୨ଜଣଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନା, ୨୦ଜଣଙ୍କୁ ଟ୍ରାଇ ସାଇକେଲ, ୧୦ଜଣଙ୍କୁ ହୁଇଲ ଚେୟାର, ୨ଜଣଙ୍କୁ ସିପି ଚେୟାର, ୨ଜଣଙ୍କୁ ଶ୍ରବଣଯନ୍ତ୍ର, ୨ଜଣଙ୍କୁ କର୍ନର ଚେୟାର, ୧୩ଜଣଙ୍କୁ ୱାକିଂ ଷ୍ଟିକ ଏବଂ ୧୩୫ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଜିଲାପାଳ ସମର୍ଥ ବର୍ମା ଜବରଦଖଲ ହୋଇଥିବା ବାମରା ସରକାରୀ ବସଷ୍ଟାଣ୍ଡ ପରିଦର୍ଶନ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କୁ ଦାୟିତ୍ୱ ଦେଇଥିଲେ। ଏହା ସହିତ ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଫେରିଥିଲେ । ବାମରା ବିଡିଓ ସୁଶିଲ କୁଜୁରଙ୍କ ତତ୍ତ୍ୱାବଧାନରେ ଜିପିଇଓ ଲକ୍ଷ୍ମୀ ନାରାୟଣ ମହାପାତ୍ର, ଏମଆଇ ସୂର୍ଯ୍ୟକାନ୍ତ ପ୍ରଧାନ, ଏପିଓ ସୁଶ୍ରୀ ପରିଜା, ଓଏଲଏମର ସସ୍ମିତା ସାହୁ, ମୁଖ୍ୟ କିରାଣୀ ସରୋଜ କିସାନ, କିରାଣୀ ଏ. ସେଠ, କେ. କାଲୋ ଏବଂ ଡବ୍ଲୁଇଓ ସୁବାଷ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜନଶୁଣାଣିରେ ଜିଲାପାଳଙ୍କ ଉପସ୍ଥିତିରେ ଜଣେ ବିବ୍ୟାଙ୍ଗ ଦୋକାନରୁ ବାଳକଙ୍କୁ ଚେୟାର ପ୍ରଦାନ କରାଯାଉଛି।

### ନିଜକୁ ଫାର୍ମାସିଷ୍ଟ କହି ଫସିଲେ ଆଟେଣ୍ଡାଣ୍ଟ

ବାମରା, ୧୨।୧୧ (ସ୍ୱ.ପ୍ର.)

ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା ସୋମବାର ବାମରା ବ୍ଲକର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପହଞ୍ଚିଥିବା ବେଳେ ସ୍ଥାନୀୟ ଗୋବିନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । ଏହି କ୍ରମରେ ରାଜ୍ୟ ସରକାରଙ୍କ ନିରାମୟ ଯୋଜନାରେ ଚାଲିଥିବା ଔଷଧ ବଣ୍ଟନ କେନ୍ଦ୍ର ବୁଲି ଦେଖିଥିଲେ । ଇତି ମଧ୍ୟରେ କାର୍ଯ୍ୟରତ ଡାକ୍ତରଙ୍କ ସହ କଥାବାର୍ତ୍ତା କରୁଥିବା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ଆଟେଣ୍ଡାଣ୍ଟ ଧନେଶ୍ୱର ଖଟୁଆ ନିଶାସକ୍ତ ଅବସ୍ଥାରେ ନିଜକୁ ଫାର୍ମାସିଷ୍ଟ ବୋଲି ଜିଲାପାଳଙ୍କୁ ପରିଚୟ ଦେଇଥିଲେ । ଜିଲାପାଳ ବର୍ମା ଧନେଶ୍ୱରଙ୍କୁ ତାଗିଦ କରିବା ସହିତ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଗୋବିନ୍ଦପୁର ପୋଲିସକୁ ଆଦେଶ ଦେଇଥିଲେ । ଗୋବିନ୍ଦପୁର ଥାନା ଅଧିକାରୀ ବିଶ୍ୱପତି ପଣ୍ଡା ଆଟେଣ୍ଡାଣ୍ଟ ଧନେଶ୍ୱରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ରିପୋର୍ଟ ଆସିଲା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଯୌତୁକ ନିର୍ଯାତନାରୁ ମହିଳାଙ୍କ ଆତ୍ମହତ୍ୟା: ସ୍ୱାମୀ ଗିରଫ

ଜମନକିରା, ୧୨।୧୧ (ଡି.ଏନ୍.ଏ.)

ଜମନକିରା ଥାନା ବଡ଼ମାଲ ପଞ୍ଚାୟତ ସୁଦବଲଣ୍ଡା ଗାଁରେ ଯୌତୁକ ନିର୍ଯାତନା ଯୋଗୁ ଜଣେ ମହିଳା ଜୀବନ ହାରିଛନ୍ତି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ରୋଶନ ଷଣ୍ଢ ଓରଫ ରିଙ୍କୁ (୨୫)। ଏକ ମାମଲା ରୁଜୁ କରିବା ସହ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ପୋଲିସର ସୂଚନା ଅନୁସାରେ, ଗତ ଦେଢ଼ ବର୍ଷ ହେବ ଲଇଡ଼ା ନୂଆପାଲି ଗାଁର ସୁରୁଚି ଷଣ୍ଢ (୨୦)ଙ୍କୁ ରିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବାହାଘର ପରଠାରୁ ସ୍ତ୍ରୀ ସହ ଯୌତୁକ ଦାବି କରି ରିଙ୍କୁ ଝଗଡ଼ା କରି ଆସୁଥିଲେ। ଅକ୍ଟୋବର ୨୮ ତାରିଖ ଝଗଡ଼ା କରିବାରୁ ଘରେ ଧାନ ଚାଷ ପାଇଁ ରଖାଯାଇଥିବା କୀଟ ନାଶକକୁ ସୁରୁଚି ପିଇ ଦେଇଥିଲେ। ଏକଥା ଜଣାପଡ଼ିବା ପରେ ସାହିପଡ଼ିଶା ଲୋକେ ସୁରୁଚିଙ୍କୁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସା କରାଯାଉଥିବା ବେଳେ ରବିବାର ସୁରୁଚିଙ୍କୁ ରିଙ୍କୁଙ୍କ ପରିବାର ଲୋକେ ଘରକୁ ନେଇ ଆସିଥିଲେ। ଫେରିବା ବେଳେ ଅଧିକ ପେଟ ଯନ୍ତ୍ରଣା ହୋଇଥିଲା। ଏଣୁ ପୁନର୍ବାର ଡାକ୍ତରଖାନାକୁ ନେବା ସମୟରେ ସୁରୁଚିଙ୍କ ମୃତ୍ୟୁ ଘଟିଥିଲା। କୁଚିଣ୍ଡାରେ ଚିକିତ୍ସା ଚାଲିଥିବା ବେଳେ ସୁରୁଚି ପରିବାର ଲୋକଙ୍କୁ ଯୌତୁକ ଦାବି କରି ଶ୍ୱଶୁର ଘର ଲୋକେ ମାରପିଟ କରିବା ସହ ଝଗଡ଼ା ଲାଗୁଥିବା କହିଥିଲେ। ଏ ନେଇ ସୁରୁଚିଙ୍କ ବଡ଼ବାପା ପୁଅ ଭାଇ ସୁଦାନ୍ୟ ମହାନନ୍ଦିଆ ଜମନକିରା ଥାନାରେ ସୋମବାର ଲିଖିତ ଏତଲା ଦେଇଥିଲେ। ପୋଲିସ ସୁଦବଲଣ୍ଡା ଯାଇ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ କୁଚିଣ୍ଡାକୁ ପଠାଇଥିଲା। ଶେଷରେ ବ୍ୟବଚ୍ଛେଦ ପରେ ସୁରୁଚିଙ୍କ ବାପ ଘର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିବା ସହ ରିଙ୍କୁଙ୍କୁ ଗାଁରୁ ଗିରଫ କରିଛି ।

#### ସମନ୍ୱୟ ରହିଲେ 'ମୋ ସ୍କୁଲ ଅଭିଯାନ' ସଫଳ ହେବ

## ମହାଲିଙ୍ଗ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରେଢ଼ାଖୋଲ, ୧୨।୧୧ (ଡି.ଏନ.ଏ.)

ଅଭିଭାବକ, ଗ୍ରାମବାସୀ ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ରହିଲେ 'ମୋ ସ୍କୁଲ ଅଭିଯାନ' ସଫଳ ହେବ। ସ୍କୁଲର ଉନ୍ନତ ହେବା ସହିତ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବି ବିକାଶ ହେବ। ସୋମବାର ରେଢ଼ାଖୋଲ ବ୍ଲକ୍ ଲୁହାପଙ୍କ ପଞ୍ଚାୟତରେ ମହାଲିଙ୍ଗ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଏଭଳି ମତପ୍ରକାଶ ପାଇଛି । ସ୍କୁଲର ପ୍ରଧାନଶିକ୍ଷକ ରବିନ୍ଦ୍ର ପଣ୍ଡାଙ୍କ ପୋରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷା କମିଟିର ସଭାପତି ପ୍ରତାପ ପ୍ରଧାନ ସଭାପତିତ୍ୱ କରିଥିଲେ । ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଦେବରାଜ ପ୍ରଧାନ ମୁଖ୍ୟଅତିଥି, ସିଆରସିସି ଅଶୋକ ପ୍ରଧାନ, ଯୁଧିଷ୍ଠିର ବେହେରା, ଲୁହାପଙ୍କ ହାଇସ୍କୁଲର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ବେହେରା, ସରପଞ୍ଚ ଅଶ୍ୱିନୀ ପ୍ରଧାନ, ସମିତି ସଭ୍ୟା ଟିକିନା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସନ୍ତୋଷ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ସୁମତି ପଣ୍ଡା ଓ ପଦ୍ମନାଭ ସାହୁଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ମହାଲିଙ୍ଗ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

### ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା: ବିଶ୍ୱ ଶୌଚାଳୟ ଦିବସ ପାଳନ

ରେଙ୍ଗାଲି, ୧୨।୧୧ (ଡି.ଏନ.ଏ)

ରେଙ୍ଗାଲି ବ୍ଲକ କୁଆଁରମ୍ୱେଲା ନୋଡାଲ ହାଇସ୍କୁଲରେ ବିଶ୍ୱ ଶୌଚାଳୟ ଦିବସ ସୋମବାର ପାଳନ କରାଯାଇଛି। ନୂଆଁରମ୍ୱେଲା ନୋଡାଲ ହାଇସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ ସ୍ଲୋଗାନ ଦେଇ ପୋଷ୍ଟରମାନ ଧରି ରେଙ୍ଗାଲି ସହର ପରିକ୍ରମା କରିଥିଲେ । ପରିବେଶ ସଫା ରହିଲେ ନିଜେ ସୁସ୍ଥ ରହିବା । ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଗଢ଼ିବା ପାଇଁ ସ୍ଲୋଗାନ ଦେଇଥିଲେ । ଶୋଭାଯାତ୍ରାରେ ରେଙ୍ଗାଲି ବିଡିଓ ବେର୍ଣ୍ଣଦେତ ଲାକ୍ରା, ବିଇଓ ଜୟଶ୍ରୀ ଦୋରା, ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ସାହୁ, ରେଙ୍ଗାଲି ସରପଞ୍ଚ ଲକ୍ଷ୍ମୀ ଓରାମଙ୍କ ସହ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ବିଶ୍ୱ ଶୌଚାଳୟ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା ବାହାରିଛି।

### ହୀରାକୁଦ ସରସ୍ୱତୀ ଶିଶୁ ଛାତ୍ର ସମ୍ମିଳନୀ

ହୀରାକୁଦ, ୧୨।୧୧ (ଡି.ଏନ.ଏ)

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ବିଦ୍ୟାଳୟର ସଭାପିତ ଅବନୀ ଆଚାର୍ଯ୍ୟ ଦୀପ ଜାଳି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଶତପଥୀ ଅତିଥି ପରିଚୟ କରିଥିବା ବେଳେ ସମ୍ପାଦକ ଆଜାଦ ଶେଖର ପ୍ରଧାନ ବିଦ୍ୟାଳୟର ସ୍ଥାପନା ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଗୁରୁଜୀ ବୀରେନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୁରାତନ ଛାତ୍ର ଦେବଦତ୍ତ ଶତପଥୀ, ଅମିତ ଆଚାର୍ଯ୍ୟ, ଦେବାଶିଷ ନାୟକ, ଦୀପକ କୁମାର ପାଢ଼ୀ, ସୁନୀଲ କୁମାର ଜେନା ପ୍ରମୁଖ ପୁରୁଣା ସ୍ମୃତିଚାରଣ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ରାଜେନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସଂଯୁକ୍ତା ବଡପଣ୍ଡା, ନିବେଦିତା ମହନ୍ତ, ମମତା ଗଡଡ, ସରୋଜିନୀ ପଣ୍ଡା, ବିଶ୍ୱନାଥ ମିଶ୍ର, ଅଭୟ ଚରଣ ନାୟକ, ରଞ୍ଜନ କୁମାର ଦାଶ, ରାଜେନ୍ଦ୍ର ମଟାରୀ, ସଞ୍ଜିବ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଧମା ଝାଡେଶ୍ୱରୀ କୃଷକ ସଂଗଠନର ବାର୍ଷିକ ସାଧାରଣ ସଭା

ଧମା, ୧୨।୧୧ (ଡି.ଏନ.ଏ)- ସ୍ଥାନୀୟ ମାଁ ଝାଡେଶ୍ୱରୀ କୃଷକ ସଂଗଠନର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ମାର୍କେଟୟାର୍ଡ ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ସଂଗଠନ ସଭାପତି ଦିଲୀପ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଭକ୍ତବନ୍ଧୁ ସାହୁ ବିଗତ ବର୍ଷର ଆୟବ୍ୟୟ ଅଟକଳର ବିବରଣୀ ପଠନ କରିଥିଲେ । ଏଥର ଅଣ ଜଳସେଚିତ ଜମି ଏକର ପିଛା ୧୩ କୁଇଣ୍ଟାଲ ଏବଂ ଜଳସେଚିତ ଜମି ଏକର ପିଛା ୧୯ କୁଇଣ୍ଟାଲ ଧାନ ବିକ୍ରୟ କରାଯିବା ପାଇଁ ମିଳିଥିବା ଅନୁମତିକୁ ସ୍ୱାଗତ କରାଯାଇଛି। ମାତ୍ର ବିଗତ ଖରିଫ ଓ ରବି ଋତୁରେ ଅଞ୍ଚଳରେ ଥିବା ମିଲରମାନଙ୍କୁ ଦିଆଯାଉଥିବା ଧାନର ଓଜନ ଓ ଆଦ୍ରିତାର ମାନ ଗୋଟିଏ ମିଲରୁ ଅନ୍ୟ ମିଲ ସହିତ ତାଳମେଳ ଖାଉ ନ ଥିଲା ବୋଲି କେତେକ ଚାଷୀ ଅଭିଯୋଗ କରିଥିଲେ। ଏ ବାବଦରେ ମିଲରମାନଙ୍କ ଦ୍ୱାରା କୌଣସି ପ୍ରକାର ଜାଲିଆତି ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସଭାପତିଙ୍କୁ ଚାଷୀ ଅନୁରୋଧ କରିଥିଲେ । ବିଗତ ଖରିଫ ଋତୁରେ ଡକରା ପଞ୍ଚାୟତ ଚାଷୀମାନଙ୍କ ପାଇଁ ପ୍ରଥମେ ୮୦ ପ୍ରତିଶତ ବୀମା ସହାୟତା ଘୋଷଣା କରାଯାଇଥିଲା। ପରେ ୩୮ ପ୍ରତିଶତ ପ୍ରଦାନ କରାଯାଇଥିଲା। ଏଣୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ । ଆକଳନ ବେଳେ ବୀମା କମ୍ପାନୀ ଠିକ ମରୁଡିଗ୍ରସ୍ତ ଜାଗାରେ ଆକଳନ ନ କରି ଭଲ ଫସଲ ହୋଇଥିବା ଜାଗାରେ କ୍ରପ କଟିଂ କରି ଚାଷୀମାନଙ୍କୁ ଭଣ୍ଡାଉଥିବା କେତେକ ଚାଷୀ ଅଭିଯୋଗ କରିଥିଲେ । ବୈଠକରେ ଉପଦେଷ୍ଟା କମିଟି ସଦସ୍ୟ ଗିରିଗୋବର୍ଦ୍ଧନ ପଣ୍ଡା, ଗଙ୍ଗାଧର ମହାପାତ୍ର ତଥା ପୂର୍ବତନ ସଭାପତି ସନ୍ତୋଷ ପୁରୋହିତ ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ସୁରୁଖୁରୁରେ ଧାନ କିଣା ବିକା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଛି। ଧମା, ଦେଓଗାଁ ଓ ଡକରା ପଞ୍ଚାୟତର ଚାଷୀ ଗୌର ବେହେରା, କୃଷ୍ଣ ଚନ୍ଦ୍ର ସାହୁ, କୃଷ୍ଣ ଚନ୍ଦ୍ରସେଠ, ଶେଷ ବେହେରା, ମୁଲୁ ମେହେର, ଡମ୍ବରୁଧର ମେହେର, ସୁବାଷ ହୋତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ କୋଷାଧ୍ୟକ୍ଷ ମନବୋଧ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପେସା ଆଇନ ଲାଗୁ ଦାବିରେ କୁଚିଣ୍ଡାରେ ଗର୍ଜିଲେ ଆଦିବାସୀ

କୁଚିଣ୍ଡା, ୧୨।୧୧ (ଡି.ଏନ.ଏ)- ପେସା ଆଇନକୁ କୁଚିଣ୍ଡା ଉପଖଣ୍ଡରେ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯାଉ। ଜଙ୍ଗଲ ଅଧିକାର ଆଇନରେ ପଟ୍ଟା ପାଇଥିବା ସମସ୍ତ ଆଦିବାସୀଙ୍କ ଜମି ତୁରନ୍ତ ଚିହ୍ନଟ କରି ଦଖଲ ପ୍ରଦାନ କରାଯାଉ। ଏଭଳି ୧୧ଟି ଦାବି ପୂରଣ ପାଇଁ କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀମାନେ ଏକ ପ୍ରତିବାଦ ସଭା କରି ପ୍ରବଳ ଗର୍ଜିଛନ୍ତି । ସୋମବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରୁ ଶହ ଶହ ଆଦିବାସୀ ବିଧାୟକ ରବି ନାରାୟଣ ନାୟକଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ସମିତି ସଭ୍ୟ ପଦ୍ମଚରଣ ଗୁରୁଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ଜିଲାପରିଷଦ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ଧୁରୁଆ, ଜିଲା ପରିଷଦ ସଭ୍ୟ ଜୁନାସ ବିପିନ କିଶୋର ଖାଖାଙ୍କ ସମେତ ଅନେକ ଆଦିବାସୀ ନେତା ଭାଷଣ ଦେଇଥିଲେ। ପେସା ଆଇନ ଅନୁସାରେ ଆଦିବାସୀଙ୍କୁ ଅଧିକାର ପ୍ରଦାନ କରିବା, ଜଙ୍ଗଲ ଜମି ପଟ୍ଟାରେ ମାଲଗୁଜାରୀ ଏବଂ ଜଳକର ନେଇ ଧାନବିକ୍ରି ପାଇଁ ଅନୁମତି ଦେବା ଇତ୍ୟାଦି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ । ପରେ ୧୧ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଉପଜିଲାପାଳ କପିଳ ରଣାଙ୍କୁ ପ୍ରଦାନ କରାଯାଇଥିଲା ।




ପେସା ଆଇନ୍ ଲାଗୁ ଦାବିରେ କୁଚିଣ୍ଡାରେ ଲୋକେ ଶୋଭାଯାତ୍ରାରେ ସାମିଲ୍ ହୋଇଛନ୍ତି।

#### ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

## ମିର୍ଗାମୁଣ୍ଡା ଚାମ୍ପିୟନ, ମହଲେ ରନର୍ସଅପ୍

ଧମା, ୧୨।୧୧ (ଡି.ଏନ.ଏ)

ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଗନପୁରା ଗ୍ରାମରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପରମେଶ୍ୱର ମେମୋରିଆଲ ଫୁଟବଲ ପ୍ରତିଯୋଗିତାକୁ ଗନପୁରା ଗ୍ରାମର ଭୀମସେନ ବ୍ଲକ ତରଫରୁ ଆୟୋଜିତ କରାଯାଇଥିଲା । ଏଥିରେ ସିନ୍ଦୁରପଙ୍କ, ଭତରା, ମହଲେ, ସେସୁଆତଲ, ଭୀମସେନ କ୍ଲବ, ଧମାକଟା, ମିରଗାମୁଣ୍ଡା ଓ ଡୁମ୍ୱେରପାଲି ଏହିପରି ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସେମିଫାଇନାଲ ଖେଳରେ ମହଲେ ଓ ମିର୍ଗାମୁଣ୍ଡା ବିଜୟୀ ହୋଇ ଫାଇନାଲରେ ଅବତୀର୍ଣ୍ଣ ହୋଇଥିଲେ । ସମୟ ସୀମା ଶେଷ ପର୍ଯ୍ୟନ୍ତ କେହି କାହାରିକୁ ହରାଇ ନ ପାରିବାରୁ ଶେଷରେ ଟାଇବ୍ରେକରର ସାହାଯ୍ୟ ନେବାରେ ମହଲେ ରନର୍ସ ଅପ୍ ଓ ମିର୍ଗାମୁଣ୍ଡା ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ଦେଓଗାଁ ସରପଞ୍ଚ ମନୋବଧ ଭୋଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲାପରିଷଦ ସଭ୍ୟ ରମେଶ ପଧାନ, ସମିତି ସଭ୍ୟ ପ୍ରମୋଦ ସେଠ, ମଣ୍ଟୁ ଅଗ୍ରୱାଲ, ବିଜୟ ଚୌଧୁରୀ, ନିମେଇଁ ପାଣିଗ୍ରାହୀ, ବିପିନ ପାତ୍ର, ରାଧେଶ୍ୟାମ କୁଅଁର, ଅଜିତ ସେଠ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସଅପ ଦଳ ।



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍‌ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି

ସମ୍ବଲପୁର, ୧୨।୧୧ (ବ୍ୟୁରୋ)- ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡା ସଂଘ ଉପସଭାପତି ରାଜୀବ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା । ଏଥିରେ ୪ଟି ଜୋନ ହୀରାକୁଦ, ନାକଟିଦେଉଳ ଓ ରେଲୱେର କର୍ମକର୍ତ୍ତା ଯୋଗ ଦେଇଥିଲେ । ଖେଳାଳି, ପର୍ଯ୍ୟବେକ୍ଷକ ଓ ରେଫରିମାନଙ୍କ ଆନୁସାଂଗିକ ବ୍ୟବସ୍ଥା ଉପରେ ସଭ୍ୟମାନେ ଆଲୋଚନା କରିଥିଲେ । ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଫୁଟବଲ ସମ୍ପାଦକ ଅବଦୁଲ ଗଫର୍, ଆଥ୍‌ଲେଟିକ ସମ୍ପାଦକ ସୁନ୍ଦରମଣି ବାରିକ, ଖେଳ ସମ୍ପାଦକ ପ୍ରଶାନ୍ତ ସେଠ, କାଉନସିଲ ସଭ୍ୟ ସୁନୀଲ ସାହୁ, ସୁବୋଧ ସାହୁ, ସୟଦ ଜିନ୍ଦା, ଆଜୀବନ ସଭ୍ୟ ବିଶ୍ୱମ୍ଭର ବହିଦାର, ସାଲେଗ୍ରାମ ଖୁଣ୍ଟିଆ, ଅରୁଣ ବିଶ୍ୱାଳ, ହେମନ୍ତ ଅଦାବର, କ୍ଷୀତିଶ ଭୋଇ, ସୁବ୍ରତ ଚାନ୍ଦ, ଡା, ଦିଲୀପ କୁମାର ନନ୍ଦ, ଜଗବନ୍ଧୁ ବେହେରା, ପଦ୍ମ ନାୟକ ଆଲୋଚନାରେ ଭାଗ ନେଇଥିଲେ ।

### ଚଷା ସମାଜର କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର, ୧୨।୧୧ (ବ୍ୟୁରୋ) ସମ୍ବଲପୁର ଚଷା ସମାଜର କାର୍ଯ୍ୟକାରିଣୀ ବୈଠକ ଗୁଜରାଟି କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଉତ୍ତମ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା । ସାଧାରଣ ସମ୍ପାଦକ କିଶୋର କୁମାର ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ଚଷା ସମାଜ ଅଫିସ ଗୃହ, ହୀରାକୁଦ ଓ ବୁର୍ଲା ସଭ୍ୟମାନଙ୍କ ବୈଠକ ବିଷୟରେ ଆଲୋଚନା କରାଯାଇଥିଲା । ପରିଚୟ ପତ୍ର ବ୍ୟବସ୍ଥା, ନାମ ପଞ୍ଜିକରଣ, ଡିସେମ୍ବର ୧୮ ତାରିଖ ମନ୍ଦିର, ଡାକ୍ତରଖାନା, ରେଳ ଷ୍ଟେଶନ ସଫେଇ ପ୍ରଭୃତି ବିଷୟରେ ବୈଠକରେ ନିଷ୍ପତ୍ତି ହୋଇଛି । ଆଲୋଚନାରେ ଶୁଭେନ୍ଦୁ ସାହୁ, ସେବକ ଗଡନାୟକ, ହରିବନ୍ଧୁ ପ୍ରଧାନ, ନୌବିହାରୀ ପ୍ରଧାନ, ଦୁଷ୍ମନ୍ତ ବେହେରା, ପ୍ରହଲ୍ଲାଦ ସାହୁ, ପ୍ରଶାନ୍ତ ସ୍ୱାଇଁ, ଦେବଦତ୍ତ ପ୍ରଧାନ ଭାଗ ନେଇଥିଲେ । ଉପସଭାପି ଅନ୍ତର୍ଯ୍ୟାମୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୈଦିକ ସ୍କୁଲ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର,୧୨।୧୧(ବ୍ୟୁରୋ) ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ କଲର୍ ୟୋର୍ ଟ୍ୟାଲେଣ୍ଟ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ସମ୍ବଲପୁରସ୍ଥିତ ବାଲାଜୀ ଗ୍ରୀନ୍ସଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବାଲାଜୀ ନଗର, ବାଲାଜୀ ହେରିଟେଜ୍, ବାଲାଜୀ ମିଡ୍ ଟାଉନ୍ ଓ ବାଲାଜୀ ଗ୍ରୀନ୍ସ ଅଞ୍ଚଳର ଛାତ୍ରୀଛାତ୍ର ଭାଗ ନେଇଥିଲେ । ସ୍କୁଲ ଅଧକ୍ଷା କାମିନୀ ଯୋଶୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ବନିତା ସଂଘାନିଆ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ ।

# ନାଟକରୁ ମନୋରଞ୍ଜନ ସହ ଶିକ୍ଷା ମଧ୍ୟ ମିଳେ

## ଆମେ ନାଟକ କାହିଁକି ଦେଖିବା ଶୀର୍ଷକ ଆଲୋଚନାଚକ୍ର






ସମ୍ବଲପୁର ବଡଦୁଆରଠାରେ ଆମେ ନାଟକ କାହିଁକି ଦେଖିବା ଆଲୋଚନା ଚକ୍ରର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତି ବିଶେଷ । (ବାମ) । ଆରଣ୍ୟକ ମଞ୍ଚରେ ଅତିଥିମାନେ ନାଟ୍ୟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ସାର୍ବଜନୀନ ଆବେଗକୁ ନେଇ ଯେଉଁ ନାଟକ କରାଯାଏ ସେହି ନାଟକ ସଫଳ ହୁଏ । ଭଲ ନାଟକ ପାଇଁ ସର୍ବପ୍ରଥମେ ଭଲ ପାଣ୍ଡୁଲିପିର ଆବଶ୍ୟକତା ରହିଛି । ଏଥିସହ ନାଟ୍ୟ ଦଳ ଗୁଡିକ ଦର୍ଶକମାନଙ୍କୁ ନିର୍ମଳ ନାଟକ ଦେଖାଇବା ଜରୁରୀ। ନାଟକରୁ ଆମକୁ ଦୁଇଟି ଜିନିଷ ମିଳିଥାଏ। ପ୍ରଥମଟି ଶିକ୍ଷା ଓ ଦ୍ୱିତୀୟଟି ମନୋରଞ୍ଜନ। ସିଦ୍ଧିର ଜଗନ୍ନାଥଙ୍କ ପାଇବାକୁ ହେଲେ ସାଧନାର ବାଇଶି ପାହାଚ ଚଢ଼ିବାକୁ ହୋଇଥାଏ । ତେଣୁ ନାଟ୍ୟଦଳ ଗୁଡିକ ନାଟକ ମାଧ୍ୟମରେ ସାଧନାର ବାଇଶି ପାହାଚ ଚଢ଼ିବାକୁ ହେବ । ଏହାଦ୍ୱାରା ଦର୍ଶକମାନେ ନାଟକ ଦେଖିବା ପାଇଁ ଆକୃଷ୍ଟ ହେବେ। ଝାଡୁଆପଡା ବଡଦୁଆରଠାରେ ଶ୍ରୀ କଲଚରାଲ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଆମେ ନାଟକ କାହିଁକି ଦେଖିବା ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ଏହା କହିଛନ୍ତି।

ଏହି ଆଲୋଚନା ଚକ୍ରରେ ରାଜ୍ୟର ବିଭିନ୍ନ ଜିଲାରୁ ନବୀନ ଓ ପ୍ରବୀଣ ନାଟ୍ୟକାର, ନାଟ୍ୟପ୍ରେମୀ, ନାଟ୍ୟ ସମୀକ୍ଷକ ଭାବେ ଯୋଗ ଦେଇଥିଲେ । ଶ୍ରୀ କଲଚରାଲ ଆସୋସିଏଶନ୍ ସଭାପତି ସତ୍ୟରଞ୍ଜନ ବହିଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସନ୍ଧ୍ୟାରେ ଆରଣ୍ୟଙ୍କ ମଞ୍ଚରେ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱରର ଧୀରେନ୍ଦ୍ରନାଥ ମଲ୍ଲିକ, ରାଉରକେଲାର ଶରତ ଦାଶ ଓ କୈଳାଶ ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟର ନରେନ୍ଦ୍ର ମିଶ୍ର ଆଲୋଚକ ଭାବେ ଯୋଗ ଦେଇଥିଲେ । ସେହିପରି ଯୁବ ନାଟ୍ୟକାର ସତ୍ୟନାରାୟଣ ଠାକୁର, ରାଜକୁମାର ସାହୁ, ପ୍ରଦ୍ୟୁମ୍ନ ସାହୁ, ସୁଜିତ ପଣ୍ଡା, ମମତା ପଣ୍ଡା, ତୁଷାରକାନ୍ତ ସାହୁ, ଆକାଶ ମୁନି ଓ ସୁକାନ୍ତ ପାଢ଼ୀ ଯୋଗ ଦେଇଥିଲେ । ଏହି ଅବସରରେ ଭୁବନେଶ୍ୱରର ଧୀରେନ୍ଦ୍ରନାଥ ମଲ୍ଲିକ ଓ ରାଉରକେଲାର କୈଳାଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଶ୍ରୀନାଟ୍ୟ ସମ୍ମାନ- ୨୦୧୮ ଏବଂ ବେଲପାହାଡର ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ପ୍ରଧାନଙ୍କୁ ପହିଲି ପରସ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ମୁଖ୍ୟଅତିଥି, ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଫରେନ୍ ସାହୁ, ଅଶୋକ କର, ପ୍ରଫେସର ନରେନ୍ଦ୍ର କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାପରେ ଜାତୀୟ ନାଟ୍ୟ ଉତ୍ସବରେ ପୂର୍ବରଙ୍ଗ ଗୌହାଟି, ଆସାମ କଳାକାରମାନେ ଅହମିଆ ଭାଷାରେ ଏକଲବ୍ୟ, ଦ ଜର୍ଣ୍ଣି ବିଗିନ୍ସ ନାଟକ ମଞ୍ଚସ୍ଥ କରିଥିଲେ । ହିଲୋର କୁମାର ପାଠକ ରଚନା କରିଥିବା ବେଳେ ଗୁଣାକର ଦେବ ଗୋସ୍ୱାମୀ ନିର୍ଦ୍ଦେଶନା ଦେଇଥିଲେ । ବିଭିନ୍ନ ଭୂମିକାରେ ପାର୍ଥ ପ୍ରତିମ ହଲୋଇ, ଗୁଣାକର ଦେବ ଗୋସ୍ୱାମୀ, ପଂକ୍ଷୀ କାଶ୍ୟ, ରଞ୍ଜିତା ବରୁଆ, ଜୟମ୍ବା ଦେକା ଓ ସେଉଜ୍ ପ୍ରିୟା ଅଭିନୟ କରିଥିଲେ ।

- ■ ଧୀର ମଲ୍ଲିକ, କୈଳାଶଙ୍କୁ ଶ୍ରୀନାଟ୍ୟ ସମ୍ମାନ
- ■ ସୁବାଷଙ୍କୁ ପହିଲି ପରସ ନାଟ୍ୟ ସମ୍ମାନ

### ସୈରେନ୍ଦ୍ରୀ ନାୟକ ସ୍ମାରକୀ ହାଇସ୍କୁଲ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ମୁଣ୍ଡେନପାଲି, ଜିଲା ସ୍କୁଲ ବିଜୟୀ



ସୋମବାର ହାୱା ମଇଦାନଠାରେ ମୁଣ୍ଡେନପାଲି ବନାମ ତବଲା ମ୍ୟାଚର ଦୃଶ୍ୟ ।

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ସୈରେନ୍ଦ୍ର ନାୟକ ହାଇସ୍କୁଲସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ମ୍ୟାଚରେ ମୁଣ୍ଡେନପାଲି ଓ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଜିଲା ବର୍ଷିୟାନ କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟ ହାୱା ମଇଦାନଠାରେ ହୋଇଥିଲା। ପ୍ରଥମ ମ୍ୟାଚ ମୁଣ୍ଡେନପାଲି ହାଇସ୍କୁଲ ବନାମ ତବଲା ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଏଥିରେ ମୁଣ୍ଡେନପାଲି ୨-୧ ଗୋଲରେ ବିଜୟୀ ହୋଇଥିଲା। ଦଳର ନରେନ୍ଦ୍ର ଝାଙ୍କରଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୂର୍ବତନ ଗୋଲ ରକ୍ଷକ ନାରାୟଣ ପଣ୍ଡା ପୁରସ୍କୃତ କରିଥିଲେ । ଦ୍ୱିତୀୟ ମ୍ୟାଚ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ବନାମ ବୁଢ଼ାରଜା ହାଇସ୍କୁଲ ମଧ୍ୟରେ ଏକତରଫା ହୋଇଥିଲା । ଏଥିରେ ଜିଲା ସ୍କୁଲ ୨-୦ ଗୋଲରେ ବିଜୟୀ ହୋଇଥିଲା। ଜିଲା ସ୍କୁଲର ଖେଳାଳି ଅଭିଷେକ ସୁନାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ମ୍ୟାଚକୁ ମଥୁରା ଓରାମ, ମନୋଜ ଭୋଇ, ସୁବାଷ ରାଉତ, ବଳରାମ ମଟାରୀ, ପଦ୍ମ ନାୟକ ପରିଚାଳନା କରିଥିଲେ । ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ସୁରେନ୍ଦ୍ର ମୋହନ ପୁରୋହିତ, ପ୍ରେମରଞ୍ଜନ ପ୍ରଧାନ, ଜନ୍ ଖାଲକୋ ଓ ମନୋରଞ୍ଜନ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ । ଡ. ବିଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ହୀରାକୁଦରେ ଚିକିତ୍ସା ଶିବିର




ହୀରାକୁଦରେ ଚିକିତ୍ସା ଶିବିରରେ ଆୟୋଜକ ଓ ଡାକ୍ତରମାନେ ।

**ସମ୍ବଲପୁର, ୧୨।୧୧ (ବ୍ୟୁରୋ)**

ହୀରାକୁଦ ଲାୟନ୍ସ କ୍ଲବ ପରିବାର ଓ ହୀରାକୁଦ ରୟାଲ୍ସ ମିଳିତ ଆୟୋଜନରେ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ଆର୍ଯ୍ୟ ସମାଜ ମନ୍ଦିର ପରିସରରେ ଶିବିର ହୋଇଥିଲା । ରାଜସ୍ଥାନ, ଯୋଦ୍ଧପୁର ଡା. ଏଆର ଚୌଧୁରୀ ଓ ତାଙ୍କ ୫ଜଣ ସହଯୋଗୀ ଆକ୍ୱାପ୍ରେସର୍ ପଦ୍ଧତିରେ ସପ୍ତାହ ବ୍ୟାପି ଚିକିତ୍ସା କରିବେ। ବେଣୁମାଧବ ଦୋରା, ଲଳିତ କୁମାର ପଟେଲ ଓ ଜଗନମୋହନ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଶିବିରରେ ଉଚ୍ଚ ରକ୍ତଚାପ, ଅଣ୍ଟା ଓ ଗଣ୍ଠିବ୍ୟଥା, ହାଡ ଗୋଡ ସମସ୍ୟା, ମୋଟାପା, ପୁରୁଣା ମୁଣ୍ଡ ବ୍ୟଥା, ନିଦ୍ରାହୀନତା, ପେଟ ରୋଗ ପ୍ରଭୃତି ଉପଶମ କରିବାକୁ ଚିକିତ୍ସା କରାଯିବ । ସଞ୍ଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶେଖମନସୁର ଅଲ୍ଲି, ଭାସ୍କର ଚରଣ ରଣା, ଏମଏସଏଚ ବେଗ, ବିକାଶ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ସଫେଇ ପାଇଁ ମୁଙ୍ଗାପଡାବାସୀଙ୍କ ଦାବି

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

କ୍ଷେତରାଜପୁର ମୁଙ୍ଗାପଡା ବୈଷ୍ଣୋଦେବୀ ମାର୍ଗ ପଡାବାସୀ ସଫେଇ ଲାଗି ଦାବି କରିଛନ୍ତି। ସେମାନେ ଏହି ମର୍ମରେ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗକୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ କ୍ରମେ ପଡାରେ ଥିବା ଡ୍ରେନ ଗୁଡିକ ଠିକ ଭାବେ ସଫେଇ କରାଯାଉ ନାହିଁ । ଫଳରେ ଅଳିଆ ଆବର୍ଜନା ଭରି ରହି ପାଣି ଜମି ରହୁଛି । ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ରାସ୍ତାରେ ଯିବା ଆସିବା ସମୟରେ ସମସ୍ୟା ଦେଖା ଦେଉଛି । ଅଭିଯୋଗ କଲେ ଲାଭ ହେଉନି। ରାଜେନ୍ଦ୍ର ପ୍ରସାଦ ଅଗ୍ରୱାଲ,ଅଶିଷ ଗୋୟଲ, ସୁରେଖା ସିଂ, ସୁବାଶ ସିଂ, ଗୁଲାବତି ଓରାମ, ସୁବାସିନୀ ଓରାମ, ବିଜିଲି ଓରାମ, ଶ୍ରୀପତି ସାହୁ ପ୍ରମୁଖ ଏହି ସମସ୍ୟାର ସମାଧାନ ଦାବି କରିଛନ୍ତି।

# ଜିଏମ୍‌ୟୁ ଫାଟକରେ ଛାତ୍ରୀ ରାକ୍ଷୀ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି

- ■ ଆତ୍ମହତ୍ୟା ନୁହେଁ ହତ୍ୟା କରାଯାଇଛି
- ■ ଉଚ୍ଚସ୍ତରୀୟ ତଦନ୍ତ ଦାବି



ରବିବାର ରାତିରେ ଜିଏମ୍‌ୟୁ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ମହମବତି ଜାଳି ରାକ୍ଷୀ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ।

**ସମ୍ବଲପୁର, ୧୨।୧୧ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏମଫିଲ ଛାତ୍ରୀ ରାକ୍ଷୀ ନାୟକ ଆତ୍ମହତ୍ୟା କରିନାହାନ୍ତି । ଏହା ଏକ ହତ୍ୟାକାଣ୍ଡ। ତେଣୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ। ଏ ନେଇ ଜିଲା ପୋଲିସ ଓ ପ୍ରଶାସନ ତତ୍ପରତା ପ୍ରକାଶ କରିବା ଆବଶ୍ୟକତା ରହିଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ରବିବାର ରାତିରେ ଛାତ୍ରୀଛାତ୍ରମାନେ ଏହି ଦାବି କରିଛନ୍ତି । ଏଥି ସହ ସେମାନେ ରାକ୍ଷୀଙ୍କ ଆତ୍ମାର ସଦଗତି ନିମନ୍ତେ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏଥିରେ ଏନଏସଏସ ବିଭାଗ, ବିଶ୍ୱବିଦ୍ୟାଳୟ, ବିଭିନ୍ନ ଛାତ୍ରବାସ ଅନ୍ତେବାସୀ ଓ ଉଦ୍ଭିଦ୍ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ର ସାମିଲ ଥିଲେ। ଏନଏସଏସ ବିଭାଗର ଡ. ପ୍ରଦୋଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ନିଲିମା ପ୍ରିୟଦର୍ଶିନୀ, ମାନସ ଖଣ୍ଡା, ସନ୍ଦୀପ କୁମାର ମିଶ୍ର, ପ୍ରତୀକ ସେଠ, ବିଜୁ ମେହେର, ଛନ୍ଦାଚରଣ ଦଳପତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୯ ତାରିଖ ସନ୍ଧ୍ୟାରେ ଗୋବିନ୍ଦତୋଲାର ରାକ୍ଷୀ ନାୟକ ମହାନଦୀର ଦ୍ୱିତୀୟ ସେତୁରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ନାବାଳିକା କଲେଜ ଛାତ୍ରୀ ନିଖୋଜ, ଥାନାରେ ମାମଲା

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଥାନା ଅଧୀନ ପଡିଆବାହାଲ ଅଞ୍ଚଳରୁ ଜଣେ ନାବାଳିକା କଲେଜ ଯାଇ ଆଉ ଘରକୁ ଫେରି ନାହାନ୍ତି । ଏ ନେଇ ତାଙ୍କ ବାପା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅଭିଯୋଗ କ୍ରମେ ସମ୍ବଲପୁର ମହିଳା କଲେଜରେ ନାବାଳିକା ଜଣଙ୍କ ଯୁକ୍ତ ୨ରେ ପଢୁଥିଲେ । ଗତ ୯ ତାରିଖ ପରୀକ୍ଷା ଦେବାକୁ ସେ ଘରୁ ବାହାରିଥିଲେ । ହେଲେ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ବର୍ଗ ଖୋଜାଖୋଜି କରିଥିଲେ। ସୋମବାର ସୁଦ୍ଧା ପତ୍ତା ନ ମିଳିବାରୁ ଥାନାରେ ଅଭିଯୋଗ କରିଛନ୍ତି।

# ସ୍ପିଲ୍‌ୱେ ବିସ୍ଥାପିତଙ୍କୁ ଥଇଥାନ କାମରେ ବିରୋଧ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**



ସମ୍ବଲପୁର ହୀରାକୁଦ ସ୍ପିଲୱେ ବିସ୍ଥାପିତଙ୍କ ପାଇଁ ଜମିରେ କାମ ଚାଲିଥିବା ସମୟରେ ଗ୍ରାମବାସୀଙ୍କ ବିରୋଧ ।

ହୀରାକୁଦ ଡ୍ୟାମ୍ ଅତିରିକ୍ତ ସ୍ପିଲ୍‌ୱେ କାମ ଆରମ୍ଭରୁ ବିସ୍ଥାପିତ ପରିବାର ଏହାକୁ ବିରୋଧ କରୁଥିଲେ । ପ୍ରଶାସନ ଓ ବିସ୍ଥାପିତଙ୍କ ମଧ୍ୟ ଆପୋଷ ବୁଝାମଣା ହୋଇଥିଲା। ଜମି ଓ ଘର ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଘର ଛାଡିବାକୁ ରାଜି ହୋଇଥିଲେ । ୭୦୮ ବିସ୍ଥାପିତ ପରିବାରଙ୍କ ପାଇଁ ଘର ନିର୍ମାଣ ପାଇଁ ଜମି ସମତଳ କରୁଥିବା ସମୟରେ ପୁଣି ବିରୋଧ ହେଉଛି । ବିସ୍ଥାପିତଙ୍କ ପାଇଁ ୧୨ ନଂ ୱାର୍ଡର ଲରଭଙ୍ଗା ଓ ଷୋଲବନ୍ଧ ମୌଜାରେ ଥିବା ସରକାରୀ ଓ ଜଙ୍ଗଲଜମି ଚିହ୍ନଟ ହୋଇଛି । ସୋମବାର ଉକ୍ତ ଜମିରେ ଠିକା କମ୍ପାନୀ ପକ୍ଷରୁ କାମ ଆରମ୍ଭ ହୋଇଥିଲା । ଏହି ଖବର ପାଇ ୱାଡର ଡେଙ୍ଗିମଚା, ମହମ୍ମଦପୁର,ଗୁଣ୍ଡୁରୁପଡା, ଘଟିପଡା, ଗଡମୁଣ୍ଡା,ଖଡିଆପଡାର ଶତାଧିକ ଲୋକ କାମ ହେଉଥିବା ସ୍ଥାନରେ ପହଞ୍ଚି କାମକୁ ବନ୍ଦ କରି ଦେଇଥିଲେ । ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ମହାନଗର ନିଗମରେ ୪ ବର୍ଷ ହେବ ସାମିଲ ହେଇଛନ୍ତି। ମହାନଗର ନିଗମ ୧୨ ନଂ ୱାର୍ଡରେ କୌଣସି ଉନ୍ନୟନ ମୂଳକ କାମ କରାଯାଇନାହିଁ । କାହାରି ଘରେ ପାଇଖାନା ନାହିଁ । ଗୋଟିଏ ମଧ ଗୋଷ୍ଠି ଶୌଚାଳୟ ନିର୍ମାଣ କରାଯାଇନାହିଁ । ଗ୍ରାମରେ ପାଣି, ରାସ୍ତାଘାଟ ଭଳି ମୌଳିକ ସମସ୍ୟା ରହିଛି । ପୂର୍ବରୁ ହୀରାକୁଦ ଡ୍ୟାମ ନିର୍ମାଣରେ ବିସ୍ଥାପିତ ହୋଇ ବର୍ଷ ବର୍ଷ ଧରି ରହି ଆସୁଥିଲେ ମଧ କାହାରକୁ ଜମି ପଟ୍ଟା ପ୍ରଦାନ କରାଯାଉ ନାହିଁ । ଫଳରେ ଘର ଖଣ୍ଡିଏ ଗ୍ରାମବାସୀଙ୍କୁ ମିଳୁନାହିଁ । ହେଲେ ଏବେ ସ୍ପିଲ୍ସୱେରେ ବିସ୍ଥାପିତମାନଙ୍କୁ ଘର ଜମି ପ୍ରଦାନ କରାଯାଉଛି। ଅଧିକାଂଶ ଗ୍ରାମବାସୀ ଆଦିବାସୀ ଶ୍ରେଣୀର। ଛେଳିମେଣ୍ଢା ଓ ଗାଈଗୋରୁ ପାଳନ କରି ରୋଜଗାର କରନ୍ତି । ବିସ୍ଥାପିତ ମାନଙ୍କ ପାଇଁ ଚିହ୍ନଟ ହୋଇଥିବା ଜଙ୍ଗଲ ଜମି ଓ ସରକାରୀ ଜମିରେ ନିର୍ଭର କରନ୍ତି । ଏହି ଜମିରେ ଘର ନିର୍ମାଣ କଲେ ଏହି ୪ ଗ୍ରାମବାସୀ ରୋଜଗାର ହରାଇବେ। ତେଣୁ ପ୍ରଥମେସ୍ଥାୟୀ ପଟ୍ଟା ପ୍ରଦାନ କରାଯାଉ। ଗ୍ରାମ ଗୁଡିକରେ ଥିବା ମୌଳିକ ସୁବିଧା ଯୋଗାଇ ଦିଆଯାଉ। ତେବେ ଦିନ ତମାମ କାମ ବନ୍ଦ ହୋଇଥିଲା, ହେଲେ ଆଲୋଚନା ପାଇଁ କେହି ଆସି ନ ଥିଲେ । ସୂଚନାଯୋଗ୍ୟ ଯେ ହୀରାକୁଦ ଡ୍ୟାମ୍ ବନ୍ୟାଜଳ ନିଷ୍କାସନ ଓ ନିୟନ୍ତ୍ରଣ କରିବା ପାଇଁ ସ୍ପିଲ୍‌ୱେ ନିର୍ମାଣ କରାଯାଉଛି । ପ୍ରାୟ ୩୭୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ଟାଟା କମ୍ପାନୀ ଓ ତୁର୍କିର ଏଜବଯେ କମ୍ପାନୀ କାମ କରୁଛି। ଏହି ସ୍ପିଲ୍‌ୱେରେ ୫ଟି ସ୍ଲୁଇସ ଗେଟ୍ ନିର୍ମାଣ ହେବ । ପୂର୍ବରୁ ସମୁଦାୟ ୯୮ ଗେଟ୍‌ଥରେ ମୋଟ ୧୫ ଲକ୍ଷ କ୍ୟୁସେକ ପାଣି ନିଷ୍କାସନ ହେଉଥିଲା। ଏହି ୫ ଗେଟ୍ ନିର୍ମାଣ ପରେ ମୋଟ ୧୮ ଲକ୍ଷ କ୍ୟୁସେକ ପାଣି ନିଷ୍କାସନ ହେବ।

- ■ ଜମି ସମତୁଲ କାମ ବନ୍ଦ କଲେ ଗ୍ରାମବାସୀ
- ■ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି

## ସଂକ୍ଷେପରେ

### ବାଘବର ପଞ୍ଚାୟତରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୧୨।୧୧(ସ୍ୱ.ପ୍ର.)**- ଦେବଗଡ଼ ରିଆମାଳ ବ୍ଲକ ବାଘବର ପଞ୍ଚାୟତରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଯୋଗଦେଇ ୧୩୫ଟି ଅଭିଯୋଗର ଶୁଣାଣି କରି ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ତତ୍‌କ୍ଷଣାତ୍ ୧୬ଟି ଦରଖାସ୍ତର ଶୁଣାଣି କରାଯାଇଥିଲା। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ୧୧୯ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୧୬ଟି ସାମୁହିକ ସମସ୍ୟା ରହିଥିଲା। ବାଘବର ଗ୍ରାମର ଗୁଆ ନାୟକଙ୍କୁ ଜିଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଶିବିରରେ ଯୋଗ ଦେଇଥିବା ଜନସାଧାରଣ ମୁଖ୍ୟତଃ ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳଯୋଗାଣ, ରାସ୍ତା ନିର୍ମାଣ, ରେଙ୍ଗାଳି ବିସ୍ଥାପିତଙ୍କ ସସମ୍ୟା, ଚେକ୍‌ଡ୍ୟାମ ନିର୍ମାଣ, ଦାରିଦ୍ର୍ୟ ସୀମାରେଖା ତଳେଥିବା ପରିବାରକୁ ବିଦ୍ୟୁତ୍ ସଂଯୋଗ, ସ୍କୁଲରେ ଶିକ୍ଷକ ଅଭାବ, କେନାଲ ନିର୍ମାଣ, ରାଶନକାର୍ଡ ଓ ପୋଲ ନିର୍ମାଣ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷିକା ଅନୁପମା ଜେମ୍ସ, ପ୍ରକଳ୍ପ ନିର୍ଦ୍ଦେଶକ ଡିଆର୍‌ଡିଏ ଭିନସେଣ୍ଟ ପୁନମ କାନ୍ତ ଏକ୍କା, ଉପ ଜିଲାପାଳ ବିମଳେନ୍ଦୁ ମିଶ୍ର, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଟପ୍ପୋ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

### କଲେଜ ଛାତ୍ରୀଙ୍କୁ ଅପହରଣ: ଯୁବକ ଅଟକ

**ରିଆମାଳ,୧୨।୧୧(ଡି.ଏନ୍.ଏ.)**- ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅପହଣ ଅଭିଯୋଗରେ ରିମାମାଳ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ଅଭିଯୋଗ ମୁତାବକ ଛାତ୍ରି ଜଣକ କଲେଜକୁ ଯାଇଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ଖୋଜାଖୋଜି କରିଥିବା ବେଳେ ତାଙ୍କୁ ପାଇ ନ ଥିଲେ। ପରେ ଛାତ୍ରୀଙ୍କ ବାପା ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ତଦନ୍ତ ପରେ ନାବିଳିକା ଛାତ୍ରୀଙ୍କୁ ଉଦ୍ଧାର କରିଛି। ଅନ୍ୟପକ୍ଷେ ପୋଲିସ ଅଭିଯୋଗକୁ ଭିତ୍ତି କରି ରିଆମାଳ ଗ୍ରାମର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।



ଅଙ୍ଗନୱାଡ଼ି କେନ୍ଦ୍ର ଘେରାଉରେ ସାମିଲ ହୋଇଥିବା ସାହିବାସିନ୍ଦା।

# ସାହିବାସିନ୍ଦାଙ୍କ ଅଙ୍ଗନୱାଡି କେନ୍ଦ୍ର ଘେରାଉ

**ଦେବଗଡ଼,୧୨।୧୧(ସ୍ୱ.ପ୍ର.)**

ଦେବଗଡ଼ ସହର ୫ ନମ୍ବର ୱାର୍ଡ ତଅଁଳାସାହିରେ ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଦୀର୍ଘ ୩ ମାସ ହେଲା ଶିକ୍ଷୟିତ୍ରୀ ନ ଥିବା ବେଳେ ରୋଷେୟା ପିଲାମାନଙ୍କୁ ପାଠ ପଢ଼ାଇବା ସହ ଖାଇବା କଥା ବୁଝୁଛନ୍ତି। ଏଥିରେ ଅସନ୍ତୁଷ୍ଟ ସାହିବାସିନ୍ଦା ସୋମବାର ଅଙ୍ଗନୱାଡ଼ି କେନ୍ଦ୍ରକୁ ଘେରାଉ କରିବା ସହ ଶିକ୍ଷୟିତ୍ରୀଙ୍କୁ ଯଥାଶୀଘ୍ର ନିଯୁକ୍ତି ଦିଆ ନ ଗଲେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି। ସାହିବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ପିଲାମାନଙ୍କ ପାଠପଢ଼ାରେ ସମସ୍ୟା ହେବାରୁ ଜଣେ ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀଙ୍କୁ ଅସ୍ଥାୟୀ ଭାବେ ଥଇଥାନ କରାଯାଇଥିଲା। ହେଲେ ସେ କେନ୍ଦ୍ରକୁ ଆସୁନାହାନ୍ତି। ଏଣୁ କେନ୍ଦ୍ରରେ ନୂତନ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେବା ଲାଗି ଏକ ବିଜ୍ଞାପନ କେନ୍ଦ୍ର ବାହାରେ ମରାଯାଇଥିଲା। ତେବେ ତାହାକୁ ଚିରି ଦିଆଯାଇଛି। ଏଣୁ ଲୁଚାଛପା ନିଯୁକ୍ତି ପ୍ରକ୍ରିୟା କରାଯିବାକୁ ଏହା ଚକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସିଡିପିଓ ମୋନବି ରାଏଙ୍କୁ ପଚାରିବାରେ କେନ୍ଦ୍ର ବାହାରେ ମରାଯାଇଥିବା ନୋଟିସ ମୁତବାକ ଆବେଦନ ଫର୍ମ ଆସିଛି। ନିୟମ ଅନୁଯାୟୀ ପୋଷ୍ଟିଂ କରାଯିବ।

# କାର୍‌ଗିଲ ଛକ ମହାଲକ୍ଷ୍ମୀ ପୂଜା ଭସାଣି ଯାତ୍ରା

**ଦେବଗଡ଼,୧୨।୧୧(ସ୍ୱ.ପ୍ର.)**

ପୌରାଞ୍ଚଳସ୍ଥିତ କାରଗିଲ ଛକ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ରୀତିନୀତି ଅନୁଯାୟୀ ମଙ୍ଗଳ ଆରତୀ, ହୋମଯଜ୍ଞ, ପୁରୋହିତଙ୍କ ମନ୍ତ୍ରପାଠରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ୬ ଦିନ ଧରି ଚାଲିଥିବା ପୂଜାରେ ସୁବ୍ରତ କୁମାର ପାତ୍ର, ମୋତିଲାଲ ଶର୍ମା, ସରୋଜ ପାଢୀ, ରଶ୍ମୀରଞ୍ଜନ ବରାଇ, ମଣ୍ଟୁ ଦିବେଦ୍ୱୀ, ଗିଲୁ ମହାପାତ୍ର, ରାଜୀବ ମହାକୁଳ, ପିଣ୍ଟୁ ଦେବ, ସନ୍ତୋଷ ଦେହୁରି, କାଳିଆ ଦ୍ୱିବେଦୀ, ଚିକୁନ ପ୍ରଧାନ, ବିକି ଦେବ, ସୋମ ଶର୍ମା, ଚିନୁ ହାତୀଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଭସାଣୀ ଏବଂ ପୂଜାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପ ସମ୍ମୁଖରୁ ସୁସଜ୍ଜିତ ଏକ ଗାଡିରେ ମା' ଲକ୍ଷ୍ମୀଙ୍କ ଭାସାଣି ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏଥିରେ ଘଣ୍ଟବାଦ୍ୟ, ସଂକୀର୍ତ୍ତନ, ଦୁଲଦୁଲି ବାଜା, ଭାଙ୍ଗଡା, ଡିଜେ ସାଉଣ୍ଡ, ଘୋଡା ନାଚ ଆଦି ସାଂସ୍କୃତିକ ନୃତ୍ୟ ଦଳ ସାମିଲ ହୋଇଥିଲେ। ପରେ ସ୍ଥାନୀୟ ବନ୍ଧରେ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ବିସର୍ଜନ କରାଯାଇଥିଲା। ପୂଜାରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଡ୍ୟାନ୍ସ ଧମାକା, ଅନ୍ନ ପ୍ରସାଦ, ପିଠା ଭୋଗ ବଣ୍ଟନ ଆଦି କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦନ କରାଯାଇଥିଲା।



ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଉଛି।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

# ଭାଜପାର ବ୍ଲକ ଘେରାଉ

**ଦେବଗଡ଼,୧୨।୧୧(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ବିଫଳତା ପ୍ରତିବାଦରେ ଭାଜପା ପକ୍ଷରୁ ସୋମବାର ବାରକୋଟ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ, ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ଭାଜପା ଜିଲା ସଭାପତି ଅରୁଣ ସାହୁଙ୍କ ନେତୃତ୍ୱରେ ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ, ବ୍ଲକ ଅଧକ୍ଷା ସୁବାସିନୀ ସାହୁ, ବ୍ଲକ ଉପାଧକ୍ଷ ହରମୋହନ ପାଣି, ସନ୍ତୋଷ ଭୁତିୟା, ଭାରତ ଭୁଷଣ ପ୍ରଧାନ, ସଚିକାନ୍ତ ଦାଶ, ବିରଞ୍ଚି ବେହେରାଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ପ୍ରମୁଖ ଏକ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶେଭାଯାତ୍ରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏପରି କି ଭାଜପା କର୍ମକର୍ତ୍ତାମାନେ ବାରକୋଟ ବ୍ଲକ ଅଞ୍ଚଳକୁ ମରୁଡ଼ି ଘୋଷଣା ଦାବି କରିବା ସହ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟାର ସାମଧାନ ଦାବି କରିଥିଲେ। ଏଥିରେ ବ୍ଲକର ୨୪ଟି ପଞ୍ଚାୟତର କର୍ମୀ, ସରପଞ୍ଚ, ସମିତି ସଭ୍ୟା ସଭ୍ୟଙ୍କ ସମେତ ବହୁସଂଖ୍ୟକ ଜନସାଧାରଣ ଯୋଗ ଦେଇଥିଲେ।

# ମାଦିଳିଆ ନାଳ ପୋଲ ନିର୍ମାଣ ଦାବି

**ରିଆମାଳ,୧୨।୧୧(ଡି.ଏନ୍.ଏ.)**

ଦେବଗହ ଜିଲା ରିଆମାଳ ବ୍ଲକ ନାଉଲିପଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋଳାବନ୍ଧଠାରୁ ଜାତୀୟ ରାଜପଥ ନଂ ୨୦୦ ଭାୟା ତିଳେଇପଶି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଦାବି ହୋଇ ଆସୁଥିଲା। ଦେବଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଅନ୍ତର୍ଭୁକ୍ତ କରି କାର୍ଯ୍ୟ ଆରମ୍ଭ କରିଛି। କିନ୍ତୁ ଗୋଳାବନ୍ଧ ଓ ତିଳେଇପଶି ଗ୍ରାମର ମଝିରେ ମାଦିଳିଆ ନାଳ ପ୍ରଭାବିତ ହୋଇଛି। ଉକ୍ତ ନାଳରେ ବର୍ଷା ଦିନେ ୧୦ଫୁଟରୁ ୧୫ଫୁଟ ପର୍ଯ୍ୟନ୍ତ ବନ୍ୟାଜଳ ପ୍ରଭାବିତ ହୋଇଥାଏ। ବର୍ତ୍ତମାନ ଉକ୍ତ ନାଳରେ ହ୍ୟୁମପାଇପ ପକାଇ ଭେଣ୍ଟେଡ୍ କୋଜୱେ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଚାହୁଥିବା ବେଳେ ସ୍ଥାନୀୟ ବାସିନ୍ଦା ଏହାକୁ ନାପସନ୍ଦ କରୁଛନ୍ତି। ଯଦି ନାଳ ଉପରେ ହ୍ୟୁମପାଇପରେ ପୋଲ ନିର୍ମାଣ ହୁଏ ତେବେ ବର୍ଷା ଦିନେ ପୋଲର ଦୁଇ ପାର୍ଶ୍ୱ ବନ୍ୟାଜଳରେ ସମ୍ପୂର୍ଣ୍ଣ ଭାବରେ କ୍ଷୟ ହେବ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଏଷ୍ଟିମେଟ ଅନୁସାରେ କାର୍ଯ୍ୟ ଚାଲିଛି। ବର୍ତ୍ତମାନ ଏଷ୍ଟିମେଟ ପରିବର୍ତ୍ତନ ହେବ ନାହିଁ ବୋଲି କହିଥିଲେ। ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଏଷ୍ଟିମେଟ ପରିବର୍ତ୍ତନ କରି ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡ଼ାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ଏବଂ ଅନ୍ୟମାନେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଦେବଗଡ଼ ଜିଲାରେ ବିଶ୍ୱ ଶୌଚାଳୟ ଦିବସ ପାଳନ

**ଦେବଗଡ଼,୧୨।୧୧(ସ୍ୱ.ପ୍ର.)**

ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ସମଗ୍ର ଜିଲାରେ ଗତ ୯ ତାରିଖରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ଜିଲାର ସମସ୍ତ ୭୦ପଞ୍ଚାୟତରେ ପ୍ରତ୍ୟେକ ଦିନ ଗ୍ରାମସଭା, ସଚେତନତା ଶୋଭାଯାତ୍ରା, ଗାଁ ଓ ବିଦ୍ୟାଳୟ ସଫେଇ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏଥିରେ ସ୍ଥାନୀୟ ପଞ୍ଚାୟତ ମନିଟର, ସାମଜିକ କର୍ମୀ, ସ୍ୱଚ୍ଛତା କମଟି ସଦସ୍ୟ, ଗାଁ କଲ୍ୟାଣ ସମିତି, ଲୋକପ୍ରତିନିଧି, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବାରକୋଟ ବ୍ଲକ କଣ୍ଢଲଠାରେ ଲକ୍ଷୀପୂଜା ମେଳା ପଡ଼ିଆରେ ସଫେଇ କାର୍ଯ୍ୟକ୍ରମ ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ସହଯୋଗରେ ଆୟୋଜନ କରାଯାଇଥିଲା। ଜିଲା ସଂଯୋଜିକା ଅନିଲା ପ୍ରିୟଦର୍ଶିନୀ କୁଅଁର, ଜିଲା ପରାମର୍ଶଦାତା ପ୍ରଶାନ୍ତ ସାମଲଙ୍କ ନେତୃତ୍ୱରେ ଏବଂ ବ୍ଲକ ସଂଯୋଜକ ସନ୍ଦୀପ ପ୍ରଧାନଙ୍କ ପରିଚାଳନାରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ରିଆମାଳ ବ୍ଲକ ଅଧୀନ ଉଟୁଣିଆ ପଞ୍ଚାୟତ ହରିହରପୁର ଗ୍ରାମରେ ସଫେଇ ଓ ହାତଧୁଆ କାର୍ଯ୍ୟକ୍ରମ ଜିଲା ପରାମର୍ଶଦାତା କୁମୁଦ ଚନ୍ଦ୍ର ଶପତଥୀଙ୍କ ତତ୍ୱାବଧାନରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱଚ୍ଛତା କମିଟିର ପ୍ରଶାନ୍ତ ଜେନା, ପଞ୍ଚାୟତ ମନିଟର ଗୁଣନିଧି ପ୍ରଧାନ, ଶାନ୍ତନୁ ପ୍ରଧାନ, ଲଚ୍ଛମନ ରାଉତ, କୁମୁଦିନୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ତିଲେଇବଣି ବ୍ଲକ ଢୋଲପଡ଼ା, କଂସର, ପ୍ରଭାଶୁଣି, ଚିଛଣାପୁର ଓ ମହୁଲଦର୍ହ ପ୍ରମୁଖ ଗ୍ରାମରେ ସଫେଇ କରାଯାଇଥିଲା।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731 9996602452

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

M. GROUP FINANCE CO.
DIWALI OFFER (Govt. Approved)
• Personal Loan • Business Loan • Salary Slip Loan • Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261 9718741868
Block Chack, Balasore-756027

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861 7379665376

LOAN
ଓଡ଼ିଶାର ସମସ୍ତ ଜିଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603 7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଆଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755 08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261 7991052595

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836 07060557597



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ

## ବଲାଙ୍ଗୀର ଲୋକଉତ୍ସବର ତୃତୀୟ ସନ୍ଧ୍ୟା

# ଉତ୍ସବର ବିଶ୍ୱସ୍ତରୀୟ ପ୍ରଚାର ହେଉ

**ବଲାଙ୍ଗୀର ଅଫିସ, ୧୨।୧୧**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଆୟୋଜିତ ୧୯ତମ ଲୋକଉତ୍ସବର ସୋମବାର ଥିଲା ତୃତୀୟ ସାନ୍ଧ୍ୟ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ଭାବେ ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, କଣ୍ଟାବାଞ୍ଜି ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ଓଡ଼ିଶା ମହିଳା ବିକାଶ ସମବାୟ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଗୁରୁଶ୍ରୀ ଘାସିରାମ ମିଶ୍ର, ସମାଜିକ କର୍ମୀ ଲଳିତ କୁମାର ନାୟକ, ଅତିଥି କଳାକାର ଭାବେ ଶିଶୁ ସାହିତ୍ୟିକ ତଥା କଳାକାର ହୃଷୀକେଶ ପୁରୋହିତ, ମଞ୍ଚ କମିଟି ସହଅଧ୍ୟକ୍ଷ ରାମ ଦାଶ ମଞ୍ଚାସୀନ ଥିଲେ। ସତ୍ୟ ସୁନ୍ଦର ଭଞ୍ଜ ସଭା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ସିଂଦେଓ ବକ୍ତବ୍ୟରେ ବଲାଙ୍ଗୀର ଲୋକଉତ୍ସବ ଜରିଆରେ କଳାର ବିକାଶ ହେଉଥିବା କହି ଏହାର ବିଶ୍ୱସ୍ତରୀୟ ପ୍ରଚାର ପାଇଁ ସୋସିଆଲ ମିଡିଆ ବା ୱେବ୍‌ସାଇଟ୍ ଜରିଆରେ ପ୍ରଚାର ପ୍ରସାର କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ କୋଶଳ କଳାମଣ୍ଡଳ ପଡିଆରେ ପ୍ରାୟ ୯ କୋଟି ଟଙ୍କାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଏକ ସାଂସ୍କୃତିକ ଅଡିଟରିୟମ କରାଯିବ ବୋଲି ସୂଚନା ଦେଇଥିଲେ। ଗୁରୁଶ୍ରୀ ମିଶ୍ର ତାଙ୍କ ଅଭିଭାଷଣରେ ସଂସ୍କୃତି ରକ୍ଷା କରିବା ଜନସାଧାରଙ୍କ ଦାୟିତ୍ୱ ବୋଲି କହିଥିଲେ। କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ ରାଣୀପୁର-ଝରିଆଲ ଓ ହରିଶଙ୍କର କଥା ଉଲ୍ଲେଖ କରି ଅଞ୍ଚଳର ସଂସ୍କୃତି ବିଶ୍ୱବିଦିତ ବୋଲି କହିଥିଲେ । ମହିଳା ନିଗମ ଅଧ୍ୟକ୍ଷା ମିଶ୍ର ଭାଷଣରେ ଅଞ୍ଚଳର ସଂସ୍କୃତି ସମ୍ପର୍କରେ ଗବେଷଣ ହେବା ଜରୁରୀ ବୋଲି କହିଥିଲେ। ଲୋଇସିଂହା ବିଧାୟକ ବେହେରା ଲୋକଉତ୍ସବ ଜରିଆରେ କଳା ଓ କଳାକାଙ୍କ ବିକାଶ ହେଉଛି ବୋଲି କହିଥିଲେ। ସମାଜିକ କର୍ମୀ ନାୟକ ଲୋକଉତ୍ସବ କଳା ସଂସ୍କୃତିର ବିକାଶ ସହ ସାଂସ୍କୃତିକ ସମନ୍ୱୟ ଓ ଭାଇଚାରା ସୃଷ୍ଟି କରୁଛି ବୋଲି କହିଥିଲେ। ଏହି ଅବସରରେ ଲୀଳା ନାଟକ କଳାକାର କାର୍ତ୍ତିକ ସାହୁଙ୍କୁ କଳାକାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗତ ୪ ବର୍ଷ ଧରି ଲୋକଉତ୍ସବରେ ମ୍ୟୁନିସିପାଲିଟିର ସହଯୋଗ ଯୋଗୁ ବଲାଙ୍ଗୀର ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଶ୍ୱଜିତ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଅନୁଷ୍ଠିତ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ବଲାଙ୍ଗୀର ଆଇଡିଏମ୍ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ନୃତ୍ୟ, ନବରଙ୍ଗପୁର ଜିଲା ସଂସ୍କୃତି ବିଭାଗର ଢେ଼ମ୍‌ସା ନୃତ୍ୟ, ପୁଇଁତଲା ଘୁଙ୍ଗୁରୁ କଳା ପରିଷଦ, ପଞ୍ଜାବର ଭାଙ୍ଗଡା, ଆସାମର ବିହୁ, କନ୍ଧମାଳ ଜିଲା ସଂସ୍କୃତି ପରିଷଦ, ଖପ୍ରାଖୋଲ ଯୁଧିଷ୍ଠିର ପଧାନ ଓ ସାଥି, ପାଟଣାଗଡ଼ ଲକ୍ଷପତି ଭୋଇ ଓ ସାଥିଙ୍କ ନୃତ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତୃତୀୟ ଦିବସ ପୂର୍ବାହ୍ନରେ ପୁରୁଣା ମଞ୍ଚରେ ଜିଲାସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଲୋକନୃତ୍ୟ ପ୍ରତିଯୋଗିତା ଦଳୀୟରେ ଖପ୍ରାଖୋଲର ଯୁଧିଷ୍ଠିର ପ୍ରଧାନ ଓ ସାଥି ପ୍ରଥମ, ଚମ୍ପାସରର ଲକ୍ଷପତି ଭୋଇ ଓ ସାଥି ଦ୍ୱିତୀୟ ଓ ଫୁଲକିମୁଣ୍ଡା ସୌକିନ କଳା ପରିଷଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏକକ ଲୋକସଙ୍ଗୀତ ପ୍ରତିଯୋଗିତାରେ ଦେଓଗାଁର ସୁଶାନ୍ତ କୁମାର ଭୋଇ ପ୍ରଥମ, ଗୁଡଭେଲାର କୁନି ଛତ୍ରିଆ ଦ୍ୱିତୀୟ ଓ ଟିଙ୍ଗେରବନ୍ଧର ଶତ୍ରୁଘ୍ନ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦଳୀୟରେ ସୁଦର୍ଶନ ମେହେର ଓ ସାଥି ପ୍ରଥମ, ତୋଫାନ ବାଗ ଓ ସାଥି ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।



ବଲାଙ୍ଗୀର ଲୋକଉତ୍ସବ ତୃତୀୟ ସନ୍ଧ୍ୟାରେ ଅତିଥିମାନେ କଳାକାର କାର୍ତ୍ତିକ ସାହୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ୨୦୧ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ବାଲେଶ୍ୱର ଅଫିସ,୧୨।୧୧**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଝାଡ଼େଶ୍ୱରପୁର ଗ୍ରାମ ଶେଖବାଡ଼ରେ ସୋମବାର ଭୋର ସମୟରେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୦୧ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଶେଖ ସୋମଥତୁଲ୍ଲା (୫୨)ଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ବାଲେଶ୍ୱର ଅବକାରୀ ବିଭାଗ ଚଢାଉରେ ସହାୟତା କରିଥିଲା।

## ଧନଲକ୍ଷ୍ମୀ ବିସର୍ଜନ ବେଳେ ଗଣ୍ଡଗୋଳ

# ତଳେ ପଡ଼ି ଯୁବକଙ୍କ ମୃତ୍ୟୁ

ସୁନ୍ଦରଗଡ଼,୧୨।୧୧(ଡି.ଏନ୍.ଏ.):ଟାଉନଥାନା ଅନ୍ତର୍ଗତ କେନ୍ଦୁପଡ଼ାଠାରେ ଧନଲକ୍ଷ୍ମୀ ବିସର୍ଜନ ବେଳେ କିଛି ଯୁବକଙ୍କ ମଧରେ କୌଣସି କାରଣକୁ ନେଇ ଠେଲାପେଲା ଓ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ମଞ୍ଜିତ୍ ମହେନ୍ଦ୍ର ସିଂ (୪୫) ନାମକ ଜଣେ ଯୁବକ ତଳେ ପଡ଼ି ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମଞ୍ଜିତ୍‌ଙ୍କ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତଦନ୍ତ ଆରମ୍ଭ କରିଛି। ପଞ୍ଜାବରେ ରହୁଥିବା ତାଙ୍କ ଆତ୍ମୀୟମାନେ ଏଠାରେ ପହଞ୍ଚି ନ ଥିବାରୁ ମୃତଦେହକୁ ମେଡିକାଲ ମର୍ଗହାଉସରେ ରଖାଯାଇଛି। ଏହି ଘଟଣାରେ ପୋଲିସ କେନ୍ଦୁପଡ଼ାର କେତେଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା ଚଳାଇଛି।

## ସାପକୁ କାନ୍ଧରେ ପକାଇ ବୁଲିଲେ ଯୁବକ



ରେମୁଣା, ୧୨।୧୧(ଡି.ଏନ.ଏ.): ଘରେ ପଶିଥିବା ଏକ ସାପକୁ ଧରିନେବାରୁ ସାପଟି ଛଟପଟ ହୋଇ ରାଗରେ ଚୋଟ ପରେ ଚୋଟ ମାରିଥିଲା। ସାପ ଚୋଟରେ ରକ୍ତାକ୍ତ ହୋଇଥିବା ଯୁବକଜଣକ ତାହାକୁ ଖାତିର ନ କରି କାନ୍ଧରେ ପକାଇ ବୁଲିବା ଘଟଣା ରେମୁଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଯୁବକଜଣକ ହେଲେ ରେମୁଣା ଥାନା ମାଧିପୁର ଗାଁର ମୂଳିଆ ବେହେରା। ତାଙ୍କ ଘରେ ପ୍ରାୟ ୪ ଫୁଟ ଲମ୍ବର ଏକ ସାପ ପଶିଥିଲା। ସାପକୁ ଧରିବାକୁ ଯାଇ ସେ ଚୋଟ ଖାଇଥିଲେ ମଧ ଭୟଭୀତ ନ ହୋଇ ବଜାର ସାରା ବୁଲୁଥିବା ଦେଖିବାକୁ ମିଳିଥିଲା। ପରେ ଆହତ ମୂଳିଆଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।


## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶଶୋଭା ବିଲ୍ଡିଂ,
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର- ୭୫୧୦୦୧

ପତ୍ର ସଂଖ୍ୟା : ୨୯୧୯୭ ଭୁ.ଉ.କ, ଭୁବନେଶ୍ୱର, ତା ୩୧.୧୦.୧୮ରିଖ
SRD-184/88

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, କଳିଙ୍ଗନଗର ଜମି ପ୍ରକଳ୍ପର ପ୍ଲଟ୍ ନଂ-K9B-115କୁ ଶ୍ରୀମତୀ ଲତିକା ଆଚାର୍ଯ୍ୟ, ପିତା ସ୍ୱର୍ଗତ-ଭାଗୀରଥି ଦାସ୍, ସା-ମାରାପଡ଼ା, ପୋ.ଅ/ଜିଲ୍ଲା- ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଲତିକା ଆଚାର୍ଯ୍ୟ ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ବିଶ୍ୱଜିତ୍ ସାମନ୍ତ, ପିତା-ଗୋବିନ୍ଦ ଚନ୍ଦ୍ର ସାମନ୍ତ, ସା- ଅଂଳାଡିହା, ପୋଅ- କାଲୁପଡା ଘାଟ, ଥାନା- ଟାଙ୍ଗୀ, ଜିଲ୍ଲା- ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରେ ଆବେଦନ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି /ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର (ପନ୍ଦର) ୧୫ ଦିନ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର**



## ZILLA SWASTHYA SAMITI, GAJAPATI
(Department of Health & FW, Govt. of Odisha)

Advt. No. 8036/DPMU/NHM/2018 Dt. 10.11.2018

### NOTICE

**No. 561-E:-** Applications are invited for the following positions from in-house contractual employee of NHM working in the same post under OSH&FW Society in other districts desiring to be posted in Gajapati district. The application shall have the length of uninterrupted contractual service of the employee in the said post under the society & the names of previous stations in such post, his/her present place of posting. For the calculation of incumbency, the last uninterrupted service in the same post under the society shall be taken into account. As per vacancies, the candidates having highest incumbencies shall be repositioned & posted against such vacancies.

| Sl. No. | Name of the Position | No. of Vacancy |
|---|---|---|
| 1 | Office Assistant | 1 |

Interested in-house candidate are requested to apply in the prescribed format with NOC and certificate for last uninterrupted service in the same post under the society from the concerned CDM&PHO-cum-DMD. The application format & other details are available in the website www.gajapti.nic.in. The application should reach by Regd/Speed Post to the undersigned latest by dt.23.11.2018 by 5.00PM. No personal query will be entertained. Vacancies shown above are provisional and subject to change. Incomplete application in any forms is liable for rejection. The authorities reserve the right of accepting / rejecting any application and modify / cancel the advertisement without assigning any reason thereof.

*Sd./- Chief District Medical & Public Health Officer-cum-DMD, Gajapati*

10105/11/0019/1819



## OFFICE OF THE EXECUTIVE ENGINEER MINOR IRRIGATION DIVISION, JHARSUGUDA
**E-mail: eemijharsuguda@gmail.com**
**Office Order No. 1636/ Dated, 08.11.2018**

**No.739-A:-** Due to unavoidable circumstances the tender for the works "Improvement to Jharia Nalla M.I.P in Jharsuguda Block of Jharsuguda District under Improvement to Tanks and M.I.P.s scheme for 2018-19" vide Bid Reference No. EE, MID, JSD/06/2018-19 and "Improvement to Badka Kata MIP in Laikera block of Jharsuguda district for 2018-19 (under Improvement to Tanks and M.I.P.s scheme)." vide Bid Reference No. EE, MID, JSD/07/2018-19 are hereby cancelled.

**Sd./- Executive Engineer, M.I. Division, Jharsuguda**

**32291/11/0008/1819**



## WORKS DEPARTMENT
**OFFICE OF THE SUPERINTENDING ENGINEER EASTERN CIRCLE (R&B), BALASORE**
e-mail: - seec_bls@rediffmail.com

**Government of Odisha "e" Procurement Notice**
**Bid Identification No.SEEC-10/ 2018-19**

No. 8653 Dt. 09.11.2018

1. Nature of work:- **Road & Bridge Works**
2. Number of works: - **7 (Seven) No. of works**
3. Amount put to Tender:- **Rs.157.38 Lakhs to Rs. 388.37Lakhs**
4. Class of Contractor:- **"B" & "A" & "Special" Class**
5. Date & Time of availability of bid document in the portal:- **Dt.13.11.2018 at 10.00 AM**
6. Last Date / Time of receipt of bid in the portal:- **Dt.26.11.2018 up to 05.00 PM**
7. Date of opening of bid:- **Dt.27.11.2018 at 4.00 PM**
8. Name & address of the Office inviting bid:- **Superintending Engineer, Eastern Circle (R&B), Balasore.**
9. The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in".** All future corrigendum will be available on ONLINE mode only.

No.823-B

**Sd./- M.R. Patnaik**
**Superintending Engineer, Eastern Circle (R& B), Balasore**

34026/11/0015/1819



## ZILLA SWASTHYA SAMITI, BOUDH
**Office of the Chief District Medical & Public Health Officer, Boudh**

Notification No. 2187 Date: 09.11.2018

### ANNOUNCEMENT

**No. 560-E:-** The Advt. No. 12391, dtd.12.09.2018 for advertisement of Maa Gruha in partnership mode under SAMpuRNA. The database (final Score sheet) for selection of NGOs for operationalisation of Maa Gruha Projects in Boudh District after redressal of objections has been finalised & published in the district website (www.boudh.nic.in) for information of the concerned NGOs. Those who have secured above 50% marks shall have to produce their original documents before the selection committee for verification. The date of verification shall be initiated to all concern later.

10107/11/0027/1819 *Sd./- CDM&PHO-cum-District Mission Director, Boudh*



## Office of the Chief Construction Engineer
## Upper Kolab Project, Bariniput , Dist. Koraput,ODISHA-764006
**email id: ccekolab@yahoo.com , Phone / FAX:06854-242035**

No.735-A:-
**e-Procurement Notice No-CCEUKP-03/2018-19**

**No. 4491** **Dated:- 06-11.2018**

| Tender Inviting Authority | Name of Work | Bid Id No. | Value of the Work in Lakhs (Approx) (Excluding GST) | Bid Security in Rs. (Online) | cost of Bid Document (Rs.) (Online) | Class of Bidder | Period of Completion | Availability of Tender On-line for bidding: From | Availability of Tender On-line for bidding: To | Date of Opening of Technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer,Upper Kolab Project, Bariniput. | Construction of Parapet wall of the earth Dam of Telengiri Medium Irrigation Project | UKP-THWD-01/03 of 2018-19 | 215.28/- | 2,15,300/- (Online) | 10,000/- (Online) | "B" Class & "A" Class | 4 Calendar months | 14.11.18 11.30 AM | 30.11.18 5.00 PM | 01.12.18 11.30 AM |
| | Renovation of canal and embankment roads for improvement of busy and distress road under Upper Kolab Head Works Division, Kolabnagar | UKP-UKH-WD-02/03 of 2018-19 | 180.46/- | 1,80,500/- (Online) | 10,000/- (Online) | "B" Class & "A" Class | 4 Calendar months | 14.11.18 11.30 AM | 30.11.18 5.00 PM | 01.12.18 11.30 AM |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.

**Sd./- Chief Construction Engineer, Upper Kolab Project, Bariniput,**

**32197/11/0007/1819**



## GOVERNMENT OF ODISHA
## DEPARTMENT OF WATER RESOURCES
**OFFICE OF THE EXECUTIVE ENGINEER MINOR IRRIGATION DIVISION, JAJPUR**
**Government of Odisha e-Procurement Notice**
**Bid Identification No. Online Tender/ 06 / EEMID JAJPUR / 2018-19**
Mail ID-eemijajpur@gmail.com, Phone No.06728-222008

No.743-A: The Executive Engineer, Minor Irrigation Division, Jajpur on behalf of Governor of Odisha invites percentages rate bids through e- procurement to be received in online mode only for the works as detailed in the table below.

1. Name of works : Civil Construction works as mentioned in the website.
2. Total No of works : 1 No.
3. Estimated Cost : Rs.59.63 Lakh (Detail list of work Annexed).
4. EMD : 1% of cost put to tender
5. Class of Contractor : As mentioned against work
6. Period of Completion : As mentioned against work
7. Date & time of Availability of Bid Documents in the Portal : 17.11.2018 to 28.11.2018 up to 5.00PM.
8. Last Date/ Time for receipt of Bids in the Portal : 28.11.2018 up to 5.00 P.M.
9. Date of Opening of Technical Bid : 29.11.2018
10. Date of Opening of Financial Bid : 04.12.2018
11. Date of Lottery : 07.12.2018 at 11.00 A.M. (If required)
12. Last Date of submission of APS : 17.12.2018 up to 5.00 P.M.
13. Name and address of the Officer Inviting Bid : Executive Engineer, Minor Irrigation Division, Jajpur, PIN.755001.
14. Mode of Payment of Bid Cost & Bid Security : Govt. of Odisha has introduced e- payment gateway into the portal for payment of cost of Bid & Bid security/ EMD. The process of using e-payment gate is mentioned in the "procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the "e" procurement Portal "https:// tendersorissa.gov.
15. Mode of submission of Tenders: Tender should be submitted on-Line in "http:// tendersodisha.gov.in.

32280/11/0008/1819



## KASTURBA GANDHI BALIKA VIDYALAYA
**AT/PO-LAHUNIPARA, LAHUNIPARA SUNDARGARH, PIN NO-770040**

### TENDER CALL NOTICE

**Letter No. 37** **Date 12.11.2018**

Sealed tenders are invited from the registered and reputed firms and manufacturer having GST No. for the supply of Grocery, Cosmetic & Sanitary, Office & student stationary, Dress material to the KASTURBA GANDHI BALIKA VIDYALAYA, LAHUNIPARA for the session 2018-19. Items wise tender form along with related information can be obtain from the Office of the undersigned in between 11 AM to 3 PM. of any working day from 14th November 2018 to 20th November, 2018 on cash payment of Rs. 100 only non refundable. The tender completed in all respect along with requisite EMD money in the shape of Bank Draft/Banker cheque in favour of Headmaster and president KGBV Lahunipara payable at State Bank of India Lahunipara Branch. The tender forms should be submitted through Speed Post/ Registered Post. Tenders submitted without EMD will be summarily rejected. Last date of receipt of tender form are upto 4 PM of dt. 24th November 2018. The tender will be opened on dt. 26.11.2018 11 AM in the Lahunipara Nodal UP School office in the presence of tenderer. The KGBV purchase committee reserves the right to accept or reject the tender in the whole on in part without assigning any reason thereof.

Selection of tender does not conferred any rights on the part of the supplier for compulsory supply. The KGBV Lahunipara reserves all the right to purchase the items as per requirement from time to time and also have the liberty to procure any items from the open market if the same is available with less price than quoted rate due to fluctuation of price.

**Sd./- Headmaster**
**K.G.B.V., Lahunipara, Dist.-Sundargarh**



## GOVERNMENT OF ODISHA
## OFFICE OF THE EXECUTIVE ENGINEER MINOR IRRIGATION DIVISION, ANANDAPUR
Tel No. (06731)220314, e-Mail ID mianandapur@yahoo.co.in

### "e" Procurement Notice
**Identification No-13 MID (ANP/2018-19)**

No.750-A: The Executive Engineer, M. I. Division, Anandapur on behalf of Governor of Orissa invites percentage rate bids through e-procurement to be received in online mode only for the works as detailed in the table below.

1. Name of the works — Civil Construction works as mentioned in the website
2. Total No. of works — **01 no.**
3. Estimated Cost — **45.88** Lakh (Detail list of work Annexed)
4. Class of Contractor — As mentioned against work
5. Period of completion — As mentioned against work
6. Date & time of Availability of on-line Bid Document in the Portal — **16.11.2018** at 10.00 AM to **25.11.2018** upto 5.00PM.
7. Last Date/Time for online receipt of Cost of Bid document, Bid security, Affidavit etc. in the Portal — **25.11.2018** up to 5.00 PM.
8. Date/Time of Opening of Bid — **26.11.2018 at 11.00 AM** Onwards at Office of the E.E.M.I.Divn. Anandapur
9. Date/Time of lottery if required — 30.11.2018 at 11.00 AM at Office of the E.E.M.I.Divn., Anandapur
10. Name & Address of the Officer Inviting the Bid — Executive Engineer, M.I.Division, Anandapur
11. Further details can be seen from the "e" Procurement Portal **https://tendersorissa.gov.in.**

**Sd./- Executive Engineer, M. I. Division, Anandapur**

32108/11/0018/1819



## केन्द्रीय बागवानी परीक्षण केन्द्र
## Central Horticultural Experiment Station
(ICAR-Indian Institute of Horticultural Research, Bengaluru-560089)
(भाकृअनुप-भारतीय बागवानी अनुसंधान संस्थान, बेंगलुरू-560089)
Aiginia, Bhubaneswar-751019, Odisha, Phone: 0674-2471712(O)
Tele Fax: 0674-2471867, E-mail: headches@rediffmail.com

### SHORT TENDER NOTICE NO. 05/2018

On behalf of the Director, ICAR-IIHR, BENGALURU the Head, C.H.E.S., Aiginia, Bhubaneswar-751019 invites sealed tenders from the established and Registered agencies having Registration Certificate as per rule issued by the Competent Authority, ESI and EPF registration, GST Registration Certificate etc. with a proven track record in the field of performing for **Agricultural Field/Farm/Laboratory Works/ Operations for Annual Job/ Work/ Service contract to undertake Agricultural field / Farm/Laboratory works/Operations at** CHES, Aiginia, Bhubaneswar.

The Bid document may be obtained from the above office on working days between 10.00 a.m. and 2.00 p.m. on payment of Rs. 500/- (non-refundable) by Cash/DD drawn in favour of CHES, BBSR payable at Bhubaneswar on or before **Dt.03.12.2018.** The document can also be downloaded from IIHR website (www.iihr.res.in). In case the document is downloaded from the website, the cost of bid document shall have to be deposited by the bidder in the form of DD while submitting their bids in sealed cover. The tenders will be received up to **2.30 p.m. on Dt.03.12.2018.** Tenders will be opened on **Dt.03.12.2018 at 3.00 p.m.**

**Sd/- HEAD**



## GOVERNMENT OF ODISHA
No.824-B
## OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR
Mail ID: - sepwdsbp@rediffmail.com, Fax & Ph. No. 0663-2412303

### e - Procurement
**BID IDENTIFICATION No SENC(R&B) /15/ 2017-18**

No. 3190 Dtd. 09.11.2018

1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in **ONLINE MODE** for the construction of Road works / Building (Composite) works as detailed in the DTCN from the eligible class of contractors.
2. No of Road works **10 (Ten Nos).**
3. Tender Cost: **Rs. 10,000/-**
4. Class of contractor: **"Special" Class, "A" Class and "B" Class**
5. Date & Time of available in website & receipt of Bids **From 24.11.2018 to 17.00 hours of 10.12.2018.**
6. Date of opening of Technical Bid **13.12.2018 at 11.00 hours.**
7. The Bidders have to participate in **ONLINE** bidding only. Further details can be seen from the website **www.tendersodisha.gov.in**.
8. Any corrigendum / Addendum will be displayed in the website **www.tendersodisha.gov.in**.

**Sd./- (S.K.Sahoo)**
**Superintending Engineer**
**Northern (R&B) Circle, Sambalpur**

34035/11/0022/1819



## ACADEMY OF TRIBAL LANGUAGES & CULTURE
**(ST& SC Development Department, Govt. of Odisha)**
**Adivasi Exhibition Grotind,Unit-1, Bhubaneswar- 751009**
**Tele./Fax-0674-2597821, Email- atlcbbsr_08@yahoo.com**
No. 1206/ATLC, Bhubaneswar, Dated: 12-11-2018

### EXPRESSION OF INTEREST

No.67-V : On behalf of the ST & SC Development Department, Academy of Tribal Languages and Culture (ATLC) is going to organize the State Level Students' Festival, 'Sargiful-2018' from 19th to 21st December, 2018 at Adivasi Exhibition Ground, Unit-1, Bhubaneswar. Interested Event Management Agencies who are having required eligibility and experience as per the ToR may apply on or before 20th November, 2018 by 1.00 PM to the undersigned in the Drop Box placed in the office of the ATLC, Adivasi Exhibition Ground, Unit-1, Bhubaneswar. The offers should be submitted in three separate Bids i.e. Theme Based Design, Technical Bid with required documents and Financial Bid. The details of different activities to be undertaken including eligibilities etc, (ToR) is available in the official website of ST & SC Development Department/ ATLC "www. stscodisha.gov.in/ www.atlcodisha.org" or can be obtained physically from the office of ATLC Located at Adivasi Exhibition Ground, Unit-1. Bhubaneswar on any working days between 11 AM to 4 PM on or before 19th November, 2018. The covers containing Designs, Technical Bids and Financial Bids will be sealed and supperscribed in bold letters Design, Technical Bid and Financial Bid for Sargiful-2018. The Technical Bids will be opened at 4.00 PM on 20.11.2018 and designs of technically qualified Bidders will be opened. The designs of the qualified agencies for Sargiful-2018 will be examined & evaluated by the Tender Committee and there will be a presentation before the Committee for selection. After selection and shortlisting of the Designs, the Financial Bids only of the shortlisted agencies will be opened in presence of the Tenderers or their Authored representatives. The financial bids will be opened in respect of those Agencies who will fulfill the eligibility criteria and on the basis of the designs shortlisted by ihe Tender Committee. For any clarification, the Bidders may contact the OSD-cum-Assistant Director, at ATLC during office hour on any working day up to 19th November, 2018. The expression of interest invited Vide No. 1087 / ATLC, Bhubaneswar, dated- 20.10.2018 is hereby cancelled.
The Authority reserves the right to reject any or all offers without assigning any reason thereof.

26011/11/0005/1819 **Sd./- Member Secretary, ATLC.**

**ଗର୍ଭାବସ୍ଥାରେ ମଧୁମେହ ରୋଗ ବିପଜ୍ଜନକ। ତେଣୁ ଏହି ସମୟରେ ନିୟମିତ ଚିକିତ୍ସା ଏବଂ କେତେକ ଜରୁରୀ ପଦକ୍ଷେପ ଉଭୟ ମା' ଏବଂ ଶିଶୁକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ନଭେମ୍ବର ୧୪ ତାରିଖ ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ଏହାକୁ ନେଇ ବିଶେଷ ଉପସ୍ଥାପନା...**



# ଗର୍ଭାବସ୍ଥାରେ ମଧୁମେହ




ଡା.ସରୋଜିନୀ ଷଡ଼ଙ୍ଗୀ

ସାରା ବିଶ୍ୱରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି। ଦୁଃଖର ବିଷୟ ଯେ, ଭାରତବର୍ଷ ଏ କ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରିଛି। ପୁରୁଷମାନଙ୍କ ଭଳି ମହିଳାମାନେ ମଧ ମଧୁମେହ ରୋଗରେ ବିଶେଷ ଭାବରେ ଆକ୍ରାନ୍ତ ହେଉଛନ୍ତି, ଯାହାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ସଚେତନ କରିବା ଲାଗି ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି, ''ପରିବାର ଓ ମଧୁମେହ ରୋଗ'', ମଧୁମେହ ରୋଗର ଆରୋଗ୍ୟ ପାଇଁ ପରିବାରର ଭୂମିକା ଖୁବ୍ ଗୁରୁତ୍ୱ ପୂର୍ଣ୍ଣ। ଏବେ ସାରା ପୃଥିବୀର ପ୍ରାୟ ୧୯.୯କୋଟି ମହିଳା, ମଧୁମେହ ରୋଗ ଭୋଗୁଛନ୍ତି। ୨୦୪୦ ମସିହା ସୁଦ୍ଧା ଏହା ୩୧.୩ କୋଟିରେ ପରିଣତ ହୋଇଯିବ। ପ୍ରତ୍ୟେକ ପାଞ୍ଚଜଣ ମହିଳା ମଧୁମେହ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ଦୁଇ ଜଣ ମହିଳା ମଧୁମେହ ରୋଗୀ ପ୍ରଜନନ ବୟସ ସୀମା ମଧ୍ୟରେ ଥାଆନ୍ତି ଏବଂ ସେମାନଙ୍କର ସଂଖ୍ୟା ପ୍ରାୟ ୫ କୋଟି। ଯେଉଁମାନଙ୍କ ମଧ୍ୟରୁ ଟାଇପ୍-୧ ମହିଳା ମଧୁମେହ ରୋଗୀଙ୍କର ଗର୍ଭନଷ୍ଟ ଓ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବାର ଆଶଙ୍କା ଅଧିକ ଥାଏ। ଗର୍ଭାବସ୍ଥାରେ ମଧୁମେହ ରୋଗ ମା' ଓ ଶିଶୁ ଉଭୟଙ୍କୁ ବିଶେଷ କ୍ଷତି ପହଞ୍ଚାଇଥାଏ। ଏହା ସାଧାରଣତଃ ଦୁଇ ପ୍ରକାରର ଥାଏ-

1) ଆଗରୁ ମଧୁମେହ ରୋଗ ଭୋଗୁଥିବା ରୋଗୀଙ୍କର ଗର୍ଭଧାରଣ।

2) ଗର୍ଭଧାରଣ ସମୟରେ ଗର୍ଭାବସ୍ଥା ଯୋଗୁଁ ମଧୁମେହ ରୋଗର ଉତ୍ପତ୍ତି। ଏହାକୁ 'ଜେଷ୍ଟେସ୍‌ନାଲ୍ ଡାଏବେଟିସ' କୁହାଯାଏ। ଗର୍ଭାବସ୍ଥାରେ ରକ୍ତରେ ଶର୍କରାର ପରିମାଣ ବଢିଗଲେ ବା' ପରିସ୍ରାରେ ସୁଗାର ଗଲେ ବା' ଗ୍ଲୁକୋଜ ଚାଲେଞ୍ଜ ଟେଷ୍ଟରେ ବେଶି ଗ୍ଲୁକୋଜ ରହିଲେ ସେମାନଙ୍କର ଜି.ଟି.ଟି. କରାଯାଇଥାଏ। ପ୍ରସବ ପରେ ପରେ ଏହା ପୁଣି ସାଧାରଣ ଗ୍ଲୁକୋଜ୍ ଲେଭେଲ୍‌କୁ ଚାଲି ଆସେ। ଗର୍ଭାବସ୍ଥାରେ ଝରୁଥିବା ବିଭିନ୍ନ ହର୍‌ମୋନ୍ ଦ୍ୱାରା ଇନ୍‌ସୁଲିନ୍ ରେଜିଷ୍ଟାନ୍ସ ବଢିଯାଇଥାଏ। ଗର୍ଭାବସ୍ଥା ଏକ ଷ୍ଟ୍ରେସ୍‌ଫୁଲ୍ ପିରିଅଡ୍ ହୋଇଥିବାରୁ ଯେଉଁମାନଙ୍କୁ ମଧୁମେହ ରୋଗ ହେବାର ଚାନ୍ସ ଥାଏ (ପ୍ରିଡାଏବେଟିକ୍ ବା ପୋଟେନ୍ସିଆଲ୍ ଡାଏବେଟିକ୍) ସେମାନଙ୍କୁ ଜେଷ୍ଟେସନାଲ୍ ଡାଏବେଟିକ୍ ମଧୁମେହ ରୋଗ ହୋଇଥାଏ।

କେଉଁମାନଙ୍କୁ ଗର୍ଭାବସ୍ଥାରେ ମଧୁମେହ ରୋଗ ହେବାର ରିସ୍କ ଥାଏ:-

୧- ଯଦି ପରିବାରରେ ବାପା, ମା, ଭାଇ, ଭଉଣୀ, କକା, ମାମୁ, ମାଉସୀ, ଅଜା, ଆଈ ବା' ଜେଜେ ମା' ଜେଜେବାପାଙ୍କୁ ମଧୁମେହ ରୋଗ ହୋଇଥାଏ।

୨- ଯଦି ଆଗରୁ ୪ କେ.ଜି ରୁ ଊର୍ଦ୍ଧ୍ୱ ଓଜନର ଶିଶୁ ଜନ୍ମ ହୋଇଥାଏ।

୩- ଆଗରୁ ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ।

୪- ଆଗରୁ ଗର୍ଭାବସ୍ଥାରେ ପାଣିଥଳୀରେ ବେଶି ପାଣି ବା ଲାଇକର୍ ଜମିଥିଲେ (ପଲି ହାଇଡ୍ରାମ୍ନିଓସ୍)।

୫- କୌଣସି କାରଣ ନ ଥାଇ ଜନ୍ମ ହେବାର ସପ୍ତାହକ ମଧ୍ୟରେ ହଠାତ୍ ଶିଶୁ ମୃତ୍ୟୁ ହୋଇଥାଏ।

୬- ଗର୍ଭାବସ୍ଥାରେ ବାରମ୍ବାର ଧଳା ସ୍ରାବ ହୋଇ କୁଣ୍ଡାଇ ହେଲେ ଓ ମୋନିଲିଆସିସ୍ ଦ୍ୱାରା ଫଙ୍ଗସ୍ ସଂକ୍ରମଣ ହେଲେ।

୭- ପରିସ୍ରାରେ ଗ୍ଲୁକୋଜ୍ ଗଲେ।

୮- ୩୦ ବର୍ଷରୁ ଊର୍ଦ୍ଧ୍ୱ ବୟସରେ ଗର୍ଭଧାରଣ କଲେ।

୯- ଗର୍ଭାବସ୍ଥାରେ ଅତ୍ୟଧିକ ମୋଟା ହୋଇଗଲେ।



୧୦- ବେଶି ଚର୍ବିଜାତୀୟ ଖାଦ୍ୟ ଖାଉଥିବା ମହିଳା।

ଉପରୋକ୍ତ ସବୁ ହାଇରିସ୍କ ମହିଳାମାନଙ୍କର ଗର୍ଭାବସ୍ଥାରେ ସ୍କ୍ରିନିଂ ବା ପ୍ରଥମ ପର୍ଯ୍ୟାୟରେ ଏବଂ ୨୪ ରୁ ୨୮ ସପ୍ତାହ ମଧ୍ୟରେ ଗ୍ଲୁକୋଜ ଚାଲେଞ୍ଜ ଟେଷ୍ଟ କରିବା ଜରୁରୀ।

**ମଧୁମେହ ରୋଗ ଉପରେ ଗର୍ଭ ଧାରଣର ପ୍ରଭାବ:** ଗର୍ଭାବସ୍ଥାରେ ଝରୁଥିବା କୋଟୋଟି ଅନ୍ତଃସ୍ରାବୀ ରସ ଏବଂ ଗର୍ଭଫୁଲରୁ ଝରୁଥିବା ହର୍‌ମୋନ୍ ଯଥା ହ୍ୟୁମାନ ପ୍ଲାସେଣ୍ଟାଲ୍ ଲାକ୍ଟୋଜେନ୍, ଇଷ୍ଟ୍ରୋଜେନ୍, ପ୍ରୋଜେଷ୍ଟେରୋନ୍, ଫ୍ରି କର୍ଟିଜୋଲ୍, ଇନ୍ସୁଲିନ୍ ବିରୋଧୀ ଭାବେ କାର୍ଯ୍ୟ କରନ୍ତି। ସେଥିପାଇଁ ଗର୍ଭାବସ୍ଥାରେ ମଧୁମେହ ରୋଗ ବଢିଯାଏ।

**ମା' ଓ ଶିଶୁ ଉପରେ ମଧୁମେହ ରୋଗର ପ୍ରଭାବ:** ଗର୍ଭାବସ୍ଥାରେ ମଧୁମେହ ହେଲେ ଗର୍ଭପାତ, ଅପରିଣତ ପ୍ରସବ, ସଂକ୍ରମଣ, ବିଶେଷକରି ପରିସ୍ରା ସଂକ୍ରମଣ ହେବା ସହ ବଡ ଶିଶୁ, ବଡ ଗର୍ଭଫୁଲ ଓ ଶିଶୁ ବେଶି ପରିସ୍ରା କରୁଥିବାରୁ ଗର୍ଭଥଳୀରେ ବେଶି ପାଣି ଜମିଯାଏ। ଏହାବ୍ୟତୀତ ଉଚ୍ଚ ରକ୍ତଚାପ ବା ପ୍ରିଏକ୍ଲାମ୍ପସିଆ ଶତକଡା ୨୫ ପ୍ରତିଶତ ହୋଇଥାଏ। କେବେ କେବେ ଏହି ରୋଗ ହୋଇ କିଡନୀ ଫେଲିଅର୍ ହୋଇଯାଏ।

**ପ୍ରସବ ସମୟରେ ଅସୁବିଧା:** ଗର୍ଭସ୍ଥ ଶିଶୁ ବଡ ହୋଇଥିବାରୁ ବହୁ ସମୟ ଧରି ପ୍ରସବ ବ୍ୟଥା ହୋଇଥାଏ। ଶିଶୁର କାନ୍ଧ, ମୁଣ୍ଡ ଓ ନିତମ୍ବ ପ୍ରସବରେ ବିଳମ୍ବ ହୋଇଥାଏ, ଫଳରେ ମା'ର ପ୍ରସବଦ୍ୱାର ଫାଟିଯାଏ ଏବଂ ପ୍ରଚୁର ରକ୍ତସ୍ରାବ ହୁଏ। ଗର୍ଭାବସ୍ଥାରେ ୩୭ ସପ୍ତାହ ପରେ ଅନେକ କ୍ଷେତ୍ରରେ ସିଜରିଆନ୍ ସେକ୍‌ସନ୍ କରାଯାଏ। ଏମାନଙ୍କୁ ବେଶି ସଂକ୍ରମଣ ଓ ସୂତିକା ଜ୍ୱର ହୁଏ। ଉପରୋକ୍ତ କାରଣରୁ ମା'ର ସ୍ତନରେ କ୍ଷୀର ତିଆରି ହୋଇପାରେ ନାହିଁ ଏବଂ ମା' ଶିଶୁକୁ ସ୍ତନ୍ୟପାନ କରାଇପାରେ ନାହିଁ।

**ଶିଶୁ ପାଇଁ ଅସୁବିଧା:** ମଧୁମେହ ରୋଗୀଙ୍କର ବଡ ଓ ଓଜନିଆ ଶିଶୁ ହୁଏ (୩.୫- ୪ କେଜିରୁ ଊର୍ଦ୍ଧ୍ୱ) ତଥା ଜନ୍ମଗତ ବିକଳାଙ୍ଗତା ମଧ ଦେଖାଦେଇଥାଏ। ଯଦି ମା'ର ମଧୁମେହ ରୋଗ ନିୟନ୍ତ୍ରଣ ହୋଇ ନ ଥାଏ ଏବଂ ଗର୍ଭାବସ୍ଥାରେ ପ୍ରଥମ ୩ ମାସରେ ରକ୍ତରେ ଶର୍କରାର ପରିମାଣ ବେଶି ଥାଏ, ତେବେ ଶିଶୁ ବିକଳାଙ୍ଗ ହୁଏ। ଏଥିରେ ମୁଣ୍ଡ ନ ଥିବା ଭୂତ ଶିଶୁ, ଛୋଟମୁଣ୍ଡ, ହୃତପିଣ୍ଡରେ ଛିଦ୍ର ଏବଂ ବୃକକ୍ ତଥା ଖାଦ୍ୟନଳୀରେ ଅସୁବିଧା ଥାଏ। ଗର୍ଭରେ ୧୦-୨୦ ପ୍ରତିଶତ ଶିଶୁ ମୃତ୍ୟୁ ହୋଇଥାଏ, ସାଧାରଣ ପ୍ରସବ ସମୟରେ ଶିଶୁର ସ୍ନାୟୁ, ହାଡ ଓ ମାଂସପେଶୀରେ କ୍ଷତ ହୋଇଥାଏ, ଜନ୍ମପରେ ଶିଶୁରକ୍ତରେ ଶର୍କରା କମିଯାଏ ଏବଂ ନିଃଶ୍ୱାସ ନେବାରେ କଷ୍ଟହୁଏ, ପ୍ରସବପରେ ୭ ଦିନ ମଧ୍ୟରେ କିଛି କାରଣ ନ ଥାଇ ଶିଶୁ ମୃତ୍ୟୁ ହୁଏ। ତେଣୁ ଗର୍ଭଧାରଣ ସମୟରେ ମା'ର ରକ୍ତରେ ଗ୍ଲାଇକୋସିଲେଟେଡ୍ ହିମୋଗ୍ଲୋବିନ୍ ଏବଂ ୧୪ରୁ ୧୮ ସପ୍ତାହ ମଧ୍ୟରେ ଆଲ୍‌ଫାଫିଟୋ ପ୍ରୋଟିନ୍ ଏଷ୍ଟିମେଶନ୍ କରାଯାଏ। ୧୧ ରୁ ୧୪ ସପ୍ତାହ ମଧ୍ୟରେ ଏନ୍.ଟି. ସ୍କାନ କରାଯାଏ। ଏହାଛଡ଼ା ଗର୍ଭଧାରଣର ୨୦ ସପ୍ତାହ ବେଳକୁ ଅଲ୍‌ଟ୍ରାସାଉଣ୍ଡ କରି ଶିଶୁର ବିକଳାଙ୍ଗତା ଦେଖାଯାଏ(କଂଜେନିଟାଲ୍ ଆନୋମାଲି ସ୍କାନ୍ ବା 'ଟିଫା' ସ୍କାନ୍)।

**ଗର୍ଭଧାରଣ ପୂର୍ବରୁ ପରାମର୍ଶ:** ଯେଉଁ ମହିଳା ଗର୍ଭଧାରଣ କରିବା ପୂର୍ବରୁ ମଧୁମେହ ରୋଗ ଭୋଗୁଥିବେ ସେ ନିଜର ରକ୍ତର ଶର୍କରାକୁ ନିୟନ୍ତ୍ରଣ କରି ଏବଂ ଫଲିକ୍ ଏସିଡ୍ ଖାଇ ଗର୍ଭଧାରଣ କରିବା ଆବଶ୍ୟକ।

**ପ୍ରସୂତି ପରିଚର୍ଯ୍ୟା:** ଗର୍ଭାବସ୍ଥାରେ ମଧୁମେହ ରୋଗୀ ପ୍ରଥମ ୫ ମାସ ପର୍ଯ୍ୟନ୍ତ ପ୍ରତି ମାସରେ ଏବଂ ତା'ପରେ ପ୍ରତି ୧୫ ଦିନରେ ଚେକ୍‌ଅପ୍ କରିବା ସହ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଇନ୍‌ସୁଲିନ୍ ଇନ୍‌ଜେକ୍‌ସନ୍ ନେବା ଆବଶ୍ୟକ। ନିୟମିତ ରକ୍ତରେ ଗ୍ଲୁକୋଜ୍ ଓ ଗ୍ଲାଇକୋସିଲେଟେଡ୍ ହିମୋଗ୍ଲୋବିନ୍ ଏବଂ ୧୪ରୁ ୧୮ ସପ୍ତାହ ମଧ୍ୟରେ ଆଲ୍‌ଫାଫିଟୋ ପ୍ରୋଟିନ୍ ଏଷ୍ଟିମେଶନ୍ କରିବା ସହ ଭଲ ଶିଶୁର ଜନ୍ମଗତ ହୃଦ୍‌ରୋଗର ବିକଳାଙ୍ଗତା ଜାଣିବା ପାଇଁ 'ଇକୋ କାର୍ଡିଓଗ୍ରାମ୍' ଏବଂ ୨୦ ସପ୍ତାହ ବେଳକୁ ଅଲ୍‌ଟ୍ରାସାଉଣ୍ଡ କରି କଂଜେନିଟାଲ୍ ଆନୋମାଲି ସ୍କାନ୍ ବା 'ଟିଫା' ସ୍କାନ କରି ଶିଶୁର ବିକଳାଙ୍ଗତା ଦେଖିବା ଦରକାର। ୩୪-୩୬ ସପ୍ତାହ ମଧ୍ୟରେ ଆଡମିଶନ୍ କରି ୩୭ ସପ୍ତାହ ଶେଷ ହେବା ମାତ୍ରେ ପ୍ରସବ କରାଇ ଦେବା ଆବଶ୍ୟକ। କୌଣସି ପରିସ୍ଥିତିରେ ମଧୁମେହ ରୋଗୀକୁ ଏକ୍ସପେକ୍ଟେଡ୍ ଡେଟ୍‌ଅଫ୍ ଡେଲିଭରି ଗଡିଯିବାକୁ ଦେବା ଉଚିତ ନୁହେଁ। ଏଥିରେ ଶିଶୁର ଗର୍ଭରେ ମୃତ୍ୟୁ ହୋଇପାରେ। ତେବେ ମଧୁମେହ ରୋଗୀଙ୍କୁ ଗର୍ଭଧାରଣ ପୂର୍ବରୁ, ଗର୍ଭାବସ୍ଥା ସମୟରେ, ପ୍ରସବ ସମୟରେ ଏବଂ ପ୍ରସବ ପରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ, ମଧୁମେହ ରୋଗ ବିଶେଷଜ୍ଞ ତଥା ଶିଶୁରୋଗ ବିଶେଷଜ୍ଞଙ୍କର ମିଳିତ ଚିକିତ୍ସାରେ ମା' ଓ ଶିଶୁ ଉଭୟ ରହିବା ନିରାପଦ।

*- ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ*
*ମୋ -୯୪୩୭୦୫୫୦୦୭*

ଖାଦ୍ୟ ରୁଚି

## ପନିର ୬୫

**ଆବଶ୍ୟକ ସାମଗ୍ରୀ:** ୨୦୦ ଗ୍ରାମ୍ ପନିର୍, ମଇଦା ୨.୫ ବଡ ଚାମଚ, କର୍ନ ଫ୍ଲୋର୍ ୩ ବଡ ଚାମଚ, ଚାଉଳ ଗୁଣ୍ଡ ଏକ ବଡ ଚାମଚ, ଅଦା ରସୁଣ ପେଷ୍ଟ ୩ ବଡ ଚାମଚ, ଚାଟ୍ ମସଲା ଅଧା ବଡ ଚାମଚ, ଲାଲ୍ ଲଙ୍କା ପାଉଡର୍ ଏକ ଚାମଚ, ଧନିଆ ପାଉଡର୍ ଏକ ଚାମଚ, ତେଲ, ଛୋଟ ଛୋଟ କଟା ହୋଇଥିବା ଗୋଟିଏ ପିଆଜ, ଭୃସୁଙ୍ଗ ପତ୍ର ଦୁଇ ପାଖୁଡା, ଦହି ଦେଢ ଚାମଚ, ପାଣି, ଲୁଣ ସ୍ୱାଦାନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପନିର୍‌କୁ ଛୋଟ ଛୋଟ କ୍ୟୁବ୍ କାଟି ଦିଅନ୍ତୁ। ଗୋଟାଏ ପାତ୍ରରେ କର୍ନ ଫ୍ଲୋର୍, ଚାଉଳ ଗୁଣ୍ଡ, ଅଦା ରସୁଣ ପେଷ୍ଟ, ସବୁ ମସଲା ଗୁଣ୍ଡ, ଲୁଣ ଏବଂ ଦରକାର ଅନୁଯାୟୀ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ସେଥିରେ କଟା ପନିର୍ ପକାଇ ଗୋଳାନ୍ତୁ ଯେପରି ପେଷ୍ଟ ପନିର ଖଣ୍ଡଗୁଡିକରେ ଭଲ ଭାବେ ଲାଗିବ। ଚୁଲାରେ ଏକ କଡେଇ ବସାଇ ତେଲ ଗରମ କରନ୍ତୁ। ସେଥିରେ ପନିର୍‌କୁ ଲାଲ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଅନ୍ୟ ଏକ କଡେଇରେ ଅଳ୍ପ ତେଲ ଗରମ କରି ସେଥିରେ କଟା ପିଆଜ, ଭୃସୁଙ୍ଗ ପତ୍ର ପକାଇ ଲାଲ୍ ହେବା ପର୍ଯ୍ୟନ୍ତ ଭାଜିବା ପରେ ଦହି, ଲଙ୍କା ଗୁଣ୍ଡ, ଲୁଣ ପକାଇ ଅଳ୍ପ ସମୟ ମିଶାଇ ଦିଅନ୍ତୁ। ସେଥିରେ ଛଣା ଯାଇଥିବା ପନିର୍‌କୁ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଗୋଳାଇବା ପରେ ଚୁଲା ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ପନିର୍ ୬୫। ଏହାକୁ ଗରମ ଗରମ ସର୍ଭ କରନ୍ତୁ।





**ଅଦା କେବଳ ଏକ ମସଲା ଭାବେ ତରକାରୀର ସ୍ୱାଦ ବଢ଼ାଇ ନ ଥାଏ ବରଂ ଏଥିରେ ଭରି ରହିଥିବା ପ୍ରଚୁର ପରିମାଣର ପୋଷକତତ୍ତ୍ୱ ଯାହା କି ଶରୀରକୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଦୂରେଇ ରଖିବାରେ ମଧ ସାହାଯ୍ୟ କରିଥାଏ...**

❖ପାଟିରେ ଘା' ବା ଛାଲ ହେବାଦ୍ୱାରା ଖାଇବାରେ ଅନେକଙ୍କୁ ଅସୁବିଧା ହୋଇଥାଏ। ହେଲେ ଯଦି ଆପଣ ଖଣ୍ଡେ ଅଦାକୁ ଚୋବାଇ ଚୋବାଇ ଖାଇବେ ତେବେ ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ଆପଣଙ୍କୁ ଏହି ସମସ୍ୟାରୁ ଶୀଘ୍ର ଉପଶମ ଦେବ।

❖କାଶ ହେଉଥିଲେ ଅଦା ରସରେ ମହୁ ମିଶାଇ ଖାଆନ୍ତୁ ଉପକୃତ ହେବେ। ଏହା ଥଣ୍ଡା ମଧ ଦୂର କରିଥାଏ। ଏଥିପାଇଁ ଆପଣ ଅଦା ଚା' ପିଇପାରିବେ।

❖ପ୍ରତିଦିନ ଖାଦ୍ୟ ତାଲିକାରେ ଅଦାକୁ ସାମିଲ କରିବା ଦ୍ୱାରା ଭାଇରାଲ ରୋଗର ଆଶଙ୍କା ହ୍ରାସ ପାଇଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଆଣ୍ଟିବ୍ୟାକ୍ଟେରିଆଲ୍ ତତ୍ତ୍ୱ ହାନିକାରକ ବ୍ୟାକ୍ଟେରିଆଠାରୁ ଶରୀରକୁ ସୁରକ୍ଷା ଦେଇଥାଏ।

❖ଶରୀରରେ କୋଲେଷ୍ଟେରଲ୍ ପରିମାଣକୁ ନିୟନ୍ତ୍ରଣରେ ରଖିବାରେ ଏହା ବେଶ୍ ଉପକାରୀ। ଏହା ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବାରେ ମଧ ସାହାଯ୍ୟ କରିଥାଏ।

❖ଭୋକ ନ ଲାଗିବା ସମସ୍ୟା ଅନେକଙ୍କଠାରେ ଦେଖିବାକୁ ମିଳେ। ଛୋଟ ଅଦା ଖଣ୍ଡ ସହ ଅଳ୍ପ ଲୁଣ ନେଇ ଚୋବାଇବା ଦ୍ୱାରା ପେଟ ସଫା ରହିବା ସହ ପ୍ରତିଦିନ ଏହିପରି କରିବା ଦ୍ୱାରା ମାତ୍ର ୭-୮ ଦିନ ମଧ୍ୟରେ ଭୋକ ମଧ ଲାଗିବା ଆରମ୍ଭ ହୋଇଥାଏ।

❖ସେହିପରି ବଦହଜମି, ଆମ୍ଳିଆ ହାକୁଟି, ଗ୍ୟାସ୍ ଆଦି ସମସ୍ୟା ଦୂରେଇବାରେ ଅଦା ବେଶ୍ ଉପକାରୀ। ଅଦା ରସରେ ଜୁଆଣି, ସନ୍ଧବ ଲବଣ, ଲେମ୍ବୁ ରସ ମିଶାଇ ପ୍ରତିଦିନ ଦୁଇ ଚାମଚ ଲେଖାଏଁ ସେବନ କରିବା ଦ୍ୱାରା ପାଚନ କ୍ରିୟା ଠିକ୍ ରହିବା ସହ ଏ ସବୁ ସମସ୍ୟାରୁ ଉପଶମ ମିଳିଥାଏ।

❖ଅଦା ଏକ ପ୍ରାକୃତିକ ପୀଡା ନାଶକ ଭାବେ କାର୍ଯ୍ୟ କରିଥାଏ। ବିଶେଷ କରି ଆଣ୍ଠୁ, ଗଣ୍ଠି ଯନ୍ତ୍ରଣା ହେଉଥିଲେ ଅଦାକୁ ଭଲ ଭାବେ ବାଟି ସେଥିରେ କର୍ପୂର ମିଶାଇ ଲଗାନ୍ତୁ ଅଳ୍ପ ସମୟ ମଧ୍ୟରେ ଆରାମ ମିଳିବ।

❖ବାରମ୍ବାର ବାନ୍ତି ହେଉଥିଲେ ଅଦାରସରେ ଅଳ୍ପ ପିଆଜ ରସ ମିଶାଇ ଦୁଇ ଚାମଚ ପିଇବା ଦ୍ୱାରା ବାନ୍ତି କମିଥାଏ।

ସୌ|ନ୍ଦ|ର୍ଯ୍ୟ

**କୌଣସି ପୂଜାପର୍ବ ହେଉ ଅବା ବିବାହ ଆଦି ବିଶେଷ ଅବସରରେ ଭଳିକି ଭଳି ପୋଷାକ ଏବଂ ମେକ୍‌ଅପ୍ ସହ ମହିଳାମାନଙ୍କ ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଥାଏ ମେହେନ୍ଦୀ। ଯଦି ଆପଣ ବି ନିଜ ହାତକୁ ମେହେନ୍ଦୀରେ ସଜାଇବାକୁ ଚାହୁଁଛନ୍ତି ତେବେ ଜାଣି ରଖନ୍ତୁ ବର୍ତ୍ତମାନ ଅଧିକ ଲୋକପ୍ରିୟ ଥିବା କେତେକ ଲାଟେଷ୍ଟ ତଥା ସହଜ ମେହେନ୍ଦୀ ଡିଜାଇନ୍ ସମ୍ପର୍କରେ...**

**ଫ୍ଲୋରାଲ୍ ଡିଜାଇନ୍:** ଏଭଳି ଡିଜାଇନ୍ ଅପେକ୍ଷାକୃତ ଆକର୍ଷଣୀୟ ଲାଗିଥାଏ। ଏଥିରେ ପୂରା ହାତ ହେଉ କିମ୍ବା ପାପୁଲିର ଅଳ୍ପ ଅଳ୍ପ ସ୍ଥାନରେ ବିଭିନ୍ନ ଫୁଲ ଡିଜାଇନ୍ କରାଯାଇଥାଏ। ଏ ଡିଜାଇନ୍ କରିବାକୁ ଚାହୁଁଥିଲେ ଫୁଲର ପାଖୁଡାଗୁଡିକୁ ଅଧିକ ଡିପ୍ କରି ପତଳା ଲାଇନ୍‌ରେ ଡାଳ ଏବଂ ପତ୍ର କରିପାରିବେ। ବର୍ତ୍ତମାନ ଟ୍ରେଣ୍ଡରେ ଥିବା ଗୋଲାପଫୁଲ୍ ଡିଜାଇନ୍ ଟ୍ରାଏ କରିପାରିବେ।

**ଫିଙ୍ଗର ମେହେନ୍ଦୀ ଡିଜାଇନ୍:** ଯେଉଁମାନଙ୍କୁ ହାତ ଭର୍ତ୍ତି କରି ମେହେନ୍ଦୀ ଲଗାଇବା ଏତେ ପସନ୍ଦ ନୁହେଁ କିମ୍ବା ମେହେନ୍ଦୀରେ କିଛି ୟୁନିକ୍ ଡିଜାଇନ୍ କରିବାକୁ ଇଚ୍ଛା ସେମାନଙ୍କ ପାଇଁ ଫିଙ୍ଗର ମେହେନ୍ଦୀ ଡିଜାଇନ୍ ସବୁଠୁ ଭଲ ଅପ୍ସନ୍। ଏଥିରେ ଆପଣ ହାତର ଉଭୟ ଉପର ଏବଂ ଭିତର ପଟ ଆଙ୍ଗୁଠିରେ ସୁନ୍ଦର ସୁନ୍ଦର ଡିଜାଇନ୍ କରିପାରିବେ। ଏଥିରେ ରିଙ୍ଗ୍ ଡିଜାଇନ୍ ଅପେକ୍ଷାକୃତ ଆକର୍ଷଣୀୟ ଲାଗିଥାଏ।

**ଜ୍ୟାମେଟ୍ରିକ୍ ଡିଜାଇନ୍:** ଏଭଳି ଡିଜାଇନ୍‌କୁ ବର୍ତ୍ତମାନେ ଅଧିକାଂଶ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। କାରଣ ପାରମ୍ପରିକ ମେହେନ୍ଦୀ ଡିଜାଇନ୍‌ଗୁଡିକ ତୁଳନାରେ ଏଥିରେ କରାଯାଉଥିବା ଟ୍ରାଙ୍ଗଲ୍, ସ୍କୋୟାର୍, ରାଉଣ୍ଡ, ରମ୍ବସ୍ ଭଳି ଡିଜାଇନ୍ ନିଆରା ଲାଗୁଛି।

**ଗ୍ଲିଟର ମେହେନ୍ଦୀ:** ଅନ୍ୟ ସବୁ ମେହେନ୍ଦୀ ଡିଜାଇନ୍ ତୁଳନାରେ ବର୍ତ୍ତମାନ ଗ୍ଲିଟର ମେହେନ୍ଦୀ ଅନେକଙ୍କୁ ଅଧିକ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି। କାରଣ ଏଥିରେ କେବଳ ମେହେନ୍ଦୀର ଗୋଟିଏ ରଙ୍ଗ ନୁହେଁ ବରଂ ଏହା ସହ ବିଭିନ୍ନ ପ୍ରକାର ଗ୍ଲିଟର ରଙ୍ଗ ରହୁଛି। ଫଳରେ ଡିଜାଇନ୍ କଲରଫୁଲ୍ ଏବଂ ଅଧିକ ସୁନ୍ଦର ଲାଗୁଛି। ତା'ଛଡା ଅନେକେ ଏହାକୁ ନିଜ ଗେଟ୍‌ଅପ୍‌ର ରଙ୍ଗ ସହ ମ୍ୟାଚ୍ କରି ମଧ ଲଗାଇ ପାରୁଛନ୍ତି। ଯଦି ଆପଣଙ୍କୁ ବି ନିଜ ମେହେନ୍ଦୀକୁ କିଛି ନୂଆ ଲୁକ ଦେବାକୁ ଇଚ୍ଛା ତେବେ ଗ୍ଲିଟର ମେହେନ୍ଦୀ ଟ୍ରାଏ କରନ୍ତୁ।





ଟେକ୍ ମହିନ୍ଦ୍ରା ୫ଜି ପ୍ରଚଳନକୁ ଉତ୍ସୁକତାର ସହ ଚାହିଁ ରହିଛି। ଯୋଗାଯୋଗ କ୍ଷେତ୍ରରେ ଅତ୍ୟାଧୁନିକ ବ୍ୟବସ୍ଥା ଆପଣାଇ କମ୍ପାନୀ ନିଜର ଲାଭ ଅଧିକ କରିପାରିବ।
– ସି.ପି. ଗୁରନାନୀ, ଏମ୍‌ଡି, ଟେକ୍ ମହିନ୍ଦ୍ରା



ଜେଟ୍ ଏୟାରୱେଜର କ୍ଷତିକୁ କମାଇବା ଲାଗି ଯଥାସାଧ୍ୟ ପ୍ରୟାସ ଜାରି ରହିଛି। ଆୟ ବଢ଼ାଇବାକୁ ଉଦ୍ୟମ ହେଉଛି।
– ନରେଶ ଗୋଏଲ, ଚେୟାରମ୍ୟାନ, ଜେଟ୍ ଏୟାରୱେଜ



## ସଂକ୍ଷେପରେ

### ମୁଦ୍ରାସ୍ଫୀତି ୩.୩୧%କୁ ହ୍ରାସ ଔଦ୍ୟୋଗିକ ଉତ୍ପାଦନ ୪.୫%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୨-୧୧:** ଫଳ, ପ୍ରୋଟିନଯୁକ୍ତ ଉତ୍ପାଦ ତଥା ଖାଦ୍ୟପଦାର୍ଥ ଦର ହ୍ରାସ ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ଚଳିତ ବର୍ଷର ସର୍ବନିମ୍ନ ସ୍ତର ୩.୩୧%କୁ ହ୍ରାସ ପାଇଛି। ଉପଭୋକ୍ତା ମୂଲ୍ୟ ଆଧାରିତ ସୂଚକାଙ୍କ ସେପ୍ଟେମ୍ବରରେ ୩.୭ ପ୍ରତିଶତ ଥିଲା। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ସୂତ୍ରରୁ ସୋମବାର ଜାରି ତଥ୍ୟ ଅନୁଯାୟୀ ଅକ୍ଟୋବରରେ ଖାଦ୍ୟ ପଦାର୍ଥ ଦର ୦.୮୬% ହ୍ରାସ ପାଇଛି। ସେପ୍ଟେମ୍ବରରେ ଏହାର ମୂଲ୍ୟରେ ୦.୫୧% ବୃଦ୍ଧି ଘଟିଥିଲା। ତଥ୍ୟ ଅନୁଯାୟୀ ଅକ୍ଟୋବରରେ ପନିପରିବା ୮.୦୬% ଶସ୍ତା ହୋଇଛି। ସେହିପରି ଫଳର ମୁଦ୍ରାସ୍ଫୀତି ୦.୩୫%କୁ ହ୍ରାସ ପାଇଛି। ପ୍ରୋଟିନଯୁକ୍ତ ଉତ୍ପାଦ ଯଥା ଚାଉଳ,ଡାଲି, ଅଣ୍ଡା ଆଦିର ଦର ହ୍ରାସ ପାଇଛି। ତେବେ ଇନ୍ଧନ ଓ ବିଜୁଳି ମୁଦ୍ରାସ୍ଫୀତି ବଢ଼ି ୮.୫୫%ରେ ପହଞ୍ଚିଛି। ସେହିପରି ଔଦ୍ୟୋଗିକ ଉତ୍ପାଦନ ଅକ୍ଟୋବରରେ ୪.୫%କୁ ବୃଦ୍ଧି ପାଇଛି। ପୂର୍ବମାସରେ ଏହା ୪.୩% ଥିଲା। ତେବେ ଅଗଷ୍ଟରେ ଏହା ୪.୧% ଥିଲା।

### ୧୪ରୁ ଶ୍ରୀରାମାୟଣ ଏକ୍ସପ୍ରେସ ଗଡ଼ିବ

ନୂଆଦିଲ୍ଲୀ,୧୨-୧୧: ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକ ତୀର୍ଥଯାତ୍ରା ଟ୍ରେନ ଶ୍ରୀରାମାୟଣ ଏକ୍ସପ୍ରେସକୁ ଆସନ୍ତା ୧୪ରୁ ପ୍ରଚଳନ କରାଯିବ। ଭାରତ ଓ ଶ୍ରୀଲଙ୍କାରେ ଥିବା ଶ୍ରୀରାମଙ୍କ ଜୀବନୀ ସମ୍ପର୍କିତ ୪ଟି ସ୍ଥାନକୁ ଏହି ଟ୍ରେନ ଯିବ। ଏହା ଏକ ୧୬ ଦିନିଆ ଟୁର୍ ପ୍ୟାକେଜ ବୋଲି ଆଇଆରସିଟିସି ପକ୍ଷରୁ କୁହାଯାଇଛି। ଶ୍ରୀରାମାୟଣ ଯାତ୍ରା-ଶ୍ରୀଲଙ୍କା ନାମରେ ଏହି ଟୁର୍ ପ୍ୟାକେଜର ପ୍ରଥମ ସର୍କିଟରେ ତୀର୍ଥଯାତ୍ରୀଙ୍କୁ ଭାରତ ଓ ଶ୍ରୀଲଙ୍କାରେ ଦୁଇଟି ସୁବିଧା ମିଳିବ। ଦିଲ୍ଲୀରୁ ଏହି ଟ୍ରେନ ଯାତ୍ରାରମ୍ଭ କରି ଅଯୋଧାରେ ପହଞ୍ଚିବ। ଏହାପରେ ଏହା ହନୁମାନ ଗଡ଼ି, ରାମକୋଟ ଏବଂ କନକ ଭବନ ମନ୍ଦିରରେ ଦର୍ଶନ ସମ୍ଭବ ହେବ। ସେଠାରୁ ରାମାୟଣ ସର୍କିଟରେ ଥିବା ନନ୍ଦିଗ୍ରାମ, ସୀତାମାଢ଼ି,ଜନକପୁରୀ, ବାରାଣସୀ, ପ୍ରୟାଗ, ଶ୍ରୀଙ୍ଗଭରପୁର, ଚିତ୍ରାକୋଟ, ନାସିକ, ହାମ୍ପି ହୋଇ ରାମେଶ୍ୱରମରେ ଟ୍ରେନ ପହଞ୍ଚିବ ।

### ବିଚାର ବିଭାଗୀୟ ହାଜତ ଗଲେ ଚୋକ୍‌ସୀଙ୍କ ସହଯୋଗୀ

ମୁମ୍ବାଇ,୧୨-୧୧: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମହାଦୁର୍ନୀତି ମାମଲାର ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀଙ୍କ ଘନିଷ୍ଠ ସହଯୋଗୀ ଦୀପକ କୁଲକର୍ନିଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୋମବାର ତାଙ୍କର ପୋଲିସ ହାଜତ ମିଆଦ ଶେଷ ହେବା ପରେ ପ୍ରିଭେନ୍ସନ ଅଫ ମନି ଲଣ୍ଡରିଂ ଆକ୍ଟ(ପିଏମ୍‌ଏଲ୍‌ଏ)ଅଦାଲତ ବିଚାରପତି ଏମ୍.ଏସ୍.ଆଜମୀ କୁଲକର୍ନିଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଗତ ସପ୍ତାହରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୋଲକାତା ବିମାନ ବନ୍ଦରରୁ କୁଲକର୍ନିଙ୍କୁ ଗିରଫ କରିଥିଲା। ସେ ଚୋକ୍‌ସୀଙ୍କ ହଂକଂ ସ୍ଥିତ ଏକ ଜାଲ୍ କମ୍ପାନୀର ପରିଚାଳନା ଦାୟିତ୍ୱରେ ଥିଲେ।

### ୱାଲ୍‌ମାର୍ଟ-ଫ୍ଲିପ୍‌କାର୍ଟ ଡିଲ୍ ଡିସେମ୍ବର ୧୪ରେ ମାମଲାର ଶୁଣାଣି

ମୁମ୍ବାଇ,୧୨-୧୧: ଆମେରିକାର ରିଟେଲ ଚେନ୍ ୱାଲ୍‌ମାର୍ଟ ଭାରତର ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟକୁ କିଣିବାକୁ ନେଇ ଆଗତ ମାମଲାର ଶୁଣାଣି ଡିସେମ୍ବର ୧୪କୁ ଘୁଞ୍ଚାଇ ଦିଆଯାଇଛି। ଏହି କିଣାକୁ ଭାରତୀୟ ପ୍ରତିଯୋଗିତା ଆୟୋଗ ଅନୁମୋଦନ କରିବା ପରେ ଏହାକୁ ବିରୋଧକରି ବ୍ୟବସାୟୀ ସଂଗଠନ କନଫେଡେରେଶନ ଅଫ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ପକ୍ଷରୁ ରାଷ୍ଟ୍ରୀୟ କମ୍ପାନୀ ଲ' ଅପିଲୀୟ ନ୍ୟାୟାଧୀକରଣ(ଏନ୍‌ସିଏଲ୍‌ଏଟି)ରେ ମାମଲା ଦାଏର କରିଥିଲେ। ବିଚାରପତି ଏହାର ଶୁଣାଣିକୁ ଡିସେମ୍ବର ୧୪ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ଏବେ ଦୁଇଜଣିଆ ଖଣ୍ଡପୀଠରେ ପରବର୍ତ୍ତୀ ଶୁଣାଣି କରାଯିବ। ଏଥିପୂର୍ବରୁ ଅକ୍ଟୋବର ୫ରେ ହୋଇଥିବା ଶୁଣାଣି ବେଳେ ଆଜିର ଦିନକୁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ଏହି ଡିଲ୍ ନେଇ କେନ୍ଦ୍ର ସରକାରଙ୍କୁ ଅନ୍‌ଲାଇନ ନୀତି ସମ୍ପର୍କରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

■ ସ୍କିଲ୍ ଇଣ୍ଡିଆ ଯୋଜନା

# ୭୦% ଯୁବବର୍ଗ ଜାଣିନାହାନ୍ତି

**ନୂଆଦିଲ୍ଲୀ,୧୨-୧୧**

Skill India
कौशल भारत - कुशल भारत

■ ୧୫-୩୦ବର୍ଷର ଯୁବତୀଯୁବକ ସର୍ଭେରେ ଭାଗ ନେଇଥିଲେ

■ ଦକ୍ଷତା ବିକାଶ ଲାଗି ୭୬% ଆଗ୍ରହୀ

■ ୫୦% ମହିଳା ସମୟ ଅଭାବରୁ କାର୍ଯ୍ୟକ୍ରମରେ ପଞ୍ଜୀକରଣ କରୁନାହାନ୍ତି

କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ଦେଶର ଯୁବବର୍ଗଙ୍କୁ ସ୍କିଲ୍ ଇଣ୍ଡିଆ ମାଧ୍ୟମରେ କାରିଗର ଭାବେ ଗଢ଼ି ତୋଳିବାକୁ ଚାହୁଁଛନ୍ତି। ତେବେ ଏ ସମ୍ପର୍କରେ ଦେଶର ୭୦% ଯୁବବର୍ଗଙ୍କୁ ଜଣାନାହିଁ। ୱାର୍ଲ୍ଡ ଇକୋନୋମିକ ଫୋରମ ଏବଂ ଅବ୍‌ଜରଭର ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବେ ଏକ ରିପୋର୍ଟ ପ୍ରକାଶ କରାଯାଇ ଏ ସମ୍ପର୍କରେ କୁହାଯାଇଛି।

ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, 'ୟଙ୍ଗ ଇଣ୍ଡିଆ ଆଣ୍ଡ ୱାର୍କ' ଶୀର୍ଷକରେ ଏକ ଅଧ୍ୟୟନ କରାଯାଇଥିଲା। ୧୫ରୁ ୩୦ ବର୍ଷ ମଧ୍ୟରେ ପ୍ରାୟ ୬୦୦୦ ଯୁବତୀଯୁବକଙ୍କ ପାଠପଢ଼ା, ରୋଜଗାର ଏବଂ ସେମାନଙ୍କ ସ୍ୱପ୍ନ ସମ୍ପର୍କରେ ସର୍ଭେ କରାଯାଇଥିଲା। ସରକାରଙ୍କ ଯୋଜନା, ଯୁବବର୍ଗ ଏବଂ ଉଦ୍ୟୋଗ ଜଗତ ମଧ୍ୟରେ ତାଳମେଳ ନ ଥିବା ଅଧ୍ୟୟନରୁ ଜଣାପଡିଥିଲା। ଏଥିରୁ ସ୍ପଷ୍ଟ ହୋଇଥିଲା ଯେ, ସରକାରଙ୍କ ଦ୍ୱାରା ପରିଚାଳିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ନେଇ ଯୁବଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ରହିଛି। ଦେଶର ପ୍ରାୟ ଏକ ତୃତୀୟାଂଶ ଯୁବଗୋଷ୍ଠୀ ସେମାନଙ୍କର ଦକ୍ଷତା ବିକାଶ ଲାଗି ଉକ୍ତ ଯୋଜନାରେ ନିଜକୁ ପଞ୍ଜୀକୃତ କରିନାହାନ୍ତି। ତେବେ ରିପୋର୍ଟରୁ ଜଣାପଡିଛି ଯେ, ଦକ୍ଷତା ବିକାଶ ଲାଗି ପ୍ରାୟ ୭୬% ଯୁବବର୍ଗ ଆଗ୍ରହୀ। ସମୟ ପ୍ରତିବଦ୍ଧତା, ଆର୍ଥିକ କ୍ଷତିପୂରଣ, ସାର୍ଟିଫିକେଟ ପ୍ରଦାନ ଏବଂ ଅନ୍‌ଲାଇନ ତଥା ଶ୍ରେଣୀରେ ପାଠପଢ଼ା ଯୋଗୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ଆକୃଷ୍ଟ କରୁଛି ବୋଲି ଅଧ୍ୟୟନରୁ ଜଣାପଡିଛି। ଦକ୍ଷତା ବିକାଶ ଲାଗି ମହିଳାମାନଙ୍କ ମଧ୍ୟରେ ଅଧିକ ଆଗ୍ରହ ଥିବା ପରିଲକ୍ଷିତ ହୋଇଛି। ଏପରିକି ପ୍ରାୟ ୧୯% ଇତିମଧ୍ୟରେ ନିଜକୁ ପଞ୍ଜୀକୃତ କରିସାରିଲେଣି। ସେହି ତୁଳନାରେ ପୁରୁଷଙ୍କ ସଂଖ୍ୟା ମାତ୍ର ୨୬%। ତେବେ ସର୍ଭେରେ ଯୋଗ ଦେଇଥିବା ତିନି ଚତୁର୍ଥାଂଶ ମହିଳା ସରକାରଙ୍କ ଦ୍ୱାରା ପରିଚାଳିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣି ନ ଥିବା ପ୍ରକାଶ କରିଛନ୍ତି। ସେହିପରି ୫୦% ମହିଳା ସମୟ ଅଭାବରୁ ନିଜକୁ ଦକ୍ଷତା ବିକାଶ ଯୋଜନାରେ ସାମିଲ କରିପାରୁନାହାନ୍ତି ବୋଲି କହିଛନ୍ତି। ସର୍ଭେରେ ଯୋଗ ଦେଇଥିବା ଯୁବଗୋଷ୍ଠୀଙ୍କ ମଧ୍ୟରୁ ୫୧% କହିଛନ୍ତି ଯେ, ଉପଯୁକ୍ତ ଚାକିରି ଖୋଜିବାରେ ସହାୟତା କରିବା ଲାଗି ଦେଶରେ ପେସାଦାର ମାର୍ଗଦର୍ଶକର ଅଭାବ ରହିଛି। ସେହିପରି ୩୪% ପାଠ ପଢି ନ ଥିବା କିମ୍ବା ଚାକିରି କରୁ ନ ଥିବା ଦର୍ଶାଇଛନ୍ତି। ଡିଜିଟାଲ କ୍ଷେତ୍ରରେ ପ୍ରଶିକ୍ଷଣ, ଚାକିରି ଏବଂ ସେମାନଙ୍କୁ ମିଳୁଥିବା ଦାୟିତ୍ୱ, ଦକ୍ଷତାର ଆବଶ୍ୟକତା ଆଦି କ୍ଷେତ୍ରରେ ୮୬% ମନେ କରୁଛନ୍ତି ଯେ, ସମୟ ସହ ତାଳ ଦେଇ ଦେଶରେ ଦକ୍ଷତା ପ୍ରଶିକ୍ଷଣ ଦିଆଯାଉ ନାହିଁ। ସେହିପରି ୩୯% ନିଯୁକ୍ତି ପାଇଁ ପ୍ରସ୍ତୁତ ଥିବା କହିଥିବା ବେଳେ ୧୬% ଯୁବତୀଯୁବକ ଆଦୌ ପ୍ରସ୍ତୁତ ନ ଥିବା କହିଛନ୍ତି। ଦକ୍ଷତା ବିକାଶ ପ୍ରଶିକ୍ଷଣରେ ଉଚ୍ଚ ଶିକ୍ଷାର ଗୁରୁତ୍ୱ ରହିଥିଲେ ହେଁ ଅଧିକାଂଶ ନୂଆ ପ୍ରକାର ଦକ୍ଷତା ଶିଖିବାକୁ ଚାହୁଁଛନ୍ତି। ଏହାଛଡା ସର୍ଭେରେ ଭାଗ ନେଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ୯୬%ଙ୍କ ମତ ଯେ, ଦକ୍ଷତା ଥିବା ସ୍ନାତକଧାରୀ ହିଁ ନିଯୁକ୍ତି ପାଇବାକୁ ଯୋଗ୍ୟ। ଅନ୍ୟପକ୍ଷରେ ୮୪%ଙ୍କ ମତରେ ସ୍ନାତକୋତ୍ତର ଡିଗ୍ରୀଧାରୀଙ୍କୁ ନିଯୁକ୍ତି ମିଳିବ। ଉଲ୍ଲେଖଥାଉ କି, ଭାରତରେ ୬୨% ଯୁବବର୍ଗ ରହିଛନ୍ତି। ପ୍ରତି ବର୍ଷ ପ୍ରାୟ ୨୫ କୋଟି ନୂଆ ଯୁବପିଢ଼ି ସୃଷ୍ଟି ହେଉଛନ୍ତି। ଏହାକୁ ଦେଖି କେନ୍ଦ୍ର ସରକାର ସ୍କିଲ ଇଣ୍ଡିଆ ଯୋଜନା ଆରମ୍ଭ କରିଛନ୍ତି, ଯାହାଦ୍ୱାରା ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ମିଳିବା ସହଜ ହେବ।

### ଡ୍ୟୁକ୍ ପକ୍ଷରୁ ନୂଆ ସ୍ପୋର୍ଟ୍ସ ସୁ କଲେକ୍ସନ

**ଭୁବନେଶ୍ୱର,୧୦-୧୧**

ଡ୍ୟୁକ୍ ପକ୍ଷରୁ ନୂଆ ସ୍ପୋର୍ଟ୍ସ କଲେକ୍ସନ ୨୦୧୮-୧୯ ବଜାରକୁ ଆସିଛି। ରନିଂ, ସାଇକ୍ଲିଂ ଏବଂ ଜିମ୍‌ର ବିଭିନ୍ନ ଆବଶ୍ୟକତାକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଥିବା



କମ୍ପାନୀ ପକ୍ଷରୁ ସୂଚନା ରହିଛି। ଅଷ୍ଟ୍ରିଆର ଫ୍ୟାଶନ କଲ୍‌ଚର ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ସବୁ କଲେକ୍ସନ ଅତ୍ୟନ୍ତ ଷ୍ଟାଇଲିସ ହୋଇଥିବା ବେଳେ ସଦ୍ୟତମ ଫ୍ୟାଶନକୁ ନଜରରେ ରଖାଯାଇଛି। ଏହା ପାଦକୁ ଆରାମ, ସ୍ପୋର୍ଟି ଷ୍ଟାଇଲ, ରଫ ସରଫେସ ଏବଂ ଟଫ୍ ମୋମେଣ୍ଟରୁ ରକ୍ଷା କରିବାକୁ ସକ୍ଷମ ହେବ। ବାହାରର ଫିଜିକାଲ୍ ଆକ୍ଟିଭିଟି ଲାଗି ଏହା ସୁବିଧା ଦେବ। ଏହା ସ୍ପୋର୍ଟି ଲୁକ ପ୍ରଦାନ କରିବ। ଏହି କଲେକ୍ସନରେ ଫ୍ୟାଶନ, ଗୁଣବତ୍ତା, ଅନ୍ତର୍ଜାତୀୟ ଡିଜାଇନ ଏବଂ ଷ୍ଟାଇଲକୁ ଧ୍ୟାନରେ ରଖାଯାଇଛି ବୋଲି ଡ୍ୟୁକ୍ ଫ୍ୟାଶନ ଲିମିଟେଡର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ସୂଚନା ଦେଇଛନ୍ତି।

# ଭାରତର ତେଲ ଭଣ୍ଡାର ଭଡ଼ାରେ ନେବ ଆବୁଧାବୀ କମ୍ପାନୀ

ନୂଆଦିଲ୍ଲୀ,୧୨-୧୧

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସୋମବାର ୟୁଏଇର ଆବୁଧାବୀଠାରେ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭସ ଲିମିଟେଡ (ଆଇଏସ୍‌ପିଆରଏଲ୍) ଓ ଆବୁଧାବୀ ନ୍ୟାଶନାଲ ଅଏଲ କମ୍ପାନୀ (ଏଡିଏନ୍‌ଓସି) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ଅନୁସାରେ କର୍ନାଟକର ପାଡୁରସ୍ଥିତ ଆଇଏସ୍‌ପିଆର୍‌ଏଲ୍‌ର ଅଣ୍ଡରଗ୍ରାଉଣ୍ଡ ତୈଳ ଷ୍ଟୋରେଜ ଫ୍ୟାସିଲିଟିରେ ଏଡିଏନ୍‌ଓସିର ଅଶୋଧିତ ତୈଳ ଷ୍ଟୋର କରିବ। ଏହି ଅବସରରେ ୟୁଏଇର ମନ୍ତ୍ରୀ ସୁଲତାନ ଅହମଦ ଅଲଜବାର ମଧ୍ୟ ଉପସ୍ଥିତ ଥିଲେ । ଏହି ଅନୁସାରେ ଏଡିଏନଓସି ପାଡୁରଠାରେ ଅଶୋଧିତ ତୈଳ ଷ୍ଟୋର କରିବାକୁ ଯାଉଛି । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଏହି ବୁଝାମଣାପତ୍ର ସ୍ୱାକ୍ଷର



ହେବା ଦ୍ୱାରା ଆଇଏସପିଆରଏଲ, ଏଡିଏନଓସି ସହ ମିଶି ପାଡୁରଠାରେ ଏଡିଏନଓସିର ଅଶୋଧିତ ତୈଳ ଷ୍ଟୋରେଜ ପାଇଁ ସମ୍ଭାବନା ବିଷୟରେ ଯାଞ୍ଚ କରିବେ। ଏହାଦ୍ୱାରା ଦେଶରେ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭକୁ ଶକ୍ତିଶାଳୀ କରିବା ଦିଗରେ ସହାୟତା ମିଳିପାରିବ। ଏହି ବୁଝାମଣା ପତ୍ର ଉଭୟ ଦେଶ ମଧ୍ୟରେ ହେଉଥିବା ସହଯୋଗ ବୃଦ୍ଧିକୁ ପ୍ରତିଫଳିତ କରୁଛି । ସେହିପରି ଏହାଦ୍ୱାରା ଉଭୟ ଦେଶ ମଧ୍ୟରେ ରଣନୀତିକ ଶକ୍ତି କ୍ଷେତ୍ରକୁ ଶକ୍ତିଶାଳୀ କରିବା ଓ ସମ୍ପ୍ରସାରଣ ପାଇଁ ଆଧାର ପ୍ରଦାନ କରିବ । ଏଡିଏନଓସି ପକ୍ଷରୁ କମ୍ପାନୀର ବିପଣନ ଓ ସେଲ୍ସ ନିର୍ଦ୍ଦେଶକ ଅବଦୁଲ୍ଲା ସଲେମ ଅଲ ଧାହେରୀ ଓ ଆଇଏସପିଆରଏଲ ପକ୍ଷରୁ ଏହାର ସିଇଓ ଓ ଏମଡି ଏଚପିଏସ ଆହୁଜା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ସୂଚନାଥାଉ କି, ଜରୁରୀ ପରିସ୍ଥିତି ଲାଗି ଭାରତ ପକ୍ଷରୁ ୫.୩୩ ମିଲିୟନ ଟନ ଅଶୋଧିତ ତୈଳ ରଖିବା ଲାଗି ମାଟି ତଳେ ତୈଳ ଭଣ୍ଡାର ନିର୍ମାଣ କରିଛି। କର୍ନାଟକର ମାଙ୍ଗାଲୋର ଓ ପାଡୁର ଏବଂ ଆନ୍ଧ୍ରପ୍ରଦେଶର ବିଶାଖପଟ୍ଟନମଠାରେ ତୈଳ ଭଣ୍ଡାର ନିର୍ମାଣ କରାଯାଇଛି। ଜରୁରୀ ଆବଶ୍ୟକତା ବେଳେ ତେଲ ବ୍ୟବହାର କରିପାରିବ ଏଭଳି ସର୍ତ୍ତରେ ଭାରତ ବିଦେଶୀ କମ୍ପାନୀଙ୍କୁ ଦେଶରେ ତେଲ ସଞ୍ଚୟ କରିବାକୁ ଅନୁମତି ଦେଇଛି।

## ଅଲ୍ ନିୟୁ ଟାଟା ହାରିଅର ବଜାରରେ

ଭୁବନେଶ୍ୱର,୧୨-୧୧

ଟାଟା ମୋଟର୍ସ ପକ୍ଷରୁ ଏହାର ବହୁ ପ୍ରତିକ୍ଷୀତ ପରବର୍ତ୍ତୀ ପୀଢି ଏସୟୁଭି ଟାଟା ହାରିଅର ପୁଣେଠାରେ ବଜାର ପ୍ରବେଶ ହୋଇଛି। ୨୦୧୯ଠାରୁ ଏହା ବଜାରରେ ଉପଲବ୍ଧ ହେବ। ଏସ୍ ୫ ଏକ୍ସ ଜ୍ଞାନକୌଶଳ ନିର୍ମିତ ଏହି ନୂଆ ମଡେଲ ଜାଗୁଆର ଲ୍ୟାଣ୍ଡ ରୋଭର ଶୈଳୀରେ ନିର୍ମିତ ହୋଇଛି। ୯୦% ଅଟୋମେଶନ ୧୦୦ରୁଅଧିକ କୁକା ଏବଂ ଏବିଟି ରୋବଟ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଛି। ଗ୍ରାହକସୁବିଧାକୁ ଧ୍ୟାନରେ ରଖି ବିଭିନ୍ନ ପ୍ରଡକ୍ଟ ଏବଂ ସେବାକୁ ପ୍ରଦାନ କରିଥାଉ ବୋଲି କମ୍ପାନୀ ପାସେଞ୍ଜର ଭେଇକିଲ ବିଜନେସ ୟୁନିଟ ସଭାପତି ମୟଙ୍କ ପାରେକ ସୂଚନା ଦେଇଛନ୍ତି।




## ୫ ବଦଳରେ ୩ ବର୍ଷକୁ ହ୍ରାସ ପାଇବ ଗ୍ରାଚୁଇଟି

ନୂଆଦିଲ୍ଲୀ,୧୨-୧୧

କେନ୍ଦ୍ର ସରକାର ଲୋକ ସଭା ନିର୍ବାଚନ ପୂର୍ବରୁ କୋଟି କୋଟି ଘରୋଇ କର୍ମଚାରୀଙ୍କୁ ଉପହାର ଦେବାକୁ ଯାଉଛନ୍ତି। ମିଳିଥିବା ସୂଚନାରୁ ଜଣାପଡିଛି ଯେ, ସରକାର ଗ୍ରାଚୁଇଟି ମିଳିବାର ସମୟସୀମାକୁ କମାଇ ୩ ବର୍ଷ କରିବାକୁ ଯାଉଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏବେ ଯେକୌଣସି ଘରୋଇ କମ୍ପାନୀରେ ୫ ବର୍ଷ କ୍ରମାଗତ କାମ କରିବା ପରେ ଜଣେ କର୍ମଚାରୀଙ୍କୁ ଗ୍ରାଚୁଇଟି ସୁବିଧା ମିଳିଥାଏ।

ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ୧୯୭୨ରେ ଗ୍ରାଚୁଇଟି ପ୍ରଦାନ ଅଧିନିୟମ ଅର୍ଥାତ ପେମେଣ୍ଟ ଅଫ୍ ଗ୍ରାଚୁଇଟି ଆଇନ ଆଣିଥିଲେ। ଏହାପୂର୍ବରୁ କମ୍ପାନୀ/ନିଯୁକ୍ତିଦାତା ଅର୍ଥାତ ବାଣିଜ୍ୟ ସଂସ୍ଥା କର୍ମଚାରୀଙ୍କୁ ଅବସର ସମୟରେ ଆଇନ ଓ ନିୟମ ଏବଂ ସ୍ୱତନ୍ତ୍ର ପ୍ରକ୍ରିୟା ଅଧୀନରେ ରହି ଗ୍ରାଚୁଇଟି ପ୍ରଦାନ କରୁ ନ ଥିଲେ। ଉକ୍ତ ଅଧିନିୟମ ଅନ୍ତର୍ଗତରେ କମ୍ପାନୀମାନେ ସେମାନଙ୍କ କର୍ମଚାରୀଙ୍କୁ ଅବସର ସମୟରେ ଗ୍ରାଚୁଇଟି ପ୍ରଦାନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ସୂଚନାଥାଉ କି, ଯଦି ଜଣେ କର୍ମଚାରୀ କୌଣସି କମ୍ପାନୀରେ କ୍ରମାଗତ ୪ ବର୍ଷ, ୧୦ ମାସ, ୧୧ ଦିନ ପର୍ଯ୍ୟନ୍ତ କାମ କରିଥାଏ, ତେବେ ତାଙ୍କର ସେବାକୁ ୫ ବର୍ଷର କ୍ରମାଗତ ସେବା ମନେ କରି ଗ୍ରାଚୁଇଟି ପ୍ରଦାନ କରାଯାଇଥାଏ। ସାଧାରଣତଃ ୫ ବର୍ଷ କାମ କଲା ପରେ ହିଁ ଜଣେ କର୍ମଚାରୀ ଗ୍ରାଚୁଇଟି ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି।

## ହିରୋ ମୋଟୋକର୍ପ ଆଣିଲା ନୂଆ ଏକ୍ସ ପଲ୍ସ ୨୦୦ଟି

ଭୁବନେଶ୍ୱର,୧୨-୧୧

ପ୍ରମୁଖ କମ୍ପାନୀ ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ପ୍ରିମିୟମ ସେଗମେଣ୍ଟରେ ନୂଆ ଏକ୍ସ ପଲ୍‌ସ ୨୦୦-ଟି ବଜାରକୁ ଆସିଛି। ପ୍ରିମିୟମ ସେଗମେଣ୍ଟରେ କମ୍ପାନୀ ଏହାର ଉପସ୍ଥିତିକୁ ଦୃଢ଼ୀକରଣ କରିବାକୁ ଏଭଳି ଏକ ବାଇକ ବଜାରକୁ ଆଣିଛି। ଇଟାଲୀର ମିଲାନଠାରେ ଏହି ମଡେଲଟିକୁ ପ୍ରଦର୍ଶନ କରାଯାଇଛି। ଉକ୍ତ ମଡେଲରେ ଅତ୍ୟାଧୁନିକ ଜ୍ଞାନ କୌଶଳ ରହିଛି। ଏବିଏସ୍ , ଏଲ୍‌ଇଡି ହେଡ୍, ଟେଲ ଲ୍ୟାମ୍ପ, ଡିଜିଟାଲ ସ୍ପିଡୋମିଟର, ବ୍ଲୁଟୁଥ୍ କନେକ୍ଟିଭିଟି, ଟର୍ନ-ବାଇ-ଟର୍ନ ନାଭିଗେସନ ଭଳି ସୁବିଧା ଗ୍ରାହକମାନେ ଲାଭ କରିବାକୁ ସକ୍ଷମ ହେବେ। ୨୦୧୯ ପ୍ରାରମ୍ଭରେ ଏହା ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ବିଶ୍ୱ ସ୍ତରୀୟ ପ୍ରଡକ୍ଟ ଦ୍ୱାରା ବଜାରରେ ଉପସ୍ଥିତି ଦୃଢ଼ୀକରଣ ଦିଗରେ କାର୍ଯ୍ୟ କରୁଛୁ ବୋଲି କମ୍ପାନୀର ଏମ୍‌ଡି ପଓ୍ୱନ ମୁଞ୍ଜାଲ ସୂଚନା ଦେଇଛନ୍ତି।



## ସୋନିର ଟ୍ରାଭେଲ ହାଇଜୁମ୍ କ୍ୟାମେରା

ଭୁବନେଶ୍ୱର,୧୨-୧୧

ସୋନି ଇଣ୍ଡିଆ ପକ୍ଷରୁ ସାଇବର ସଟ୍ ଲାଇନ୍‌ଅପରେ ନୂଆ ଟ୍ରାଭେଲ ହାଇଜୁମ କ୍ୟାମେରା ଡିଏସ୍‌ସି ଡବ୍ଲ୍ୟୁଏକ୍ସ୮୦୦ର ବଜାର ପ୍ରବେଶ ହୋଇଛି। ଏହାର ସହଜ ଏବଂ ଛୋଟ ଆକାର ବିଶିଷ୍ଟ କରି ଡିଜାଇନ୍ କରାଯାଇଛି। ଏଥିରେ ବହୁବିଧ ଜୁମ୍ ରେଞ୍ଜ ବ୍ୟବସ୍ଥା କରାଯାଇଛି। ଷ୍ଟନିଂ ୪କେ ମୁଭି ଫୁଟେଜ୍, ଶକ୍ତିଶାଳୀ ଇମେଜ ପ୍ରୋସେସିଂ ଇଞ୍ଜିନ, ଫ୍ରଣ୍ଟ ଏଣ୍ଡ ଏଲ୍‌ଏସ୍‌ଆଇ ଭଳି ବୈଶିଷ୍ଟ୍ୟ ଏଥିରେ ରହିଛି। ଏହା ଦେଶରେ ଥିବା ସମସ୍ତ ସୋନି ସେଣ୍ଟର, ଆଲଫା ଫ୍ଲାଗଶିପ ଷ୍ଟୋର ଏବଂ ମଲ୍ଟି ବ୍ରାଣ୍ଡ ଷ୍ଟୋରଗୁଡିକରେ ଉପଲବ୍ଧ। ଏହି କ୍ୟାମେରାର ବଜାର ଦର ୩୪, ୯୯୦ ଟଙ୍କା ରହିଛି।




■ ଗ୍ରାମ୍ୟ ବିଦ୍ୟୁତୀକରଣ ଯୋଜନା

# ଭାରତକୁ ଆଇଇଏର ପ୍ରଶଂସା

ନୂଆଦିଲ୍ଲୀ,୧୨-୧୧

ଭାରତ ଭଳି ଏକ ବିଶାଳ ଦେଶର ପ୍ରତ୍ୟେକ ଗ୍ରାମରେ ବିଜୁଳି ପହଞ୍ଚାଇବା ବିଶ୍ୱର ସବୁଠୁ ସଫଳ ଯୋଜନା ବୋଲି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି(ଆଇଇଏ) କହିଛି। ଏଥିସହ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ସ୍ୱଚ୍ଛ ଇନ୍ଧନ ଯୋଗାଣ ପ୍ରତି ଭାରତ ସରକାର ଗୁରୁତ୍ୱ ଦେଇଥିବାରୁ ଆଇଇଏ ପ୍ରଶଂସା କରିଛି। ବିଶ୍ୱରେ ଶକ୍ତି ସଂରକ୍ଷଣ ପ୍ରତି ନଜର ରଖିଥିବା ଆଇଇଏ କହିଛି ଯେ, ଏଭଳି ପଦକ୍ଷେପ ଦ୍ୱାରା ଉତ୍ପାଦନକୁ ପ୍ରୋତ୍ସାହନ ମିଳିବା ସହ ଆର୍ଥିକ କ୍ଷେତ୍ରରେ ସୁଧାର ଆଣିଥାଏ। ଏହା ନବୋନ୍ମେଷକୁ ପ୍ରୋତ୍ସାହିତ କରିଥାଏ। ଯାହାକି ସୂକ୍ଷ୍ମ ବ୍ୟବସାୟ, ସ୍କୁଲ, ବ୍ୟାଙ୍କ ଓ ଚିକିତ୍ସା ସେବାର ବିକାଶରେ ସହାୟକ ହୋଇଥାଏ। ଏଥିରେ ଆହୁରି କୁହାଯାଇଛି ଯେ, ସରକାରଙ୍କ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଅକ୍ଟୋବର ୧୧ ସୁଦ୍ଧା ଦେଶର ୯୫% ପରିବାରକୁ ବିଜୁଳି ସଂଯୋଗ ମିଳିଯାଇଛି, ଯାହାକି ଗତ ବର୍ଷ ୮୬ ପ୍ରତିଶତ ଥିଲା। ଏହି ସମୟରେ ବିଶେଷକରି ଉତ୍ତର ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଓ ଝାଡ଼ଖଣ୍ଡରେ ୩ କୋଟି ଘର ମଧ୍ୟରୁ ୧.୯ କୋଟି ଘରେ ବିଜୁଳି ପହଞ୍ଚା ଯାଇଛି। ୱାର୍ଲ୍ଡ ଏନର୍ଜି ଆଉଟଲୁକ୍ ୨୦୧୮ର ସଦ୍ୟତମ ଆକଳନ ରିପୋର୍ଟ ପ୍ରସ୍ତୁତ କରି ଆଇଇଏ କହିଛି ଯେ, ପ୍ରଥମଥର ବିଜୁଳି ନ ପାଇଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୧୦୦ କୋଟି କମିଗଲାଣି। ଭାରତର ସମସ୍ତ ଗ୍ରାମରେ ବିଜୁଳି ପହଞ୍ଚାଇବା ଲାଗି ସରକାର ଉଦ୍ୟମ କରୁଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି।



DADLS-175

**ଶହୀଦ ବୀର୍ସା ମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା. ୧୫.୧୧.୨୦୧୮ — ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା :** **ସମୟ – ମଧ୍ୟାହ୍ନ ୧୨ ଘଟିକା**
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** **ସମୟ – ଅପରାହ୍ନ ୨ ଘଟିକା**
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତରଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୧୫.୧୧.୨୦୧୮ରିଖ ସନ୍ଧ୍ୟା ୫ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ।

**ନିର୍ଦ୍ଦେଶକ**
**ସୂଚନା ଲୋକସମ୍ପର୍କ ବିଭାଗ**

15001/13/0387/1819

ଭାରତ ବିପକ୍ଷ ଟି୨୦ ସିରିଜ ଆମେ ୦-୩ରେ ପରାଜିତ ହୋଇଥିଲେ ମଧ୍ୟ ଘରୋଇ ଦଳକୁ ଆମେ ଟକ୍କର ଦେଇଛୁ ।
-କାର୍ଲୋସ ବ୍ରାଥୱେଟ୍
ୱେଷ୍ଟଇଣ୍ଡିଜ ଅଧିନାୟକ



ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖରାପ ପ୍ରଦର୍ଶନ ଯୋଗୁ ଆମେ ଚାପରେ ରହିଛୁ। ଭାରତ ବିପକ୍ଷ ସିରିଜ ପୂର୍ବରୁ ଆମକୁ ସୁଧାରିଯିବାକୁ ପଡ଼ିବ ।
-ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ ଦିନିକିଆ ଅଧିନାୟକ



## ସଂକ୍ଷେପରେ

### ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି: ବିହାର ୧୬୫ରେ ଅଲ୍ଆଉଟ

**କଟକ ଅଫିସ,୧୨।୧୧:** ବିଡ଼ାନାସୀ ଗ୍ରାଉଣ୍ଡରେ ସୋମବାରଠାରୁ ୧୬ ବର୍ଷରୁ କମ୍ ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା-ବିହାର ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବିହାର ୧୬୫ ରନ୍‌ରେ ଅଲ୍ଆଉଟ ହେବା ପରେ ଓଡ଼ିଶା ବ୍ୟାଟିଂ ଆରମ୍ଭ କରି ଗୋଟିଏ ଉଇକେଟ ହରାଇ ୮୨ ରନ୍ କରିଛି। ପ୍ରଥମ ଇନିଂସ୍ ଅଗ୍ରଣୀ କରିବାର ସୁଯୋଗ ଓଡ଼ିଶା ହାତରେ ରହିଛି। ଓଡ଼ିଶା ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ୧୨ ରନ୍‌ରେ ପ୍ରଥମ ଉଇକେଟ ହରାଇଥିବା ବିହାର ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ମାତ୍ର ୧୬୫ ରନ୍‌ରେ ସୀମିତ ରହିଥିଲା। ଓଡ଼ିଶା ପକ୍ଷରୁ ଆଶୁତୋଷ ଛୁରିଆ ୩ଟି, ଶ୍ରେଷ୍ଠ ସିଂ ୨ଟି ଉଇକେଟ ଅକ୍ତିଆର କରିଥିଲେ । ବିହାର ପକ୍ଷରୁ କନିଷ୍କ କୌସ୍ତୁଭ ସଂଘର୍ଷପୂର୍ଣ୍ଣ ୬୪ ରନ୍‌ର ଇନିଂସ୍ ଖେଳିଥିଲେ । ଜବାବରେ ପ୍ରଥମ ଉଇକେଟ ଯୋଡ଼ିରେ ଓଡ଼ିଶା ୮୨ ରନ୍ ସଂଗ୍ରହ କରିଥିଲା। ଓପ୍‌ନର ସଙ୍କେତ ବେହେରା ଦୁର୍ଭାଗ୍ୟଜନକ ଭାବେ ୨୮ ରନ୍ କରିଥିବା ବେଳେ ରନ୍ଆଉଟ ହୋଇଥିଲେ। ବିଶ୍ୱଜିତ୍ ପାତ୍ର ୩୨ ରନ୍‌ରେ ଓ ବିଶ୍ୱବିଭବ ମୁଦୁଲି କୌଣସି ରନ୍ ନ କରି ଅପରାଜିତ ଅଛନ୍ତି ।

### କଟକ-ଭଦ୍ରକ ଏକାଦଶ ମ୍ୟାଚ୍ ଡ୍ର

**କଟକ ଅଫିସ,୧୨।୧୧:** ଭଦ୍ରକଠାରେ ୟୁନାଇଟେଡ୍ କ୍ଲବ ଆନୁକୂଲ୍ୟରେ କଟକ ଏକାଦଶ ଓ ଭଦ୍ରକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍ ଖେଳାଯାଇଛି। ମ୍ୟାଚ୍‌ଟି ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ପୂର୍ବତନ ମନ୍ତ୍ରୀ ସମୀର ଦେ, ଭଦ୍ରକ ଜିଲା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଧୀରେନ ପଲାଇ ଅତିଥି ଭାବେ ଯୋଗଦେଇଥିଲେ ।

### ଜାତୀୟ ବେଞ୍ଚ୍ ପ୍ରେସ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୨।୧୧(କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୧୪ରୁ ୧୮ ପର୍ଯ୍ୟନ୍ତ ପୁଣେଠାରେ ଜାତୀୟ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାର ବିଭିନ୍ନ ବିଭାଗରେ ଓଡ଼ିଶାର ୧୮ ଜଣିଆ ଦଳ ଅଂଶଗ୍ରହଣ କରିବ। ସୋମବାର ପୁଣେ ଯାତ୍ରା କରିଥିବା ଓଡ଼ିଶାର ପ୍ରତିଯୋଗୀମାନେ ହେଲେ ସୁନୀଲ କୁମାର ନାୟକ, ଦିବାକର ଗୋଛାୟତ, ସୁଦାମ ସିଂ, ବିଶ୍ୱଜିତ୍ ଜେନା, ମହମ୍ମଦ ଅବିଦ୍, ବିଚିତ୍ର ନାୟକ, ଦୋରା କଣ୍ଡୋଗିରି, ମହମ୍ମଦ ଜାଭେଦ ଅର୍ଶାଦ, ରାକେଶ କୁମାର ଶତପଥୀ, ରାକେଶ ଭୁକ୍ତା, ଆଶିଷ ମଲିଆ, ସୁଜିତ କୁମାର ଗିରି, ବିଭୂତି ଭୂଷଣ ଭଞ୍ଜ, ପ୍ରଫୁଲ୍ଲ ଅମଲତ୍ୟା, ନାରାୟଣ ସେଠୀ, ରାଜେନ୍ଦ୍ର ପରିଡ଼ା, ଭାସ୍କର ବେହେରା ଓ ଚନ୍ଦ୍ରବଦନୀ ମହନ୍ତ। ଓଡ଼ିଆ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘର ସଭାପତି ଏମ୍‌ପି କଲିକେଶ ନାରାୟଣ ସିଂଦେଓ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଏବଂ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଶୁଭ୍ରାଂଶୁ, ସୁଜିତ୍ ଲଢ଼ିଲେ

**ଭୁବନେଶ୍ୱର, ୧୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ସୋମବାରଠାରୁ ଉତ୍ତରପ୍ରଦେଶ (ୟୁପି) ବିପକ୍ଷରେ ଆରମ୍ଭ ହୋଇଥିବା ରଣଜୀ ଟ୍ରଫି ମ୍ୟାଚ୍‌ରେ ଘରୋଇ ଓଡ଼ିଶା ପ୍ରଥମ ଇନିଂସରେ ୨୫୬ ରନ୍ କରି ଅଲ୍ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ୟୁପି ଧିମା ବ୍ୟାଟିଂ କରି ୧୮ ଓଭରରେ ଗୋଟିଏ ଉଇକେଟ୍ ହରାଇ ୪୨ ରନ ସଂଗ୍ରହ କରିଛି। ହାତରେ ଆହୁରି ୯ଟି ଉଇକେଟ୍ ବଳକା ରହିଥିବାବେଳେ ଇନିଂସ ଅଗ୍ରଣୀ ପାଇଁ ୨୧୫ ରନ ଆବଶ୍ୟକ କରୁଛି। ମାଧବ କୌଶିକ ୧୬ ଓ ମହମ୍ମଦ ସୈଫ୍ ୨୪ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ଭେଟେରାନ ବସନ୍ତ ମହାନ୍ତିଙ୍କୁ ଏକମାତ୍ର ସଫଳତା ମିଳିଛି।





ବିପ୍ଳବ ସାମନ୍ତରାୟଙ୍କୁ ଆଉଟ୍ କରିବା ପରେ ସୁରେଶ ରାଇନା ଓ ସାଥୀ ଖେଳାଳି ଖୁସି ମନାଉଛନ୍ତି। ଶୁଭ୍ରାଂଶୁ ସେନାପତି।

## ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ପ୍ରାରମ୍ଭରୁ ୧୦ ରନରେ ଦୁଇ ଓପନର ଅନୁରାଗ ଷଡ଼ଙ୍ଗୀ ଓ ସନ୍ଦୀପ ପଟ୍ଟନାୟକଙ୍କ ଉଇକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପୂର୍ବ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଅନୁରାଗ ମାତ୍ର ୬ ରନ କରି ଆଉଟ୍ ହୋଇଥିବାବେଳେ ସନ୍ଦୀପ ଖାତା ଖୋଲି ନ ପାରି ପୁଣିଥରେ ଫେଲ୍ ମାରିଛନ୍ତି। ଭ୍ରମଣକାରୀ ୟୁପିର ଡାହାଣହାତୀ ଯୁବ ଦ୍ରୁତ ବୋଲର ଅଙ୍କିତ ରାଜପୁତ ଏହି ୨ଟି ଉଇକେଟ୍ ଅକ୍ତିଆର କରି ଓଡ଼ିଶାକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ତେବେ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଓ ଯୁବ ତାରକା ଶୁଭ୍ରାଂଶୁ ୩ୟ ଉଇକେଟ୍‌ରେ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ଏହିଯୋଡ଼ି ସତର୍କତାର ସହ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୫୦ ରନ ଅତିକ୍ରମ କରାଇଥିବାବେଳେ ଗୋବିନ୍ଦ ଆଉଟ୍ ହୋଇଥିଲେ। ଅପେକ୍ଷାକୃତ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ଗୋବିନ୍ଦ ୪୨ ବଲରୁ ୯ ଚୌକା ସହ ୩୯ ରନ କରିଥିବାବେଳେ ବାମହାତୀ ଦ୍ରୁତ ବୋଲର ୟଶ୍ ଦୟାଲଙ୍କ ଶିକାର ହୋଇଥିଲେ। ଏହାପରେ ପାଞ୍ଚ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ବିପ୍ଳବ ସାମନ୍ତରାୟ କ୍ରିଜ୍ ଉପରେ ଜମି ଆସିଲାବେଳକୁ ପ୍ରତିପକ୍ଷ ଅଧିନାୟକ ଆକାଶଦୀପ୍ ନାଥଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ବିପ୍ଳବ ୩୮ ବଲରୁ ଗୋଟିଏ ଚୌକା ସହାୟତାରେ ୧୨ ରନ କରିଥିଲେ। ଚତୁର୍ଥ ଉଇକେଟ୍ ଯୋଡ଼ିରେ ସେ ଶୁଭ୍ରାଂଶୁଙ୍କ ସହ ୪୮ ରନ ଯୋଗ କରି ଦଳୀୟ ସ୍କୋରକୁ ୧୦୦ ରନ୍ ଅତିକ୍ରମ କରାଇବାରେ ସହାୟକ ହୋଇଥିଲେ। ତେବେ ଶାନ୍ତନୁ ମିଶ୍ର ଓଡ଼ିଶାକୁ ଅଧିକ ନିରାଶ କରିଥିଲେ। ପୂର୍ବ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ୭୧ ରନ କରିଥିବା ଶାନ୍ତନୁ ୧୦ଟି ବଲ ଖେଳିଥିଲେ ମଧ୍ୟ ଖାତା ଖୋଲିପାରି ନ ଥିଲେ। ସେ ଆକାଶଦୀପଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଗୋଟିଏ ପଟେ ଶୁଭ୍ରାଂଶୁ ଧୈର୍ଯ୍ୟର ସହ ବ୍ୟାଟିଂ ଜାରି ରଖିଥିବାବେଳେ ଅନ୍ୟପଟେ ଆକାଶଦୀପ୍ ୨ଟି ମୂଲ୍ୟବାନ ଉଇକେଟ୍ ନେଇ ଓଡ଼ିଶାକୁ ନିରାଶ କରିଥିଲେ। ବିପ୍ଳବ ଓ ଶାନ୍ତନୁଙ୍କ ଉଇକେଟ୍ ପତନ ସହ ୧୦୭ ରନରେ ଓଡ଼ିଶାର ଅଧା ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଯାଇଥିଲେ। ଏପରିକି ଏକ ସମୟରେ ଓଡ଼ିଶା ୨୦୦ ରନ ଅତିକ୍ରମ କରିବା ନେଇ ସନ୍ଦେହ ପ୍ରକାଶ ପାଇଥିଲା। ତେବେ ଶୁଭ୍ରାଂଶୁଙ୍କ ସହ ଉଇକେଟ୍‌କିପର ସୁଜିତ୍ ଲେଙ୍କା ୟୁପି ବୋଲରଙ୍କୁ ଉଚିତ୍ ମୁକାବିଲା କରି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଆରମ୍ଭରୁ ଆତ୍ମବିଶ୍ୱାସ ଭରା ବ୍ୟାଟିଂ କରୁଥିବା ଶୁଭ୍ରାଂଶୁ ୮୭ ରନ (୧୩୬ ବଲ, ୧୪ ଚୌକା) କରିଥିବାବେଳେ ଅଙ୍କିତଙ୍କ ବଲରେ ଏକ ହାଲ୍‌କା ଶର୍ଟ ଖେଳି ସୁରେଶ ରାଇନାଙ୍କ ହାତକୁ କ୍ୟାଚ୍ ଦେଇଥିଲେ। ଆଉଟ୍ ହେବା ପୂର୍ବରୁ ଶୁଭ୍ରାଂଶୁ ୬ଷ୍ଠ ଉଇକେଟ୍‌ରେ ସୁଜିତ୍‌ଙ୍କ ସହ ୬୭ ରନ ସଂଗ୍ରହ କରିଥିଲେ। ଏହି ଅର୍ଦ୍ଧଶତକୀୟ ଇନିଂସ ସହ ଶୁଭ୍ରାଂଶୁ ପ୍ରଥମଶ୍ରେଣୀ କ୍ରିକେଟରେ ଏକ ହଜାର ରନ ପୂରଣ କରିଛନ୍ତି। ଏହାପରେ ସୁଜିତ୍‌ଙ୍କ ସହ ନିମ୍ନକ୍ରମରେ ଦେବବ୍ରତ ପ୍ରଧାନ (୨୪ ରନ), ରାଜେଶ ମହାନ୍ତି (୨୩ ରନ, ୧୫ ବଲ)ଙ୍କ ଉପଯୋଗୀ ବ୍ୟାଟିଂ ଯୋଗୁ ଓଡ଼ିଶା ଅଢ଼େଇଶହ ରନ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ୬୮.୧ ଓଭରରେ ଦଳ ୨୫୬ ରନ କରି ଅଲ୍ଆଉଟ୍ ହୋଇଥିଲା। ସୁଜିତ୍ ୪ଟି ଚୌକା ସହାୟତାରେ ୯୮ ବଲରୁ ୪୬ ରନର ଲଢ଼ୁଆ ଇନିଂସ ଖେଳି ଆଉଟ୍ ହୋଇଥିଲେ। ସଫଳ ବୋଲରଭାବେ ୟୁପି ତରଫରୁ ଅଙ୍କିତ ଓ ୟଶ୍ ଦୟାଲ ୩ଟି ଲେଖାଏ ଏବଂ ଆକାଶଦୀପ୍ ଓ ବାମହାତୀ ସ୍ପିନର ସୌରଭ କୁମାର ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ।

**ରଣଜୀ ଟ୍ରଫି ୨ୟ ରାଉଣ୍ଡ**

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ- ୨୫୬/୧୦, ୬୮.୧ ଓଭର (ଶୁଭ୍ରାଂଶୁ ୮୭, ସୁଜିତ୍ ୪୬, ବିପ୍ଳବ ୧୨, ଗୋବିନ୍ଦ ୩୯, ବସନ୍ତ ୪*, ପପୁ ୦, ଅଙ୍କିତ ୩/୬୧, ଦୟାଲ ୩/୬୨)।

ଉତ୍ତରପ୍ରଦେଶ ପ୍ରଥମ ଇନିଂସ- ୪୨/୧, ୧୮ ଓଭର (ମାଧବ ୧୬*, ମହମ୍ମଦ ସୈଫ୍ ୨୪*, ଉପେନ୍ଦ୍ର ଯାଦବ ୧, ବସନ୍ତ ୧/୧୫)।

### ରାଇନାଙ୍କ ଆକର୍ଷଣୀୟ କ୍ୟାଚ୍

ଉତ୍ତରପ୍ରଦେଶ ଦଳର ତାରକା ଖେଳାଳି ସୁରେଶ ରାଇନା ଏହି ମ୍ୟାଚ୍‌ରେ ସମସ୍ତଙ୍କ ନଜରରେ ରହିଥିଲେ। ନିଜର ଫିଲ୍ଡିଂ ଲାଗି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରାଇନା ଏକ ଦର୍ଶନୀୟ କ୍ୟାଚ୍ ନେଇ ଦର୍ଶକଙ୍କ ମନୋରଞ୍ଜନ କରିଛନ୍ତି। ଓଡ଼ିଶା ଇନିଂସର ୬୮ତମ ଓଭରରେ ବାମହାତୀ ସ୍ପିନର ସୌରଭ କୁମାର ବୋଲିଂ କରୁଥିବାବେଳେ ସାମ୍ନାରେ ଉଇକେଟ୍‌କିପର ସୁଜିତ୍ ଲେଙ୍କା ୪୬ ରନ କରି ବ୍ୟାଟିଂ କରୁଥିଲେ। ଏହି ଓଭରର ୨ୟ ବଲକୁ ସୁଜିତ୍ କଭର୍ ଅଞ୍ଚଳରେ ଖେଳିବାକୁ ଯାଇଥିବାବେଳେ ବଲ୍ ଏଜ୍ ଲାଗି ପ୍ରଥମ ସ୍ଲିପ୍‌କୁ ଚାଲିଯାଇଥିଲା। ତେବେ ପ୍ରଥମ ସ୍ଲିପରେ ଠିଆ ହୋଇଥିବା ରାଇନା କୌଣସି ତ୍ରୁଟି ନ କରି ନିଜ ବାମପାର୍ଶ୍ୱକୁ ଡ୍ରାଇଭମାରି ଗୋଟିଏ ହାତରେ ଏକ ଅବିଶ୍ୱସନୀୟ କ୍ୟାଚ୍ ନେଇଥିଲେ। ମ୍ୟାଚ୍‌କୁ ଉପଭୋଗ କରୁଥିବା ଦର୍ଶକଙ୍କୁ ରାଇନାଙ୍କ ଏହି କ୍ୟାଚ୍ ମନମୁଗ୍ଧ କରିଥିଲା।

### ସୂର୍ଯ୍ୟକାନ୍ତ ଆଉଟ୍, ବସନ୍ତଙ୍କ ପ୍ରତ୍ୟାବର୍ତ୍ତନ

ଏହି ମ୍ୟାଚ୍ ଲାଗି ଘରୋଇ ଓଡ଼ିଶା ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଛି। ଅଭିଜ୍ଞ ଦ୍ରୁତ ବୋଲର ବସନ୍ତ ମହାନ୍ତି ଦଳକୁ ଫେରିଥିବାବେଳେ ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଛି। ପିତାଙ୍କ ଅସୁସ୍ଥତା ଲାଗି ବସନ୍ତ ହରିୟାଣା ବିପକ୍ଷ ମ୍ୟାଚ୍ ଖେଳିପାରି ନ ଥିଲେ। ସେହିପରି ଉତ୍ତରପ୍ରଦେଶ ଦଳକୁ ବରିଷ୍ଠ ବ୍ୟାଟ୍ସମ୍ୟାନ ସୁରେଶ ରାଇନା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗୋଆ ବିପକ୍ଷ ମ୍ୟାଚ୍‌ରେ ରାଇନା ଖେଳୁ ନ ଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ଫିଲିଙ୍ଗିବାହାଲ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସଅପ୍ ଦଳର ଖେଳାଳି।

**ବଡ଼ଗାଁ,୧୨।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ପୁର୍କାପାଲି ପଞ୍ଚାୟତ ନିକିତିପଡ଼ାଠାରେ ସୁନ୍ଦରଗଡ଼ ନେହେରୁ ଯୁବକେନ୍ଦ୍ର (ଏନ୍‌ୱାଇକେ) ଓ ସ୍ଥାନୀୟ ହିଟଲର ୟୁଥ କ୍ଲବ ମିଳିତ ଆନୁକୂଲ୍ୟରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଝାରସୁଗୁଡ଼ା ଜିଲା ସାରସମାଲ ଓ ସମ୍ବଲପୁର ଜିଲା ବାମରା ବ୍ଲକ ଫିଲିଙ୍ଗିବାହାଲ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଟାଏବ୍ରେକର ଜରିଆରେ ଫିଲିଙ୍ଗିବାହାଲ ୧-୦ ଗୋଲରେ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୬ ହଜାର ୭୪୫ ଟଙ୍କା ସହ ଟ୍ରଫି, ରନର୍ସଅପ୍ ଦଳକୁ ୫ହଜାର ଟଙ୍କା ସହ ଟ୍ରଫି, ତୃତୀୟ ସ୍ଥାନ ପାଇଥିବା ନିକିତିପଡ଼ା ବଜରଙ୍ଗ କ୍ଲବକୁ ୧ହଜାର ଟଙ୍କା ସହ ଟ୍ରଫି ଓ ଚତୁର୍ଥ ସ୍ଥାନ ପାଇଥିବା ସମ୍ବଲପୁର ଜିଲା ବାମରା ବ୍ଲକ ଲେଢ଼ିମଙ୍ଗ ମା' ବୀଣାପାଣି କ୍ଲବକୁ ଏକ ହଜାର ଟଙ୍କା ସହ ଟ୍ରଫି ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶଶୀଧର ଲାକ୍ରା ମୁଖ୍ୟଅତିଥି ଓ ପୁର୍କାପାଲି ସମିତିସଭ୍ୟ ସନ୍ତୋଷ ପଟେଲ, ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡ଼ଙ୍ଗୀ, ଲବଣୀଧର ପୃଷେଟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ହତାଶନ ବାଗ, ନରେଶ ବାଗ, ବିକ୍ରମ ମିଞ୍ଜ ଖେଳ ପରିଚାଳନା କରିଥିଲେ। ଲବଣୀଧର ମାଝି ଧାରବିବରଣୀ ପ୍ରଦାନ କରିଥିବାବେଳେ ସୁମନ୍ତ ସା ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ଅଶୋକ ସାଙ୍କୁ ବେଷ୍ଟ ଭଲ୍ୟୁଣ୍ଟିୟର ଭାବେ ପୁରସ୍କୃତ କରାଯାଇଥିଲା। ଆୟୋଜକ କ୍ଲବ ସଦସ୍ୟ ପ୍ରଶାନ୍ତ ସା, ସଞ୍ଜୟ ସା, ଚୂଡ଼ାମଣି ସା ପ୍ରମୁଖ ସହଯୋଗ କରିଥିଲେ।

# ମୁସ୍‌ଫିକରଙ୍କ ରେକର୍ଡ ଇନିଂସ

**ଢାକା, ୧୨।୧୧ (ଏଏଫ୍‌ପି)**

ଟେଷ୍ଟ କ୍ରିକେଟ ଇତିହାସରେ ବାଂଲାଦେଶର ମୁସ୍‌ଫିକର ରହିମ ପ୍ରଥମ ଉଇକେଟକିପର ବ୍ୟାଟ୍ସମ୍ୟାନ ହିସାବରେ ଦୁଇଟି ଦ୍ୱିଶତକ ହାସଲ କରି ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଢାକାଠାରେ ଚାଲିଥିବା ଜିମ୍ବାୱେ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ସେ ଏହି ସଫଳତା ହାସଲ କରିଛନ୍ତି। ମୁସ୍‌ଫିକର ୨୧୯ ରନ କରି ଅପରାଜିତ ରହିଥିବାବେଳେ ବାଂଲାଦେଶ ସୋମବାର ଦ୍ୱିତୀୟ ଦିବସରେ ୫୨୨/୭ ସ୍କୋରରେ ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଜବାବରେ ଜିମ୍ବାୱେ ଷ୍ଟମ୍ପ ଅପସାରଣ ବେଳକୁ ୧ଉଇକେଟ ବିନିମୟରେ ୨୫ ରନ କରିପାରିଛି। ବ୍ରାଏନ ଚାରି ୧୦ ଏବଂ ଡୋନାଲ୍‌ଡୋ ଟିରିପାନୋ ବିନା କୌଣସି ରନରେ ଅପରାଜିତ ରହିଛନ୍ତି। ତାଇଜୁଲ ଇସ୍‌ଲାମ ବାଂଲାଦେଶ ତରଫରୁ ପ୍ରଥମ ବ୍ରେକ୍ ଥ୍ରୁ ଆଣିଥିଲେ। ସେ ଜିମ୍ବାୱେ ଅଧିନାୟକ ହାମିଲଟନ ମାସ୍‌କାଡ୍‌ଜାଙ୍କୁ ମେହିଦି ହାସନଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଛନ୍ତି। ଜିମ୍ବାୱେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ଏହି ମ୍ୟାଚ ଅତିକମ୍‌ରେ ଡ୍ର ରଖିପାରିଲେ ୭ ବର୍ଷରେ ପ୍ରଥମ ଥର ଏକ ଟେଷ୍ଟ ସିରିଜରେ ବିଜୟୀ ହୋଇପାରିବ। **ସଂକ୍ଷିପ୍ତ ସ୍କୋର: ବାଂଲାଦେଶ ପ୍ରଥମ ଇନିଂସ:** ୧୬୦ ଓଭରରେ ୫୨୨/୭, ଘୋଷଣା (ମୁସ୍‌ଫିକର ରହିମ-୨୧୯*, ମୋମିନୁଲ ହକ୍-୧୬୧, ମେହିଦି ହାସନ-୬୮*; କାଇଲ ଜାର୍ଭିସ-୫/୭୧, ଟେଣ୍ଡାଇ ଚାଟରା-୧/୩୪, ଡୋନାଲ୍ଡ ଟିରିପାନୋ-୧/୬୫) ଜିମ୍ବାୱେ ପ୍ରଥମ ଇନିଂସ: ୧୮ ଓଭରରେ ୨୫/୧।



■ ସର୍ବଭାରତୀୟ ଅଂଶୁମାନ ମେମୋରିଆଲ୍ କ୍ରିକେଟ୍

# ସେମିରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା

**ଧର୍ମଶାଳା, ୧୨।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ନବମ ସର୍ବଭାରତୀୟ ଅଂଶୁମାନ୍ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସୋମବାର ସପ୍ତମ ଦିବସ ଖେଳ ସମାପ୍ତ ହୋଇଛି। ସପ୍ତମ ଦିବସର ତୃତୀୟ କ୍ୱାର୍ଟର ଫାଇନାଲ ଖେଳରେ ଫାଉଣ୍ଡେଶନ୍ କ୍ରିକେଟ ଏକାଡେମୀ ବିଳାସପୁରକୁ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ୩ ଉଇକେଟରେ ହରାଇ ବିଜୟୀ ହୋଇଛି। ବିଳାସପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭର୍‌ରୁ ୨୭.୨ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରତୀକ୍ ୪୭ ବଲ୍‌ରୁ ୯୨ରନ୍ ଓ ସୁନି ଦାସ ୨୪ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଖୋର୍ଦ୍ଧା ଦଳର ମନିସ ରାଉତ ୪ଟି ଓ ପ୍ରଦୀପ୍ତ ଦାସ ୨ଟି ଲେଖାଏ ଉଇକେଟ୍ ପାଇଥିଲେ। ଜବାବରେ ଖୋର୍ଦ୍ଧା ଦଳ ୨୮.୫ ଓଭର୍‌ରେ ୭ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସତ୍ୟଜିତ୍ ସାବତ ୪୨ବଲ୍‌ରୁ ୪୮ ରନ୍ ସଂଗ୍ରହ କରିଥିବାବେଳେ ପ୍ରଦୀପ୍ତ ଦାସ ୩୦ରନ୍ ସଂଗ୍ରହ କରିଥିଲେ। ବିଳାସପୁର ଦଳର ସମିର ସିଂ ୪ଟି ଉଇକେଟ୍ ନେଇଥିଲେ । ଖେଳକୁ ପ୍ରଶାନ୍ତ ଜେନା ଓ ଆଶୁତୋଷ ପାଣି ପରିଚାଳନା କରିଥିଲେ। ମନିସ୍ ରାଉତଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଧର୍ମଶାଳାର ଭାରପ୍ରାପ୍ତ ତହସିଲଦାର ଶୀତଳ ଅଗ୍ରୱାଲା ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ବିଜୟ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ସିଡିଏମ୍‌ଓ ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଖେଳ ପରିଚାଳନାରେ ଅବିନାଶ ସାମଲ, କାହ୍ନୁ ଚରଣ ସେଠୀ, ସୁବାଶିଷ ଦାସ, ଚିତ୍ତରଞ୍ଜନ ମହାନ୍ତି, ଶୁଭ୍ରଜିତ ଦାସ ସହାୟତା କରିଥିଲେ। ମଙ୍ଗଳବାର କରିମ୍ ସ୍ପୋର୍ଟ୍ସ ଏକାଡେମୀ ନାଗପୁର ଓ ରାୟପୁର ରେଲୱେ ମଧ୍ୟରେ ଖେଳ ଅନୁଷ୍ଠିତ ହେବା ନେଇ ସମ୍ପାଦକ ହିମାଂଶୁ ଶେଖର ସାହୁ ସୂଚନା ଦେଇଛନ୍ତି।



ଅତିଥିଙ୍କଠାରୁ ମନୀଷ ରାଉତ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ଗ୍ରହଣ କରୁଛନ୍ତି।

# ପାକିସ୍ତାନକୁ ହରାଇଲା ଭାରତ

**ମହିଳା ଟି୨୦ ବିଶ୍ୱକପ୍**

**ଗୁୟାନା, ୧୨।୧୧**

ଆଇସିସି ମହିଳା ଟି୨୦ ବିଶ୍ୱକପର ରବିବାର ଅନୁଷ୍ଠିତ ଏକ ଲିଗ୍ ମ୍ୟାଚରେ ଭାରତ ୭ ଉଇକେଟରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୩୪ ରନର ବିଜୟ ଲକ୍ଷ୍ୟର ପିଛା କରି ଭାରତ ୧୯ ଓଭରରେ ୩ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରି ନେଇଛି। ଅର୍ଦ୍ଧଶତକୀୟ ଇନିଂସ ଖେଳି ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ମିଥାଲି ରାଜ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ଭାରତର ଏହାଥିଲା କ୍ରମାଗତ ଦ୍ୱିତୀୟ ବିଜୟ। ପ୍ରଥମ ମ୍ୟାଚରେ ଏହି ଦଳ ନ୍ୟୁଜିଲାଣ୍ଡକୁ ୩୪ ରନରେ ପରାସ୍ତ କରିଥିଲା।

ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୦ ରନରେ ୩ଟି ଉଇକେଟ ହରାଇଥିଲେ ହେଁ ୪ର୍ଥ ଉଇକେଟ ଯୋଡ଼ିରେ ବିସ୍‌ମା ମାରୁଫ ଓ ନିଦା ଦରଙ୍କ ୯୩ ରନର ଭାଗୀଦାରି ଯୋଗୁ ସମ୍ମାନଜନକ ସ୍କୋର ଆଡ଼କୁ ମୁହାଁଇଥିଲା। ମାତ୍ର ଶେଷଭାଗ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦଳୀୟ ଇନିଂସ ୨୦ ଓଭରରେ ୧୩୩/୭ରେ ସୀମିତ ରହିଥିଲା। ବିସ୍‌ମା ୪୯ ବଲ୍‌ରୁ ୫୩ ଓ ନିଦା ୩୫ ବଲ୍‌ରୁ ଦ୍ରୁତ ୫୨ ରନ ସ୍କୋର କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଦୟଲାନ ହେମଲତା ଓ ପୁନମ ଯାଦବ ୨ଟି ଲେଖାଏ ଏବଂ ଅରୁନ୍ଧତୀ ରେଡ୍ଡୀ ଗୋଟିଏ ଉଇକେଟ ନେଇଥିଲେ।

ମିଥାଲି ରାଜ ଓ ସ୍ମୃତି ମନ୍ଧାନାଙ୍କ ଓପନିଂ ଯୋଡ଼ିରୁ ୭୩ ରନ ସଂଗ୍ରହ କରି ଭାରତ ବିଜୟ ଦିଗରେ ଅଗ୍ରସର ହୋଇଥିଲା। ମନ୍ଧାନା ୨୮ ବଲ୍‌ରୁ ୨୬ ରନ କରି ଆଉଟ ହୋଇଥିଲେ। ମିଡଲ ଅର୍ଡରରେ ଜେମିମା ରୋଡ୍ରିଗ୍ୱେଜ ମାତ୍ର ୧୬ ରନ କରିଥିଲେ ହେଁ ମିଥାଲି ୪୭ ବଲ୍‌ରୁ ୭ ଚୌକା ସହାୟତାରେ ୫୬ ରନ ସଂଗ୍ରହ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ହରମନପ୍ରୀତ ୧୪ ଓ ବେଦ କ୍ରିଷ୍ଣମୂର୍ତ୍ତି ୮ ରନରେ ଅପରାଜିତ ରହି ଗୋଟିଏ ଓଭର ବାକିଥାଇ ଭାରତକୁ ବିଜୟୀ କରାଇଥିଲେ। ପାକିସ୍ତାନ ପକ୍ଷରୁ ଡାଏନା ବେଗ୍, ନିଦା ଦର ଓ ବିଶ୍ୱମା ମାରୁଫ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ମିଥାଲି ରାଜ।

### ସଂକ୍ଷିପ୍ତ ସ୍କୋର

ପାକିସ୍ତାନ ୨୦ ଓଭରରେ ୧୩୩/୭ (ବିସ୍‌ମା-୫୩, ନିଦା-୫୨, ହେମଲତା-୨/୩୪, ପୁନମ୍-୨/୨୨, ଅରୁନ୍ଧତୀ-୧/୨୪)। ଭାରତ ୧୯ ଓଭରରେ ୧୩୭/୩ (ମିଥାଲି-୫୬, ମନ୍ଧାନା-୨୬, ଡାଏନା-୧/୧୯, ନିଦା-୧/୧୭, ବିସ୍‌ମା-୧/୨୧)।

ନ୍ୟୁଜିଲାଣ୍ଡ ଜଳବାୟୁ ଯଦିଓ ଅଷ୍ଟ୍ରେଲିଆ ପରି ନ ଥିଲେ ମଧ୍ୟ ଭାରତ ଏ' ଦଳରେ ସ୍ଥାନ ପାଇଥିବା ଟେଷ୍ଟ ଖେଳାଳିଙ୍କ ଅଭ୍ୟାସ ପାଇଁ ଏହା ଉପଯୋଗୀ ହେବ ।

–ରାହୁଲ ଦ୍ରାବିଡ,
ଭାରତ ଏ' କ୍ରିକେଟ ଦଳର କୋଚ୍



ଅଷ୍ଟ୍ରେଲିଆ ଟୁର୍ ପୂର୍ବରୁ ଶିଖର ଧାୱନ ଫର୍ମକୁ ପ୍ରତ୍ୟାବର୍ତ୍ତନ କରିବା ଆମ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ।

–ରୋହିତ ଶର୍ମା,
ଭାରତର କାମଚଳା ଅଧିନାୟକ



# ହକି ବିଶ୍ୱକପ୍ ଟ୍ରଫି ଉନ୍ମୋଚିତ

ଭୁବନେଶ୍ୱର, ୧୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍ ଆୟୋଜନ ହେବାକୁ ଆଉ ପାଖାପାଖି ଦୁଇ ସପ୍ତାହ ବାକିଥିବା ବେଳେ ଏହି ମେଗା ଇଭେଣ୍ଟର ଟ୍ରଫି ଉନ୍ମୋଚିତ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱକପ୍ ଟ୍ରଫି ଉନ୍ମୋଚନ କରିଥିଲେ। ଏହି ଅବସରରେ ହକି ତଥା ଅନ୍ୟ କ୍ରୀଡ଼ାଗୁଡିକର ବିକାଶ ପାଇଁ ସରକାର ବଦ୍ଧପରିକର ବୋଲି ତାଙ୍କ ପୁରଣା ଆଭିମୁଖ୍ୟକୁ ଦୋହରାଇଥିଲେ। ଆଗାମୀ ଦିନରେ ଓଡ଼ିଶା ଜଣେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଆଥଲେଟ ସୃଷ୍ଟି କରିବ ବୋଲି ସେ ଆଶାପ୍ରକାଶ କରିଥିଲେ। ରାଜ୍ୟରେ କ୍ରୀଡ଼ାର ବିକାଶ ନେଇ ଚାଲିଥିବା ଯୁଗାନ୍ତକାରୀ ପ୍ରୟାସରେ ସେ ବେଶ୍ ଖୁସି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ। କ୍ରୀଡ଼ାର ବିକାଶ ପାଇଁ ଏହି ପ୍ରୟାସ ଆଗକୁ ଆହୁରି ଜୋରଦାର ହେବ ବୋଲି ସେ କହିଥିଲେ। ଏବେ ଓଡ଼ିଶା କେବଳ ଦେଶ ନୁହଁ ସାରା ବିଶ୍ୱକ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ଯାଉଛି ବୋଲି ସେ କହିଛନ୍ତି। ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଶିଳ୍ପପତିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କ୍ରୀଡ଼ାର ବିକାଶ ପାଇଁ ବିଭିନ୍ନ ଶିଳ୍ପ ସଂସ୍ଥା ଓ ଶିଳ୍ପପତିଙ୍କ ସହ ହୋଇଥିବା ବୁଝାମଣା ପତ୍ର (ଏମ୍‌ଓୟୁ) ଦୀର୍ଘସ୍ଥାୟୀ ହେବ। ଏହା ଦ୍ୱାରା ରାଜ୍ୟରେ ବିଭିନ୍ନ କ୍ରୀଡ଼ାରେ ବିଶ୍ୱସ୍ତରୀୟ ଆଥଲେଟ ସୃଷ୍ଟି ହେବେ। ଏହା କେବଳ ପାଣ୍ଠି ଅନୁଦାନ କରିବାର ଏକ ବୁଝାମଣାଠାରୁ ଯଥେଷ୍ଟ ଅଧିକ। ଏହା ରାଜ୍ୟ ଓ ଦେଶରେ କ୍ରୀଡ଼ାକୁ ଏକ ନୂଆ ସୋପାନରେ ପହଞ୍ଚାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ମଧ୍ୟ ଅନୁରୂପ ଭାବେ ନିଜର ବକ୍ତବ୍ୟ ରଖିଥିଲେ। ରାଜ୍ୟ କ୍ରୀଡ଼ାରେ ଏକ ବୈପ୍ଳବିକ ପରିବର୍ତ୍ତନ ହେବାକୁ ଯାଉଛି ଓ ଏହାର ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ପାଖକୁ ଯାଉଛି ବୋଲି ସେ କହିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଲ ଦେବ ରାଜ୍ୟରେ କ୍ରୀଡ଼ାର ବିକାଶ ଏବେ ନୂଆ ସୋପାନରେ ପହଞ୍ଚିଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଏହି ପ୍ରକ୍ରିୟା ଆଗକୁ ଆହୁରି ଜୋରଦାର ହେବ ବୋଲି ସେ କହିଥିଲେ।

ବିଶ୍ୱକପ୍ ଟ୍ରଫି ଉନ୍ମୋଚନ ପରେ ଷ୍ଟାଡିୟମରେ ଆତସବାଜି କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଷ୍ଟାଡିୟମର ୱେଷ୍ଟ ଷ୍ଟାଣ୍ଡ ପୂରା ଭର୍ତ୍ତି ହୋଇଯାଇଥିବା ବେଳେ ଅନ୍ୟ ଷ୍ଟାଣ୍ଡଗୁଡିକରେ ମଧ୍ୟ ଦର୍ଶକ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ବିଶେଷ କରି ସ୍କୁଲ ଛାତ୍ରୀଛାତ୍ର ମାନେ ବହୁ ସଂଖ୍ୟାରେ ଗ୍ୟାଲେରୀରେ ବସିଥିଲେ। କାର୍ଯ୍ୟକ୍ରମ ଶେଷରେ ଜଣାଶୁଣା ଗାୟକ ସୁଖବୀନ୍ଦର ସିଂ ଗୀତ ଗାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ତଥା ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍ଆଇଏଚ୍) ଅଧ୍ୟକ୍ଷ ନରିନ୍ଦର ବାତ୍ରା, ଜଣାଶୁଣା ବ୍ୟାଡମିଣ୍ଟନ କୋଚ୍ ତଥା ପୁଲେଲା ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେଶନ ଅଧ୍ୟକ୍ଷ ପୁଲେଲା ଗୋପୀଚାନ୍ଦ, ଡାଲମିଆ ଭାରତ ଗ୍ରୁପ୍ ସିଏମ୍‌ଡି ପୁନିତ ଡାଲମିଆ, ଜେଏସ୍‌ଡବ୍ଲ୍ୟୁ ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ସଜ୍ଜନ ଜିନ୍ଦଲ, ଜଣାଶୁଣା ଶୁଟର ତଥା ଗଗନ ନାରଙ୍ଗ୍ ଶୁଟିଂ ପ୍ରମୋଶନ ଫାଉଣ୍ଡେଶନ ସହ ପ୍ରତିଷ୍ଠାତା ଗଗନ ନାରଙ୍ଗ, ଟେନ୍‌ଭିକ୍ ସ୍ପୋର୍ଟ୍ସ ପ୍ରତିଷ୍ଠାତା ତଥା ପୂର୍ବତନ କ୍ରିକେଟର ଅନିଲ କୁମ୍ବଲେ, ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସ, ଜାଭିୟର-ଏମ୍‌ଲାୟନ ବିଜନେସ୍ ସ୍କୁଲ ଅଧ୍ୟକ୍ଷ ଆଶଲେ ଫର୍ଣାଣ୍ଡିଜ୍, ରିଲାଏନ୍ସ ଫାଉଣ୍ଡେଶନ ଡାଇରେକ୍ଟର ଜଲାଜ ଡାନୀ, ଟାଟା ଟ୍ରଷ୍ଟ ଚିଫ୍ ଅପରେଟିଂ ଅଫିସର ହରିଶ୍ କ୍ରିଷ୍ଣସ୍ୱାମୀ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ମ୍ୟାନେଜିଂ ଡାରେକ୍ଟର ସତୀଶ ପାଇ, କେଜେଏସି ଆହ୍ଲୁୱାଲିଆ ଗ୍ରୁପ୍ ମ୍ୟାନେଜିଂ ଡାଇରେକ୍ଟର ପ୍ରଶାନ୍ତ ଆହ୍ଲୁୱାଲିଆ, ରୁଙ୍ଗଟା ମାଇନ୍ସ ଲିମିଟେଡ ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ନନ୍ଦଲାଲ ରୁଙ୍ଗଟା, ଅଭିନବ ଫ୍ୟୁଚରିଷ୍ଟିକ୍ସ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ଦିଗପାଲ ସିଂ ରାଣାୱତ୍, ରଗବୀ ଇଣ୍ଡିଆ ବୋର୍ଡ ସଦସ୍ୟ ରାହୁଲ ବୋଷ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସମ୍ପାଦକ ବିଶାଲ ଦେବ, ଆଥଲେଟିକ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍ଆଇ) ଅଧ୍ୟକ୍ଷ ଆଦିଲ ସୁମାରିୱାଲା, ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ୍, ଏଫ୍ଆଇଏଚ୍ ସମ୍ପାଦକ ସି.କେ. ଭାଲସନ, ରାଜ୍ୟ କ୍ରୀଡ଼ା ବିଭାଗର ଅନ୍ୟ ଅଧିକାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




କଳିଙ୍ଗ ଷ୍ଟାଡ଼ିୟମ୍‌ରେ ସୋମବାର ହକି ବିଶ୍ୱକପ୍ ଟ୍ରଫି ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ (ମଝି), ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା (ଡାହାଣ) ଓ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା।











କାର୍ଯ୍ୟକ୍ରମ ଅବସରରେ ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ, ଆଥ୍‌ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ଆଡିଲ୍ ସୁମାରିୱାଲା, ବ୍ୟାଡ୍‌ମିଣ୍ଟନ କିମ୍ବଦନ୍ତୀ ପୁଲେଲା ଗୋପୀଚାନ୍ଦ, ତାରକା ଶୁଟର ଗଗନ ନାରଙ୍ଗ, ପୂର୍ବତନ ଭାରତୀୟ କ୍ରିକେଟର ଅନିଲ କୁମ୍ବଲେ ଏବଂ ରଗ୍‌ବୀ ଖେଳାଳି ତଥା ବଲିଉଡ୍ ଅଭିନେତା ରାହୁଲ ବୋଷ୍।



ନିମନ୍ତ୍ରିତ ଅତିଥିମାନେ।



ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ।

# କ୍ରୀଡ଼ାର ଉନ୍ନତି ପାଇଁ ଐତିହାସିକ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ସୋମବାର ରାଜ୍ୟ କ୍ରୀଡ଼ା ପାଇଁ ଏକ ଐତିହାସିକ ଦିନ ସାବ୍ୟସ୍ତ ହୋଇଛି। କେବଳ ସରକାର କିମ୍ବା କ୍ରୀଡ଼ା ବିଭାଗ ନୁହେଁ, ଏବେ ବିଭିନ୍ନ କ୍ରୀଡ଼ାର ପ୍ରଚାର, ପ୍ରସାର ଓ ସର୍ବୋପରି ବିକାଶ ପାଇଁ ରାଜ୍ୟ ସରକାର ଏବଂ ଦେଶର ଆଗଧାଡିର ବିଭିନ୍ନ କର୍ପୋରେଟ ହାଉସ୍ ତଥା ବିଭିନ୍ନ ଶିଳ୍ପ ଉଦ୍ୟୋଗ ଓ ଶିଳ୍ପପତି ଆଗେଇ ଆସିଛନ୍ତି। ଏଥିପାଇଁ ଶିଳ୍ପପତିମାନେ ସରକାରଙ୍କ ସହ ହାତ ମିଳାଇଛନ୍ତି। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଓଡ଼ିଶା ସ୍ପୋର୍ଟ୍ସ: କ୍ରିଏଟିଙ୍ଗ୍ ପାର୍ଟନରଶିପ୍ସ ଅଫ୍ ଏକ୍ସିଲେନ୍ସ'ରେ ଦେଶର ବିଭିନ୍ନ ଆଗଧାଡିର ଶିଳ୍ପପତିଙ୍କ ସହ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟରେ କ୍ରୀଡ଼ା ସଂସ୍କୃତିର ସ୍ଥାପନ ଓ ଗୋଟିଏ ଗୋଟିଏ କ୍ରୀଡ଼ାର ଉନ୍ନତି ପାଇଁ ବିଭିନ୍ନ ଶିଳ୍ପସଂସ୍ଥା ସହ କେତେଗୁଡିଏ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା।

ଏହି ବୁଝାମଣା ଦ୍ୱାରା ରାଜ୍ୟରେ କ୍ରୀଡ଼ା ପ୍ରତିଭାର ଚିହ୍ନଟ ଓ ବିକାଶ ହୋଇପାରିବ। ଏଥିସହିତ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦିଆଯିବ। ପ୍ରତ୍ୟେକ କ୍ରୀଡ଼ା ପାଇଁ ଆବଶ୍ୟକ ଭିତ୍ତିଭୂମି ସ୍ଥାପନ କରାଯିବ। ଏହା ଦ୍ୱାରା କ୍ରୀଡ଼ା ପ୍ରତିଭାମାନେ ନିଜ ଦକ୍ଷତା ସମ୍ପର୍କରେ ଅବଗତ ହୋଇପାରିବେ। ପ୍ରଶିକ୍ଷଣ ତଥା ଟ୍ରେନିଂ ନେବାକୁ ଏମାନଙ୍କ ପାଖରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ହାତପାଆନ୍ତାରେ ମିଳିପାରିବ। ଏଥିପାଇଁ ରାଜ୍ୟରେ ହାଇ ପରଫର୍ମାନ୍ସ ସେଣ୍ଟର, ଆଡ୍‌ଭାନ୍ସ ମେଡିକାଲ ରିହାବିଲିଟେଶନ ସେଣ୍ଟର ସ୍ଥାପନ କରାଯିବ।




ଫୁଟ୍‌ବଲ, ସନ୍ତରଣ, ବ୍ୟାଡ୍‌ମିଣ୍ଟନ, ୱେଟ୍‌ଲିଫ୍ଟିଙ୍ଗ୍, ଶୁଟିଂ ଓ ହକିର ଉନ୍ନତି ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଆଥ୍‌ଲେଟିକ୍ସ ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍, ଫୁଟବଲ ଓ ସନ୍ତରଣ ଲାଗି ଜେଏସ୍‌ଡବ୍ଲ୍ୟୁ, ବ୍ୟାଡ୍‌ମିଣ୍ଟନ ପାଇଁ ଡାଲମିଆ ଭାରତ, ୱେଟ୍‌ଲିଫ୍ଟିଙ୍ଗ୍ ପାଇଁ ଆହଲୁୱାଲିଆ, ଶୁଟିଂ ପାଇଁ ଆଦିତ୍ୟ ବିର୍ଲା ଓ ହକି ପାଇଁ ଟାଟା ଗ୍ରୁପ୍ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଶିଳ୍ପପତିମାନେ ନିଜ ବକ୍ତବ୍ୟ ରଖିବା ପରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଅଧିକାରୀଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ। ହକି ଓ ଅନ୍ୟାନ୍ୟ କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ରାଜ୍ୟର ୪ଟି ସହର ବ୍ରହ୍ମପୁର, ସମ୍ବଲପୁର, କଟକ ଓ ରାଉରକେଲାରେ ସାଟେଲାଇଟ୍ ଷ୍ଟାଡିୟମ ଓ ବିଭିନ୍ନ ସ୍ଥାନରେ ହାଇ ପରଫର୍ମାନ୍ସ ସେଣ୍ଟର ସ୍ଥାପନ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଥିଲେ। ଏହି ଅବସରରେ କ୍ରୀଡ଼ାର ବିକାଶ ପାଇଁ ଏକ ନୂଆ ଯୁଗର ଶୁଭାରମ୍ଭ ହୋଇଛି ଓ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହା ଚାଲୁ ରହିବ ବୋଲି ଏଫ୍ଆଇଏଚ୍ ଅଧ୍ୟକ୍ଷ ନରିନ୍ଦର ବାତ୍ରା କହିଛନ୍ତି। ଏଥିସହିତ ଆଉ ମାତ୍ର ଦୁଇ ସପ୍ତାହ ପରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱକପ୍ ସଫଳତାର ସହ ଆୟୋଜନ ହେବ ଓ ଏହା ରାଜ୍ୟ ତଥା ଦେଶ ପାଇଁ ଇତିହାସ ସୃଷ୍ଟି କରିବ ବୋଲି ସମସ୍ତେ କହିଥିଲେ।



ସୁଖ୍‌ବିନ୍ଦର ସିଂଙ୍କ ସଙ୍ଗୀତ ପରିବେଷଣ।

## ଏମ୍‌ଓୟୁ

- ଆଥଲେଟିକ୍ସ- ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍
- ଫୁଟବଲ ଓ ସନ୍ତରଣ- ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍
- ବ୍ୟାଡମିଣ୍ଟନ- ଡାଲମିଆ ଭାରତ ଗ୍ରୁପ୍
- ୱେଟ୍‌ଲିଫ୍ଟିଙ୍ଗ୍- ଆହ୍ଲୁୱାଲିଆ ଗ୍ରୁପ୍
- ଶୁଟିଂ- ଆଦିତ୍ୟ ବିର୍ଲା ଗ୍ରୁପ୍
- ହକି- ଟାଟା ଗ୍ରୁପ୍

# ଏମ୍‌ସିଆଇ ଟିମ୍‌ର ବଲାଙ୍ଗୀର ମେଡିକାଲ କଲେଜ ପରିଦର୍ଶନ

**ବଲାଙ୍ଗୀର ଅଫିସ,୧୨।୧୧**

ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆନ୍(ଏମ୍‌ସିଆଇ)ର ୩ଜଣିଆ ଟିମ୍ ସୋମବାର ବଲାଙ୍ଗୀର ସନ୍ଥ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରିଛନ୍ତି। କଲିକତାର କଲେଜ ଅଫ୍ ମେଡିସିନ୍ ଆଣ୍ଡ ସାଗର ଦତ୍ତ ହସ୍ପିଟାଲରୁ ଆସିଥିବା କୋଅର୍ଡିନେଟର ପ୍ରଫେସର ଡା.ମହମ୍ମଦ ରିଜାଉଲ କରିମ୍, ରାଜସ୍ଥାନ ଜୟପୁରର ଏସ୍‌ଏମ୍‌ଏସ୍ କଲେଜର ପ୍ରଫେସର ଡା. ଧୀରଜ ସକ୍‌ସେନା ଓ ମଧ୍ୟପ୍ରଦେଶ ଗ୍ୱାଲିଅରସ୍ଥିତ ଜିଆର୍ ମେଡିକାଲ କଲେଜ ପ୍ରଫେସର ଡା. ସରୋଜ କୋଠାରୀ ବଲାଙ୍ଗୀରରେ ପହଞ୍ଚିବା ପରେ ପ୍ରଥମେ ଗନ୍ଧରେଲସ୍ଥିତ ମେଡିକାଲ କଲେଜ ପରିସରକୁ ଯାଇ ପରିଦର୍ଶନ କରିଥିଲେ। ପରେ ୨ଜଣ ସଦସ୍ୟ ବିଭିନ୍ନ ବିଭାଗ ଓ ଆନୁସଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଏପରିକି କୋଅର୍ଡିନେଟର ଡା କରିମ୍ ବଲାଙ୍ଗୀର ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରିଥିଲେ। ହସ୍ପିଟାଲର ବିଭିନ୍ନ ୱାର୍ଡ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିଥିଲେ। ଟିମ୍‌ର ପରିଦର୍ଶନ ପରେ ଏମ୍‌ସିଆଇକୁ ତାଙ୍କ ରିପୋର୍ଟ ପ୍ରଦାନ କରିବେ। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ସନ୍ଥ ଭୀମଭୋଇ ମେଡିକାଲ କଲେଜର ଦ୍ୱିତୀୟ ବର୍ଷ ପାଠପଢ଼ା ସକାଶେ ୧୦୦ସିଟ୍ ଅନୁମତି ପ୍ରଦାନ ପାଇଁ ଏହି ଏମ୍‌ସିଆଇ ଟିମ୍ ବଲାଙ୍ଗୀର ଆସି ତଥ୍ୟ ସଂଗ୍ରହ କରିଥିଲେ। କଲେଜ ଓ ହସ୍ପିଟାଲ ତଥ୍ୟ ସଂଗ୍ରହ ବେଳେ ମେଡିକାଲ କଲେଜ ଡିନ୍ ଡା. ଲଳିତ କୁମାର ମେହେର, ସୁପରିଣ୍ଟେଣ୍ଡେଣ୍ଟ ଡା ନାରାୟଣ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଡିନ୍ ଡା ମେହେରଙ୍କୁ ପଚାରିବାରୁ ଏମ୍‌ସିଆଇର ୩ଜଣିଆ ଟିମ୍ ସୋମବାର ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି କଲେଜର ଭିତ୍ତିଭୂମି, ପାଠ୍ୟକ୍ରମ, ହସ୍ପିଟାଲର ବିଭିନ୍ନ ୱାର୍ଡ ଓ ଅନ୍ୟାନ୍ୟ ସୁବିଧା ବୁଲି ଦେଖିଛନ୍ତି ବୋଲି କହିଥିଲେ। ତେବେ ସାମଗ୍ରିକ ଭାବେ କଲେଜର ଭିତ୍ତିଭୂମି ଓ ଅନ୍ୟାନ୍ୟ ବ୍ୟବସ୍ଥା ପରିଦର୍ଶନ କରି ଏମ୍‌ସିଆଇ ଟିମ୍ ସନ୍ତୋଷ ବ୍ୟକ୍ତ କରିଥିବା ଡା. ମେହେର ସୂଚନା ଦେଇଛନ୍ତି।



ଏମ୍‌ସିଆଇ ଟିମ୍ ସଦସ୍ୟ ବଲାଙ୍ଗୀର ମେଡିକାଲ କଲେଜ ଓ ହସ୍ପିଟାଲ ବୁଲି ଦେଖୁଛନ୍ତି।

## ଖୁଚୁରା ନେଉନାହାନ୍ତି ବ୍ୟାଙ୍କ, ବ୍ୟବସାୟୀ

ବଡ଼ଗାଁ,୧୨।୧୧(ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ବଡ଼ ବ୍ୟବସାୟୀ ଓ ବ୍ୟାଙ୍କଗୁଡ଼ିକ ଖୁଚୁରା ନେଉ ନ ଥିବାରୁ ଛୋଟ ବ୍ୟବସାୟୀ ଏବଂ ଗ୍ରାହକ ସମସ୍ୟାରେ ପଡୁଛନ୍ତି। ପାନ, ଚା, ଦୋକାନ ଭଳି ଛୋଟ ବ୍ୟବସାୟୀଙ୍କଠାରୁ ବ୍ୟାଙ୍କ ଓ ବଡ଼ ବ୍ୟବସାୟୀମାନେ ୧, ୨ ଓ ୫ ଟଙ୍କିଆ କଏନ ନେବାକୁ ମନା କରୁଛନ୍ତି। ଫଳରେ ଅଞ୍ଚଳବାସୀ ଖୁଚୁରାକୁ ନେଇ ହଇରାଣ ହେଉଛନ୍ତି।


**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ - ଏକାଦଶାହ ଉପଲକ୍ଷେ**



୰ ଡ଼ା. ରବିନ୍ଦ୍ର କୁମାର ଦାସ (ରବି)
ଆବିର୍ଭାବ : ୧୫ / ୦୧ / ୧୯୬୨
ତିରୋଧାନ : ୦୩ / ୧୧ / ୨୦୧୮
ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର

ଆପଣଙ୍କର ଆଦର୍ଶ, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଅଯାଚିତ ଓ ଅକୁଣ୍ଠିତ ସହଯୋଗ ପ୍ରବୃତ୍ତି ଆମକୁ ସଦାସର୍ବଦା ପ୍ରେରଣା ଦେଉଥାଉ।

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଅଛୁ।

**ଶୋକ ସନ୍ତପ୍ତ :**
ସମ୍ପର୍କୀୟ, ବନ୍ଧୁ ଓ ପରିବାରବର୍ଗ


# ବୌଦ୍ଧ ସବ୍‌ଜେଲରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବୌଦ୍ଧ,୧୨।୧୧(ସ୍ୱ.ପ୍ର)**

ବୌଦ୍ଧ ସ୍ୱତନ୍ତ୍ର ଉପଖଣ୍ଡ କାରାଗାରରେ ଜଣେ ବିଚାରାଧୀନ ବନ୍ଦୀଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତକ ହେଲେ ପଶ୍ଚିମବଙ୍ଗ ୨୪ ପ୍ରଗଣା ଜିଲା ବାସ୍କେପଡା ଗ୍ରାମର ଗୋପାଳ ବିଶ୍ୱାସ (୪୦)। ରବିବାର ହଠାତ୍ ଗୋପାଳଙ୍କ ଦେହ ଖରାପ ହେବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳୁ ତାଙ୍କର ମୃତ୍ୟୁ ହୋଇଛି। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସେମାନେ ଆସିଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜେଲ୍ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଗୋପାଳ ଚୋରା ଗଞ୍ଜେଇ କାରବାର ମାମଲାରେ ମନମୁଣ୍ଡା ପୋଲିସ ଦ୍ୱାରା ଗିରଫ ହୋଇ ଗତ ତା୪।୬।୧୮ ରିଖଠାରୁ ବୌଦ୍ଧ ସ୍ୱତନ୍ତ୍ର ଉପଖଣ୍ଡ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଆସୁଥିଲେ।

# ବାଉଁଶ ଫାଳିଆରେ ପିଟି ସାଙ୍ଗଙ୍କୁ ହତ୍ୟା

### ୨୪ ଘଣ୍ଟା ପରେ ମୃତଦେହ ଉଦ୍ଧାରକଲା ପୋଲିସ

**କୁଆଁରମୁଣ୍ଡା, ୧୨।୧୧ (ଡି.ଏନ୍.ଏ.)**

୨ ସାଙ୍ଗଙ୍କ ମଧ୍ୟରେ କଥା କଟାକଟିରୁ ମରଣାନ୍ତକ ଆକ୍ରମଣରେ ଜଣଙ୍କ ଜୀବନ ଯାଇଛି। ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଏହି ଅମାନବୀୟ ଘଟଣା ଘଟିଛି। ରବିବାର ଏହି ହତ୍ୟାକାଣ୍ଡ ଘଟିଥିଲେ ହେଁ ସୋମବାର ଥାନା ଓ ଫାଣ୍ଡି ପୋଲିସ ଖବର ପାଇ ଘଟଣାସ୍ଥଳରୁ ରକ୍ତାକ୍ତ ମୃତଦେହ ଜବତ କରିଛି। ହତ୍ୟାର ଶିକାର ହୋଇଥିବା ଯୁବକ ଜଣକ ହେଲେ ସମରା ବାଖ୍‌ଲା (୪୦)। ଅଭିଯୁକ୍ତ ନାନସୁଦ ବାଗେ (୪୧)ଙ୍କୁ ପୋଲିସ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ସମରା ଓ ନାନସୁଦ କାଲୋ ସିହିରିଆ ସ୍କୁଲ ବସ୍ତିରେ ରୁହନ୍ତି। ରବିବାର କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନାନସୁଦ ନିକଟରେ ପଡ଼ିଥିବା ଏକ ବାଉଁଶ ଫାଳିଆରେ ସମରାଙ୍କ ମୁଣ୍ଡକୁ ବାରମ୍ବାର ପିଟିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଏହି ଜଘନ୍ୟ ଅପରାଧ ସମ୍ପର୍କରେ ୨୪ ଘଣ୍ଟା ପର୍ଯ୍ୟନ୍ତ ପୋଲିସ ଅନ୍ଧାରରେ ରହିବା ଘଟଣା ଲୋକଙ୍କୁ ଚକିତ କରିଛି। ଅଭିଯୋଗ ହୋଇଛି ଯେ ଘଟଣାକୁ ଆପୋସ ବୁଝାମଣାରେ ଚପାଇ ଦେବାକୁ ଚକ୍ରାନ୍ତ ହୋଇଥିଲା। ତେବେ ତାହା ସମ୍ଭବ ନ ହେବାରୁ ସୋମବାର ପୋଲିସ ନିକଟକୁ ଖବର ଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ନାନସୁଦଙ୍କୁ ଗିରଫ କରି ଥାନାକୁ ନେଇଥିଲା। ପଚରାଉଚୁରା ବେଳେ ନାନସୁଦ ନିଜ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।

# ଗୋଆରେ ବିକ୍ରି ହୋଇଥିବା ନାବାଳିକା ଉଦ୍ଧାର

- ଝିଅକୁ ଖୋଜିବାକୁ ପୋଲିସ ସହ ଯାଇଥିବା ବାପା ନିଖୋଜ
- ଦଲାଲଙ୍କ ସହାୟତାରେ ବିକ୍ରି କରିଥିଲେ ପ୍ରେମିକ

**ସୁନ୍ଦରଗଡ଼,୧୨।୧୧(ଡି.ଏନ୍.ଏ.)**

ଗୋଆରେ ବିକ୍ରି ହୋଇଥିବା ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ସୁନ୍ଦରଗଡ଼ ଟାଉନଥାନା ପୋଲିସ ଉଦ୍ଧାର କରି ଓଡ଼ିଶା ଫେରୁଥିବା ସୂଚନା ମିଳିଛି। ଏ ନେଇ ପୋଲିସ ବିଧିବଦ୍ଧ କୌଣସି ସୂଚନା ଦେଇ ନ ଥିଲେ ମଧ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନାବାଳିକାଙ୍କୁ ଖୋଜିବାକୁ ପୋଲିସ ସହ ଯାଇଥିବା ତାଙ୍କ ବାପା ବାଟରେ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସେ କୌଣସି ରେଳ ଷ୍ଟେଶନରେ ଓହ୍ଲାଇଥିବାବେଳେ ଆଉ ଟ୍ରେନ୍‌ରେ ଚଢ଼ିପାରି ନ ଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଅମଲିପାଲିରେ ଏକ ଘର ଭଡ଼ା ନେଇ ରହୁଥିବା ସଦରଥାନା ବଡ଼ମାଳ ଗ୍ରାମର ହରେଶ କିରୋ (୧୯)ଙ୍କର ପାଣ୍ଡିରିଢିପାର ଜଣେ ଆଦିବାସୀ ନାବାଳିକାଙ୍କ ସହ ପ୍ରେମସମ୍ପର୍କ ରହିଥିଲା। ହରେଶ ରହୁଥିବା ଭଡ଼ାଘରେ ଲଙ୍କାପଡ଼ାର ମେଘ ଓରାମ ଓ ତାଙ୍କ ସ୍ତ୍ରୀ ଲିଜା ରହୁଥିଲେ। ଚାକିରି କରାଇଦେବାକୁ ପ୍ରଲୋଭନ ଦେଖାଇ ମେଘ, ଲିଜା ଓ ହରେଶ ନାବାଳିକାଙ୍କୁ ଧରି ଗତ ଅକ୍ଟୋବର ୨୩ ତାରିଖରେ ଗୋଆ ଯାଇଥିଲେ। ସେଠାରେ ନାବାଳିକାଙ୍କୁ ବିକ୍ରି କରିଦେଇ ୩ଜଣଯାକ ଫେରିଆସିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଅକ୍ଟୋବର ୨୫ରେ ଟାଉନ୍‌ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.-୨୦୦/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ମିଳିଥିବା ସୁରାକ ଆଧାରରେ ପୋଲିସ ଗତ ୭ ତାରିଖରେ ଅଭିଯୁକ୍ତ ହରେଶ, ମେଘ ଓ ଲିଜାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ବୟାନ ଆଧାରରେ ଏସ୍‌ଆଇ କାଶୀନାଥ ବାରିକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ନାବାଳିକାଙ୍କ ଜଣେ ସମ୍ପର୍କୀୟ ଭାଇ ଓ ବାପାଙ୍କୁ ସାଙ୍ଗରେ ନେଇ ଗତ ୮ ତାରିଖରେ ଗୋଆ ଯାତ୍ରା କରିଥିଲା। ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରି ପୋଲିସ ଫେରୁଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପୋଲିସ ସହ ଯାଇଥିବା ନାବାଳିକାଙ୍କ ବାପା ନିଖୋଜ ହୋଇଯାଇଛନ୍ତି।














Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଚାଷୀଙ୍କୁ ମିଳୁନି ବୀମା କ୍ଷତିପୂରଣ

**ବରଗଡ଼ ଅଫିସ୍,୧୨।୧୧:** ବରଗଡ଼ ଜିଲା ଭଟଲି ଅଞ୍ଚଳର ୩୧ଜଣ ଚାଷୀ ବୀମା ପ୍ରିମିୟମ ଭରିଥିଲେ ମଧ୍ୟ ସେମାନଙ୍କୁ ବୀମା କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ସମ୍ପୃକ୍ତ ଚାଷୀମାନେ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଉପଜିଲାପାଳ ଦେବେନ୍ଦ୍ର ନନ୍ଦଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଗତବର୍ଷ ଫସଲ ପୂର୍ବରୁ ସମ୍ପୃକ୍ତ ଚାଷୀମାନେ ଅନ୍‌ଲାଇନରେ ନ୍ୟାଶନାଲ ଇନସ୍ୟୁରାନ୍ସ କମ୍ପାନୀଠାରେ ଆବଶ୍ୟକ ବୀମା ପ୍ରିମିୟମ ଜମା କରିଥିଲେ। ଫସଲକ୍ଷତି ପରେ ଏପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟରେ ବୀମା କ୍ଷତିପୂରଣ ଜମା ହୋଇ ନାହିଁ । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ରାଜକିଶୋର ଅଗ୍ରୱାଲ, ଗିରିଧର ପ୍ରଧାନ, କ୍ଷୀରୋଦ୍ର ପ୍ରଧାନ, ଅମରେଶ ଭୁଏଁଙ୍କ ସମେତ କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ ।

### ଦୋକାନ ଗୃହ ଦାବି କଲେ ବ୍ୟବସାୟୀ

**ବରଗଡ଼ ଅଫିସ୍,୧୨।୧୧:** ବରଗଡ଼ ଘରୋଇ ବସଷ୍ଟାଣ୍ଡ ନୂତନ ସ୍ଥାନକୁ ସ୍ଥାନାନ୍ତର ହେବା ପ୍ରକ୍ରିୟା ଚାଲିଛି । ତେବେ ନୂତନ ଘରୋଇ ବସଷ୍ଟାଣ୍ଡରେ ସେମାନଙ୍କୁ ଦୋକାନ ଗୃହ ଯୋଗାଇ ଦେବା ପାଇଁ ସ୍ଥାନୀୟ ବସଷ୍ଟାଣ୍ଡ ବ୍ୟବସାୟୀମାନେ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ସୋମବାର ସେମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ୨୫ବର୍ଷ ହେଲା ୩୬ ଜଣ ସେଠାରେ ବ୍ୟବସାୟ କରିଆସୁଛନ୍ତି । ମାତ୍ର ବର୍ତ୍ତମାନ ବସଷ୍ଟାଣ୍ଡ ସ୍ଥାନାନ୍ତର ହେଉଥିବାରୁ ସେମାନଙ୍କ ଜୀବିକା ଉଜୁଡ଼ିବା ଆଶଙ୍କା ରହିଛି। ନୂତନ ଘରୋଇ ବସଷ୍ଟାଣ୍ଡ ନିକଟରେ ଦୋକାନ ବ୍ୟବସ୍ଥା କରିବାକୁ ବ୍ୟବସାୟୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ରଶ୍ମିରଞ୍ଜନ ମହାନ୍ତି, କାଶିନାଥ ସାହୁ, ସୀମାଞ୍ଚଳ ସାହୁ, ରମେଶ ସ୍ୱାଇଁଙ୍କ ସମେତ ବହୁସଂଖ୍ୟକ ବ୍ୟବସାୟୀ ଜିଲାପାଳ ଅଫିସକୁ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଡାକ୍ତର ନିଯୁକ୍ତି ଦାବିରେ ଅନଶନ

ଗାଇସିଲେଟ, ୧୨।୧୧ (ଡି.ଏନ.ଏ)

ଗାଇସିଲେଟ ବ୍ଲକରେ ଥିବା ସମସ୍ତ ଡାକ୍ତରଖାନାରେ ଡାକ୍ତର ଅଭାବ ଦେଖାଦେଇଛି। ଫଳରେ ରୋଗୀମାନେ ଏଠାକୁ ଆସି ଆବଶ୍ୟକ ଚିକିତ୍ସା ସୁବିଧା ନ ପାଇ ଫେରିଯାଉଥିବା ଦେଖିବାକୁ ମିଳିଛି। ଗତ ବିଜେପୁର ଉପ ନିର୍ବାଚନ ସମୟରେ ଗାଇସିଲେଟରେ ମେଡିସିନ ବିଶେଷଜ୍ଞ ଡା. ରାମ ପ୍ରସାଦ ସାହୁ, ପ୍ରସୂତି ବିଶେଷଜ୍ଞ ଡା. ସସ୍ମିତା ଦାଶଙ୍କୁ ନିଯୁକ୍ତି କରାଯାଇଥିଲା । ମାତ୍ର ଭୋଟ ସରିବା ପରେ ଉକ୍ତ ଡାକ୍ତରଙ୍କୁ ଅନ୍ୟତ୍ର ପଠାଇ ଦିଆଯାଇଛି । ଏହାର ପ୍ରତିବାଦରେ ଭାଜପା ଜିଲା ଉପ ସଭାପତି ପ୍ରବୀଣ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗାଇସିଲେଟ ଡାକ୍ତରଖାନାରେ ସୋମବାର ଆମରଣ ଅନଶନ ଆରମ୍ଭ ହୋଇଛି । ଏହି ଅବସରରେ ଶତାଧିକ କର୍ମୀ ଶହୀଦ ଛକରୁ ଶୋଭାଯାତ୍ରାରେ ବାହାରି ଡାକ୍ତରଖାନାରେ ପହଞ୍ଚିଥିଲେ।



ଅନଶନ କରିବା ପାଇଁ ଭାଜପା ନେତା ଓ କର୍ମୀମାନେ ଗାଇସିଲେଟ ଡାକ୍ତରଖାନା ଅଭିମୁଖେ ଶୋଭାଯାତ୍ରାରେ ଯାଉଛନ୍ତି ।

ସେଠାରେ ମଣ୍ଡଳ ସଭାପତି ପୂର୍ଣ୍ଣାନନ୍ଦ ଠାକୁରଙ୍କ ସଭାପତିତ୍ୱରେ ପ୍ରବୀଣ କୁମାର ପାଣିଗ୍ରାହୀ, ମଣ୍ଡଳ ସଭାପତି ବିନାୟକ ପ୍ରସାଦ ଗୁରୁ, ଯୁବ ମୋର୍ଚ୍ଚା ସଭାପତି ବିପିନ ବିହାରୀ ସାହୁ, ଯଜ୍ଞେଶ୍ୱର ପଧାନ, ତାଲପାଲି ପଞ୍ଚାୟତ ପ୍ରମୁଖ ଭଗବାନ ପୁଟେଲ, ଓବିସି ମୋର୍ଚ୍ଚା ସମ୍ପାଦକ ନିରାକାର ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ବରିଷ୍ଠ ନେତା ଆଦିକନ୍ଦ ପୁରୋହିତ, ଘନଶ୍ୟାମ ସାହୁ ପ୍ରମୁଖ ଉଦ୍‌ବୋଧନ ଦେବା ସହ ଅନଶନରେ ବସିଥିଲେ । ବରଗଡ ଜିଲା ଭାଜପା ସଭାପତି ଡା. ଅରୁପାନନ୍ଦ ସାହୁ, ବିଜେପୁର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସଞ୍ଜୀବ କୁମାର ମହାପାତ୍ର ଅନଶନସ୍ଥଳକୁ ଆସି ସମର୍ଥନ ଜଣାଇଥିଲେ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ (ରାତି ୮ଟା) ଅନଶନସ୍ଥଳକୁ କୌଣସି ସରକାରୀ ଅଧିକାରୀ ପହଞ୍ଚି ନ ଥିବା ଜଣାପଡିଛି ।

## ରେମଣ୍ଡା ଫୁଟବଲ ମହୋତ୍ସବ
# ସେମିଫାଇନାଲରେ ମରହାପାଲି ଦଳ

**ଭେଡ଼େନ, ୧୨।୧୧(ଡି.ଏନ.ଏ)**

ଭେଡ଼େନ ବ୍ଲକ ରେମଣ୍ଡା ଖେଳ ପଡ଼ିଆରେ ଚାଲିଥିବା ରେମଣ୍ଡା ଫୁଟବଲ ମହୋତ୍ସବର ଦଶମ ଦିବସ ସୋମବାର ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମରହାପାଲି ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ବିଜୟୀ ଦଳ ଚିଚିଣ୍ଡା ଏକାଦଶକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ବିଜୟୀ ଦଳର ସୁନୀଲ ସେଠଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଡ଼ା. ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ପ୍ରଧାନଶିକ୍ଷକ ବିଜୟ କୁମାର ଯୈଶ୍ୱାଲ, ରେମଣ୍ଡା ସରପଞ୍ଚ ରାମେଶ୍ୱରୀ ନନ୍ଦ, ନାଏବ ସରପଞ୍ଚ ଚିନ୍ତାମଣି ରାଉତିଆ, ସୁବର୍ଣ୍ଣ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଖେଳକୁ ରେଫରୀ ଅଶ୍ୱିନୀ ମେହେର, ଶିବାନନ୍ଦ ଦାଶ, ନିରଞ୍ଜନ ମହାକୁର ପ୍ରମୁଖ ପରିଚାଳନା କରିଥିବା ବେଳେ ସଞ୍ଜୟ ନନ୍ଦ, ପର୍ଶୁରାମ ପାତ୍ର ଓ ମୁକୁଳ ଶତପଥି ଧାରା ବିବରଣୀ ପ୍ରଦାନ କରିଥିଲେ । ମଙ୍ଗଳବାର ଜାଙ୍ଗେଡ଼ ଏବଂ ଅମସ୍ତଲା ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

# ଫୁଟବଲ: ବରଡ଼ୋଲ ଚାମ୍ପିୟନ

**ବରଗଡ଼ ଅଫିସ୍,୧୨।୧୧**

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ବରଗାଁ ପଞ୍ଚାୟତର ହାଇସ୍କୁଲ ପଡ଼ିଆରେ ପଲ୍ଲିଶ୍ରୀ ସେବା ସଂଘ ପକ୍ଷରୁ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ । ବରଡ଼ୋଲ ଓ କବରାପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା । ଏଥିରେ ବରଡ଼ୋଲ ପ୍ରତିପକ୍ଷକୁ ୪-୨ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା । ଜିଲା ପରିଷଦ ସଭ୍ୟ ଶଙ୍କର ଖାଲକୋ ଏବଂ ଉମେଶ ବେହେରା ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ସେହିପରି



ଅତିଥିଙ୍କ ଗହଣରେ ଚାମ୍ପିୟନ, ରନର୍ସ ଅପ୍ ଦଳର ଖେଳାଳିମାନେ ।

ଉଦ୍‌ଯାପନୀ ସମାରୋହରେ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଏବଂ ଭାଜପା ନେତା ପ୍ରୀତମ ସିଂ, ସୁରେଶ୍ୱର ଶତପଥୀ, ଅବନୀକାନ୍ତ ପଣ୍ଡା, ଲାଲୁ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ, ରନର୍ସ ଅପ୍ ଓ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ରାଧେଶ୍ୟାମ ପ୍ରଧାନ, ବଜରଙ୍ଗ ଭୋଇ, ଦଖିଲ ବାରିକ, ତପ ଖମାରି, ମକାରୁ ଜାଲ ପ୍ରମୁଖ ସହଯୋଗ କରିଥିଲେ ।

### ମହିଳା ଆଇନଜୀବୀଙ୍କ ଆତ୍ମହତ୍ୟା

**ବରଗଡ଼ ଅଫିସ୍,୧୨।୧୧**

ବରଗଡ଼ ସହରରେ ସୋମବାର ଜଣେ ମହିଳା ଆଇନଜୀବୀ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ଜଣକ ହେଲେ ସ୍ଥାନୀୟ କଲେଜ ରୋଡ୍ ନିବାସୀ ଲୋପାମୁଦ୍ରା ସାହୁ(୨୮) । ସେ ଶୋଇଥିବା ଘରେ ଦୀର୍ଘ ସମୟ ଧରି ନ ଉଠିବାରୁ ପରିବାର ଲୋକେ କବାଟ ଭାଙ୍ଗିଥିଲେ ଏବଂ ଶବ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୋଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ଶବ ସଂରକ୍ଷଣ ଗୃହରେ ମୃତଦେହ ରଖାଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଶବ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି । ସେହିପରି ପୋଲିସ ଏକ ସୁଇସାଇଡ଼ାଲ ନୋଟ୍ ମଧ୍ୟ ଜବତ କରିଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

# ୨୫ଲକ୍ଷରେ ହେବ ରାସ୍ତା ପୁନରୁଦ୍ଧାର କାମ



ଦେଓଗାଁ-ବରଡ଼ୋଲ କେନାଲ ରାସ୍ତା ପୁନରୁଦ୍ଧାର କାର୍ଯ୍ୟ ଶୁଭାରମ୍ଭ କରାଯାଉଛି ।

**ବରଗଡ଼ ଅଫିସ୍,୧୨।୧୧**

ବହୁ ପ୍ରତୀକ୍ଷିତ ଦେଓଗାଁ-ବରଡ଼ୋଲ କେନାଲ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶନିବାର ଏହାର ଭୂମିପୂଜନ କରିଛନ୍ତି। ଭୂମିପୂଜନ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ପଟେଲ, ମକରଧ୍ୱଜ ପାଣ୍ଡେ, ପୁରୁଷୋତ୍ତମ ଠାକୁର, ବିକାଶ ଠାକୁର, ରାଜା ମେହେରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଆଚାର୍ଯ୍ୟଙ୍କ ଉଦ୍ୟମ କ୍ରମେ ଏହି ରାସ୍ତାର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ୨୫ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି ।

# ଉପଖଣ୍ଡ ଡାକ୍ତରଖାନା ପାଇଁ ଫେରାଦ

**ବରଗଡ଼ ଅଫିସ୍,୧୨।୧୧**

ବରଗଡ଼ ସହର ମଧ୍ୟରେ ରହିଥିବା ଜିଲା ମୁଖ୍ୟ ଡାକ୍ତରଖାନା ଅନ୍ୟତ୍ର ସ୍ଥାନାନ୍ତର ହେବା ପୂର୍ବରୁ ଏହି ଡାକ୍ତରଖାନାକୁ ଉପଖଣ୍ଡ ଡାକ୍ତରଖାନା ମାନ୍ୟତା ଦେବା ପାଇଁ ଫାଇଟ୍ ଅନ୍ ରାଇଟ୍ ଅନୁଷ୍ଠାନ ପକ୍ଷରୁ ସୋମବାର ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳ ଦେବେନ୍ଦ୍ର ନନ୍ଦ ଏହାକୁ ଗ୍ରହଣ କରିଥିଲେ ।

ଜିଲା ମୁଖ୍ୟ ଡାକ୍ତରଖାନା ଯେଉଁସ୍ଥାନକୁ ସ୍ଥାନାନ୍ତର ହେବ, ତାହା ସହରଠାରୁ ୮କି.ମି ଦୂରରେ ଅବସ୍ଥିତ। ଡାକ୍ତରଖାନା ସ୍ଥାନାନ୍ତର ହେଲେ ସ୍ଥାନୀୟ ଲୋକେ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ପାଇ ପାରିବେନାହିଁ । ସେହିପରି ସହରରେ ରହିଥିବା ଜିଲା ମୁଖ୍ୟ ଡାକ୍ତରଖାନାରେ କୋଠାଘର ଅବ୍ୟବହୃତ ହୋଇ ପଡ଼ିରହିବ ।



ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ଯାଉଛନ୍ତି ।

ପୂର୍ବରୁ ଏହି ଡାକ୍ତରଖାନା ଉପଖଣ୍ଡ ଡାକ୍ତରଖାନା ରହିଥିଲା ଏବଂ ଜିଲା ମୁଖ୍ୟ ଡାକ୍ତରଖାନା ମାନ୍ୟତା ପାଇବା ପରେ ଏଠାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି । ଫଳରେ ଜିଲା ମୁଖ୍ୟ ଡାକ୍ତରଖାନା ଅନ୍ୟତ୍ର ସ୍ଥାନାନ୍ତର କରାଗଲେ ଏହି ଡାକ୍ତରଖାନାକୁ ପୂର୍ବଭଳି ଉପଖଣ୍ଡ ଡାକ୍ତରଖାନା ଭାବେ ରଖିବାକୁ ଫର୍ ଦାବି କରିଛି। ସେହିପରି ଜିଲା ମୁଖ୍ୟ ଡାକ୍ତରଖାନାରେ ୫୬ ଡାକ୍ତର ପଦବୀ ସ୍ଥଳେ ବର୍ତ୍ତମାନ ମାତ୍ର ୨୨ଜଣ ଡାକ୍ତର ରହିଛି । ଏହା ସହିତ ବ୍ଲଡ ସେପାରେଶନ ୟୁନିଟ୍ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଜିଲାର ଅନେକ ସ୍ଥାନରେ ଏନଏମ ସେଣ୍ଟର ମଧ୍ୟ ସେଭଳି ଅବସ୍ଥାରେ ରହିଛି। ଫଳରେ ସହରର ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ହେବା ପୂର୍ବରୁ ଏହାକୁ ଉପଖଣ୍ଡ ଡାକ୍ତରଖାନାର ମାନ୍ୟତା ପ୍ରଦାନ, ଆବଶ୍ୟକ ଶଯ୍ୟା, ଡାକ୍ତର ନିଯୁକ୍ତି, ଆମ୍ବୁଲାନ୍ସ, ଏକ୍ସ ରେ, ବ୍ଲଡବ୍ୟାଙ୍କ, ଅସ୍ତ୍ରୋପଚାର କକ୍ଷ, ଆଇସିୟୁ ଖୋଲାଯିବା ସହିତ ଅତିକମ୍‌ରେ ୧୪ଜଣ ଡାକ୍ତର ଅବସ୍ଥାପିତ କରିବା ପାଇଁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନବେଳେ ଫର୍‌ର ସଭାପତି ଇଂ ଦେବବ୍ରତ ମିଶ୍ର, ଘରୋଇ ବସ୍ ମାଲିକ ସଂଘ ସଭାପତି ଭୀଷ୍ମଦେବ ଦୋରା, ପୂର୍ବତନ ବିଧାୟକ ସାଧୁ ନେପାକ, ଶେକ ନଜିମୁଦ୍ଦିନ, ନିପନ ଦାଶ, ଲିପସିତ୍ ମିଶ୍ର, ପରେଶ ବିଶି ଉପସ୍ଥିତ ଥିଲେ ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ
**ସଂଶୋଧନ ପତ୍ର**
ତା.୦୯.୧୧.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ 'ନିୟମ ଓ ସର୍ତ୍ତାବଳୀ'ର କ୍ର. ନଂ. ୩ ରେ ଦର୍ଶିତ 'ଆକାଉଣ୍ଟ ନଂ. ଏବଂ ଆକାଉଣ୍ଟ ର ନାମ' "Account No.: 33401288726 & Name of the A/c: AGM, SARB, NO LIEN ACCOUNT" ପରିବର୍ତ୍ତେ **"Account No.: 30784275855 & Name of the A/c: AGM, SARB, Recovery Account"** ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତୀତ ରହିବ।
ତା.୧୨.୧୧.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

# କଲ୍ୟାଣ ମଣ୍ଡପର ଭୂମିପୂଜନ

**ବରଗଡ଼ ଅଫିସ୍,୧୨।୧୧**

ବରଗଡ଼ ନିକଟସ୍ଥ ବରମକେଲା ପଞ୍ଚାୟତ ଅନ୍ତର୍ଗତ ଗ୍ରୀଣ୍ଡୋଲା ଯୋଗିନ୍ଦ୍ରପୁରଠାରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଭୂମିପୂଜନ ତଥା ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଆମ ଗାଁ ଆମ ବିକାଶ ଅନୁଦାନ ପାଣ୍ଠିରେ ହେବାକୁ ଥିବା ଏହି କଲ୍ୟାଣ ମଣ୍ଡପର ଭୂମିପୂଜନ କରିଥିଲେ । ଏହି ଅବସରରେ ବିଶ୍ୱାମିତ୍ର ଷାଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଯୁବନେତା ଉମେଶ ପଣ୍ଡା, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରଘୁନାଥ ପ୍ରଧାନ, ସୀତାରାମ ଭୋଇ, ଦେବେନ୍ଦ୍ର ମହାକୁର, ମୁକୁନ୍ଦ ସାହୁ, ସୁରୁବାବୁ ସେଟ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରଘୁନାଥ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ODISHA JOINT ENTRANCE EXAMINATION 2018**

No:- OJEE-18/506 Date-12/11/2018

**Detailed Schedule for Second Round Spot Counselling for BAMS/BHMS**

In view of the extended cut-off date of admission to BAMS/BHMS courses prescribed by appropriate Authority as per the letter No. **4CE-AT-01/15 No. 8073/DAYUSH Dt. 08.11.2018**, the **Second Round Spot counselling - cum-admission** for the Institutes in Odisha as mentioned below shall be conducted as per the following schedule.
All the **registered/ unregistered** (in previous rounds of counselling)' All India NEET' rank holders interested to take part in spot round counselling have to report as per the timetable given below.

| VENUE | DATE | REPORTING TIME | ALL INDIA NEET RANK |
|---|---|---|---|
| OJEE CELL, Gandamunda, Bhubaneswar | 15-11-2018 | 10:00AM TO 11.00 AM | 25000 TO 500000 |
| | 15-11-2018 | 11:00AM TO 12 NOON | 500001 TO 900000 |
| | 15-11-2018 | 2:30PM TO 3:30PM | 900001 AND ABOVE |
| For further details, please login to **www.ojee.nic.in** or **www.odishajee.com** | | | |

**Seat Matrix for Second Round Spot Counselling (BAMS/BHMS 2018)**

| SL. No. | Homoeopathic Colleges | Course | Category GE | Total Vacancy |
|---|---|---|---|---|
| 1. | BPHMC&H Berhampur (Govt.) | BHMS | 01 | 01 |
| 2. | OMCH&R, Sambalpur (Govt.) | BHMS | 03 | 03 |

**Final updated SEAT MATRIX will be displayed on the website www.ojee.nic.in / www.odishajee.com on 14.11.2018, 5.00 PM**

*Admission will be declared closed as and when seats are exhausted.*

SD/-
CHAIRMAN, OJEE 2018

# ଆନ୍ଦୋଳନ ନ ହେଉଣୁ ଆଲୋଚନା

**ବରଗଡ଼**
- ଦିବ୍ୟାଙ୍ଗଙ୍କୁ ମିଳୁନି ପ୍ରମାଣପତ୍ର
- ବସ୍‌ରେ ଯାତ୍ରାବେଳେ ହଇରାଣ
- ଜିଲା ପ୍ରଶାସନ ଦେଉନି ଗୁରୁତ୍ୱ

**ବରଗଡ଼ ଅଫିସ୍,୧୨।୧୧**

ବରଗଡ଼ ଜିଲାର ଦିବ୍ୟାଙ୍ଗମାନେ ବହୁବିଧ ସମସ୍ୟାରେ ରହିଛନ୍ତି । ଜିଲା ମୁଖ୍ୟ ଡାକ୍ତରଖାନାରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ନ ଥିବା ଯୋଗୁ ସେମାନଙ୍କ ପ୍ରମାଣପତ୍ର ହୋଇ ପାରୁନାହିଁ । ସେହିପରି ଯାତ୍ରା ସମୟରେ ମଧ୍ୟ ସେମାନଙ୍କୁ ବସ୍ ଚାଳକମାନେ ହଇରାଣ କରକତ କରୁଥିବା ଅଭିଯୋଗ ହୋଇଛି । ଏହାର ପ୍ରତିକାର ବ୍ୟବସ୍ଥା ପାଇଁ ଦିବ୍ୟାଙ୍ଗମାନେ ବାରମ୍ବାର ଜିଲା ପ୍ରଶାସନକୁ ଗୁହାରୀ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରି ସୋମବାର ଦିନ ପ୍ରାୟ ୧୦ଟାରେ ସ୍ଥାନୀୟ ବୀରଛକକୁ ପହଞ୍ଚି ରାଜରାସ୍ତାକୁ ଓହ୍ଲାଇଥିଲେ। ତେବେ ଦିବ୍ୟାଙ୍ଗଙ୍କ ରାସ୍ତାରୋକୋ ଆରମ୍ଭ ନ ହେଉଣୁ ସେଠାକୁ ପୋଲିସ, ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆନ୍ଦୋଳନ ନ କରି ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ଏହାପରେ ଜିଲାପାଳଙ୍କ ଅଫିସ ପରିସର ସମ୍ମିଳନୀ କକ୍ଷରେ ଆଲୋଚନା ହୋଇଥିଲା । ଆଲୋଚନାରେ ଅତିରିକ୍ତ ଜିଲାପାଳ ତପିରାମ ମାଝୀ, ଏସଡ଼ିପିଓ ସୁରେଶ କୁମାର ନାଏକ, ଆରଟିଓ କେଶବ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ଦାବି ଗୁଡ଼ିକୁ ଶୁଣିଥିଲେ ଏବଂ ତାର ପ୍ରତିକାର ପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ।

**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika ଡି-୨/୩, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର- ୧୦
**ବିଜ୍ଞାପନ**
ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **ଏନ୍.ଟି.ପି.ସି., କଣିହା ଠାରେ ୨୩/୧୧/୨୦୧୮ ଠାରୁ ୦୨/୧୨/୨୦୧୮ ପର୍ଯ୍ୟନ୍ତ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।
ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗର ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୧୯/୧୧/୨୦୧୮** ସୁଧା ଆବେଦନ କରିବା ପାଇଁ ଅନୁରୋଧ।
ପରିଚାଳନା ନିର୍ଦ୍ଦେଶକ



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ

# ୨୦ରେ ଚାଷୀ ସମାବେଶ

**ଚାଷୀ ସମସ୍ୟାକୁ ସରକାରଙ୍କ ଅଣଦେଖା**

ବରଗଡ଼ ଅଫିସ୍,୧୨।୧୧

ବରଗଡ଼ ଜିଲାରେ ଚାଷୀ ଅସନ୍ତୋଷ ତେଜି ଉଠୁଛି । ଚାଷୀ ସମସ୍ୟାକୁ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଆସନ୍ତା ୨୦ତାରିଖରେ ଏକ ବିଶାଳ ସମାବେଶ କରିବା ପାଇଁ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ନିଷ୍ପତ୍ତି ନେଇଛି । ଏଥିପାଇଁ ସମିତି ସଜବାଜ ମଧ୍ୟ ଆରମ୍ଭ କରି ଦେଇଛି ।

ଏହି ପରିପ୍ରେକ୍ଷୀରେ ସୋମବାର ସ୍ଥାନୀୟ ପୁରୋହିତ ଭବନରେ ବରଗଡ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ସମିତିସମ୍ପାଦକ କିଶୋର ଦେବତା କହିଥିଲେ, ଜଳବାୟୁ ପରିବର୍ତ୍ତନ ଯୋଗୁ ଜିଲାର ଚାଷୀମାନେ କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଆଶାନୁରୂପ ସହାୟତା ମିଳୁନାହିଁ। ଫଳରେ ଚାଷୀମାନେ ଆସନ୍ତା ୨୦ ତାରିଖରେ ଏକଜୁଟ ହୋଇ ସମାବେଶ ମାଧ୍ୟମରେ ସରକାରଙ୍କୁ ଚେତାବନୀ ଦେବାକୁ ନିଷ୍ପତ୍ତି ନେଇଥିବା ସେ କହିଥିଲେ ।

ସମିତି ସଭାପତି ଜୟକୃଷ୍ଣ ସାହୁ କହିଥିଲେ, ସମାବେଶରେ ଜିଲାର ସବୁ ଅଞ୍ଚଳର ଚାଷୀମାନେ ଯୋଗ ଦେବେ । ପ୍ରାୟ ୧୫ହଜାର ଚାଷୀଙ୍କ ସମାବେଶ ହେବା ପାଇଁ ପ୍ରସ୍ତୁତି ଚାଲିଛି। ଚାଷୀମାନେ ସ୍ଥାନୀୟ ଲୋକମଣ୍ଡପ ପଡ଼ିଆରେ ସମବେତ ହେବା ପରେ ସେଠାରୁ ବାହାରି କାଳୀମନ୍ଦିର ଛକ, ଥାନାଛକ, ଯଦୁମଣି ପ୍ରଧାନ ଛକ, ଗାନ୍ଧୀଛକ ଦେଇ ଜିଲାପାଳଙ୍କ ଅଫିସରେ ପହଞ୍ଚିବ ଏବଂ ସେଠାରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ସ୍ମାରକପତ୍ରରେ ୫ଦଫା ଦାବି କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା । କୃଷିଋଣ ଛାଡ଼, କୃଷିଜାତ ଦ୍ରବ୍ୟର ଉପଯୁକ୍ତ ସହାୟକ ମୂଲ୍ୟ ପ୍ରଦାନ, ଚାଷୀ ସୁରକ୍ଷା ଭତ୍ତା ପ୍ରଦାନ, ଚାଷୀଙ୍କୁ ବୋନସ ପ୍ରଦାନ ଏବଂ ସମ୍ପୂର୍ଣ୍ଣ ଫସଲବୀମା ଓ ମରୁଡ଼ି ସହାୟତା ଆଦି ସେଥିରେ ରହିଛି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଲକ୍ଷ୍ମଣ ପ୍ରଧାନ, ଶକୁନ୍ତଳା ମହାପାତ୍ର, ପଞ୍ଚାନନ ଦଳପତି, ସଦାନନ୍ଦ ପୂଜାହାରୀ, ରବିନ୍ଦ୍ର ବିଶି ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହିତ ଜିଲାର ସମସ୍ତ ବ୍ଲକର ଚାଷୀ ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ମତାମତ ଉପସ୍ଥାପନ କରିଥିଲେ । ପରେ ଚାଷୀ ପ୍ରତିନିଧିମାନେ ଜିଲାପାଳ ଅଫିସକୁ ଯାଇ ଏ ସମ୍ପର୍କିତ ଏକ ସ୍ମାରକପତ୍ର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ପ୍ରଦାନ କରିଥିଲେ ।




ଖବରଦାତା ସମ୍ମିଳନୀରେ ଚାଷୀ ସଙ୍ଗଠନର କର୍ମକର୍ତ୍ତାମାନେ ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍‌ଗିଫୁଲ ଉଦ୍‌ଘାଟିତ

ପଦ୍ମପୁର, ୧୨।୧୧ (ଡି.ଏନ.ଏ)

ବରଗଡ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍‌ଗି ଫୁଲ ପଦ୍ମପୁର କଲ୍ୟାଣ ବିଭାଗ ଉଚ୍ଚ ବାଳିକା ବିଦ୍ୟାଳୟ ପଡିଆରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବକୁ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜବୋଡାସମ୍ବର ବିଡିଓ ଏଲିଜା ମିଶ୍ର, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରଶନ୍ନ କୁଲୁ, ଜିଲା ଶିକ୍ଷା ପ୍ରକଳ୍ପ ଅଧିକାରୀ ସୁଶାନ୍ତ କୁମାର ଚୌପଦାର, ଜିଲା ଶିକ୍ଷା ନିରୀକ୍ଷକ (କଲ୍ୟାଣ ବିଭାଗ) ଜୟଦେବ ମହାନ୍ତି, ଚର୍ଦ୍ଧାପାଲି କଲ୍ୟାଣ ବିଭାଗ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରମୋଦ ରହିଚନ୍ଦନ, ନୃସିଂହନାଥ ହାଇସ୍କୁଲ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାଏକ ଏବଂ ଆବାହକ ପ୍ରଦୀପ କୁମାର ମେହେର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଆବାହକ ମେହେର ଶିଶୁ ମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟଅତିଥି ଜିଲାପାଳ ତ୍ରିପାଠୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଅନୁସୂଚୀତ ଜାତି ଜନଜାତି ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଚେଷ୍ଟା କରିବା ଉଚିତ । ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ପଦକ୍ଷେପ ନେବାକୁ ଅନ୍ୟାନ୍ୟ ଅତିଥିମାନେ ମତ ପ୍ରକାଶ କରିଥିଲେ। ଚର୍ଦ୍ଧାପାଲି ପ୍ରଧାନଶିକ୍ଷକ ପ୍ରମୋଦ ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଜିଲାପାଳ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଜିଲାର ବିଭିନ୍ନ ସ୍କୁଲର ୨୮ଟି ପ୍ରକଳ୍ପ ସ୍ଥାନ ପାଇଛି । ଏହାପରେ ବିଜ୍ଞାନ କୁଇଜ, ଡିବେଟ, ସୋଲୋ ସଙ୍ଗୀତ, ଗୀତ, ସୃଜନାତ୍ମକ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବରେ ଜିଲାର ୬୧ଟି ସ୍କୁଲ ଭାଗ ନେଇଛନ୍ତି ।

## ସଂକ୍ଷେପରେ

### କିଶୋରୀ ସମ୍ମିଳନୀ

**ପାଇକମାଳ,୧୨।୧୧(ଡି.ଏନ.ଏ):** ପାଇକମାଳ ବ୍ଲକ କେଛୋଦାଦରଠାରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ସୋମବାର କିଶୋରୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସରପଞ୍ଚ ଦମୟନ୍ତୀ ମିର୍ଦ୍ଧା ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ରୋହିତ ମିର୍ଦ୍ଧା ଅତିଥି ପରିଚୟ ପ୍ରଦାନ କରିଥିଲେ । ହିରାଲାଲ ମିଶ୍ର ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଲଳିତା ସାହୁ, ରଞ୍ଜନ ପାଣ୍ଡେ, ପ୍ରଶାନ୍ତ ଥପା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କିଶୋରୀ ମାନଙ୍କ ମାସିକ ଋତୁ, ଖାଇବା ଆଗରୁ ହାତ ଧୋଇବା, କହିବା ଦକ୍ଷତା ଉପରେ ଆଲୋଚନା କରିଥିଲେ । କେଛୋଦାଦର ପଞ୍ଚାୟତ ଓ ପିଏପିର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିରଞ୍ଚି ପାତ୍ର, ପ୍ରହଲ୍ଲାଦ ହଂସ, ସଂକୀର୍ତ୍ତନ ବାଗ, ହିରାବତୀ ପ୍ରମୁଖ ସହଯୋଗ କରିଥିଲେ । ବବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



### ପରିବାର ଚଳାଉଛନ୍ତି ଦିବ୍ୟାଙ୍ଗ ରଞ୍ଜନ

**ଅତାବିରା, ୧୨।୧୧ (ଡି.ଏନ.ଏ):** ବରଗଡ ଜିଲା ଭେଡେନ ବ୍ଲକ ଭୁତାପାଲି ଗ୍ରାମର କର୍ପୂର ମହାନନ୍ଦ ଓ ଚନ୍ଦନଙ୍କ ଦିବ୍ୟାଙ୍ଗ ପୁତ୍ର ରଞ୍ଜନ । ଜନ୍ମ ସମୟରେ ତାଙ୍କର ବାମ ହାତ ଠିକ୍ ଥିବାବେଳେ ଡାହାଣ ହାତ କହୁଣୀରୁ ତଳକୁ ନ ଥିଲା। ଫଳରେ ସେ ବାମ ହାତ ସାହାଯ୍ୟରେ ଲେଖାପଢ଼ା କରୁଛନ୍ତି । ଏବେ ସେ ଗୋଟିଏ ହାତରେ ପାୱାର ଟିଲର, ବାଇକ ଆଦି ଚଳାଇବା ସହିତ ଅନ୍ୟର ମଜୁରୀ କରି ଦୁଇ ପଇସା ରୋଜଗାର କରି ପରିବାରକୁ ଦାନା ଯୋଗାଉଛନ୍ତି । ନିଜ ପାଇଁ ଖାଇବା ଠାରୁ ଆରମ୍ଭ କରି ସାର୍ଟ, ପ୍ୟାଣ୍ଟ ଆଦି କିଣି ପାରୁଛନ୍ତି । ରଞ୍ଜନ ମାଟ୍ରିକ ଫେଲ ହୋଇ ଯାଇଥିଲେ ମଧ ପାସ୍ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଘାସ ଓ ଧାନ କାଟିବା ଛଡା ଅନ୍ୟ ସବୁ କାମ କରିବାରେ ସେ ଧୁରନ୍ଧର । ତାଙ୍କୁ ଦିବ୍ୟାଙ୍ଗ ଭତ୍ତା ବାବଦକୁ ମିଳୁଛି ୩ଶହ ଟଙ୍କା । ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିଲେ ମଧ ଏପର୍ଯ୍ୟନ୍ତ ଆବାସ ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ପ୍ରଶାସନ ଦିବ୍ୟାଙ୍ଗ ରଞ୍ଜନ ମହାନନ୍ଦଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ସାଧାରଣରେ ଦାବି ହେଉଛି ।

### ୨୦୦୫ ବ୍ୟାଚ୍‌ର ବନ୍ଧୁମିଳନ

**ସରଣ୍ଡା, ୧୨।୧୧ (ଡି.ଏନ.ଏ);** ଅତାବିରା ବ୍ଲକ ଝିଲିମିଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ଦ୍ୱାରିଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଅନ୍ୟ ଶିକ୍ଷକ ତଥା ବିଦ୍ୟାଳୟର କର୍ମଚାରୀମାନେ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ସବକୁ ସ୍ମରଣୀୟ କରିବା ପାଇଁ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ମନୋରଞ୍ଜନ ପାଇଁ ସ୍ୱାଗତ ଏବଂ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦୀନବନ୍ଧୁ ଭୁଏ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓମ୍‌କାର ପ୍ରଧାନ ସଭା ସଂଯୋଜନା କରିଥିଲେ। ନୀଲେଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚିନ୍ମୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ରମେଶ, ପ୍ରକାଶ, ଭିକାରୀ, ଦୀପାଂଶୁ, ଭୀମ, ରାଜୁ, ଶ୍ୱେତପଦ୍ମା, ଲକ୍ଷ୍ମୀ ପ୍ରମୁଖ ସହଯୋଗ କରିଥିଲେ ।

### ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୧୨।୧୧:** ବରଗଡ଼ ବ୍ଲକ ଅନ୍ତର୍ଗତ ଲେଉଣିପଦର ଗ୍ରାମରେ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଏକ ସଭା ହୋଇଥିଲା । ଗଣେଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ଏହି ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିବାବେଳେ ବିଧାୟକ ଆଚାର୍ଯ୍ୟ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଆବଶ୍ୟକ ପାଣ୍ଠି ପ୍ରଦାନ କରିଥିଲେ ।

# ଏନଏମଏମଏସ ପରୀକ୍ଷାରୁ ୮ ଛାତ୍ରୀଛାତ୍ର ବଞ୍ଚିତ

ଅମ୍ବାଭୋନା, ୧୨।୧୧ (ଡି.ଏନ.ଏ)

**ଅମ୍ବାଭୋନା ବ୍ଲକ**
- ପ୍ରତିବାଦରେ ସ୍କୁଲରେ ତାଲା ପକାଇଲେ
- ପ୍ରଶାସନର ହସ୍ତକ୍ଷେପ ପରେ ଆନ୍ଦୋଳନ ହଟିଲା

ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ବରଗଡ ଜିଲା ଅମ୍ବାଭୋନା ବ୍ଲକ ଭୁଲ୍ତା ସ୍ଥିତ ଜନତା ଉଚ୍ଚବିଦ୍ୟାଳୟର ୮ଜଣ ମେଧାବୀ ଛାତ୍ରୀଛାତ୍ର ଏନଏମଏମଏସ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି । ଏହି ଛାତ୍ରୀଛାତ୍ରମାନେ ଏନଏମଏମଏସ ପରୀକ୍ଷା ଦେବା ପାଇଁ ଅନଲାଇନ ଆବେଦନ ସହ ପ୍ରଧାନଶିକ୍ଷକ ଅଦନ ସୁନାଙ୍କଠାରେ ଫର୍ମ ଜମା ଦେଇଥିଲେ। ମାତ୍ର ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଖାମଖିଆଲି ନୀତି ଯୋଗୁଁ ସମ୍ପୃକ୍ତ ଫର୍ମ ବରଗଡ ଜିଲା ଶିକ୍ଷାଧିକାରୀଙ୍କଠାରେ ଜମା ହୋଇପାରିଲା ନାହିଁ । ଦୀର୍ଘ ଦିନ ଧରି ଆଲମିରା ଭିତରେ ଉକ୍ତ ଫର୍ମ ରହିଯାଇଥିଲା । ଫଳରେ ପରୀକ୍ଷା ପାଇଁ ଆବେଦନ କରିଥିବା ଅଷ୍ଟମ ଶ୍ରେଣୀର ଚିରଞ୍ଜିବୀ ପଟେଲ, ଲିପସା ଦାସ, ଉଦୟ ସିଦାର, ତେଜସ୍ୱିନୀ ସିଂ, ନିରଞ୍ଜନ ନାୟକ, ବିନ୍ଧ୍ୟବାସିନୀ ଦେହେରୀ, ସୁନୀତା ପ୍ରଧାନ ଏବଂ ରୋଜାଲିନ ରଣବୀର ପ୍ରମୁଖ ଛାତ୍ରୀଛାତ୍ର ପ୍ରବେଶପତ୍ର ନ ପାଇ ପରୀକ୍ଷାରୁ ବଞ୍ଚିତ ରହିଛନ୍ତି । ଏ ନେଇ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ଅମ୍ବାଭୋନା ବିଇଓ, ବରଗଡ ଜିଲା ଶିକ୍ଷାଧିକାରୀ ଓ ଶିକ୍ଷା ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଧାନଶିକ୍ଷକଙ୍କ ବଦଳି ସହ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ସୋମବାର ସକାଳ ୯ଟାରୁ ଅଭିଭାବକ ଓ ଶିକ୍ଷା କମିଟି ସଭ୍ୟାସଭ୍ୟ ହାଇସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ। ଫଳରେ ପାଠ ପଢ଼ିବାକୁ ଆସିଥିବା ସ୍କୁଲର ୩୬୩ ଛାତ୍ରୀଛାତ୍ର ଦୀର୍ଘ ସମୟ ଧରି ବାହାରେ ଅପେକ୍ଷା କରି ନିରାଶରେ ଫେରିବା ସହ ମଧ୍ୟାହ୍ନ ଭୋଜନ ସେବାରୁ ବଞ୍ଚିତ ହୋଇଛନ୍ତି । ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ସହକାରୀ ଶିକ୍ଷକ ଓ କର୍ମଚାରୀମାନେ ମଧ ସ୍କୁଲ ଭିତରକୁ ପଶି ନ ପାରି ବାହାରେ ଅପେକ୍ଷା କରିଥିଲେ। ଘଟଣାସ୍ଥଳକୁ ଅମ୍ବାଭୋନା ତହସିଲଦାର ସଦାକର କୁମ୍ଭାର ଓ ଏବିଇଓ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ତିନି ଦିନ ପର୍ଯ୍ୟନ୍ତ ମହଲତ ମାଗିଥିଲେ । ଏ ନେଇ ଶୁକ୍ରବାର ସ୍କୁଲ ପରିସରରେ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ଅଭିଭାବକ, ଶିକ୍ଷା କମିଟିକୁ ନେଇ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ହଟିଥିଲା ।



ସ୍କୁଲ ଗେଟ୍‌ରେ ତାଲା ପଡିଥିବାରୁ ପିଲାମାନେ ବାହାରେ ଅପେକ୍ଷା କରି ରହିଛନ୍ତି ।

## କାଳୀପୂଜା ମହୋତ୍ସବ ଉଦ୍‌ଯାପିତ

ଭେଡ଼େନ,୧୨।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଜାଣ୍ଡୋଲଠାରେ ସପ୍ତାହବ୍ୟାପୀ ଚାଲିଥିବା ୪୩ତମ କାଳୀପୂଜା ମହୋତ୍ସବ ମହିଷାସୁର ବଧ ସହ ସୋମବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ଚାଲିଥିବା ମୁକ୍ତମଞ୍ଚ ମହିଷାସୁର ରାଜ କାର୍ଯ୍ୟକ୍ରମର ସୋମବାର ଅନ୍ତିମ ସନ୍ଧ୍ୟାରେ ରାଜ ଦରବାରରେ ହୋଇଥିବା ନାଟ୍ୟାଭିନୟରେ ରକ୍ତବୀର୍ଯ୍ୟ ଏବଂ ବିଡ଼ାଲାକ୍ଷଙ୍କ ନିଧନରେ ଦୁଃଖିତ ଓ କ୍ରୋଧିତ ମହିଷାସୁର ଶୁମ୍ଭ ନିଶୁମ୍ଭଙ୍କୁ ପ୍ରେରଣ କରିଛି ଦୁର୍ଗାଙ୍କ ଉଦ୍ଦେଶ୍ୟରେ । ଚଣ୍ଡୀ ଚାମୁଣ୍ଡାଙ୍କ ସହାୟତାରେ ଦେବୀ ଉଭୟଙ୍କୁ ବଧ କରିଛନ୍ତି । ଶେଷରେ ଅନ୍ତିମ ପଦକ୍ଷେପ ସ୍ୱରୂପ ସ୍ୱୟଂ ମହିଷାସୁର ଅବତୀର୍ଣ୍ଣ ହୋଇଛି ଦେବୀ ମହାମାୟାଙ୍କ ସମ୍ମୁଖରେ । ହେଲେ ଦେବୀ ଦଶଭୂଜା ବିବସନା ହୋଇ ନିଧନ କରିଛନ୍ତି ମହିଷ ଅସୁରଙ୍କୁ । ଏହାପରେ ଶାନ୍ତି ବିରାଜମାନ କରିଛି ବସୁଧାରେ। ଏହି ଅନ୍ତିମ ଦୃଶ୍ୟାଭିନୟ ଦେଖିବାକୁ ଦର୍ଶକଙ୍କ ସମାଗମ ହୋଇଥିଲା । ସୋମବାର ସନ୍ଧ୍ୟାରେ ରାଜଦରବାରରେ ବରଗଡ଼ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ ରାଜଅତିଥି ଭାବେ ଯୋଗ ଦେଇଥିଲେ। ମହିଷାସୁର ବଧ ପରେ ଅସୁର ପ୍ରତିମା ପୋଡ଼ି ଅନୁଷ୍ଠିତ ହୋଇଥିଲା । ରାଜ ଦରବାରରେ ବିଭିନ୍ନ ନୃତ୍ୟଦଳ ନୃତ୍ୟ ପରିବେଷଣ କରିଥିଲେ । ଅପରପକ୍ଷରେ ମାତା କାଳୀଙ୍କ ମଣ୍ଡପରେ ଚାଲିଥିବା ଚଣ୍ଡୀପାଠ ଏବଂ ଚଣ୍ଡୀ ହବନରେ ସୋମବାର ଅପରାହ୍ନରେ ପୂର୍ଣ୍ଣାହୁତି ସହ ମାତାଙ୍କ ବିଦାୟ ଆଳତି ହୋଇଥିଲା ।

# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ପାଇକମାଳ ଗସ୍ତ



ଖାଦ୍ୟ କମିଶନର ସଦାନନ୍ଦପୁର ଗ୍ରାମରେ ଆୟୋଜିତ ସଭାରେ ଯୋଗ ଦେଇଛନ୍ତି ।

ପାଇକମାଳ,୧୨।୧୧(ଡି.ଏନ.ଏ)

ଓଡିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡା ସୋମବାର ପାଇକମାଳ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରିଛନ୍ତି । ସେ ପୂର୍ବାହ୍ନ ୧୧ଟାରେ ଭେଙ୍ଗରାଜପୁର ପଞ୍ଚାୟତର ସଦାନନ୍ଦପୁର ଗ୍ରାମରେ ଆୟୋଜିତ ସଭାରେ ଯୋଗଦେଇ ଶିଶୁ ଜନନୀ ସୁରକ୍ଷା, ଭତ୍ତା, ଇନ୍ଦିରା ଆବାସ, ଜଙ୍ଗଲ ଜମି ଅଧିକାର, ଦାଦନ ସମସ୍ୟା ଉପରେ ସମୀକ୍ଷା କରିଥିଲେ। ହିତାଧିକାରୀମାନେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ପଟା ପାଇଁ ଦୀର୍ଘଦିନ ହେଲା ଆବେଦନ କରିଥିଲେ ମଧ୍ୟ ପଟା ପାଇ ନ ଥିବା ଅଭିଯୋଗ କରିଥିଲେ। ବୁକ୍ରାମୁଣ୍ଡା ଡାକ୍ତରଖାନାରେ ଡାକ୍ତର ନ ଥିବା ସମିତି ସଭ୍ୟ ବିନୋଦ ବିହାରୀ ବିଶ୍ୱାଳ ଅଭିଯୋଗ କରିଥିଲେ। ଏହାପରେ ମିଠାପାଲି ପଞ୍ଚାୟତରେ ଆୟୋଜିତ ସଭାରେ ଗର୍ଭବତୀ ମହିଳାମାନେ ସରକାରୀ ସୁବିଧା ପାଉ ନ ଥିବା ଅଭିଯୋଗ ହୋଇଥିଲା । ଅପରାହ୍ନରେ ଛିନ୍ଦେଇକେଲା ପଞ୍ଚାୟତଠାରେ ଆୟୋଜିତ ସଭାରେ ଜଙ୍ଗଲ ଜମି ପଟା ପାଇ ନ ଥିବା ହିତାଧିକାରୀ ମାନେ ଗ୍ରାମ୍ୟ ଜଙ୍ଗଲ କମିଟି ମାଧ୍ୟମରେ ଆବେଦନ କରି ପଟା ପାଇପାରିବେ ବୋଲି ଜାମୁଡା ପରାମର୍ଶ ଦେଇଥଲେ । ଶେଷରେ ପାଇକମାଳ ଡାକ୍ତରଖାନାର ପ୍ରସୂତୀ ବିଭାଗ ପରିଦର୍ଶନ କରିବାର କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ଏହି ସମୟରେ ରାଜ୍ୟ ଖାଧ୍ୟ ଆୟୋଗ ପ୍ରଶାସନିକ ଅଧିକାରୀ ସୁରେନ୍ଦ୍ର ସଡଙ୍ଗୀ, ମାର୍ଗଦର୍ଶକ ନିରଞ୍ଜନ ବାରିୟାର, ବସୁନ୍ଧରା ଅନୁଷ୍ଠାନର ପୁଷ୍ପାଞ୍ଜଳି ସତପଥୀ, ଉପ ଜିଲାପାଳ ଦୌଲତ ଚନ୍ଦ୍ରକାର, ବିଡିଓ ସଦାଶିବ ନାୟକ, ଅତିରିକ୍ତ ତହସିଲଦାର ପୂର୍ଣ୍ଣାନନ୍ଦ ପଟେଲ, ଶମ୍ଭୁ ପ୍ରସାଦ ହରିପାଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ଜିଲା ମଙ୍ଗଳ ଅଧିକାରୀ ନଳିନୀ ବଳବନ୍ତ ରାଏ, ଏସଡିଏମଓ ଯଦୁମଣି ସାହୁ, ଡା. ବି. ବି. ମହନ୍ତ, ବିଇଓ ଚୂଡାମଣି ସାହୁ, ସିଡିପିଓ ସନ୍ଧ୍ୟାରାଣୀ ନେପାକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ତୀବ୍ର ହେବ

ବରଗଡ଼ ଅଫିସ୍,୧୨।୧୧

ପଶ୍ଚିମଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ବରଗଡ଼ ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ପାଇଁ ଜିଲାର ବରଗଡ଼, ପଦ୍ମପୁର, ସୋହେଲା, ବରପାଲି, ଅତାବିରା, ଭେଡ଼େନ, ବିଜେପୁର ଓ ଭଟଲି ଓକିଲ ସଂଘକୁ ନେଇ ଏକ ଜିଲା କ୍ରିୟାନୁଷ୍ଠାନ କମିଟି ପୂର୍ଣ୍ଣାଙ୍ଗ ଭାବେ ଗଠିତ ହୋଇଛି । ଉଲ୍ଲେଖନୀୟ, ଗତ ୨୦୦୬ ଏପ୍ରିଲ ୩୦ତାରିଖରେ ବରଗଡ଼ ଜିଲା ଓକିଲ ସଂଘର ଉଦ୍ୟମ କ୍ରମେ ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘ ଏକତ୍ରିତ ହୋଇ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଗଠନ କରିଥିଲେ । ଉକ୍ତ କମିଟିରେ ସମସ୍ତ ଓକିଲ ସଂଘ ସଭାପତି ସଭ୍ୟ ଥିବାବେଳେ ଏକ କୋର୍ କମିଟି ଗଠନ କରାଯାଇଥିଲା । କିନ୍ତୁ କୋର କମିଟିର କାର୍ଯ୍ୟଶୈଳୀରେ ଅସନ୍ତୋଷ ପ୍ରକାଶ କରି ଅନେକ ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟିରୁ ଓହରି ଯାଇ ନିଜସ୍ୱ ଉଦ୍ୟମରେ ଆନ୍ଦୋଳନ ଜାରି ରଖିଛନ୍ତି। ଗତ ୨୦୧୮ ନଭେମ୍ବର ୯ତାରିଖ ବୈଠକରେ ଜିଲାର ସମସ୍ତ ଓକିଲ ସଂଘକୁ ଏକତ୍ରିତ କରିବା ପାଇଁ ବରଗଡ଼ ଓକିଲ ସଂଘକୁ ଦାୟିତ୍ୱ ଦିଆଯାଇଥିଲା । ବରଗଡ଼ ଓକିଲ ସଂଘ ସଭାପତି ଖୁବଶୀଘ୍ର ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘକୁ ପୁଣିଥରେ ବରଗଡ଼ଠାରେ ଏକତ୍ରିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଜିଲା କ୍ରିୟାନୁଷ୍ଠାନ କମିଟି ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ବ୍ୟତୀତ ଜିଲାର ଆଇନଜୀବୀମାନଙ୍କ ଅନ୍ୟାନ୍ୟ ସୁବିଧାଗୁଡ଼ିକ ପ୍ରତି ଦୃଷ୍ଟି ଦେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବରଗଡ଼ ଜିଲା ଓକିଲ ସଂଘ ସଭାପତି ଏହାର ଆବାହକ ରହିଥିବାବେଳେ ପଦ୍ମପୁର ଓକିଲ ସଂଘ ସଭାପତି ସହ ଆବାହକ ଏବଂ ଅନ୍ୟ ଓକିଲ ସଂଘ ସଭାପତି, ସମ୍ପାଦକ କମିଟିକୁ ମନୋନୀତ ହୋଇଛନ୍ତି। ବୈଠକରେ ଜିଲାର ୮ଟି ଓକିଲ ସଂଘ ସଭାପତି, ସମ୍ପାଦକ ଓ ବରିଷ୍ଠ ସଭ୍ୟ ଯୋଗଦାନ କରିଥିଲେ । ଜିଲା ଓକିଲ ସଂଘ ସମ୍ପାଦକ ଲିପ୍‌ସିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟବଲ: ରାୟଗଡ଼ ଚାମ୍ପିୟନ

ବିଜେପୁର, ୧୨।୧୧ (ଡି.ଏନ.ଏ)

ବିଜେପୁର ବ୍ଲକ ଜାରିଂ ହାଇସ୍କୁଲ ପଡିଆରେ ପଶ୍ଚିମ ଓଡିଶା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସରପଞ୍ଚ ପ୍ରଭାସିନୀ ବିଭାର, ସମିତି ସଭ୍ୟା ଆଦ୍ୟାଶା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବରପାଲି ଏନୱାଇସି ବନାମ ସମ୍ବଲପୁର ଭାରତ କ୍ଲବ ମଧରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବରପାଲିକୁ ୨-୧ ଗୋଲରେ ହରାଇ ସମ୍ବଲପୁର କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା । କୁଚିଣ୍ଡା ବିଏଫସି ବନାମ ବଲାଙ୍ଗୀର ଇଲେଭେନ ଷ୍ଟାର ମଧରେ ଅନୁଷ୍ଠିତ ମ୍ୟାଚରେ ୧-୦ ଗୋଲରେ କୁଚିଣ୍ଡା ବିଏଫସି ବିଜୟୀ ହୋଇଥିଲା । ସମ୍ବଲପୁର ଭାରତ କ୍ଲବ ବନାମ କୁଚିଣ୍ଡା ବିଏଫସି ମଧରେ ପ୍ରଥମ ସେମିଫାଇନାଲ ଖେଳ ହୋଇଥିଲା । ଏଥିରେ କୁଚିଣ୍ଡାକୁ ୨-୦ ଗୋଲରେ ପରାସ୍ତ କରି ସମ୍ବଲପୁର ଭାରତ କ୍ଲବ ଫାଇନାଲକୁ ପ୍ରବେଶ କରିଥିଲା । ଶନିବାର ଦ୍ୱିତୀୟ ଦିବସରେ ଲୋଇସିଂହା ଏପିଜେ କ୍ଲବ ଓ ବରଗଡ ୟୁନାଇଟେଡ କ୍ଲବ ମଧରେ ହୋଇଥିଲା । ଖେଳରେ ଟ୍ରାଇବ୍ରେକର ମାଧମରେ ୩-୦ ଗୋଲରେ ଲୋଇସିଂହା ବିଜୟୀ ହୋଇଥିଲା । ରାୟଗଡ ବନାମ ରେଙ୍ଗାଲି ମଧରେ ଆୟୋଜିତ ମ୍ୟାଚରେ ଟାଇବ୍ରେକର ଜରିଆରେ ୪-୨ ଗୋଲରେ ରାୟଗଡ ବିଜୟୀ ହୋଇଥିଲା । ରାୟଗଡ ବନାମ ଲୋଇସିଂହା ମଧରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଲୋଇସିଂହା ଦଳକୁ ୧-୦ଗୋଲରେ ପରାସ୍ତ କରି ରାୟଗଡ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ସମ୍ବଲପୁର ଭାରତ କ୍ଲବ ବନାମ ରାୟଗଡ ମଧରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା । ସମ୍ବଲପୁରକୁ ୧-୦ ଗୋଲରେ ପରାଜିତ କରି ରାୟଗଡ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲାଲବିକ୍ରମ ସିଂ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ରଞ୍ଜୁ ଛତ୍ରିଆ, ସୁରେଶ ଦାଶ, ଶ୍ରୀନିବାସ ରାଓ, ପଞ୍ଚାନନ ପାତ୍ର ଖେଳଗୁଡିକୁ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଖେଳାଳି ଓ ପିଇଟିବୃନ୍ଦ ।



ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ସୁବଳୟା କାଳୀପୂଜା ଉଦ୍‌ଯାପିତ

**ଅମରପାଲି, ୧୨।୧୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ପୁରୁଣା ବସଷ୍ଟାଣ୍ଡଠାରେ ୨୬ତମ ସାର୍ବଜନୀନ କାଳୀପୂଜା ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ବିଧାୟକଙ୍କ ପ୍ରତିନିଧି ନାରାୟଣ ଲୁହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ସରପଞ୍ଚ ପ୍ରତିନିଧି ଲଳିତ ମୋହନ ପାତ୍ର, କାଳୀପୂଜା କମିଟି ସଭାପତି ଶେଷଦେବ ବାରିକ, ସମ୍ପାଦକ କେଶ ମେଘା, ଉପସଭାପତି ରଞ୍ଜନ ଶଣ୍ଡିଆ, ପେଣ୍ଡ୍ସ ସମ୍ପାଦକ ପବିତ୍ର ମୋହନ ମେଣ୍ଡିଲି ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ୟାସଦେବ ବଡମାଲି ମଞ୍ଚ ପରିଚାଳନା କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସମ୍ବଲପୁରୀ ଦଣ୍ଡନୃତ୍ୟ, ମେଲୋଡି, ସଂକୀର୍ତ୍ତନ୍ୟ, ଭଜନ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା। ପ୍ରତ୍ୟେହ ଦିନ ବେଳା ପୂଜାର୍ଚ୍ଚନା ସହିତ ଆଳତୀ, ହୋମ ପୁଷ୍ପାଞ୍ଜଳି ଆଦି କରାଯାଉଥିଲା। ସନ୍ଧ୍ୟାବେଳେ ମେଢ଼ ସହିତ ରଙ୍ଗୀନ ଆଲୋକ ସାଜସଜ୍ଜା ଦେଖିବାକୁ ପ୍ରତ୍ୟେହ ଦର୍ଶକଙ୍କ ଭିଡ ଦେଖାଯାଉଥିଲା। ଏଥିରେ ପ୍ରମୋଦ କୁମାର ମିଶ୍ର ପୂଜକ କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୂଜା କମିଟିର ସହ ସମ୍ପାଦକ ମଙ୍ଗୁଲୁ ଖମାରୀ ସହଯୋଗ କରିଥିଲେ।



### ବିଦ୍ୟୁତ୍ ତାର ଛିଡ଼ି ପଡ଼ିଲା, ଛାତ୍ର ଗୁରୁତର

**ସଂଘିଯୁବା, ୧୩।୧୧ (ଡି.ଏନ୍.ଏ.):** ସ୍କୁଲ ଯାଉଥିବା ଜଣେ ଛାତ୍ରଙ୍କ ଉପରେ ବିଦ୍ୟୁତ୍ ତାର ଛିଣ୍ଡି ପଡିବାରେ ସେ ଗୁରୁତର ଆହତ ହୋଇଛନ୍ତି। ଆହତ ଛାତ୍ର ଜଣକ ହେଲେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିବା ଚକ୍ରଧର ଦାସଙ୍କ ପୁଅ କୁନାଲ(୧୩)। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ସ୍କୁଲ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ହଠାତ୍ ତାର ଛିଣ୍ଡି ତାଙ୍କ ଡାହାଣ ହାତରେ ପଡିଥିଲା। କୁନାଲଙ୍କ ଚିତ୍କାର ଶୁଣି ପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କୁନାଲଙ୍କୁ ଘରକୁ ପଠାଇ ଦିଆଯାଇଛି। ସୌଭାଗ୍ୟକୁ ଛିଣ୍ଡି ପଡିଥିବା ତାରରୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇ ଯାଇଥିବାରୁ ସେ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘବର୍ଷ ହେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଛପଟେ ବସିଥିବା ଟ୍ରାନ୍ସଫର୍ମର ପାଚେରି ବିହୀନ ରହିଛି। ଏଥିସହିତ ଟ୍ରାନ୍ସଫର୍ମର ସଂଲଗ୍ନ ବିଦ୍ୟୁତ୍ ତାର ସବୁ ଖରାପ ହୋଇ ଯାଇଥିଲେ ବି ଏହାର ନବୀକରଣ କରାଯାଉ ନ ଥିବାରୁ ଆଜି ଏହି ଅବସ୍ଥା ଦେଖାଦେଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବିନିକା ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ରଶ୍ମି ରଞ୍ଜନ ଜେନାଙ୍କୁ ପଚାରିବାରୁ କହିଛନ୍ତି ଯେ, ସ୍କୁଲ ପଛପଟେ ଥିବା ଟ୍ରାନ୍ସଫର୍ମର ଚାରିପାଖେ ଖୁବ୍‌ଶୀଘ୍ର ତାରବାଡ ଦିଆଯିବ ଏବଂ ଖରାପ ହୋଇଯାଇଥିବା ବିଦ୍ୟୁତ୍ ତାରକୁ ବଦଳାଇ ନୂଆ ଲଗାଯିବ ବୋଲି କହିଛନ୍ତି।

■ ସୁବର୍ଣ୍ଣପୁର ଜିଲାରେ ୧୪ରୁ ଖୋଲିବ ମଣ୍ଡି

# ୫୦ହଜାର ଚାଷୀ ବିକିପାରିବେ ଧାନ

**ସୋନପୁର, ୧୨।୧୧ (ନି.ପ୍ର.)**

ଓଡିଶାର ଅନ୍ୟତମ ସର୍ବାଧିକ ଧାନ ଉତ୍ପାଦନକାରୀ ଜିଲା ସୁବର୍ଣ୍ଣପୁର। ନଭେମ୍ବର ୧୪ ତାରିଖରୁ ଏହି ଜିଲାରେ ଖରିଫ ଋତୁ ଧାନ ସଂଗ୍ରହ ଆରମ୍ଭ ହେବ। ଅନଲାଇନ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା ଅନୁଯାୟୀ ଜଳସେଚିତ ଅଞ୍ଚଳରେ ଏକର ପିଛା ଚାଷୀ ୧୯କୁଇଣ୍ଟାଲ ଏବଂ ଅଣଜଳସେଚିତ ଅଞ୍ଚଳ ପାଇଁ ୧୩କୁଇଣ୍ଟାଲ ଧାନ ବିକ୍ରି କରିପାରିବେ। ଚଳିତ ବର୍ଷ ଏହି ଜିଲାରୁ ପ୍ରାଥମିକ ପର୍ଯ୍ୟାୟରେ ୨୧୪୧୧୭ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ରାଜ୍ୟ ଖାଦ୍ୟ ନୀତି ଅନୁଯାୟୀ ୟାର୍ଡରେ ଧାନ ଅନଲୋଡିଂ ହେବ। ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କରେ ଜମା ଖାତା ଥିବା ଚାଷୀ ବିକ୍ରି ଧାନର ପ୍ରାପ୍ୟ ୪୮ ଘଣ୍ଟା ଭିତରେ ଓ ଅନ୍ୟ ଜାତୀୟକରଣ ବ୍ୟାଙ୍କରେ ଖାତା ଥିବା ଚାଷୀ ୭୨ଘଣ୍ଟା ଭିତରେ ଅନଲାଇନରେ ପାଇବେ। ଦାୟିତ୍ୱରେ ଥିବା ଆରଏମସି ଓ ପ୍ୟାକ୍ସ ଅଧିକାରୀଙ୍କ ସମ୍ମୁଖରେ ୟାର୍ଡରେ ଚାଷୀଙ୍କ ଧାନ ଏଣ୍ଟ୍ରି କରାଯିବ। ଓଡିଶା ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଜିଲାର ୬୪ଟି ପ୍ୟାକ୍ସ ସହଯୋଗରେ ଚାଷୀଙ୍କଠାରୁ ସିଧାସଳଖ ଧାନ କ୍ରୟ କରାଯିବ। ଧାନ ସଂଗ୍ରହରେ ସ୍ୱଚ୍ଛତା ଅବଲମ୍ବନ କରାଯିବ। ସୋମବାର ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ (ଡିଏଲପିସି) ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ସୋନପୁର ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ, ଗୃହ ନିର୍ମାଣ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୈଠକରେ ଯୋଗଦେଇ ଚଳିତ ବର୍ଷ ଧାନ ଯେପରି ସୁବ୍ୟବସ୍ଥିତ ଢଙ୍ଗରେ ସଂଗ୍ରହ ହୋଇପାରିବ ଓ ଠିକ୍ ସମୟରେ ଚାଷୀଙ୍କୁ ପ୍ରାପ୍ୟ ମିଳିବ ସେ ଦିଗରେ ଦୃଷ୍ଟି ଦେବାକୁ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ସମସ୍ତ ପ୍ୟାକ୍ସ ଗୋଦାମରେ ୱେ ବ୍ରିଜ୍ ସ୍ଥାପନ ସହିତ ସିସିଟିଭି ଲଗାଇବାକୁ ମନ୍ତ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ। ବୈଠକରେ ଧାନ ସଂଗ୍ରହ ସମ୍ପର୍କିତ ବିଭିନ୍ନ ଦିଗ ତଥା ଚାଷୀ ପଞ୍ଜିକରଣ, ମିଲର୍ସ ଟ୍ୟାଗିଂ, ମଣ୍ଡି ପରିଚାଳନା, ଏଫଏକ୍ୟୁ ମାନ ନିର୍ଦ୍ଧାରଣ ଆଦି ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଧାନ ସଂଗ୍ରହ ସମୟରେ ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ପିଇବା ପାଣି, ଆବଶ୍ୟକ ଛାଉଣୀ, ପେଡି କ୍ଲିନର, ମିନି ଗ୍ରାଇଣ୍ଡର ଓ ମଏସ୍‌ଚର ମିଟର ଆଦି ଯୋଗାଇ ଦେବାକୁ ଜିଲାପାଳ ଡୁଙ୍ଗୁରିପାଲି ଓ ବୀରମହାରାଜପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ଥର କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ ୨୦୦ଟଙ୍କା ବୃଦ୍ଧି କରିଛନ୍ତି। ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୭୫୦ ଓ ଗ୍ରେଡ-ଏ ଧାନ ପାଇଁ ୧୭୭୦ଟଙ୍କା ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ୪୩,୩୧୧ ଚାଷୀ ନିଜର ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ କରିଛନ୍ତି। ଜିଲାର ୬ଟି ବ୍ଲକର ୬୪ ପାକ୍ସ, ୧୮ଟି ସମ୍ପ୍ରସାରିତ କେନ୍ଦ୍ର ଓ ୫ଟି ମାର୍କେଟ୍ ୟାର୍ଡରେ ଧାନ ସଂଗ୍ରହ ହେବ। ଗତ ଖରିଫରେ ସୁବର୍ଣ୍ଣପୁର ଜିଲାର ୩୬ ଓ ବାହାର ଜିଲାର ୧୮ ମିଲର ଧାନ ସଂଗ୍ରହରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ସୁବର୍ଣ୍ଣପୁର ଜିଲାର ସମସ୍ତ ୩୬ ମିଲର୍ସ ନେଇଥିବା ଧାନର ୧୦୦% ଚାଉଳ ଦେଇଛନ୍ତି। ୨୦୧୭-୧୮ ଖରିଫର ଶତ ପ୍ରତିଶତ ଚାଉଳ ଦେଇଥିବା ମିଲର୍ସ ହିଁ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେଇପାରିବେ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ତା୩୦।୯।୧୮ରିଖ ସୁଦ୍ଧା ୧୦୦% ଚାଉଳ ଦେଇଥିବା ଜିଲାର ମିଲର୍ସଙ୍କୁ ସିକ୍ୟୁରିଟି ଜମାର ୬ଗୁଣା ଧାନ ଦିଆଯିବ। ଧାର୍ଯ୍ୟ ସମୟ ପରେ ଚାଉଳ ଦେଇଥିବା ଜିଲାର ମିଲର୍ସଙ୍କୁ ୧୦୦% ସିକ୍ୟୁରିଟିରେ ଧାନ ଦିଆଯିବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ, ବୀରମହାରାଜପୁର ଉପଜିଲାପାଳ ସୁବ୍ରତ ବେହେରା ଓ ତହସିଲଦାରମାନେ ଅନୁପସ୍ଥିତ ଥିଲେ। ତେବେ ସମବାୟ ବ୍ୟାଙ୍କ ସମ୍ପାଦକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଜିଲାପାଳ ତଥା କମିଟିର ଅଧ୍ୟକ୍ଷ ମିଶ୍ର ଜଣାଇଥିଲେ। ଏହି ବୈଠକରେ ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରା, ସହକାରୀ ଯୋଗାଣ ଅଧିକାରୀ ରାମ ପ୍ରସାଦ ମାଝି, ନିହାର ରଞ୍ଜନ ପରିଜା, ତ୍ରିନାଥ ଭୋଇ, ୬ଟି ବ୍ଲକର ଯୋଗାଣ ନିରୀକ୍ଷକ, ସୋନପୁର ଏଆରସିଏସ ଭୀମସେନ ସାହୁ, ଡୁଙ୍ଗୁରିପାଲି ଆରଏମସିର ସମ୍ପାଦକ ଉଦିତ୍ ବାବୁ, ବିଏମପୁର ଆରଏମସିର ସମ୍ପାଦକ ବନମାଳୀ ନାୟକ, ଚାଷୀ ପ୍ରତିନିଧି ସଜନ କୁମାର ପଣ୍ଡା, ପ୍ରକାଶ କୁମାର ହେତା, ମିଲର୍ସ ପ୍ରତିନିଧି ଆନନ୍ଦ ବାବୁ ଓ ମହାଜନ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ମତ ରଖିଥିଲେ।



ସୁବର୍ଣ୍ଣପୁର ଜିଲା ଧାନ ସଂଗ୍ରହ କମିଟି ବୈଠକରେ ଉପସ୍ଥିତ ମନ୍ତ୍ରୀ, ଜିଲାପାଳ ଓ ବିଭାଗୀୟ ଅଧିକାରୀ ବୃନ୍ଦ।

- ■ ୬୪ ପାକ୍ସ, ୧୮ ସମ୍ପ୍ରସାରିତ କେନ୍ଦ୍ର, ୫ ୟାର୍ଡରେ ଧାନ ସଂଗ୍ରହ
- ■ ପ୍ରାରମ୍ଭିକ ଲକ୍ଷ୍ୟ ୨୧୪୧୧୭ ମେଟ୍ରିକ୍ ଧାନ ସଂଗ୍ରହ
- ■ ଚାଷୀ ବିକିବେ ଜଳସେଚିତ ଅଞ୍ଚଳରେ ଏକର ପ୍ରତି ୧୯କୁଇଣ୍ଟାଲ
- ■ ଅଣଜଳସେଚିତ ଅଞ୍ଚଳରେ ୧୩ କୁଇଣ୍ଟାଲ

### ପଞ୍ଚାୟତସ୍ତରୀୟ କ୍ରିକେଟ: ଡୁଲେଶ୍ୱର ଚାମ୍ପିୟନ

**ଅମରପାଲି, ୧୨।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲଠାରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଗ୍ରାମ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପିତାମହୁଲକୁ ୯ ଉଇକେଟରେ ହରାଇ ଡୁଲେଶ୍ୱର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ପିତାମୁହୁଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୩୬ରନ କରିଥିଲା। ଜବାବରେ ଡୁଲେଶ୍ୱର ଦଳ ଆବଶ୍ୟକ ରନକୁ ୫ଓଭରରେ ଗୋଟିଏ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଉକ୍ତ ଟୁର୍ନାମେଣ୍ଟରେ କାଶଲପୁର, ଡୁଲେଶ୍ୱର, ଟେଭାପଦର ଓ ପିତାମହୁଲ ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚରେ କାଶଲପୁରକୁ ଡୁଲେଶ୍ୱର ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଟେଭାପଦରକୁ ପିତାମହୁଲ ପରାସ୍ତ କରିଥିଲା। ପିତାମହୁଲ ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ରମାକାନ୍ତ କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଦେବରାଜ ମିଶ୍ର, ଶ୍ରୀକାନ୍ତ କର୍ମୀ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। କହ୍ନେଇ ବଠିଆଙ୍କ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ

**ଅମରପାଲି/ ବୀରମହାରାଜପୁର, ୧୨।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସଚେତନତା ଓ ବିଭିନ୍ନ ସହାୟତା ବଣ୍ଟନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଭୁବନେଶ୍ୱର ତରଫରୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ସୌଜନ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ଜିଲାପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଉପଜିଲାପାଳ ସୁବ୍ରତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଜିଲା ପରିଷଦ ଗାୟତ୍ରୀ ପାଣିଗ୍ରାହୀ, ବିଡିଓ ଅଭିମନ୍ୟୁ ମାଝୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୧୫୦ଜଣ ନିର୍ମାଣ ଶ୍ରମିକଙ୍କୁ ଗୋଟିଏ ଲେଖାଏଁ ସାଇକେଲ, ୪ଜଣ ନିର୍ମାଣ ଶ୍ରମିକଙ୍କ ସ୍ତ୍ରୀଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୧ଲକ୍ଷ ୫ହଜାର ଟଙ୍କା ଲେଖାଏଁ, ଝିଅ ବିବାହ କରାଇଥିବା ୩୬ଜଣ ନିର୍ମାଣ ଶ୍ରମିକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ବିବାହ ସହାୟତା ଏବଂ ୧୦ଜଣଙ୍କୁ ପ୍ରସୂତୀକାଳୀନ ସହାୟତା ବାବଦକୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଶେଷରେ ଶ୍ରମିକ କଲ୍ୟାଣ ସଂଯୋଜକ ମୋହନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।



ନିର୍ମାଣ ଶ୍ରମିକଙ୍କୁ ଅତିଥିମାନେ ସାଇକେଲ ପ୍ରଦାନ କରୁଛନ୍ତି।

■ ଅଣଦେଖାର ପ୍ରତିବାଦ

## ଡିଏଲ୍‌ପିପିସି ବୈଠକକୁ ଧସେଇ ପଶିଲେ ଚାଷୀ

**ସୋନପୁର, ୧୨।୧୧ (ନି.ପ୍ର.)**

ଚାଷୀଙ୍କ ସମସ୍ୟା ଶୁଣିବାକୁ ପ୍ରଶାସନ ପାଖରେ ସମୟ ନାହିଁ। ବାରମ୍ବାର ଅନୁରୋଧ ପରେ ବି ଚାଷୀଙ୍କ ସହିତ ଆଲୋଚନା ପାଇଁ ସମୟ ଗଡାଯାଉଛି। ଏଥିରେ ଉତ୍ୟକ୍ତ ହୋଇ ସୁବର୍ଣ୍ଣପୁର ଜିଲା କୃଷକ ବିକାଶ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷକୁ ଧସେଇ ପଶିଥିଲେ। ଏହି ସମୟରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ(ଡିଏଲପିପିସି) ଚାଲିଥିଲା। ସମନ୍ୱୟ ସମିତି ସଭାପତି ରାଜେନ୍ଦ୍ର କୁମାର ନାୟକ ଅଭିଯୋଗ କରିଥିଲେ ଯେ, ଚାଷୀଙ୍କ ବିନା ଏଭଳି ବୈଠକରମାନେ କିଛି ନାହିଁ। ଚାଷୀଙ୍କୁ ଆଲୋଚନାରେ ଅଂଶଗ୍ରହଣ କରିବାକୁ ସୁଯୋଗ ନାହିଁ। ସରକାର ଧାନ କିଣୁଥିବା କୁହାଯାଉଥିଲେ ମଧ୍ୟ ପ୍ରକୃତରେ ଜିଲାରେ ମିଲର୍ସମାନେ ହିଁ ଧାନ କିଣୁଛନ୍ତି। ଚାଷୀଙ୍କ ଧାନକ୍ରୟ ସମୟରେ କଟ୍‌ନି ଛଟ୍‌ନି କରାଯାଉଛି। ଏହି ଜିଲାର ଚାଷୀ ୨ଥର କୃଷି କର୍ମଣ ପୁରସ୍କାର ପାଇଥିଲେ ହେଁ ଚାଷୀଙ୍କଠାରୁ ଗ୍ରେଡ୍ ଏ ଧାନ ସରକାର କିଣୁନାହାନ୍ତି। ଏଥିରେ ଅସୁବିଧା କେଉଁଠି ବୋଲି ଚାଷୀନେତାମାନେ ପ୍ରଶ୍ନ ପଚାରିଥିଲେ। ଏପରିକି ହରିହରଯୋର କେନାଲର ପାଣି ନପାଇ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ଚାଷୀ ଜଳକର ଦେଉଛନ୍ତି। ଚାଷୀଙ୍କ ଏହି ସମସ୍ୟା ସମ୍ପର୍କରେ ଆଲୋଚନା ପାଇଁ ଜିଲାପାଳଙ୍କୁ ପୂର୍ବରୁ ସମୟ ମଗାଯାଇଥିଲା। କିନ୍ତୁ ତାଙ୍କ ପାଖରେ ସମୟ ନଥିବା ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନିକଟରେ ଚାଷୀ ଅଭିଯୋଗ କରିଥିଲେ। ତେବେ ମୁଖ୍ୟ ଶାସନ ସଚିବଙ୍କ ଭିଡିଓ କନଫେରେନ୍ସ ପାଇଁ ଉକ୍ତ ଦିନ ସେ ବ୍ୟସ୍ତ ଥିଲେ ଓ ଚାଷୀଙ୍କ ସହିତ ଆଲୋଚନା କରିପାରି ନ ଥିଲେ ବୋଲି ଜିଲାପାଳ ମିଶ୍ର କହିଥିଲେ। ଅନ୍ୟପକ୍ଷେ ବୀରମହାରାଜପୁର ଓ ଉଲୁଣ୍ଡାର ଚାଷୀ ଆଲୋଚନା ପାଇଁ ସମୟ ମାଗିଥିଲେ ହେଁ ସେମାନଙ୍କୁ ଆଜି ୭୦କିଲୋମିଟର ଦୂର ଡୁଙ୍ଗୁରିପାଲିକୁ ଡାକିବା ନେଇ ପ୍ରଶାସନର ମନ୍ଦ ଉଦ୍ଦେଶ୍ୟକୁ ସମାଲୋଚନା କରାଯାଇଥିଲା। କୃଷକ ବିକାଶ ସମନ୍ୱୟ ସମିତିର ପ୍ରଦୀପ ସ୍ୱାଇଁ, ନରୋତ୍ତମ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ଓ ନରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।





ଚାଷୀମାନେ ଜିଲାପାଳ ଓ ମନ୍ତ୍ରୀଙ୍କ ସହିତ ଆଲୋଚନା କରୁଛନ୍ତି।

## ଡୁଙ୍ଗୁରିପାଲିରେ ଜନ ଅଭିଯୋଗ ଶୁଣାଣି

**ଡୁଙ୍ଗୁରିପାଲି, ୧୨।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସ୍ଥାନୀୟ ରାଜୀବ ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୧ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ବ୍ୟକ୍ତିଗତ ଭାବେ ଇନ୍ଦିରା ଆବାସ, ବିଜୁ ପକ୍କା ଘର, ଘରଡିହ, କେନାଲ ପାଣି ଯୋଗାଣ, ରୟତି ଜମିରେ ରାସ୍ତା ନିର୍ମାଣ ଭଳି ୯୦ ଅଭିଯୋଗ ରହିଥିବା ବେଳେ ୧୧ଟି ସାମୂହିକ ଅଭିଯୋଗ ଥିଲା। ସେଥିମଧ୍ୟରୁ ୩ଟି ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଅଭିଯୋଗ ଯାଇଥିଲା। ସମସ୍ତ ଅଭିଯୋଗ ଶୁଣାଣି ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ କରିଥିବା ବେଳେ ଜିଲାପାଳ, ଏସପି, ଏଡିଏମ, ସବକଲେକ୍ଟରଙ୍କ ଭଳି କୌଣସି ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ଦେଖିବାକୁ ମିଳି ନ ଥିଲା। ସିଡିଏମଓ ବିଜୟଲକ୍ଷ୍ମୀ ଗୁରୁ, ଡିଇଓ ପୁଷ୍ପା ମିଞ୍ଜ, ବିଡିଓ ସହଦେବ ସମାଧିଆ, ରାମପୁର ତହସିଲଦାର ପଞ୍ଚାନନ ପାତ୍ରୁ, ପ୍ରାଣୀ ଚିକିତ୍ସା ଅଧିକାରୀ ଦେବରାଜ ନାଏକ, ଜିଲା କୃଷି ଅଧିକାରି ଶ୍ରୀନିବାସ ମଲ୍ଲିକ, କେନାଲ ବିଭାଗ ଅବକାରୀ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ରାଜସ୍ୱ ବିଭାଗର ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଯୋଗ୍ୟ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ଯୋଜନାରେ ସାମିଲ କରାଯିବ

**ଅମରପାଲି/ବୀରମହାରାଜପୁର, ୧୨।୧୧ (ଡି.ଏନ.ଏ)**

ବୀରମହାରାଜପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଧୁବାବୁ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ବଣ୍ଟନ ଏବଂ ବିଜୁ ଯୁବ ବାହିନୀଙ୍କ ଖେଳ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଉପଜିଲାପାଳ ସୁବ୍ରତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଜିଲାପରିଷଦ ସଦସ୍ୟା ଗାୟତ୍ରୀ ପାଣିଗ୍ରାହୀ, ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ବିଧାୟକ ନିଜ ବକ୍ତବ୍ୟରେ ସମସ୍ତ ସରକାରୀ ଯୋଜନା କିପରି ଠିକ୍ ଭାବରେ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରିବ ସେହି ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ସମସ୍ତ ଯୋଜନାର ସୁଫଳ ପର୍ଯ୍ୟାୟକ୍ରମେ ସମସ୍ତ ଯୋଗ୍ୟ ହିତାଧିକାରୀ ପାଇବେ ବୋଲି କହିଥିଲେ। ଏହି ଅବସରରେ ବ୍ଲକର ୪୯୦ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୭୨ ଜଣଙ୍କୁ ବିଧବା ଭତ୍ତା, ୧୧୦ ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା ଓ ୮୦ଜଣଙ୍କୁ ଅବିବାହିତ ଭତ୍ତା ପ୍ରଦାନ କରାଯାଇଛି। ୧୫ଟି ପଞ୍ଚାୟତର ବିଜୁ ଯୁବ ବାହିନୀଙ୍କୁ ଫୁଟବଲ, ଖୋକୋ, କ୍ରିକେଟ, ଭଲିବଲ, ବ୍ୟାଡମିଣ୍ଟନ, ଚେସ, କ୍ୟାରମ, ଦୌଡି ଡିଆଁ ଆଦି ଖେଳ ସାମଗ୍ରୀ ବଣ୍ଟନ କରାଯାଇଛି। ୬୨ଜଣ ଭୂମିହୀନଙ୍କୁ ବୀରମହାରାଜପୁର ତହସିଲ ପକ୍ଷରୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବିଜୁ ଯୁବ ବାହିନୀଙ୍କ ସମେତ ଅନେକ ହିତାଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗିରିଧାରୀ ହୋତା ସଂଯୋଜନା କରିଥିଲେ।

## କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ମାରକପତ୍ର ପ୍ରଦାନ

**ସୋନପୁର, ୧୨।୧୧ (ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଓଡିଶାର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ପୁଣି ଜୋର ଧରିଛି। ସୋମବାର ଜିଲାର ସଚେତନ ନାଗରିକ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ଥିବାରୁ ଏଠାରେ ଏହା ସ୍ଥାପନ ହେଲେ ଜିଲା ତଥା ରାଜ୍ୟବାସୀଙ୍କର ଲାଭ ହେବ ବୋଲି କୁହାଯାଇଛି। ରାଜ୍ୟର ଭାତହାଣ୍ଡି କୁହା ଯାଉଥିବା ଏହି ଜିଲାର ୮୩,୩୧୦ଟି ପରିବାର ସମ୍ପୂର୍ଣ୍ଣ ଭାବେ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ଯାହାକି ଜନସଂଖ୍ୟା ହିସାବରେ ଶତକଡା ୭୦ ଭାଗ। ଯେଉଁମାନେ ସିଧାସଳଖ ଭାବେ କୃଷିକୁ ହିଁ ଜୀବନ ଜୀବିକା ଭାବେ ଗ୍ରହଣ କରନ୍ତି। ଏପରିକି ଗତ କିଛି ବର୍ଷ ହେବ ସୁବର୍ଣ୍ଣପୁର ଜିଲା ସାରା ରାଜ୍ୟରେ ଧାନ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଆସୁଛି। ପାରମ୍ପରିକ ଶୈଳୀରେ ପ୍ରାୟ ୫୦ରୁ ୬୦ ପ୍ରକାରର ପାରମ୍ପରିକ ଧାନ ଏହି ଜିଲାରେ ଉତ୍ପାଦନ ହୁଏ। ସେହିପରି ରବି ଫସଲ ଯଥା ଡାଲି, ଚଣା ସହିତ କପା, କୋଷା, ପାନପତ୍ର, ପନିପରିବା, ଫଳମୂଳ ଓ ବିଶେଷ ଭାବରେ ଫୁଲ ଉତ୍ପାଦନ ପାଇଁ ଏହି ଜିଲାର ବିଭିନ୍ନ ସ୍ଥାନରେ କୃଷି ପାଇଁ ବିଭିନ୍ନ ପ୍ରକାରର ମୃତ୍ତିକା ଦେଖିବାକୁ ମିଳେ। ଜିଲାରେ ଉତ୍ପାଦିତ କଳା ମୁଗ, ଦେଖିବାକୁ ଯେପରି ସୁନ୍ଦର ସ୍ୱାଦ ମଧ୍ୟ ସେମିତି ରୁଚିକର। ସ୍ୱାଧିନତା ପୂର୍ବରୁ ଏବଂ ବର୍ତ୍ତମାନ ମଧ୍ୟ ଏହି ଜିଲାରୁ ଅନ୍ୟାନ୍ୟ ଜିଲା ଓ ବାହାର ଜିଲାକୁ କଳା ମୁଗ ରପ୍ତାନି କରାଯାଏ। ଧଳା ହୀରା କୁହା ଯାଉଥିବା କପା ଉତ୍ପାଦନରେ ଭରପୁର ସୁଯୋଗ ଜିଲାର ବୀରମହାରାଜପୁର, ଉଲୁଣ୍ଡା, ସୋନପୁର ଓ ତରଭା ଅଞ୍ଚଳର ମାଟିରେ ଯଥେଷ୍ଟ ପରିମାଣରେ ରହିଛି। ଦେଶର ଅନ୍ୟାନ୍ୟ ସ୍ଥାନରେ ଉତ୍ପାଦିତ କପାଠାରୁ ଏହି ଅଞ୍ଚଳରେ ଉତ୍ପାଦିତ କପାର ମାନ ଅତି ଉନ୍ନତ। ଉତ୍ପାଦନ କ୍ଷମତା ଅନ୍ୟାନ୍ୟ ଅଞ୍ଚଳଠାରୁ ୪ଗୁଣା ଅଧିକ। ବର୍ତ୍ତମାନ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲା ସମଗ୍ର ରାଜ୍ୟର ଉତ୍ପାଦନ ହାରକୁ ପଛରେ ପକାଇ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି। ଏଣୁ ଏସବୁକୁ ବିଚାରକୁ ନେଇ ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଜରୁରି। ପଡୋଶୀ ଜିଲା ମାନଙ୍କରେ ମେଡିକାଲ କଲେଜ, ଆଇଆଇଏମ, ନଡାରୁ ପେଟ୍ରୋଲ ତିଆରି କାରଖାନା, ଏୟାର ପୋର୍ଟ ଆଦି ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ସୁବର୍ଣ୍ଣପୁର ଜିଲାରେ କୌଣସି ବଡ ପ୍ରକଳ୍ପ ଏଯାଏଁ ପ୍ରତିଷ୍ଠା ହୋଇନି। ତେଣୁ ଜିଲାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବଳଦେବ ପ୍ରସାଦ ବେଦ୍‌ବାକ, ଆନନ୍ଦ ବାରିକ୍, ଶ୍ରଦ୍ଧାଞ୍ଜଳି ମିଶ୍ର, ସମ୍ପିତ ନନ୍ଦ, ବ୍ୟାସଦେବ ମିଶ୍ର, ଗୌରହରି ନାଏକ, ବାସୁଦେବ ନାଏକ, ସଂଗ୍ରାମ ଭୋଇ ଓ ନରେନ୍ଦ୍ର ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଏହି ଦାବିପତ୍ର ଗ୍ରହଣ କରିଥିଲେ।





ବୁଦ୍ଧିଜୀବୀଙ୍କ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉତ୍ତର ଜୀବନ ମିଳେ।
- ଗୌତମ ବୁଦ୍ଧ



**ସଂକ୍ଷେପରେ**

## ଗିରିଗୋବର୍ଦ୍ଧନ ପୂଜା, ନାମ ସଂକୀର୍ତ୍ତନ

**ଘଣ୍ଟାପଡା, ୧୨।୧୧ (ଡି.ଏନ୍.ଏ):** କଣ୍ଡାମାଳ ବ୍ଲକ ତେନ୍ତୁଲିଖୁଣ୍ଟି ଗ୍ରାମର ଗିରିଗୋବର୍ଦ୍ଧନ ପାହାଡ ଉପରେ କୁନାସିଲା ଯାଦବ ସମାଜ କେନ୍ଦ୍ର ପକ୍ଷରୁ ଗିରିଗୋବର୍ଦ୍ଧନ ପୂଜା ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ବୁଧବାର ପ୍ରତ୍ୟୁଷରୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ପରଦିନ ଆରମ୍ଭ ହୋଇଥିଲା ନାମଯଜ୍ଞ । ସୋମବାର ନାମଯଜ୍ଞ ପୂର୍ଣ୍ଣାହୂତି ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ, ସତସଙ୍ଗ, ପାରାୟଣ ଅନୁଷ୍ଠିତ ହୋଇଥିଲା । ନାମଯଜ୍ଞରେ ତ୍ରିନାଥ ମାହାର ଓ ସ୍ତ୍ରୀ କାମିନୀ ମାହାର ଯଜ୍ଞକର୍ତ୍ତା ଥିଲେ। ଯାଦବ ସମାଜ ସଭାପତି ଲିଙ୍ଗରାଜ ସେଲମା, ସମ୍ପାଦକ ଷଡ଼ାନନ କାଲସେ, ରମେଶ ପୋଡ଼, ଧନୁ ମାହାର, କୃଷ୍ଣଚନ୍ଦ୍ର ରଣା, ବଂଶୀ ବାଘ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ତେନ୍ତୁଲିଖୁଣ୍ଟି ଗ୍ରାମବାସୀ ସହଯୋଗ କରିଥିଲେ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଡୁଙ୍ଗୁରିପାଲି,୧୨।୧୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମଦଭାଟି ପାଖରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ସୋମବାର ଉଦ୍ଧାର କରିଛି। ମଦଭାଟି ପାଖରୁ କଲେଜ ରାସ୍ତାକୁ ଗଲାବେଳେ ମାତ୍ର ୧୦୦ ମିଟର ଦୂର ରାସ୍ତାକଡରେ ଥିବା ଏକ ଡୁମେର ଗଛରେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା । ଯୁବକଙ୍କ ବେକରେ ଗାମୁଛା ଗୁଡେଇ ହୋଇ ଗଣ୍ଠି ପଡିଥିବା ବେଳେ ଅନ୍ୟପଟଟି ଗଛର ଏକ ଡାଳରେ ବନ୍ଧା ହୋଇଥିଲା । ଯୁବକ ଜଣକ ଏକ କଳା ରଙ୍ଗର ପ୍ୟାଣ୍ଟ ଓ ଧଳା ରଙ୍ଗର ଫୁଲ ଶାର୍ଟ ପିନ୍ଧିଥିବା ବେଳେ ବାମ ହାତ ଶାର୍ଟରେ କାଦୁଅ ଲାଗିଥିବା ଦେଖାଯାଉଥିଲା। ଜମିରୁ ମାତ୍ର ଦୁଇ ଫୁଟ ଉଚ୍ଚତାରେ ମୃତଦେହ ଝୁଲୁଥିବା ଦେଖାଯାଇଥିଲା । ସକାଳୁ ଖବର ପ୍ରଚାର ହେବା ପରେ ଆଖପାଖ ଅଞ୍ଚଳର ଶତାଧିକ ଲୋକ ରୁଣ୍ଡ ହୋଇଥିଲେ । ଖବର ପାଇ ଡୁଙ୍ଗୁରିପାଲି ପୋଲିସ ପୂର୍ବାହ୍ନ ୧୧ଟାରେ ପହଞ୍ଚି ଗଛରୁ ମୃତଦେହକୁ ଉଦ୍ଧାର କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପ୍ରାଥମିକ ତଦନ୍ତରୁ ମୃତ ଯୁବକ ଶୁଖା ଗ୍ରାମର ଅଶୋକ କମଲିଆ (୩୦) । ଚିହ୍ନଟ ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଏଏସଆଇ ପ୍ରସାଦୀ ପଧାନଙ୍କଠାରୁ ପ୍ରକାଶ ।

# ଜାତୀୟ ନୃତ୍ୟୋତ୍ସବ ଉଦ୍‌ଯାପିତ

**ବୌଦ୍ଧ,୧୨।୧୧(ସ୍ୱ.ପ୍ର)**

ବୌଦ୍ଧ ଟାଉନହଲ ଠାରେ ଦୁଇଦିନ ଧରି ବୌଦ୍ଧର ପ୍ରଣାମ ଓ ଭୁବନେଶ୍ୱରର ନୃତ୍ୟଶ୍ରୀ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ଜାତୀୟ ନୃତ୍ୟୋତ୍ସବ ଓ ଆଲୋଚନାଚକ୍ର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଓ ସମ୍ମାନୀତ ଅତିଥି ଭାବେ ଜିଲା ଓକିଲ ସଂଘ ସଭାପତି ନବ କୁମାର ମିଶ୍ର, ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର, ପୂର୍ବତନ ଏନଏସି ଅଧ୍ୟକ୍ଷା ଦିପ୍ତୀପ୍ରଭା ସ୍ୱାଇଁ, ଚାଟାର୍ଡ ଏକାଉଣ୍ଟାଣ୍ଟ ସୁନ୍ଦର ପ୍ରକାଶ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ବୌଦ୍ଧ ଭଳି ଏକ ଛୋଟ ସହରରେ ଜାତୀୟ ଓ ରାଜ୍ୟସ୍ତରର କଳାକାରମାନେ ଅଂଶଗ୍ରହଣ କରିଥିବାରୁ ଆୟୋଜକମାନଙ୍କ ପ୍ରଶଂସା କରିଥିଲେ। ଉଦଯାପନୀ ଦିବସର ପୂର୍ବାହ୍ନରେ ଅଧ୍ୟାପକ ପ୍ରବୀର କୁମାର ଦାସ, ତୀର୍ଥାନନ୍ଦ ମହାନ୍ତି(କଟକ), ପଣ୍ଡିତ ଡଃ. ଘନଶ୍ୟାମ ମିଶ୍ର(ବଲାଙ୍ଗୀର), ଜ୍ଞାନେନ୍ଦ୍ର ଦତ୍ତ ବାଜପେୟୀ(ଉତ୍ତରପ୍ରଦେଶ) ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ଗୁରୁ ଡଃ. ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଦୁଇଦିନିଆ କାର୍ଯ୍ୟକ୍ରମରେ ପ୍ରଣାମ ଅନୁଷ୍ଠାନର ସଭାପତି ସୁକାନ୍ତୀ ସିଂହ, ସମ୍ପାଦକ ବସନ୍ତ କୁମାର ସାହୁ, ନୃତ୍ୟଗୁରୁ ପ୍ରଶାନ୍ତ ଭାଇନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାମାଜିକ ଓ ସାଂସ୍କୃତିକ ସଂଗଠକ ଭାବେ ନିର୍ଦ୍ଦେଶକ ଧିରେନ୍ଦ୍ର ମଲ୍ଲିକ, ଶ୍ୟାମସୁନ୍ଦର ସିଂହ, ସମୀର ଓଝା, ଅଶୋକ କର, ମୃତ୍ୟୁଞ୍ଜୟ ବେହେରା, ସରୋଜ ଦାଶ, ଚିତ୍ତ ରଞ୍ଜନ ଦାଶ ପ୍ରମୁଖଙ୍କୁ ପ୍ରଣାମ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଦୀର୍ଘ ଦୁଇଦିନ ଧରି ଏହି ନୃତ୍ୟୋତ୍ସବରେ ରାଜ୍ୟ ବାହାର ଓ ରାଜ୍ୟର ବିଭିନ୍ନ କଳାକାର ଭାଗନେଇ ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ ।



ଜାତୀୟ ନୃତ୍ୟୋତ୍ସବ ଉଦ୍‌ଯାପନୀ ଉତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି ।

### ବୌଦ୍ଧରେ ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

# ଭାଗ ନେଇ ପାରିଲେନି ହରଭଙ୍ଗା ବ୍ଲକ ଯୁବ ପ୍ରତିଭା

**ବୌଦ୍ଧ,୧୨।୧୧(ସ୍ୱ.ପ୍ର)**

ରାଜ୍ୟ କ୍ରୀଡା ଓ ଯୁବ ବିକାଶ ବିଭାଗ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ମହୋତ୍ସବ ସୋମବାର ବୌଦ୍ଧ ଟାଉନହଲ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥଲେ । ପୁରୁଣାକଟକ ଭୈରବୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ରମେଶ ରଞ୍ଜନ ତାରେଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ଜିଲା ସୂଚନା, ଲୋକସମ୍ପର୍କ ଓ ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, ବୌଦ୍ଧଗଡ ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ଯୁବକ ମାନଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିବ । କିନ୍ତୁ ଜିଲାର ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲ ମନୋବୃତ୍ତି ଯୋଗୁ ଜିଲାର ଯୁବ କଳାକାର ସୁଯୋଗ ପାଇପାରୁନାହାନ୍ତି। ଜିଲାରେ ମାତ୍ର ୩ଟି ବ୍ଲକ ଓ ଗୋଟିଏ ଏନଏସି ଥିବା ବେଳେ ଉଦଘାଟନୀ ମହୋତ୍ସବରେ ହରଭଙ୍ଗା ବ୍ଲକର କୌଣସି ଯୁବ ପ୍ରତିଭା ଭାଗ ନେଇପାରିନାହାନ୍ତି । ଦୁଇଦିନ ଧରି ହେବାକୁଥିବା ଏହି ମହୋତ୍ସବରେ ତବଲା, ମୃଦଙ୍ଗ, ଢୋଲ, ହାରମୋନିୟମ, ଓଡିଶୀ, ଫୋକସ ଡ୍ୟାନ୍ସ, ଗୀତ ଆଦି ଉପରେ ପ୍ରତିଯୋଗିତା ହେବ । ଏହି ମହୋତ୍ସବ ମଙ୍ଗଳବାର ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।



ଯୁବ ମେହାତ୍ସବରେ ମଞ୍ଚାସୀନ ଅତିଥି ।


ଚାମ୍ପିୟନ ଦଳକୁ ଟ୍ରଫି ଦିଆଯାଉଛି ।

## ମାହେଶ୍ୱରୀ ଡିଗ୍ରୀ କଲେଜ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାଉଁଶୁଣୀ,୧୨।୧୧(ଡି.ଏନ୍.ଏ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ମାଁ ମାହେଶ୍ୱରୀ ଡିଗ୍ରୀ କଲେଜ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଆଜିର ଖେଳ ସୋନପୁର ସମ୍ରାଟ ଓ ମଣିଣାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍ ୩ଟି ପର୍ଯ୍ୟାୟରେ ହୋଇଥିଲା । ପ୍ରଥମେ ସୋନପୁର ସମ୍ରାଟ ଦଳ ଟସ୍ ଜିଣି ବ୍ୟାଟିଙ୍ଗ କରି ୮୩ରନ୍ କରିଥିଲେ ଓ ମଣିଣାପଡା ୬୯ରନ୍ କରି ପରାଜୟ ହୋଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମେ ମଣିଣାପଡା ବ୍ୟାଟିଙ୍ଗ କରି ୪୪ରନ୍ କରିଥିଲେ ଓ ସୋନପୁର ସମ୍ରାଟ ୪୫ରନ୍ କରି ବିଜୟୀ ହୋଇଥିଲେ । ଦୁଇଟି ମ୍ୟାଚ୍‌ରେ ସୋନପୁର ବିଜୟୀ ହୋଇଥିଲେ । ପ୍ରଥମେ ୧୨ ଓଭର ଓ ଦ୍ୱିତୀୟ ମ୍ୟାଚ୍ ୬ ଓଭର ବିଶିଷ୍ଟ ଖେଳ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଯୁବ ସାମାଜିକ କର୍ମୀ ଇଂ ରାକେଶ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ । ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବାପୁନ୍, ବେଷ୍ଟ ସିକ୍ସର ଆକାଶ, ମ୍ୟାନ୍ ଅଫ୍ ଦି ସିରିଜ୍ ସତ୍ୟପାଲୁ, ବେଷ୍ଟ ଅଲରାଉଣ୍ଡର ସତ୍ୟପାଲୁଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ବିଜୟୀ ଦଳକୁ ୫୦୦୦ ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ୩୦୦୦ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ରିଙ୍କୁ ତରିଆ ସ୍କୋରର ଥିଲେ । ଦେବାଶିଷ ନେପାଳ, ହେମକାନ୍ତ ମେହେର, କୁଲୁ ଡାଙ୍ଗ ଖେଳ ପରିଚାଳନା କରିଥିଲେ । ବିରେନ୍ ଖଟୁଆ, ବାବି ଦାସ୍, ସ୍ୱାଗତ ମହାକୁଲ, ଜିତେନ ମହାକୁଲ, ଚିଣ୍ଟୁ ବାଘ ପ୍ରମୁଖ ସହଯୋଗ କରିଥିଲେ ।

## ଆମ ପୋଲିସ ସମିତି ବୈଠକ

**ବୌଦ୍ଧ,୧୨।୧୧(ସ୍ୱ.ପ୍ର)**

ବୌଦ୍ଧ ଥାନା ପରିସରରେ ଆମ ପୋଲିସ ସମିତି ପକ୍ଷରୁ ସୋମବାର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ତପସ୍ୱନୀ କହଁରଙ୍କ ସଭାପତିତ୍ୱରେ ଏହି ବୈଠକରେ ସମିତିର ସଭ୍ୟ ଆଇନଜୀବୀ ଚନ୍ଦ୍ରଶେଖର ପାଢୀ, ଗୋକୁଳ ପ୍ରଧାନ, ତ୍ରିଲୋଚନ ମିଶ୍ର , ସୌମିତ୍ରୀ ପଲିଆ, ଅଭିମନ୍ୟୁ ନାଏକ, ଜ୍ୟୋତିରଞ୍ଜନ ଭୋକ୍ରା, ଆଦିତ୍ୟ ଦାସ ପ୍ରମୁଖ ଯୋଗ ଦେଇଥିଲେ । ରବିବାର ବନ୍ଧାପଥର ଠାରେ ଆମ ପୋଲିସ ସମିତିର ପରବର୍ତ୍ତୀ ବୈଠକ ହେବାକୁ ସ୍ଥିର ହୋଇଥିଲା । ଏହି ବୈଠକ ଗୁଡିକରେ ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସଚେତନ କରାଯିବାର ଲକ୍ଷ୍ୟ ରଖାଯାଇଛି ।

## ଜାତିଗତ ପ୍ରମାଣପତ୍ର ଦାବି, ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୨।୧୧**

କୁଲି ଜାତିର ଲୋକଙ୍କୁ ଅନୁସୂଚୀତ ଜନଜାତି(ଏସଟି) ପ୍ରମାଣପତ୍ର ପ୍ରଦାନ କରାଯାଉ ନ ଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ସୁପ୍ରିମକୋର୍ଟ ଏ ନେଇ ଆଦେଶ ପ୍ରଦାନ କରିସାରିଥିଲେ ମଧ୍ୟ ଜିଲାରେ ତାକୁ କାର୍ଯ୍ୟକାରୀ କରାଯାଉ ନଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ଡଃ ରଘୁନାଥ ମେହେରଙ୍କ ନେତୃତ୍ୱରେ କୁଲି ସମାଜର ବହୁସଂଖ୍ୟ ମହିଳାପୁରୁଷ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ବରଗଡ଼ ଅତିରିକ୍ତ ଜିଲାପାଳ ଓ ତହସିଲଦାରଙ୍କ ସହିତ ସେ ନେଇ ଆଲୋଚନା କରିଥିଲେ । ସୁପ୍ରିମକୋର୍ଟ ଆଦେଶ ମୁତାବକ ସେମାନଙ୍କୁ ଅନୁସୂଚୀତ ଜାତି ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରିବା ଦିଗରେ ବିହିତ ପଦକ୍ଷେପ ପାଇଁ ସେମାନେ ଦାବି ଉପସ୍ଥାପନ କରିଥିଲେ ।

## ତିନି ଦଫା ଦାବିରେ ଧାରଣା

**ବୌଦ୍ଧ,୧୨।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ଗାଁସାଥୀ ମେଟ ସଂଘ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବି ନେଇ ସୋମବାର ଧାରଣା ଦିଆଯାଇଛି । ଗାଁ ସାଥୀ ସଂଘର ଅଭିଯୋଗ ଅନୁଯାୟୀ ଶିକ୍ଷାଗତ ଯୋଗ୍ୟତା ଆଧାରରେ ସେମାନଙ୍କୁ ଗାଁ ସାଥୀ ମେଟ୍ ଭାବେ ଚୟନ କରାଯାଇଛି । ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ସେମାନଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ। ଏମ୍‌ଜିଏନଆର୍‌ଇଜିଏସ୍ କାର୍ଯ୍ୟର ତଦାରଖ ପାଇଁ ନିଯୁକ୍ତ ଗାଁ ସାଥୀ ମେଟମାନଙ୍କୁ ଚୁକ୍ତି ମୁତାବକ ଜଣେ ଅର୍ଦ୍ଧ କୁଶଳୀ କାରିଗର ଭାବେ ବାର୍ଷିକ ୧୦୦ ଦିନର କାର୍ଯ୍ୟଦିବସର ପାରିଶ୍ରମିକ ପ୍ରଦାନ କରାଯିବାକୁ ସରକାରୀ ନିର୍ଦ୍ଦେଶନାମା ରହିଛି । ଗାଁ ସାଥୀ ମେଟ୍ ମାନଙ୍କୁ ନୂତନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ନୀତି ନିୟମ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା ଥିଲେ ମଧ୍ୟ ତାକୁ କାର୍ଯ୍ୟକାରୀ କରାଯାଉନାହିଁ । ସେହିପରି ଶିକ୍ଷାଗତ ଯୋଗ୍ୟତା ଓ ବୟସ ଆଧାରରେ ବିଡିଓମାନଙ୍କ ଜରିଆରେ ଗାଁ ସାଥୀ ମେଟମାନଙ୍କୁ ଚୟନ କରାଯାଇଥିଲେ ମଧ୍ୟ ସେମାନଙ୍କୁ କୌଣସି ପ୍ରକାର ସରକାରୀ ସହଯୋଗ ମିଳୁ ନ ଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଜିଲା ପ୍ରଶାସନ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ବିଡିଓମାନଙ୍କ ବୈଠକ ଡକାଯାଇ ଗାଁ ସାଥୀମାନଙ୍କ ନ୍ୟାଯ୍ୟ ଦାବି ସମ୍ପର୍କରେ ବିଚାର କରାଯିବା ସହିତ ସେମାନଙ୍କୁ ବୈଠକରେ ମତ ରଖିବାର ସୁଯୋଗ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ଏହି ବିକ୍ଷୋଭ ଧାରଣାରେ ଜିଲାର ତିନୋଟି ବ୍ଲକରୁ ଗାଁ ସାଥୀ ମେଟ୍‌ମାନେ ଯୋଗ ଦେଇଥିଲେ ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା ପ୍ରସ୍ତୁତି

**ବୌଦ୍ଧ,୧୨।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ଭାଜପା ପକ୍ଷରୁ ବୀରନରସିଂହପୁର ନର୍ସରୀ ଠାରେ ଜନ ପରାମର୍ଶ ପଦଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲାରେ ଏହି ପଦଯାତ୍ରା ଆସନ୍ତା ୧୫ରୁ ୩୦ତାରିଖ ମଧ୍ୟରେ ହେବ । ଏହି ପଦଯାତ୍ରା ସମଗ୍ର ଜିଲାରେ ଅନୁଷ୍ଠିତ ହେବ । କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ହିତାଧିକାରୀମାନଙ୍କୁ ଅବଗତ କରାଯିବ । ଏହା ସହ ରାଜ୍ୟ ସରାକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଯୋଗୁ କିପରି କ୍ଷତି ହେଉଛି ତାହା ଲୋକମାନଙ୍କୁ ଅବଗତ କରାଯିବ । ଏହି ବୈଠକରେ ପୂର୍ବତନ ଏମ୍‌ପି ଅନନ୍ତ ନାଏକ, ଜିଲା ପ୍ରଭାରୀ ସବିତା ନନ୍ଦ, ଜିଲା ସଭାପତି ସୌମିତ୍ରୀ ନାଏକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପଦଯାତ୍ରାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ବୌଦ୍ଧ ବିଧାନସଭା ଓ କଣ୍ଟାମାଳ ବିଧାନସଭା ପାଇଁ ଏକ ସଞ୍ଚାଳନ କମିଟି ଗଠନ କରାଯାଇଥିଲା। ବୌଦ୍ଧ ପାଇଁ ଯାତ୍ରା ପ୍ରମୁଖ ସୌମିତ୍ରୀ ନାଏକ ଓ କଣ୍ଟାମାଳ ପାଇଁ ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ପ୍ରସ୍ତୁତି ବୈଠକରେ ଜାତୀୟ କୃଷକ ମୋର୍ଚ୍ଚା ସଦସ୍ୟ ସୁକାନ୍ତ ପାଣିଗ୍ରାହୀ, କମଳା ପାଣ୍ଡେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟନାରାୟଣ ମହାପାତ୍ର, ଜିଲା ପରିଷଦ ସଭ୍ୟ ଧନେଶ୍ୱର ଅମାତ୍, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବିପ୍ର ଚରଣ ମହାନ୍ତିଙ୍କ ସମେତ ସମସ୍ତ ପଦାଧିକାରୀ ଓ ମଣ୍ଡଳ ସଭାପତି, ସମ୍ପାଦକମାନେ ଯୋଗଦାନ କରିଥିଲେ ।

**No 1 Clinic in India for Sexual Treatment**
Lady Doctors are available for Ladies | For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍କ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଆଜ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

**M. GROUP FINANCE CO.**
DIWALI OFFER (Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**Adhar Finance**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

**LOAN**
ଓଡ଼ିଶାର ସମସ୍ତ ଜିଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ୍ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ୍ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ୍ ଟ୍ରାଇଡେଣ୍ଟ (ଲଜ୍) ବଢ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ୍ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ୍ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ୍ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ୍ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ୍ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ୍ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ୍ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ୍ ରାଜ କମଳ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ୍ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

**HIGH SPEED UPKARAN**
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୩ ନଭେମ୍ବର, ୨୦୧୮

**ଜିଲାସ୍ତରୀୟ ଯୁବରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ**
ନୂଆପାଡ଼ ଜିଲା ବୋଡେନ ବିଜୁ ପଟ୍ଟନାୟକ ଜୁନିୟର କଲେଜଠାରେ ଜିଲାସ୍ତରୀୟ ଯୁବରେଡକ୍ରସ ତରଫରୁ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି।



## ସଂକ୍ଷେପରେ

### ମହିଳା ଆତ୍ମସୁରକ୍ଷା ଶିବିର

**ଖଡିଆଳ,୧୨।୧୧(ଡି.ଏନ.ଏ.)**
ନୂଆପଡା ଜିଲା ଖଡିଆଳ ବ୍ଲକ ତୁକଲାସ୍ଥିତ କ୍ଷମା ସାଗର ଡିଗ୍ରୀ କଲେଜ ପରିସରରେ ରବିବାର ମହିଳା ଆତ୍ମ ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଖଡିଆଳ ଥାନା ଭାରପ୍ରାପ୍ତ ଅଧିକାରୀ ସଦାନନ୍ଦ ପୂଜାହାରୀ ମୁଖ୍ୟଅତିଥି, କଲେଜ ଅଧକ୍ଷ ବିଘ୍ନରାଜ ଦାଶ ଓ ଅଧାପିକା ଡ. ସବିତା ମିଶ୍ର ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ଆତ୍ମସୁରକ୍ଷା ବିଭିନ୍ନ ଦିଗ ଉପରେ ସମ୍ୟକ୍ଷ ସୂଚନା ପ୍ରଦାନ କରିଥିଲେ । ଏଥି ସହ ଆତ୍ମସୁରକ୍ଷା ଦ୍ୱାରା କେବଳ ନିଜକୁ ସୁରକ୍ଷିତ କରିହେବ ତାହା ନୁହେଁ ସମାଜରେ ମହିଳାମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାରକୁ ଦମନ କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ପରେ ସୀମାର୍ପିକା ପ୍ରଧାନ ଉପସ୍ଥିତ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଉକ୍ତ ତାଲିମ ଶିବିରକୁ କଲେଜ ଅଧକ୍ଷ ରବିନ୍ଦ୍ର ମିଶ୍ର ଅଧକ୍ଷତା କରିଥିବା ବେଳେ କଲେଜର ସଞ୍ଜୀବ କୁମାର ଦାଶ ଓ ଉମାକାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### ଜୁନାଗଡ ଏନଏସିର ଶେଷ ପରିଷଦ ବୈଠକ

**ଜୁନାଗଡ,୧୨।୧୧(ସ୍ୱ.ପ୍ର)**
ଚଳିତବର୍ଷ ଡିସେମ୍ବର ୪ ତାରିଖରେ ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଅବଧି ସମାପ୍ତ ହେବାକୁ ଯାଉଥିବା ବେଳେ ସୋମବାର ପାରଷଦଙ୍କ ଶେଷ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ବିଜୟଲକ୍ଷ୍ମୀ କନ୍ଧପାନଙ୍କ ସଭାପତିତ୍ୱରେ ଉପସଭାପତି ଦୁର୍ଗା ପ୍ରସାଦ ସାହୁଙ୍କ ସମେତ ସମସ୍ତ ପାରଷଦ ଉପସ୍ଥିତ ଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ବରିଷ୍ଠ କିରାଣୀ ବିଜୟ ପୂଝାରୀ, ଏମ୍‌ପି ପ୍ରତିନିଧି ରଶ୍ମୀରଞ୍ଜନ ନାୟକ, କନିଷ୍ଠ ଯନ୍ତ୍ରୀ ଅରୁଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷ ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକା ଅନୁମୋଦନ, ପ୍ରତି ୱାର୍ଡ ପାଇଁ ବିକାଶ କାର୍ଯ୍ୟ ଖସଡା ମଞ୍ଜୁରୀ, କାର୍ଯ୍ୟାଳୟ ପାଇଁ ଏକ ନୂତନ ଟ୍ରାକ୍ଟର କ୍ରୟ କରିବା, ବିଭିନ୍ନ ପାର୍କର ବିକାଶ ଓ ପୁନରୁଦ୍ଧାର ପାଇଁ ପ୍ରସ୍ତାବ ଆଗତ ହୋଇଥିଲା।

### ଜହ୍ନିଓଷା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

**ଜୁନାଗଡ,୧୨।୧୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାବସପୁର ପୁରୁଣାପଡାରେ ଶନିବାର ରାତିରେ ଜହ୍ନିଓଷା ଉପଲକ୍ଷେ ନୃତ୍ୟ ପ୍ରତିଯୋଗୀ। ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୨ଜଣ ପ୍ରତିଯୋଗୀ ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଯମୁନାବାହାଲର ଲିପି ନାଏକ, ଦ୍ୱିତୀୟ ସ୍ଥାନ କୋଲିଗାଁର ମା' ଠାକୁରାଣୀ ଡ୍ୟାନ୍ସ ଗ୍ରୁପ, ତୃତୀୟ ସ୍ଥାନ କିର୍କାକାନିର ତନୟା ସରିତା, ଚତୁର୍ଥ ସ୍ଥାନ ଭାବେ ଆମପାଣିର ଦେବରାଜ ଗ୍ରୁପ ଓ ପଞ୍ଚମ ସ୍ଥାନ ବଡକୁଟ୍ରର ବିକେ ଟାଇଗର ଡ୍ୟାନ୍ସ ଗ୍ରୁପ ମନୋନୀତ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେଡି ଯୁବ ନେତା ହିମାଂଶୁ ଶେଖର ବରାଡ, ପୂର୍ବତନ ସରପଞ୍ଚ ମନିଷା ସାହୁ, ହାବସପୁର ନାଏବ ସରପଞ୍ଚ ଶାମୁକା କୁମାର, ସୁରେଶ ସାହୁ, ସଜିତ ସାହୁ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ନାଏବ ସରପଞ୍ଚ ଚନ୍ଦ୍ର କୈବର୍ତ୍ତ ମଞ୍ଚ ପରିଚାଳନା କରିଥିଲେ। ହାବସପୁର ପୁରୁଣାପଡା ଯୁବତୀ ସଂଘ ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା।

## ମିଳିତ ଏକତା ମଞ୍ଚର ଧାରଣା ପରେ କାର୍ଯ୍ୟାନୁଷ୍ଠାନ

# ପ୍ରଧାନ ସେବକ କାର୍ଯ୍ୟରୁ ନିଲମ୍ବିତ

**ନୂଆପଡା ଅଫିସ,୧୨।୧୧**



ଉପଜିଲାପାଳଙ୍କୁ ନୂଆପଡା ମିଳିତ ଏକତା ମଞ୍ଚ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

### କୋଟେନଚୁଆଁ ଛାତ୍ରୀ ମୃତ୍ୟୁ ଘଟଣା

- ଉଚ୍ଚପଦାଧିକାରୀ ଆଶ୍ରମ ଗସ୍ତ କରି ଫେରିଲେ
- କ୍ୟାମ୍ପସ ବୁଲି ଦେଖିଲା ଡାକ୍ତରୀ ଟିମ

ନୂଆପାଡ଼ା ଜିଲା ସଦର ମହକୁମାଠାରୁ ମାତ୍ର ୮ କି.ମି. ଦୂର କୋଟେନଚୁଆଁ ସେବାଶ୍ରମ ହାଇସ୍କୁଲର ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ଆକସ୍ମିକ ମୃତ୍ୟୁ ଘଟଣାକୁ ନେଇ ଆଲୋଡନ ସୃଷ୍ଟି ହୋଇଛି । ପ୍ରତିକ୍ରିୟାଶୀଳ ହୋଇ ନୂଆପଡା ମିଳିତ ଏକତା ମଞ୍ଚ ତରଫରୁ ହସ୍ପିଟାଲରେ ଦୀର୍ଘ ୨ ଘଣ୍ଟା ଧରି ଧାରଣା ଦିଆଯିବା ପରେ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ବିଚାର କରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରିବା ସହ ଏକ ଡାକ୍ତରୀ ଟିମ ସେବାଶ୍ରମ ପରିଦର୍ଶନ କରିଛନ୍ତି। ପ୍ରଶାସନ ତରଫରୁ ଉପଜିଲାପାଳ ଏବଂ ଜିଲା ମଙ୍ଗଳ ଅଧିକାରୀ ପ୍ରାଥମିକ ତଦନ୍ତ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଆଶ୍ରମ ପ୍ରଧାନ ସେବକ ନରେଶ କୁମାର ଖମାରୀଙ୍କୁ (ପତ୍ରାଙ୍କ ସଂଖ୍ୟା୨୫୯୯/୧୮) କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ପରେ ଗ୍ରହଣ କରାଯିବ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ, କୋଟେନଚୁଆଁ ସେବାଶ୍ରମର ୪ର୍ଥ ଶ୍ରେଣୀ ଛାତ୍ରୀ ମିଲି ଶବର (୧୦)ଙ୍କ ରବିବାର ସନ୍ଧ୍ୟାରେ ଆକସ୍ମିକ ଭାବେ ମୃତ୍ୟୁ ଘଟିଥିଲା । ଏହାକୁ ପରିବାରବର୍ଗ ଆଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗ କରିଥିଲେ। ସୋମବାର ସକାଳେ ପରିବାରବର୍ଗ କ୍ଷତିପୂରଣ ଏବଂ କାର୍ଯ୍ୟାନୁଷ୍ଠାନ ଦାବି ନେଇ ହସ୍ପିଟାଲ ସମ୍ମୁଖରେ ଧାରଣା ଦେଇଥିଲେ । ଏହାକୁ ସହରର ମିଳିତ ଏକତା ମଞ୍ଚ ତରଫରୁ ସର୍ବଦଳୀୟ ଭାବେ ନେତାମାନେ ଆସି ସମର୍ଥନ ଜଣାଇ ସାମିଲ ହୋଇଥିଲେ । ଏଥିରେ ଭାଜପାରୁ ଯୁବମୋର୍ଚ୍ଚା ନେତା ଅଭିନନ୍ଦନ ପଣ୍ଡା, ବିଜେଡି ଯୁବ ମୋର୍ଚ୍ଚା ସଭାପତି ସୁଧୀର କୁମାର ମିଶ୍ର, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝି ପ୍ରମୁଖ ସମର୍ଥନ ଜଣାଇଥିଲେ । ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ଦେବା ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଖବର ପାଇ ପ୍ରଶାସନ ତରଫରୁ ଉପଜିଲାପାଳ ତରଣୀସେନ ନାଏକ ପହଞ୍ଚିଥିଲେ । ପରିବାରବର୍ଗଙ୍କୁ ରେଡକ୍ରସରୁ ୧୦ ହଜାର ଟଙ୍କା ଦେବା ସହ ବ୍ଲକ ତରଫରୁ ଇନ୍ଦିରା ଆବାସ ଗୃହ ଏବଂ ବାକି ସହାୟତା ଦେବାକୁ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହା ପରେ ବରିଷ୍ଠ ଡାକ୍ତର ମନୋଜ ସାହୁଙ୍କ ନେତୃତ୍ୱରେ ଏକ ୫ଜଣିଆ ଡାକ୍ତର ଟିମ କୋଟେନଚୁଆଁ ସେବାଶ୍ରମ ପରିସର ବୁଲି ଦେଖିଥିଲେ । ପରେ ଉପଜିଲାପାଳ ନାଏକ ଏବଂ ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି ପ୍ରମୁଖ ସେବାଶ୍ରମ କ୍ୟାମ୍ପସକୁ ଯାଇ ଅନୁଧ୍ୟାନ କରିଥିଲେ । ଉଲ୍ଲେଖ ଯୋଗ୍ୟ ଯେ, ଅଧିକାରୀମାନଙ୍କ ତଦନ୍ତ ସମୟରେ ସ୍ଥାନୀୟ ଗ୍ରାମାଞ୍ଚଳ ଲୋକମାନେ ଉତ୍ତ୍ୟକ୍ତ ହୋଇ ହାଇସ୍କୁଲ କ୍ୟାମ୍ପସକୁ ଘେରି ଯାଇଥିଲେ । ଅଧିକାରୀମାନେ ସ୍ଥିତିକୁ ଦେଖି ଗ୍ରାମବାସୀଙ୍କ ସହ ବୈଠକ କରି ଆଲୋଚନା କରିଥିଲେ। ଗ୍ରାମବାସୀ କର୍ମଚାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ସମସ୍ତଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବି କରିଥିଲେ । ମାତ୍ର ଦିନକର ଜ୍ୱର ହେବା ପରେ ଛାତ୍ରୀଙ୍କ ମୃତ୍ୟୁ ହେବା ଘଟଣାର କେତେ ଦୂର ସତ୍ୟତା ରହିଛି ତାର ତଦନ୍ତ ଆବଶ୍ୟକ ବୋଲି ଲୋକେ କହିଥିଲେ । ଏହା ଉପରେ ସବିଶେଷ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି ।

## ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କଲେ ଚାଷୀ

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଜୁନାଗଡ,୧୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତ କାର୍ଯ୍ୟାଳୟକୁ ସୋମବାର ସ୍ଥାନୀୟ ଚାଷୀମାନେ ବିଭିନ୍ନ ସମସ୍ୟା ନେଇ ଘେରାଉ କରିଥିଲେ। ଗତ ବନ୍ୟାରେ ତଳମଲା ପଞ୍ଚାୟତରେ ସମ୍ପୂର୍ଣ୍ଣ ଚାଷ ଉଜୁଡିଯାଇଛି। ଫଳରେ ସ୍ଥାନୀୟ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ସରକାର ଉଜୁଡିଯାଇଥିବା ଚାଷ ଜମିର କ୍ଷୟକ୍ଷତି ଆକଳନ କରି ଶୀଘ୍ର କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୩ଦଫା ଦାବିପତ୍ର ପଞ୍ଚାୟତ ତଳମଲା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ନ ଥିବାରୁ ଏହାକୁ ସ୍ଥାନୀୟ ଯୋଗାଣ ସହାୟକ ରାଜେନ୍ଦ୍ର ଦାସ ଗ୍ରହଣ କରିଥିଲେ। ଏଥିରେ ଚାଷୀଙ୍କ ପେନସନ ବ୍ୟବସ୍ଥା, ଧାନର ଉତ୍ପାଦନ ମୂଲ୍ୟ ୩ ହଜାରକୁ ବୃଦ୍ଧି କରିବା ଓ ତଳମଲା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ଆଦି ପ୍ରମୁଖ ଦାବି ରହିଛି। ଏହି ସମୟରେ ସ୍ଥାନୀୟ ଚାଷୀ ଲିଙ୍ଗରାଜ ସେନାପତି, ସରୋଜ ବିଶ୍ୱାଲ, ଗଣେଶ ନାଏକ, କାହ୍ନୁଚରଣ ନାଏକ, କୃଷ୍ଣଚନ୍ଦ୍ର ନାଗ, ପିତାମ ନାଏକ, ଶଶିକାନ୍ତ ସୁନାନୀ, ତାରେଣୀ ବାଣୁଆ, ଦେବରାଜ ଭାଟି, ଦଧିଚି ନାଏକ, ସେନାପତି ସୁନାନୀ, ସୁଧା ପୂଝାରୀ, ଅଭିରାମ ନାଗ, କୃତିବାସ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଜୁନାଗଡ଼ ବ୍ଲକ: ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ

**ଜୁନାଗଡ,୧୨।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସନ୍ୟାସୀ କୁଣ୍ଡାମାଲ, ହାବସପୁର ପଞ୍ଚାୟତ ଓ କଲେଇଗାଁ ପଞ୍ଚାୟତ ୮ ନଂ. ୱାର୍ଡ ଏବଂ ଭଇଁରୀଗୁଡା ୭ ନଂ. ୱାର୍ଡ ପାଇଁ ଆସନ୍ତା ଡିସେମ୍ବର ୬ ତାରିଖରେ ସାନି ନିର୍ବାଚନ ହେବ। ଏଥିପାଇଁ ସୋମବାର ଜୁନାଗଡ ବ୍ଲକ ଅଫିସରେ ବିଡିଓଙ୍କ ପାଖରେ ପ୍ରାର୍ଥିପତ୍ର ଦାଖଲ କରାଯାଇଛି। ସନ୍ୟାସୀ କୁଣ୍ଡାମାଲ ପଞ୍ଚାୟତ ସରପଞ୍ଚ ପାଇଁ ୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ହାବସପୁର ପାଇଁ ୨ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିଭଳି କଲେଇ ଗାଁ ପଞ୍ଚାୟତ ୮ ନଂ. ୱାର୍ଡ ସଭ୍ୟ ପାଇଁ ୨ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଭଇଁରୀଗୁଡା ୭ ନଂ. ୱାର୍ଡ ପାଇଁ ଜଣେ ମାତ୍ର ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ଜଣାପଡିଛି। ମଙ୍ଗଳବାର ପ୍ରାର୍ଥିପତ୍ର ଯାଞ୍ଚ ହେବ ବୋଲି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସିଦ୍ଧେଶ୍ୱର ମେହେର କହିଛନ୍ତି। ସୂଚନାଯୋଗ୍ୟ ଯେ, ଜୁନାଗଡ ବ୍ଲକ ଉପରୋକ୍ତ ୨ଟି ପଞ୍ଚାୟତର ସରପଞ୍ଚଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଟି ପଞ୍ଚାୟତ ୱାର୍ଡ ସଭ୍ୟଙ୍କ ମୃତ୍ୟୁ ପରେ ଏହି ସ୍ଥାନ ଖାଲି ପଡ଼ିଥିଲା।

# ଜିଲାସ୍ତରୀୟ ଯୁବରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ

**ବୋଡେନ,୧୨।୧୧(ଡି.ଏନ.ଏ.)**

ନୂଆପାଡ଼ ଜିଲା ବୋଡେନ ବିଜୁ ପଟ୍ଟନାୟକ ଜୁନିୟର କଲେଜଠାରେ ଜିଲାସ୍ତରୀୟ ଯୁବରେଡକ୍ରସ ତରଫରୁ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ନୂଆପଡା ଜିଲାପାଳ ଡା.ପୋମା ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ସ୍ମିତ ପରମାର, ଖଡିଆଳ ବିଧାୟକ ଦୁର୍ଯ୍ୟୋଧନ ମାଝି, ନୂଆପଡା ନ୍ୟାଶନାଲ କଲେଜ ଅଧକ୍ଷ ଡ. ଅଶୋକ କୁମାର ପଟ୍ଟନାୟକ, ବୋଡେନ ବିଜୁ ପଟ୍ଟନାୟକ କଲେଜ ଅଧକ୍ଷ ହେମନ୍ତ କୁମାର ମୁଣ୍ଡ, ରାଜ୍ୟ ରେଡକ୍ରସ ପର୍ଯ୍ୟବେକ୍ଷକ ନୃସିଂହ ନନ୍ଦ ସାସମଳ, ଜିଲା କୋଅର୍ଡିନେଟର ଅଶ୍ୱିନି ଓତା, ବୋଡେନ ବିଜୁ ପଟ୍ଟନାୟକ କଲେଜ କାଉନସିଲର ଉପେନ୍ଦ୍ର ବାରା ପ୍ରମୁଖ ମଞ୍ଚାସୀନ ଥିଲେ । ସ୍ଥାନୀୟ କଲେଜ ଅଧ୍ୟାପକ ସାମୁଏଲ ଦାନି ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ରେଡକ୍ରସ ପକ୍ଷରୁ ଆଦର୍ଶ ନିତି, ପ୍ରାକୃତିକ ବିପର୍ଯ୍ୟୟ, ସଡକ ସୁରକ୍ଷା, ସ୍ୱଚ୍ଛ ଭାରତ ଅଭିଯାନ, ମହିଳା ସ୍ୱଶକ୍ତି କରଣ, ଜରୁରୀକାଳିନ ପ୍ରଥମିକ ଚିକିତ୍ସା ଆଦି ସମ୍ପର୍କରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ନୃତ୍ୟଗୀତ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ତାଲିମ ଶିବିରରେ ଜିଲାରୁ ୩୪ଟି କଲେଜରୁ ୨୦୦ରୁ ଊର୍ଦ୍ଧ୍ୱ ଭୋଲନଟିୟର ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଛନ୍ତି । ଅଧ୍ୟାପକ ରବିରନ ପ୍ରଧାନ, ଗୟାଧର ମହାନ୍ତ, ଅଶରଫ ଅଲ୍ଲି, ମଦନ ମୋହନ ମୁଣ୍ଡ ପରିଚାଳନାରେ ସହଯୋଗ କରିଥିଲେ।




ଜିଲାସ୍ତରୀୟ ଯୁବରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଫେବୃୟାରୀ ୬ରୁ ୧୦ ଯାଏ ଖଡ଼ିଆଳ ମହୋତ୍ସବ

**ଖଡିଆଳ,୧୨।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ମହୋତ୍ସବ-୨୦୧୯ ପାଇଁ ରବିବାର ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଖଡିଆଳ ମହୋତ୍ସବ-୨୦୧୯ ପାଳନର ରୂପରେଖା ଉପରେ ବିସ୍ତୃତ ଭାବରେ ଆଲୋଚନା ହୋଇଛି । ଆସନ୍ତା ଫେବୃୟାରୀ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ମହାସମାରୋହରେ ପାଳନ କରିବା ପାଇଁ ତାରିଖ ଧାର୍ଯ୍ୟ ହୋଇଛି । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟି ସମ୍ପାଦକ ସୁନିଲ ସାହୁ, ସୁଶାନ୍ତ ତାଣ୍ଡି, ରାଜୁ ଛାବଡା, ସନ୍ଟୁ ପଟ୍ଟନାୟକ, ୟାସିନ ମହମ୍ମଦ, ଜଗବନ୍ଧୁ ବାରିକ, ସିଦ୍ଧାର୍ଥ ଶଙ୍କର ମହାପାତ୍ରଙ୍କ ସମେତ ମହୋତ୍ସବର ବିଭିନ୍ନ ଉପ କମିଟି ଆବାହକ ଓ କର୍ମକର୍ତ୍ତାମାନେ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଖଡିଆଳର ବିଲୁପ୍ତ କଳା, ସାହିତ୍ୟ ଓ ସଂସ୍କୃତିର ପୁନରୁଦ୍ଧାର ପାଇଁ ବିନା ସରକାରୀ ସହାୟତାରେ ଖଡିଆଳ ଜନସାଧାରଣଙ୍କ ଉଦ୍ୟମରେ ଗତ ୨୦୦୫ଠାରୁ ଆୟୋଜିତ ହୋଇ ଆସୁଛି ଖଡିଆଳ ମହୋତ୍ସବ । ଚଳିତବର୍ଷ ୧୫ ବର୍ଷରେ ପଦାର୍ପଣ କରିଛି ।

## ମାକର ବିର୍ଲିଗାଁରେ ପୋଲିସର ଚଢ଼ାଉ

# ୨୯ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଫେରାର

**ନୂଆପଡା ଅଫିସ/ବୋଡେନ, ୧୨।୧୧(ଡି.ଏନ.ଏ.)**

ଗୋଟିଏ ପଟେ କାମଧନ୍ଦା ଅଭାବ ସାଙ୍ଗକୁ ଶ୍ରମିକମାନେ ନିଜକୁ ସର୍ଦ୍ଦାରଙ୍କ ହାତରେ ଟେକିଦେଉଥିବାବେଳେ ଛେଳିମେଣ୍ଢା ଢଙ୍ଗରେ ଶ୍ରମିକମାନଙ୍କୁ ବିଭିନ୍ନ ଆଡ୍ଡାରେ ରଖି ସର୍ଦ୍ଦାରମାନେ ମୂଲଚାଲ କରୁଛନ୍ତି । ଏହିଭଳି ଏକ ଘଟଣାକ୍ରମରେ ନୂଆପଡା ଜିଲା ବୋଡେନ ଥାନା ପୋଲିସ ଏକ ଶ୍ରମିକ ଆଡ୍ଡାରେ ଚଢାଉ କରି ଶ୍ରମିକମାନଙ୍କୁ ସର୍ଦ୍ଦାରଙ୍କ କବଳରୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନେ ସୋନପୁର ଜିଲା ବିନିକା ଏବଂ ଡୁଙ୍ଗରୀପାଲି ବ୍ଲକ ଅଞ୍ଚଳର । ଏଥିରେ ୧୫ଜଣ ମହିଳା, ୭ ଜଣ ପୁରୁଷ ଏବଂ ୭ ଜଣ ଶିଶୁ ଶ୍ରମିକ ମିଶି ମୋଟ ୨୯ ରହିଛନ୍ତି । ପୋଲିସ ଏହି ଶ୍ରମିକମାନଙ୍କୁ ନିଜ ଗାଁରେ ଛାଡିଦେବାକୁ ଯୋଜନା ପ୍ରସ୍ତୁତ କରୁଥିବା ପ୍ରକାଶ।

ମିଳିଥିବା ସୂଚନା ମୁତାବକ ସୋନପୁର ଜିଲାର ସ୍ଥାନୀୟ ଜଣେ ଶ୍ରମିକ ସର୍ଦ୍ଦାର ଶ୍ରମିକମାନଙ୍କୁ କିଛି ଅଗ୍ରୀମ ଟଙ୍କା ଦେଇ ଏଠାକୁ ନେଇ ଆସିଥିଲେ । ଏଠାରୁ ଶ୍ରମିକମାନଙ୍କୁ ଆନ୍ଧ୍ରପ୍ରଦେଶକୁ ନେଇଯିବା ଯୋଜନା ଚାଲିଥିଲା । ପୁଣି ଏହି ଶ୍ରମିକମାନଙ୍କୁ ଏଠାରେ ଆଣି କେଉଁଠିକୁ ନେବେ ଏବଂ କେତେ ଟଙ୍କା ଦେବେ ବୋଲି ମୂଲଚାଲ କରୁଥିବା ସମୟରେ କିଛି ଶ୍ରମିକ ଏଠାରୁ ଉଭାନ ହୋଇ ସୋନପୁରକୁ ଚାଲିଯାଇଥିଲେ । ସେଠିକାର ପୋଲିସରେ ଗୁହାରୀ କରିବା ପରେ ନୂଆପଡା ଜିଲା ପୋଲିସକୁ ଯୋଗାଯୋଗ କରିଥିଲା ସୋନପୁର ପୋଲିସ । ଏସପି ସ୍ମିତ ପରମାରଙ୍କ ନିର୍ଦ୍ଦେଶକ୍ରମେ ବୋଡେନ ଥାନା ପୋଲିସ ବୋଡେନ ବ୍ଲକ ନାଗପଡା ପଞ୍ଚାୟତ ମାକରବିର୍ଲି ଗାଁରେ ଚଢାଉ କରିଥିଲା । ସେଠାରୁ ଶ୍ରମିକମାନଙ୍କୁ ଏକ ଆଡ୍ଡାରେ ଛେଳିମେଣ୍ଢା ଢଙ୍ଗରେ ରଖାଯାଇଥିବା ସ୍ଥିତିରେ ଉଦ୍ଧାର କରାଯାଇଥିଲା । ଏମାନଙ୍କୁ ସେଠାରୁ ଚାଲାଣ କରୁଥିବା ସର୍ଦ୍ଦାର ଫେରାର ହୋଇଛନ୍ତି । ଶ୍ରମିକମାନଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚୁରା ଜାରି ରଖିଛି। ଏହି ଶ୍ରମିକମାନଙ୍କୁ ମଙ୍ଗଳବାର ଗାଡି ଯୋଗେ ସେମାନଙ୍କ ଗାଁକୁ ନେଇ ଛଡାଯିବା ବ୍ୟବସ୍ଥା କରାଯାଉଥିବା ପୋଲିସ ସୂତ୍ରରୁ ପ୍ରକାଶ। ତେବେ କିଏ ନେଉଛି, କାହିଁକି ନେଉଛି, ଶ୍ରମିକମାନଙ୍କୁ କେତେ ଟଙ୍କା ଅଗ୍ରୀମ ଦିଆଯାଇଛି ଏବଂ ସମ୍ପୃକ୍ତ ସର୍ଦ୍ଦାର ଜଣକ ପଞ୍ଜୀକୃତ କି ନାହିଁ ତାହା ତଦନ୍ତ ସାପେକ୍ଷ । ପୋଲିସ କେବଳ ଶ୍ରମିକମାନଙ୍କୁ ନେଇ ଗାଁରେ ଛାଡିଦେଇ ନିଜର ବୋଝକୁ ହାଲକା ନ କରୁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଏମିତି ପ୍ରତିଦିନ ନୂଆପଡା ସମେତ ପଡୋଶୀ ଜିଲାରୁ ଶ୍ରମିକମାନଙ୍କୁ ବିଭିନ୍ନ ଆଡ୍ଡାରେ ରଖି ଶୋଷଣ କରାଯାଉଛି ସେ ଉପରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।

# ବିଭିନ୍ନ ସ୍ଥାନରେ ବିଶ୍ୱ ପାଇଖାନା ଦିବସ ପାଳିତ

**କୋକସରା/ରିଷିଡ଼ା, ୧୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହଲ ଓ କୋକସରା ଗ୍ରାମ ପଞ୍ଚାୟତରେ ବିଶ୍ୱ ପାଇଖାନ ଦିବସରେ ପରିମଳ ମିଶନ ତରଫରୁ ସ୍ୱଚ୍ଛତା ଓ ଜନସଚେତନତା କାର୍ଯ୍ୟକ୍ରମ ସୋମବାର ନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତରେ ଲୋକଙ୍କୁ ଖୋଲା ସ୍ଥାନରେ ମଳତ୍ୟାଗ ବର୍ଜନ ସହ ପଞ୍ଚାୟତକୁ ସ୍ୱଚ୍ଛ ରଖିବା ସହ ପାଇଖାନା ବ୍ୟବହାର କରିବା ପାଇଁ ରାଲି କରି ସଚେତନତା କରାଇଥିଲେ । ଏହି ଅବସରରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠୀ, ଗ୍ରାମ୍ୟ ପରିମଳ ମିଶନ କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ସେଠୀ, ଯଶୋବନ୍ତ ଭୋଇ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସାମଜିକ କର୍ମୀ ଘାସିରାମ ପାଟଯୋଷୀ, ନାଏବ ସରପଞ୍ଚ ବିଜୁଳି ବିଶି, ଧନବଳ ନାଏକ, କୋକସରା ପିଇଓ ଉଦ୍ଧବ ମାଝି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କାଶିବାହାଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ କଲ୍ୟାଣୀ ପାତ୍ର, ପିଇଓ ଅରବିନ୍ଦ ମହେର, କାଶିବାହାଲ ବିଜୁ ଯୁବବାହିନୀ ସଦସ୍ୟ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ସ୍କୁଲ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । ଅମୁଲ୍ୟା କୁମାର ବିଶି, ତୁମେଶ୍ୱର ବିଶି ପ୍ରମୁଖ ସହଯୋଗ କରିଥିଲେ । ସେହିପରି କଳାହାଣ୍ଡି ଜିଲା ରିଷିଡାଠାରେ ବିଜୁ ଯୁବ ବାହିନୀ ତରଫରୁ ବିଶ୍ୱ ପାଇଖାନା ଦିବସ ପାଳିତ ହୋଇଯାଇଛି । ଯୁବ ବାହିନୀର ସୋନୁ ରଣାଙ୍କ ନେତୃତ୍ୱରେ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନେ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଲୋକଙ୍କୁ ନିଜ ଘରେ ପାଇଖାନା ତିଆରି କରିବା ପାଇଁ ସଚେତନ କରାଇଥିଲେ ।



ବିଶ୍ୱ ପାଇଖାନା ଦିବସରେ ସଚେତନ ଶୋଭାଯାତ୍ରା ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ
**ସଂଶୋଧନ ପତ୍ର**
ତା.୦୯.୧୧.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର **"ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"**ରେ **'ନିୟମ ଓ ସର୍ତ୍ତାବଳୀ'ର କ୍ର. ନଂ. ୩** ରେ ଦର୍ଶିତ 'ଆକାଉଣ୍ଟ ନଂ. ଏବଂ ଆକାଉଣ୍ଟ ର ନାମ' "Account No.: 33401288726 & Name of the A/c: AGM, SARB, NO LIEN ACCOUNT" ପରିବର୍ତ୍ତେ **"Account No.: 30784275855 & Name of the A/c: AGM, SARB, Recovery Account"** ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତୀତ ରହିବ।
ତା.୧୨.୧୧.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika
ଡି-୨/୩, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର- ୧୦
**ବିଜ୍ଞାପନ**
ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **ଏନ୍.ଟି.ପି.ସି., କଣିହା ଠାରେ ୨୩/୧୧/୨୦୧୮ ଠାରୁ ୦୨/୧୨/୨୦୧୮ ପର୍ଯ୍ୟନ୍ତ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।
ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗର ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୧୯/୧୧/୨୦୧୮** ସୁଧା ଆବେଦନ କରିବା ପାଇଁ ଅନୁରୋଧ ।
**ପରିଚାଳନା ନିର୍ଦ୍ଦେଶକ**

**ODISHA JOINT ENTRANCE EXAMINATION 2018**

**No:- OJEE-18/506** **Date-12/11/2018**

**Detailed Schedule for Second Round Spot Counselling for BAMS/BHMS**

In view of the extended cut-off date of admission to BAMS/BHMS courses prescribed by appropriate Authority as per the letter No. **4CE-AT-01/15 No. 8073/DAYUSH Dt. 08.11.2018**, the **Second Round Spot counselling - cum-admission** for the Institutes in Odisha as mentioned below shall be conducted as per the following schedule.
All the **registered/ unregistered** (in previous rounds of counselling)' All India NEET' rank holders interested to take part in spot round counselling have to report as per the timetable given below.

| VENUE | DATE | REPORTING TIME | ALL INDIA NEET RANK |
|---|---|---|---|
| OJEE CELL, Gandamunda, Bhubaneswar | 15-11-2018 | 10:00AM TO 11.00 AM | 25000 TO 500000 |
| | 15-11-2018 | 11:00AM TO 12 NOON | 500001 TO 900000 |
| | 15-11-2018 | 2:30PM TO 3:30PM | 900001 AND ABOVE |

For further details, please login to **www.ojee.nic.in** or **www.odishajee.com**

**Seat Matrix for Second Round Spot Counselling (BAMS/BHMS 2018)**

| SL. No. | Homoeopathic Colleges | Course | Category GE | Total Vacancy |
|---|---|---|---|---|
| 1. | BPHMC&H Berhampur (Govt.) | BHMS | 01 | 01 |
| 2. | OMCH&R, Sambalpur (Govt.) | BHMS | 03 | 03 |

**Final updated SEAT MATRIX will be displayed on the website www.ojee.nic.in / www.odishajee.com on 14.11.2018, 5.00 PM**

***Admission will be declared closed as and when seats are exhausted.***

**SD/-**
**CHAIRMAN, OJEE 2018**

ଧର୍ମଗଡ଼ଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ମଝେନପଦରଠାରୁ ବଡଫୁର୍ଲା ପର୍ଯ୍ୟନ୍ତ ବିଜେଡିର ଜନସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି ।

## ସଂକ୍ଷେପରେ



### କରଣ ସମାଜର ବାର୍ଷିକ ଚିତ୍ରଗୁପ୍ତ ପୂଜା

**କୋକସରା,୧୨।୧୧(ଡି.ଏନ.ଏ.)** କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଅନ୍ତର୍ଗତ ଝରିଆଗୁଡାଠାରେ କରଣ ସମାଜର ଚିତ୍ରଗୁପ୍ତ ପୂଜା ପ୍ରତିବର୍ଷ ଭଳି ଚଳିତବର୍ଷ ମହାସମାରହରେ ପାଳିତ ହୋଇଯାଇଛି। ଲୋକନାଥ ପଟ୍ଟନାୟକ ସପତ୍ନିକ ପୂଜା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ କରଣ ସମାଜର ମହିଳାମାନଙ୍କ ମଧରେ ଏକ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ରେକର୍ଡ ଡ୍ୟାସ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଭାଜପା ଉପସଭାପତି ବିଦ୍ରନାରାୟଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଚିତ୍ରଗୁପ୍ତ ପୂଜା କମିଟି ସଭାପତି ସହଦେବ ପଟ୍ଟନାୟକ, ସମ୍ପାଦକ ନାରାୟଣ ପଟ୍ଟନାୟକ, ଜତିନ୍ଦ୍ର ପଟ୍ଟନାୟକ, ଗଗନ ପଟ୍ଟନାୟକ, ପଙ୍କଜ ପଟ୍ଟନାୟକ, ମୁକୁନ୍ଦ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ସଂକିର୍ତ୍ତନ ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କଳାହାଣ୍ଡି, ନବରଙ୍ଗପୁର ଓ ଛତିଶଗଡ ଅଞ୍ଚଳରୁ କରଣ ସମାଜର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।



### ଛାତ୍ର ନିଖୋଜ ଅଭିଯୋଗ

**ରିକ୍ଷିତା,୧୨।୧୧(ଡି.ଏନ.ଏ.)** କଳାହାଣ୍ଡି ଜିଲା ରିକ୍ଷିତା ପୋଲିସ ଫାଣ୍ଡି ଅନ୍ତର୍ଗତ ରିକ୍ଷିତାର ମନଦୀପ ସାହୁ ଓରଫ ସିଲୁ (୧୨) ଗତ ରବିବାରଠାରୁ ନିଖୋଜ ହୋଇଛନ୍ତି । ଏ ନେଇ ସୋମବାର ରିକ୍ଷିତା ପୋଲିସରେ ଅଭିଯୋଗ କରିବା ପରେ ମଙ୍ଗଳବାର ମ.ରାମପୁର ଥାନାରେ ଲିଖିତ ଅଭିଯୋଗ କରାଯିବ । ମନଦୀପ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ରବିବାର ସ୍କୁଲ ଛୁଟିଥିବା ବେଳେ କୌଣସି ବସରେ ଯାଇଥିବା ତାଙ୍କ ବାପା ସନ୍ଦେହ କରୁଛନ୍ତି । ମନଦୀପ ରବିବାର ଘରୁ ସାଇକେଲରେ ଆସି ଆଉ ଘରକୁ ଫେରି ନ ଥିଲେ । ବସଷ୍ଟାଣ୍ଡରେ ସାଇକେଲ ମିଳିଥିଲା । ମନଦୀପର ବାପା ନିରଞ୍ଜନ ତାଲିମନାଡୁରୁ ଖବର ପାଇ ଘରେ ପହଞ୍ଚିଲେ। ପ୍ରକାଶ ଯେ, ଗତ କିଛି ବର୍ଷ ତଳେ ସେ ଦୁର୍ଘଟଣା ଗ୍ରସ୍ତହୋଇ ହୋଇଥିବାରୁ ମାନସିକ ସ୍ଥିତି ଭଲ ରହୁନାହିଁ ।

# ଧାର୍ଯ୍ୟ ତାରିଖରେ ମଣ୍ଡି ଖୋଲିଲାନି

**ଭବାନୀପାଟଣା,୧୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ସମେତ ସମଗ୍ର ରାଜ୍ୟରେ ଧାନ ଅମଳ ହୋଇଯାଇ ଥିବା ବେଳେ ଏଯାଏ ମଣ୍ଡି ଖୋଲି ନ ଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ଅନ୍ୟପକ୍ଷେ ରବିବାର ଜିଲା ଯୋଗାଣ କାର୍ଯ୍ୟାଳୟରେ ଯୋଗାଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଦିବାକର ବାରିକ ଓ ରାଜ୍ୟର ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲା ମିଲର୍ସମାନଙ୍କ ସହ ବୈଠକ କରିଛନ୍ତି। କଳାହାଣ୍ଡି ମିଲର୍ସ ଆସୋସିଏଶନ ସଭାପତି ଓ ସମ୍ପାଦକ ସମେତ ପ୍ରତିନିଧିମାନଙ୍କ ସହ ଯୁଗ୍ମ ନିର୍ଦ୍ଦେଶକ ଆଲୋଚନା କରିଛନ୍ତି । ପ୍ରଥମେ କୁଇଣ୍ଟାଲ ପିଛା ମିଲିଂ ଖର୍ଚ୍ଚ ବାବଦକୁ କେତେ ଟଙ୍କା ଦେବ, ଅଖା ବସ୍ତା ବାବଦକୁ କେତେ ଓ ଧାନ ରକ୍ଷଣା ବେକ୍ଷଣ ଖର୍ଚ୍ଚ କେତେ ଦେବ ପ୍ରଥମେ ତାହା ସରକାର ସ୍ପଷ୍ଟ କରନ୍ତୁ। ତାପରେ ଧାନ ସଂଗ୍ରହ ନିମନ୍ତେ ଚୁକ୍ତି କରିବା ପାଇଁ ମିଲର୍ସମାନେ ସରକାରଙ୍କ ଉପରେ ଚାପ ପକାଉଛନ୍ତି। ସେହିପରି ମଣ୍ଡିରୁ ଧାନ ପରିବହନ ଖର୍ଚ୍ଚ ବୃଦ୍ଧି କରିବା ପାଇଁ ମିଲର୍ସମାନେ ଦାବି କରିଛନ୍ତ। ରାଜ୍ୟ ଯୋଗାଣ ବିଭାଗ ପରିବହନ ବାବଦକୁ ପ୍ରଥମ ୧୦ କି.ମି.କୁ ୧୮ଟଙ୍କା ଦେଉଥିବା ବେଳେ ମିଲର୍ସମାନେ ଏହାକୁ ୨୩ ଟଙ୍କା ୪୦ ପଇସାକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ମିଲର୍ସମାନଙ୍କ ଅସହଯୋଗ ଯୋଗୁ ଆଜିଯାଏ ମଣ୍ଡି ଆରମ୍ଭ ହୋଇପାରି ନାହିଁ । ଚଳିତ ଖରିଫ ଋତୁରେ କଳାହାଣ୍ଡି ଜିଲାରେ ଚାଷୀଙ୍କଠାରୁ ନିର୍ଦ୍ଧାରିତ ମଣ୍ଡିରୁ ରାଜ୍ୟ ଯୋଗାଣ ନିଗମ ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ଧାନ ସଂଗ୍ରହ କରିବ । ଏଥି ପାଇଁ କଳାହାଣ୍ଡି ଜିଲାରେ ନଭେମ୍ବର ପହିଲାରୁ ମଣ୍ଡି ଖୋଲିବାକୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ସ୍ଥିର କରାଯାଇଥିଲା । ତେବେ ମିଲର୍ସମାନଙ୍କ ଫନ୍ଦି ଫିକର ଯୋଗୁ ଜିଲା ପ୍ରଶାସନ ଧାର୍ଯ୍ୟ ତାରିଖରେ ମଣ୍ଡି ଖୋଲିବାରେ ବିଫଳ ହୋଇଛି । ଏଯାଏଁ ମିଲର୍ସମାନେ ଯୋଗାଣ ବିଭାଗ ସହ ଚୁକ୍ତି କରିନାହାନ୍ତି। କଳାହାଣ୍ଡିରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ୭୪ ମିଲର୍ସ ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ବର୍ତ୍ତମାନ ଯାଏ ଜଣେ ହେଲେ ମିଲର୍ସ ଯୋଗାଣ ବିଭାଗ ସହ ଚୁକ୍ତି କରିନାହାନ୍ତି । ଅପରପକ୍ଷରେ ୭୪ ଜଣ ମିଲର୍ସ ସାମୁହିକ ଭାବେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବାକୁ କେବଳ ଇଚ୍ଛା ପ୍ରକାଶ କରି ଏକ ପତ୍ର ଦେଇଛନ୍ତି। ଅପରପକ୍ଷେ ମିଲିଂ ବାବଦ ଖର୍ଚ୍ଚ ବସ୍ତା ଓ ରକ୍ଷଣା ବେକ୍ଷଣ ଖର୍ଚ୍ଚ କେତେ ଦିଆଯିବ ତାହା ପ୍ରଥମେ ସରକାର ସ୍ପଷ୍ଟ କରନ୍ତୁ ବୋଲି ମିଲର୍ସମାନେ ପଡି ବସିଛନ୍ତି । କିନ୍ତୁ ମିଲର୍ସମାନଙ୍କ ଏହି ଚାପ ପ୍ରୟୋଗ କୌଶଳ ପଛରେ ଅନ୍ୟ କାରଣ ରହିଛି ବୋଲି ଚାଷୀ ସଙ୍ଗଠନ ଅଭିଯୋଗ କରିଛନ୍ତି । ପ୍ରତିବର୍ଷ ପରି ଚଳିତବର୍ଷ ମଧ ମିଲର୍ସମାନେ ପ୍ରଶାସନ ଉପରେ ଚାପ ପ୍ରୟୋଗ କରି କିଛି ଦିନ ଅସହଯୋଗ କରିବା ଯୋଗୁ ପ୍ରଶାସନ ସେମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କଲେ ମିଲର୍ସମାନେ ନିଜ ମର୍ଜିରେ ମଣ୍ଡିରୁ କୁଇଣ୍ଟାଲ ପିଛା ୫ ରୁ ୧୦ କେଜି କଟନି କରି ଚାଷୀଙ୍କୁ ଶୋଷଣ କରିବା ପାଇଁ ଯୋଜନା ବଦ୍ଧ ଭାବରେ ଷଡଯନ୍ତ୍ର କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି ବିଭାଗର ଆକଳନ ଅନୁଯାୟୀ କଳାହାଣ୍ଡି ଜିଲାରେ ଚଳିତ ଖରିଫ ଋତୁରେ ୮୦ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହେବ । ଚଳିତ ଖରିଫ ଋତୁରେ ଜିଲାରେ ୭୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ଜିଲାରେ ସମୁଦାୟ ୧୬୬ଟି ମଣ୍ଡି ଖୋଲାଯିବ। ଭବାନୀପାଟଣା ଉପଖଣ୍ଡରେ ୬୯ ଓ ଧର୍ମଗଡ ଉପଖଣ୍ଡରେ ୯୭ ମଣ୍ଡି ଖୋଲାଯିବ । ବର୍ତ୍ତମାନ ସୁଦ୍ଧା ଜିଲାରେ ୬୮,୫୮୬ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ରବିବାର ଭବାନୀପାଟଣାଠାରେ ଯୋଗାଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଓ ମିଲର୍ସମାନଙ୍କ ମଧରେ ହୋଇଥିବା ବୈଠକରେ କୌଣସି ସୂତ୍ର ବାହାରି ନାହିଁ। ସୋମବାର ଭୁବନେଶ୍ୱରଠାରେ ଓଡିଶା ମିଲର୍ସ ସଂଘ ଓ ଯୋଗାଣ ବିଭାଗ ମଧରେ ହେବାକୁ ଥିବା ବୈଠକରେ ଯଦି ସମାଧାନର ସୂତ୍ର ବାହାରେ ତାହେଲେ ଧାନ ସଂଗ୍ରହ ପ୍ରକ୍ରୀୟାରେ ଦେଖାଦେଇଥିବା ଅଚଳାବସ୍ଥା ଦୂରହେବ ବୋଲି ଆଶା କରାଯାଉଛି। ତେବେ ସୋମବାରଠାରୁ ଜିଲାରେ ମଣ୍ଡିଗୁଡିକରେ ଚାଷୀଙ୍କୁ ୭ ଦିନିଆ ଅଗ୍ରିମ ଟୋକନ ଦେବା ଆରମ୍ଭ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଶିବପ୍ରସାଦ ଦାରା ପ୍ରକାଶ କରିଛନ୍ତି।




ମଦନପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଶୋଭାଯାତ୍ରା ।

## ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଗାଁ ରାସ୍ତା ସଫା କଲେ

**ମଦନପୁର,୧୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ମଦନପୁର ଗ୍ରାମର ରାସ୍ତା ଘାଟ ସଫା କରାଯାଇଛି। ପ୍ରଥମେ ଛାତ୍ରୀଛାତ୍ରମାନେ ହାତରେ ପ୍ଲାଏକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ପ୍ରତ୍ୟେକ ପଡାରେ ବୁଲି ସ୍ୱଚ୍ଛତା ଉପରେ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତା କରାଇଥିଲେ। ପରେ ରପାଙ୍ଗପଡା ରାସ୍ତାର ଦୁଇ କଡ ଓ ମୁଖ୍ୟରାସ୍ତାର ଉଭୟପଟ ଅଳିଆ ଆବର୍ଜନା ସଫା କରି ସମସ୍ତେ ପାଇଖାନା ନିର୍ମାଣ କରିବା ପାଇଁ ଲୋକଙ୍କୁ ବୁଝାଇଥିଲେ। ଏଥିରେ ବିଦ୍ୟାଳୟ ଶିକ୍ଷକ ବିଜୟ କୁମାର ଦାନୀ, ତୁଷାର କାନ୍ତ ମହାପାତ୍ର, ପ୍ରତାପ ଭୋଇ, ବ୍ୟୋମେଶ ଚୋପଦାର ଓ ଶିକ୍ଷୟିତ୍ରୀ ତନୁଶ୍ରୀ ମାଝି ସହଯୋଗ କରିଥିଲେ।

## ବ୍ଲକ କଂଗ୍ରେସର ଜୋନସ୍ତରୀୟ ବୈଠକ

**ଧର୍ମଗଡ,୧୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବୋକରାକଟା ଗ୍ରାମଠାରେ କଂଗ୍ରେସ ପକ୍ଷରୁ ଜୋନସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୋନ ସଭାପତି ପ୍ରେମଲାଲ ସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ଭାରତ ବେମାଲ, ବରିଷ୍ଠ ନେତା ସରୋଜ କୁମାର ପଣ୍ଡା, ପିସିସି ସଭ୍ୟ ଦିଗାମ୍ବର ଦୁରିଆ, ଏଆଇସିସି ସଦସ୍ୟ ତରୁଣ ମାଝି, ପୂର୍ବତନ ବିଧାୟକ ଯୁଗରାମ ବେହେରା, ଜିଲା ଉପସଭାପତି ଉଛବ ସାହୁ, ଏନଏସି ସଭାପତି ଘନଶ୍ୟାମ ଅଗ୍ରୱାଲ, ବ୍ଲକ ମହିଳା ସବାନେତ୍ରୀ ସୁଲୋଚନ ବିଶି, ପୂର୍ବତନ ଜିଲା ପରିଷଦ ସଦସ୍ୟ ଘନଶ୍ୟାମ ଅଗ୍ରୱାଲ, ଜୋନ ସଭାପତି ସନ୍ତୋଷ ପାତ୍ରୀ, ଆଇନଜୀବୀ ପ୍ରତାପ ସୁନାନୀ, ଧରଣିଧର ଧଙ୍ଗଡାମାଝି ପ୍ରମୁଖ ଯୋଗଦେଇଥିଲେ। ଜୋନର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫ ଶହ କଂଗ୍ରେସ କର୍ମୀ ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। ମରୁଡି ଓ କୃଷି ସମସ୍ୟାରେ ଜର୍ଜରିତ ଚାଷୀ ଆଜି ଆତ୍ମହତ୍ୟା କରୁଥିବା ବେଳେ ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ବେକାରୀ ଯୁବକଙ୍କୁ କର୍ମ ନିଯୁକ୍ତି ଦେବା, ଚାଷୀଙ୍କୁ ଋଣ ଛାଡ କରିବାକୁ ସରକାର କୁଣ୍ଠିତ ହେଉଛନ୍ତି। ସାଧାରଣ ଜନତାଙ୍କ ପାଖରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ପହଞ୍ଚାଇବା ସହ ସେମାନଙ୍କ କଂଗ୍ରେସ ଦଳ ପ୍ରତି ପୁଣି ଆସ୍ଥା ପ୍ରକଟ କରିବା ଉପରେ ଜିଲା ସଭାପତି ଗୁରୁତ୍ୱ ଦେଇଥିଲେ। ଏଥିପାଇଁ କର୍ମୀଙ୍କୁ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରଣିଧର ଧଙ୍ଗଡାମାଝି, ଜିବରଧନ ସାଗର ଓ ଡମ୍ବରୁ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ।



ଜୋନସ୍ତରୀୟ ସାଙ୍ଗଠନିକ ବୈଠକରେ କଂଗ୍ରେସର ନେତୃମଣ୍ଡଳି ।

## ବଳାତ୍କାର ଘଟଣାରେ ଫେରାର ଅଭିଯୁକ୍ତ ଗିରଫ

**କୋକସରା,୧୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ଅଧୀନ ମାଝିଗୁଡା ଗ୍ରାମର ଜଣେ ଯୁବତୀଙ୍କୁ ବଳାତ୍କାର ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ କୁଶ ନାଏକ(୧୯) । ଗତ ଅକ୍ଟୋବର ୧୮ ତାରିଖ ସନ୍ଧ୍ୟାରେ ଦୁର୍ଗାପୂଜା ଦେଖିବାକୁ କୋକସରା ଆସିଥିବା ବେଳେ ସ୍ଥାନୀୟ ବଜାର ପଡିଆ ପାଖରେ ରହୁଥିବା କୁଶ ନାଏକ କୌଶଳକ୍ରମେ ଯୁବତୀଙ୍କୁ ଅଟୋରେ ବସାଇ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ । ପରେ ଯୁବତୀଙ୍କୁ ଆଣି ଛାଡି ଦେଇଥିଲେ । ଯୁବତୀ ଘରକୁ ଯାଇ ଘଟଣା ବିଷୟରେ ପରିବାରକୁ କହିଥିଲେ । ପୀଡିତା ପରିବାର ପକ୍ଷରୁ କୋକସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବଳାତ୍କାର ଜନିତ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ସମୟରୁ ଅଭିଯୁକ୍ତ ଜଣକ ଫେରାରଥିଲେ । ରବିବାର କୌଣସି ସୁତ୍ରରୁ ଖବର ପାଇ କୋକସରା ବ୍ଲକ ମୋଟେର ଛକରୁ ଅଭିଯୁକ୍ତ କୁଶ ନାଏକଙ୍କୁ ପୋଲିସ ଗିରଫ କରିଥିଲା। ସୋମବାର ଜାମିନ ନାମଞ୍ଜୁର ହେବାରୁ କୋକସରା ଥାନାରେ ଧାରା ୩୬୬, ୩୪୨, ୩୭୬ ଆଇପିସିରେ ଏକ ମାମଲା (ନଂ.୧୭୭/୧୮) ରୁଜୁ କରି ପୋଲିସ କୋର୍ଟ ଚାଲାଣ କରିଥିବା କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି ।

ଧର୍ମଗଡ଼ଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

## କଳାହାଣ୍ଡିର ବିକାଶ ପାଇଁ ବିଜେଡି ସର୍ବଦା ସଂକଳ୍ପବଦ୍ଧ



ପଦଯାତ୍ରା ଅବସରରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି ।

**ଧର୍ମଗଡ,୧୨।୧୧(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶରେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ମଝେନପଦରଠାରୁ ବଡଫୁର୍ଲା ପର୍ଯ୍ୟନ୍ତ ବିଜେଡିର ଜନସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି । ଧର୍ମଗଡ ବିଧାୟକ ତଥା ବିଜେଡି ମୁଖପାତ୍ର ପୁଷ୍ପେନ୍ଦ୍ର ସିଂଦେଓଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରା ଫୁର୍ଲାଠାରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ସଭାରେ ବିଧାୟକ ସିଂଦେଓ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ସରକାରଙ୍କ ସଫଳତାର କଥା ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବିଜୁ ଜନତା ଦଳ ହୋଇଛି ଜନତା ଓ ସରକାରଙ୍କ ମଧ୍ୟରେ ସମ୍ପର୍କର ସେତୁ । ଏହି ସଂଯୋଗକୁ ଆହୁରି ସୁଦୃଢ ଓ ଶକ୍ତିଶାଳୀ କରିବା ଉଦ୍ଦେଶରେ ପ୍ରତିବର୍ଷ ଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହେଉଛି। କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରତିବନ୍ଧକ ଓ ଅସହଯୋଗ ସତ୍ତ୍ୱେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ ସରକାର ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ସର୍ବଦା ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ । କଳାହାଣ୍ଡିର ବିକାଶ ପାଇଁ ବିଜୁ ଜନତା ଦଳ ସର୍ବଦା ସଂକଳ୍ପବଧ । କେନ୍ଦ୍ର ସରକାରଙ୍କ କେବଳ ଗୋଟିଏ ଯୋଜନା ଇନ୍ଦିରା ଆବାସ ଯୋଜନାକୁ ଛାଡି ଦେଲେ କୌଣସି ବି ଗୋଟିଏ ଯୋଜନା ନାହିଁ ଯାହା ଦ୍ୱାରା ଓଡିଶାର ଜନସାଧାରଣ ଉପକୃତ ହୋଇଛନ୍ତି । କିନ୍ତୁ ବିଜେଡି ସରକାର ଆଜି ରାଜ୍ୟ ପାଇଁ ବିଭିନ୍ନ ପ୍ରକାର ଯୋଜନା କରିଛନ୍ତି । ସେଥିପାଇଁ ସର୍ବଦା ଆମ ସରକାର ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇପାରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜେଡି ସମ୍ପାଦକ ଥବିର ପ୍ରସାଦ ସାହୁ ପରିଚାଳନା କରିଥିଲେ । ଏନଏସି ଉପାଧ୍ୟକ୍ଷ ଅଶୋକ ମହାନ୍ତି, ବିଜେଡି ମିଡିଆ ସଂଯୋଜକ ରାଜେନ୍ଦ୍ର କୁମାର ମୁନୀ, ଜିଲା ବିଜେଡି ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯାଦବ ନାଏକ, ବ୍ଲକ ସଭାପତି ସଂକିର୍ତ୍ତନ ଗୋପାଳଙ୍କ ସମେତ ବହୁ ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସବୁବେଳେ ଆଗଧାଡିରେ ରହୁଥିବା ବିଜେଡି ଯୁବ ନେତା ବିବେକ ରଞ୍ଜନ ମିଶ୍ର ଏବଂ ବିଧାୟକ ପ୍ରତିନିଧି ମଦନ ନାଏକ ସେମାନଙ୍କୁ ବିଜେଡିରେ ଅଣଦେଖା ଅଭିଯୋଗ ନେଇ ଅସନ୍ତୋଷ ପ୍ରକାଶ କରି ଅନୁପସ୍ଥିତ ଥିବା ଦେଖାଦେଇଥିଲା ।

## ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପିତ

**ଭବାନୀପାଟଣା,୧୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ରିଜର୍ଭ ପୋଲିସ ପଡିଆଠାରେ ଗତ ଶନିବାରଠାରୁ ଚାଲିଥିବା କୋରାପୁଟ ଓ ଭବାନୀପାଟଣା ଫରେଷ୍ଟ ସର୍କଲର କର୍ମଚାରୀ ଓ ଅଧିକାରୀମାନଙ୍କ ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍-୨୦୧୮ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡା ଉତ୍ସବରେ ବଲାଙ୍ଗୀର, ସୋନପୁର, ନୂଆପଡା, କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର ଓ କଳାହାଣ୍ଡି ଜିଲାରୁ ୨୬୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ଟେରିଟୋରିୟାଲ୍, ୱାଇଲ୍ଡ ଲାଇଫ୍, କେନ୍ଦୁଲିଫ୍ ଓ ଫରେଷ୍ଟ କର୍ପୋରେଶନର କର୍ମଚାରୀମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୧୨ଟି ଟ୍ରାକ୍ ଇଭେଣ୍ଟ ଓ ୭ଟି ଫିଲ୍ଡ ଇଭେଣ୍ଟ କ୍ରୀଡା ଅନୁଷ୍ଠିତ ହୋଇଥିଲା ବେଳେ ପୁରୁଷ ଓ ମହିଳାମାନଙ୍କ ମଧରେ ଅନୁଷ୍ଠିତ ଦଉଡି ଟଣା ଖେଳ ସବୁଠାରୁ ଆକର୍ଷଣ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ କରିଥିବା ପ୍ରତିଯୋଗିମାନେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅଂଶ ଗ୍ରହଣ କରିବେ । ସେଠାରେ କୃତିତ୍ୱ କରିବା ପ୍ରତିଯୋଗିମାନେ ୨୪ତମ ଅଲ୍ ଇଣ୍ଡିଆ ଫରେଷ୍ଟ ମିଟ୍ ୨୦୧୮-୧୯ରେ ଛତିଶଗଡର ରାୟପୁରଠାରେ ଅଂଶ ଗ୍ରହଣ କରିବେ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲାପାଳ ଡ.ପରାଗ ହରସଦ୍ ଗାଭାଲୀ ପତକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଳାହାଣ୍ଡି ସାଉଥ୍ ଡିଭିଜନ୍ ଡିଏଫ୍‌ଓ ଟି.ଅଶୋକ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆରସିସିଏଫ୍ ଭବାନୀପାଟଣା ସର୍କଲ ଅଭିରାମ ନାଏକ, ଆରସିସିଏଫ୍ କୋରାପୁଟ ସର୍କଲ ପ୍ରଫୁଲ୍ଲ କୁମାର ମଲ୍ଲିକ, ଉତ୍ତର ବନଖଣ୍ଡ ଏସିଏଫ୍ ବଂଶୀଧର ସ୍ୱାଇଁ, ଜିଲା କ୍ରିଡା ଅଧିକାରୀ ଶୁଭାଷିଶ ନାୟକ, ବଲାଙ୍ଗୀର କେନ୍ଦୁଲିଫ୍ ରେଞ୍ଜର ସୁଧୀର କୁମାର ତ୍ରିପାଠୀ ଓ ଭବାନୀପାଟଣା ଶିକ୍ଷା ଜିଲା ଆଇପିଇ ମହେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କଳାହାଣ୍ଡି ଜିଲା ଇନ୍ସପେକ୍ଟର ଫିଜିକାଲ ଏଜୁକେସନ୍ ଓ ୨୧ଜଣ ପିଇଟି ଏହି ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଇଣ୍ଡର ଇଭେଣ୍ଟରେ ବେଡମିଣ୍ଟନ, ଚେସ୍, ବ୍ରିଜ୍, କ୍ରୋମ ଓ ଟେବୁଲ ଟେନିସ ରହିଥିବା ବେଳେ ଆଉଟ ଡୋର ଇଭେଣ୍ଟରେ ଲଙ୍ଗ ଟେନିସ, ବନ୍ଧୁକ ଚାଳନା ଓ ସନ୍ତରଣ ରହିଥିଲା । ଏହିପରି ଟ୍ରାକ ଇଭେଣ୍ଟ, ଫିଲ୍ଡ ଇଭେଣ୍ଟ, ଭାରଉତ୍ତୋଳନ ଓ ପାୱାର ଲିଫଟିଂ ଆଦି ପ୍ରତିଯୋଗିତା ରହିଥିଲା । କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଶାନ୍ତିଶୃଙ୍ଖଳା ସହିତ ଶେଷ ହୋଇଥିବାରୁ ସମସ୍ତ ବିଭାଗୀୟ ଉଚ୍ଚ ଅଧିକାରୀମାନେ ସନ୍ତୋଷ ପ୍ରକାଶ କରିଥିଲେ ।




ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍-୨୦୧୮ର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ତଳମଲା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି

# ତହସିଲଦାରଙ୍କଠାରେ ଫେରାଦ

**ଜୁନାଗଡ,୧୨।୧୧(ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି ନେଇ ସୋମବାର ସ୍ଥାନୀୟ ପଞ୍ଚାୟତବାସୀ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କଠାରେ ଫେରାଦ ହୋଇଛନ୍ତି। ସେମାନେ ଏ ସମ୍ପର୍କରେ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ତଳମଲା ପଞ୍ଚାୟତରେ ତଳମଲା ସମେତ ସାହଜକନା ଓ ମସିଗାଁ ଗ୍ରାମ ରହିଛି। ଚଳିତବର୍ଷ ହାତୀ ନଦୀରେ ୫ଥର ବଢି ଯୋଗୁ ତଳମଲା ପଞ୍ଚାୟତର ଉପରୋକ୍ତ ଗ୍ରାମରେ ଚାଷ ସବୁ ନଷ୍ଟ ହୋଇଯାଇଥିଲା। ଏହା ପରେ ମଧ ସ୍ଥାନୀୟ ଚାଷୀ ହାରି ନ ଯାଇ ଇନ୍ଦ୍ରାବତୀ କେନାଲ ପାଣିକୁ ଦେଖି ବିଳମ୍ବରେ ଚାଷ ଆରମ୍ଭ କରିଥିଲେ। ତେବେ ଇନ୍ଦ୍ରାବତୀ କେନାଲ ପାଣି ମଧ ସେମାନଙ୍କୁ ଧୋକା ଦେଇଥିଲା । ଏହି ପଞ୍ଚାୟତକୁ କେନାଲ ପାଣି ପହଞ୍ଚି ନ ପାରିବାରୁ ଚାଷ ଜମିର ଫସଲ ପାଣି ଅଭାବରୁ ଉଜୁଡିଯାଇଥିଲା। ଫଳରେ ସ୍ଥାନୀୟ ଚାଷୀ ହତାଶ ହୋଇ ନିଜ ଚାଷ ଜମିରେ ଗୋରୁ ଛାଡି ଦେଇଥିଲେ। ତେବେ କୃଷି ବିଭାଗର ରିପୋର୍ଟ ଅନୁଯାୟୀ ତଳମଲା ପଞ୍ଚାୟତରେ କେବଳ ୧୪ ହେକ୍ଟର ଚାଷ ଜମିକୁ ମରୁଡି ଦର୍ଶାଯାଇଛି। ଯାହାକି ଶହେରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମି ହେବାର କଥା। ତେଣୁ କ୍ଷତି ହୋଇଥିବା ଚାଷଜମିର ସରଜମିନ ତଦନ୍ତ କରାଯାଇ ତଳମଲା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏହି ସମୟରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଯାଜ୍ଞସିନୀ ମହାନନ୍ଦ, ତଳମଲା ସରପଞ୍ଚ ଦୁର୍ଶିଳା ମାଝି, ଚାଷୀ ଲିଙ୍ଗରାଜ ସେନାପତି, ଧନୁର୍ଯ୍ୟାୟ ମାଝି, ବିଭୁତି ନାଏକ, ବିଶ୍ୱନାଥ ନାଏକ, କାହ୍ନୁଚରଣ ନାଏକ, ଗଣେଶ ନାଏକ, କୃଷ୍ଣଚନ୍ଦ୍ର ନାଗ, ଶଶିକାନ୍ତ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

### ପିଏଚସି ସ୍ଥାନ ଚିହ୍ନଟ ପାଇଁ ଦାବିପତ୍ର



ତଳମଲା ପଞ୍ଚାୟତବାସୀ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ସେହିପରି ଗତ ୧୯୯୧ରେ ଅବିଭକ୍ତ ଆଟିଗାଁ ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି) ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବା ପରେ ତାହା ଅନୁମୋଦନ ହୋଇଥିଲା। ବର୍ତ୍ତମାନ ପ୍ରାୟ ୨୮ ବର୍ଷ ହୋଇ ଯାଇଥିଲେ ମଧ ପିଏଚସି ପାଇଁ ସ୍ଥାନ ଚିହ୍ନଟ ହୋଇ ନ ଥିବାରୁ ସୋମବାର ସନ୍ଧ୍ୟାରେ ଦୁଇ ପଞ୍ଚାୟତ ଆଟିଗାଁ ଓ ତଳମଲାର ଶତାଧିକ ଗ୍ରାମବାସୀ, ତଳମଲା ସରପଞ୍ଚ ମାଝି, ଜିଲା ପରିଷଦ ସଦସ୍ୟା ମହାନନ୍ଦ, ଆଟିଗାଁ ସରପଞ୍ଚ ହିମାଦ୍ରୀ ମାଝି ଆସି ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାର ସମସ୍ତ କାଗଜାତ ଯାଞ୍ଚ ପରେ ସ୍ଥାନ ଚିହ୍ନଟ ପାଇଁ ସହଯୋଗ କରିବେ ବୋଲି କହିଥିଲେ। ପ୍ରକାଶ ଥାଉକି ଚିଚୈଗୁଡା ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗଠନ ଦାବିରେ ଶନିବାର ପଞ୍ଚାୟତବାସୀ କଳାହାଣ୍ଡି ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର



## ସଂକ୍ଷେପରେ



### ଶିଳାନ୍ୟାସ ଫଳକ ଭାଙ୍ଗିଲେ ଦୁର୍ବୃତ୍ତ

**ଦେଓଗାଁ,୧୨।୧୧ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହା ମିନିଷ୍ଟାଡିୟମଠାରେ ଚାଲିଥିବା ଉନ୍ନତି କରଣ କାର୍ଯ୍ୟକୁ ଶନିବାର ଶିଳାନ୍ୟାସ କରିଥିଲେ ଏମ୍‌ପି କଳିକେଶ ନାରାୟଣ ସିଂଦେଓ । ତେବେ ଉକ୍ତ ଶିଳନ୍ୟାସ ଫଳକକୁ କେହିଜଣେ ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଜଣାପଡିଛି। ଏହାକୁ ନେଇ ଦେଓଗାଁ ତଥା ବଲାଙ୍ଗୀର ଜିଲାରେ ଆଲୋଡନ ସୃଷ୍ଟି ହୋଇଛି। ବିଜେଡି ଏହାକୁ ହୀନରାଜନୀତି ବୋଲି ମନ୍ତବ୍ୟ ଦେଉଥିବା ବେଳେ କଂଗ୍ରେସ ପକ୍ଷରୁ ଏହାକୁ ସମାଲୋଚନା କରି ନିଜେ ଲୋକ ଲଗାଇ ଭାଙ୍ଗି ଶ୍ରେୟ ନେବାର ଅପଚେଷ୍ଟା କରାଯାଉଛି ବୋଲି ଗୁରୁତ୍ୱାରୋପ କରିଛି। ଫଳକ ଭଙ୍ଗାକୁ ନେଇ ବିଧାୟକ ନରସିଂହ ମିଶ୍ର କୌଣସୀ ମତ ରଖି ନ ଥିବା ବେଳେ ଫଳକ ଲଗାରେ ପ୍ରତିଯୋଗୀତା ନ କରି ବିକାଶ ଦିଗରେ ପ୍ରତିଯୋଗୀତା କରାଯାଉ ବୋଲି ଆହ୍ୱାନ ଦେଇଛନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ବରିଷ୍ଠ ନେତା ତଥା ଏମ୍‌ପିଙ୍କ ପ୍ରତିନିଧି ଉମା ଶଙ୍କର ସିଂଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ଅନୁଦାନରେ ନିର୍ମାଣ ଚାଲିଥିବା ପ୍ରକଳ୍ପକୁ ଶାସକ ଦଳର ଏମ୍‌ପି ଶିଳାନ୍ୟାସ କରିଥିଲେ। ତାହା ସ୍ୱାଗତ ଯୋଗ୍ୟ। କିନ୍ତୁ ଫଳକକୁ କେହି ଦୁର୍ବୃତ୍ତ ଭାଙ୍ଗିବା ଘଟଣା ଏକ ହୀନରାଜନୀତି ବୋଲି କହିଛନ୍ତି। ଏହି ଘଟଣାକୁ ଜନସାଧାରଣଙ୍କ ପକ୍ଷରୁ ନିନ୍ଦା କରାଯାଇଛି।

### କୁମ୍ଭକାର ସମାଜର ସମ୍ମିଳନୀ

**ବଙ୍ଗୋମୁଣ୍ଡା,୧୨।୧୧(ଡି.ଏନ୍.ଏ.):** ବଙ୍ଗୋମୁଣ୍ଡା ବ୍ଲକ ଅଧୀନ ସୋମେଶ୍ୱର ପୀଠ ରାଣୀପୁର ଝରିଆଲରେ କୁମ୍ଭକାର ସମାଜର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୁମ୍ଭକାର ସମାଜର ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଅର୍ଜୁନ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀର ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂ ଦେଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେଦାରନାଥ ରଣା, ରାଧେଶ୍ୟାମ ରଣା, ରଘୁରାଜ ରଣା, ଅମରେନ୍ଦ୍ର ରଣା, ରାଘବ ରଣା, ନିରଞ୍ଜନ ରଣା, ଗମ୍ଭିର ରଣା, ମହେନ୍ଦ୍ର ରଣା, ତେଜୁରାମ ରଣା, ଅମିୟ ରଣା, ତ୍ରିନାଥ ରଣା, ସତ୍ୟନାରାୟଣ ରଣା, ଅନିଲ ରଣା, ଶଶିଭୂଷଣ ରଣା, ନବକିଶୋର ରଣା, ଅଲେଖରାମ ରଣା, ସଂଘ ସମ୍ପାଦକ ଚନ୍ଦ୍ରମଣୀ ରଣା, ପବିତ୍ର ରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସମାଜର ବିକାଶ ନେଇ ସମ୍ମିଳିତ ଭାବେ କାର୍ଯ୍ୟକରିବାକୁ ମତ ପ୍ରକାଶ ପାଇଥିଲା। ଏଥିରେ ଆଖ ପାଖ ଅଞ୍ଚଳର କୁମ୍ଭକାର ସମାଜର ବହୁ ସଦସ୍ୟ ଯୋଗ ଦେଇଥିଲେ।

# ବିଧାନସଭାରେ ଉଠିବ ମରୁଡ଼ି, ବୀମା କ୍ଷତିପୂରଣ ପ୍ରସଙ୍ଗ

**ବଲାଙ୍ଗୀର ଅଫିସ,୧୨।୧୧**

ଆଗାମୀ ବିଧାନସଭାକୁ ଆଖି ଆଗରେ ରଖି ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ସ୍ଥାନୀୟ ସର୍କିଟ ହାଉସଠାରେ ସୋମବାର ଏକ ଖବରଦାତା ସମ୍ମିଳନୀ କରିଥିଲେ। ଆଗାମୀ ବିଧାନସଭାରେ ବଲାଙ୍ଗୀର ଜିଲାର ଚାଷୀ ସମସ୍ୟା, ମରୁଡି, ବୀମା କ୍ଷତିପୂରଣ, ଜଳସେଚନ, ବେକାର ଶିକ୍ଷିତ ଯୁବତୀ ଯୁବକଙ୍କୁ ନିଯୁକ୍ତି, ଦାଦନ ସମସ୍ୟା, ରାଜେନ୍ଦ୍ର କଲେଜ ସମସ୍ୟାକୁ ନେଇ ଆଲୋଚନା କରାଯିବ ବୋଲି ସୂଚନା ଦେଇଥିଲେ। ସମ୍ମିଳନୀରେ ବିଧାୟକ ମିଶ୍ର କିଛି ଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ କିଛି ଖବରକୁ ବିଭ୍ରାନ୍ତିକର କହି ଏହା ଉପରେ ସ୍ପଷ୍ଟୀକରଣ ଦେଇଥିଲେ। କିଛି ବି ନିର୍ଦ୍ଦିଷ୍ଟ ତଥ୍ୟ ନ ଥାଇ କିଛି ଲୋକ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଖେଳପଡ଼ିଆରେ ପ୍ରସ୍ତାବିତ ଇନ୍‌ଡୋର ଷ୍ଟାଡିୟମ ଓ ବଲାଙ୍ଗୀର ବାଇପାସ୍ ରାସ୍ତା ସଂକ୍ରାନ୍ତରେ ଅଯଥା ଟିପ୍ପଣୀ କରୁଥିବା କହିଥିଲେ। ପୃଥ୍ୱୀରାଜ ହାଇସ୍କୁଲରେ ଏକ ଇନ୍‌ଡୋର ଷ୍ଟାଡିୟମ କରିବା ପାଇଁ ୨୦୧୬ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସେ ପ୍ରସ୍ତାବ ଦେଇଥିଲେ। ପ୍ରସ୍ତାବକୁ ସର୍ବସମ୍ମୁଖରେ ପୃଥ୍ୱୀରାଜ ହାଇସ୍କୁଲ ଶତବାର୍ଷିକୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଘୋଷଣା କରିଥିଲେ। ତେବେ ୨୦୧୬ରୁ ୨୦୧୮ପର୍ଯ୍ୟନ୍ତ ଏଦିଗରେ କିଛି ବି ଅଗ୍ରଗତି ହୋଇପାରି ନ ଥିଲା। ଇନ୍‌ଡୋର ଷ୍ଟାଡିୟମ ପାଇଁ ଜମି କଥା ଉଠିବାରୁ ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ଏନେଇ ପୂର୍ବରୁ ଲିଖିତ ଭାବେ ଦେଇଥିଲେ। ତେବେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କଠାରୁ ନୋ ଅବ୍‌ଜେକ୍‌ସନ୍ ସାର୍ଟିଫିକେଟ୍ ଆଣିବାକୁ କହିଥିଲେ। ରାଜ୍ୟ ସରକାର ନୋ ଅବ୍‌ଜେକ୍‌ସନ୍ ସାର୍ଟିଫିକେଟ୍ ଦେଇଛନ୍ତି। ଗତ ୯ ତାରିଖରେ ଇନ୍‌ଡୋର ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ ହେବାକୁ ଥିଲା। ତେବେ ଏହି କାର୍ଯ୍ୟକ୍ରମ ବାତିଲ ହେବାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁଯାୟୀ ଭିତ୍ତିପ୍ରସ୍ତର ସ୍ଥାପନ ହେବ ବୋଲି ସେ ସୂଚନା ଦେଇଥିଲେ। ଇନ୍‌ଡୋର ଷ୍ଟାଡିୟମ୍ ପାଇଁ ୧ କୋଟି ଟଙ୍କା ଆସିଛି ଓ ଏହାର ଡିଜାଇନ୍ ଓ ସର୍ଭେ ସରିଛି ବୋଲି ସେ ସୂଚନା ଦେଇଥିଲେ। ବାଇପାସ୍ ରାସ୍ତା ସଂକ୍ରାନ୍ତରେ ମଧ୍ୟ ସ୍ପଷ୍ଟୀକରଣ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଏହି ପ୍ରକଳ୍ପକୁ ଦୀର୍ଘ ବର୍ଷ ହେଲା ଅଟକାଇ ରଖି ଏଦିଗରେ ତାଙ୍କ ଦଳର ପ୍ରତିନିଧିମାନେ ବିରୋଧୀଦଳ ବିଧାୟକଙ୍କୁ ପ୍ରଶ୍ନ କରିବା କେତେ ସମୀଚୀନ ବୋଲି ପ୍ରଶ୍ନ କରିଥିଲେ। ଯଦି କିଛି ଦୁର୍ନୀତି ହୋଇଛି ତେବେ ସରକାର ଯିଏ ଭୁଲ କରିଛି ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ପିଏସି ବୈଠକରେ ସରକାର ବଲାଙ୍ଗୀର ବାଇପାସ୍ କାମ ପାଇଁ ୬ ମାସ ସମୟ ମାଗିଥିଲେ। ଏବେ କେନ୍ଦ୍ର ସରକାର ୧୯୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି ଓ ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ ଆଶାବାଦୀ ଥିବା କହିଥିଲେ। ଜିଲାର ମରୁଡି ସମସ୍ୟା, ଜଳସେଚନ, ବୀମା କ୍ଷତିପୂରଣ ପ୍ରସଙ୍ଗରେ ସେ ବିଧାନସଭାରେ ଆଲୋଚନା କରିବେ ବୋଲି କହିଥିଲେ। ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନେଇ କ'ଣ ପଦକ୍ଷେପ ନିଆଯାଉଛି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ଦୀର୍ଘ ବର୍ଷରୁ ଏହି କଲେଜର ସ୍ୱୟଂଶାସନ ମାନ୍ୟତା ଇନ୍‌ଭେଲିଡ୍ ହୋଇଯାଇଛି ଓ ପ୍ରଥମେ ସ୍ୱୟଂଶାସନ ମାନ୍ୟତା ପୁନଃ ସ୍ଥାପନ କରନ୍ତୁ ଓ ତା ପରେ ଅଧ୍ୟାପକ ଅଭାବ ପୂରଣ କରି ବିଶ୍ୱବିଦ୍ୟାଳୟ କରନ୍ତୁ ବୋଲି କହିଥିଲେ। ଆଗାମୀ ବିଧାନସଭାରେ ରାଜ୍ୟର କୃଷି ବୀମା ସମସ୍ୟା, ସ୍କୁଲ କଲେଜରେ ଶିକ୍ଷକ ସମସ୍ୟା, ଜଳସେଚନ ସମସ୍ୟା, କୃଷକମାନଙ୍କ ପାଇଁ ପ୍ରାଇସ୍, ପେନସନ, ପ୍ରେଷ୍ଟିଜ୍ ସମସ୍ୟା, ବିଭିନ୍ନ ଜନହିତକର ଯୋଜନା ଯଥା ବାର୍ଦ୍ଧକ୍ୟ ଭତ୍ତା, ଇନ୍ଦିରା ଆବାସରେ ହେଉଥିବା ଜାଲିଆତି, ଓକିଲ ଆନ୍ଦୋଳନ ଇତ୍ୟାଦି ଅନେକ ସମସ୍ୟା ବିଧାନସଭାରେ ଉତ୍ଥାପନ କରାଯିବ ବୋଲି ସେ କହିଥିଲେ। ବଲାଙ୍ଗୀର କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବା ନେଇ ବିଧାନସଭାରେ ଦାବି କରାଯାଇଛି। ଏଥର ମଧ୍ୟ ଏହି ଦାବିକୁ ଜୋରଦାର କରାଯିବ ବୋଲି କହିଥିଲେ। ଗତ ୪ ବର୍ଷ ଧରି ଶାନ୍ତିପୂର୍ଣ୍ଣ ଥିବା ବଲାଙ୍ଗୀରରେ ସରକାରୀ ଦଳ ପ୍ରାୟୋଜିତ ବିଜୁବାହିନୀ ଗୁଣ୍ଡାଗର୍ଦ୍ଦିକୁ ଓହ୍ଲାଇଥିବା ଅଭିଯୋଗ କରିଥିଲେ। ପ୍ରସ୍ତାବ କ୍ରମେ ସହରର ରାସ୍ତାଗୁଡିକୁ ମ୍ୟୁନିସିପାଲିଟିରୁ ପିଡବ୍ଲ୍ୟୁଡିକୁ ହସ୍ତାନ୍ତର କରିଥିବା ରାସ୍ତାଗୁଡିକର ଜୋର ଜବରଦସ୍ତ ବିଜୁ ବାହିନୀର ଗୁଣ୍ଡାମାନଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି। ଏହି ପ୍ରକାର ଦାଦାଗିରି ବିଜୁ ବାହିନୀ ବନ୍ଦ କରୁ ନଚେତ ଆଗାମୀ ଦିନରେ ଶାନ୍ତିପ୍ରିୟ ବଲାଙ୍ଗୀରବାସୀ ତାର ଉଚିତ ଜବାବ ଦେବେ ବୋଲି ବିଧାୟକ ମିଶ୍ର କହିଥିଲେ। ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଅସୀମ ପଟ୍ଟନାୟକ, ସୁଦାମ ସାହୁ, ବୁଲୁ ଦାନୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

### ଝରାମୁଣ୍ଡା ଏକଦିବସୀୟ ଫୁଟବଲ: ଛଞ୍ଚାଣୀ ଚାମ୍ପିୟନ

**ଲୋଇସିଂହା,୧୨।୧୧(ଡି.ଏନ୍.ଏ.)**

ଲୋଇସିଂହା ବ୍ଲକ ଅଧୀନ ଝାରମୁଣ୍ଡା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ଖେଳରେ ମନହୀରାକୁ ହରାଇ ଛଞ୍ଚାଣୀ ଚମ୍ପିୟାନ ହୋଇଛି । ଝରାମୁଣ୍ଡା ଖେଳପଡିଆରେ ମୋଟ ୮ଟି ଦଳକୁ ନେଇ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲ ଖେଳ ଛଞ୍ଚାଣୀ ଏବଂ ମନହୀରା ଏକାଦଶ ମଧ୍ୟରେ ହୋଇଥିଲା । ଖେଳ ଅମୀମାଂସୀତ ରହିବାରୁ ଟ୍ରାଇବ୍ରେକରରେ ୩-୨ ଗୋଲରେ ଛଞ୍ଚାଣୀ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ନୀହାର ରଞ୍ଜନ ବେହେରା ମୁଖ୍ୟଅତିଥି, ଝାରମୁଣ୍ଡା ସରପଞ୍ଚ ସୁନୀଲ କୁମାର ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ମନୋଜ ଧରୁଆ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ସନ୍ତୋଷ ଧରୁଆ, ଅକ୍ଷୟ ଭୋଇ, ରଘୁନାଥ ସେଠ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ବିଜୁ ଯୁବବାହିନୀ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସୁରେନ୍ଦ୍ର ମେମୋରିଆଲ ଫୁଟବଲ ଉଦ୍‌ଘାଟିତ: ଜରାସିଂହା ବିଜୟୀ

**ଦେଓଗାଁ,୧୨।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହା ମିନିଷ୍ଟାଡିୟମରେ ସୋମବାର ୪ର୍ଥ ସୁରେନ୍ଦ୍ର ମେହେର ମୋରିଏଲ ଅଲ୍ ଓଡିଶା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜରାସିଂହା ବିଏନ୍‌ଏଏ ଓ ଫୁଲବାଣୀ ମହାବୀର କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। ଏଥିରେ ଜରାସିଂହା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ମିଥୁନ ନାଏକ ଖେଳର ପ୍ରଥମାର୍ଦ୍ଧରେ ଗୋଲଦେଇ ଦଳକୁ ବିଜୟୀ କରାଇଥିଲେ। କୁନ୍ତେ ମେହେର ଖେଳ ପରିଚାଳନା କରିଥିବା ବେଳେ ଲାଇନ୍‌ମ୍ୟାନ ଭାବେ ଲକ୍ଷ୍ମୀ ମହାନ୍ତି, ପ୍ରଶାନ୍ତ ଥନାପତି, କୈଳାସ କର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ସୁରେଶ କୁମାର ମେହେରଙ୍କ ସଭାପତିତ୍ୱ ତଥା ସମ୍ପାଦକ ସୁନ୍ଦରମଣି ଦଣ୍ଡସେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବିରୋଧୀଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ସ୍ଥାନୀୟ ସମିତିସଭ୍ୟା ମମତାମୟୀ ପୁଟେଲ, ଧଣ୍ଡାମାଲ ସମିତିସଭ୍ୟା ଉର୍ମିଳା ବେହେରା, ଉପରଝର ସମିତିସଭ୍ୟା ବୀଣାପାଣି ବିଶ୍ୱାଳ, ଜରାସିଂହା ନେତ୍ରଭାନୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ଭୋଇ, ଜମିଦାର ଦୁର୍ଗା ପ୍ରସାଦ ସିଂ ଦେଓ, ଉମେଶ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ । ମଙ୍ଗଳବାର ରାୟଗଡ଼ା ଟାଉନ ସ୍ପୋର୍ଟି କ୍ଲବ ଓ ବୌଦ୍ଧ ଗେହ୍ଲାମା' କ୍ଲବ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।



ଜରାସିଂହାରେ ୪ର୍ଥ ସୁରେନ୍ଦ୍ର ମେମୋରିଏଲ ଅଲ୍ ଓଡ଼ିଶା ଫୁଟବଲ ଉଦ୍‌ଘାଟନୀ ଦିବସରେ ଅତିଥି ଗହଣରେ ଖେଳାଳିମାନେ।

## ବିଭିନ୍ନ ପଞ୍ଚାୟତରେ ଚାଷୀଙ୍କ ସତ୍ୟାଗ୍ରହ

**ଲୋଇସିଂହା,୧୨।୧୧(ଡି.ଏନ.ଏ)**

ଚାଷୀଙ୍କୁ ପ୍ରାଇଜ, ପ୍ରଷ୍ଟିଜ ଓ ପେନସନ ଦାବିରେ ନବ ନିର୍ମାଣକୃଷକ ସଂଗଠନ ପକ୍ଷରୁ ରାଜଧାନୀ ଚାଲ ଡାକରା ଦିଆଯାଇଥିଲା। ତେବେ ରାଜ୍ୟ ସରସକାର ପୋଲିସ ଲାଗାଇ ଚାଷୀମାନଙ୍କୁ ରାଜଧାନୀ ପଶିବାକୁ ଦେଇ ନ ଥିଲେ। ଏହାର ପ୍ରତିବାଦରେ ନବ ନିର୍ମାଣକୃଷକ ସଂଗଠନ ପକ୍ଷରୁ ସୋମବାର ପଞ୍ଚାୟତସ୍ତରରେ ସତ୍ୟଗ୍ରହ ଆହ୍ୱାନ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଲୋଇସିଂହା ସଦର ପଞ୍ଚ, ବାଦଦିବାହାଲ, ଯୋଗୀସର୍ଡା, ହୀରାପୁର ଓ ଆଗଲପୁର ବ୍ଲକର ନଅଗାଁ(ଖ) ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସଂଗଠନର କର୍ମକର୍ତ୍ତା ଓ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲ। ଚାଷୀ ସଂଗଠନ ଓ ଚାଷୀଙ୍କ ପ୍ରତି ଅନ୍ୟାୟ କରୁଥିବା ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ଏପରି କି ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନିନ୍ଦା କରିଥିଲେ । ଲୋଇସିଂହାଠାରେ ମୋହିତ ମିଶ୍ର, ଯୋଗୀସର୍ଡାରେ ଅନିରୁଦ୍ଧ ପଧାନ, ବାଦିବାହଲରେ ବିରାଟ ତ୍ରିପାଠୀ, ହୀରାପୁରରେ ଲଳିତ ସାହୁଙ୍କ ନେତୃତ୍ୱରେ ଚାଷୀମାନେ ବିକ୍ଷୋଭ ତଥା ପ୍ରତିବାଦ କରିଥିବା ଜିଲା ସଂଯୋଜକ ହିମାଂଶୁ ଶେକର ସାହୁ ସୂଚନା ଦେଇଛନ୍ତି। ଆସନ୍ତା ୧୫ତାରିଖରେ ଥାନା ଆଗରେ ଚାଷୀଙ୍କ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି।




ବଲାଙ୍ଗୀର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରିବାକୁ ଆସିଥିବା ଗାଁସାଥୀ ସଂଘ ପ୍ରତିନିଧିଦଳ।

## ଡାଟାବେସ୍ ରିପୋର୍ଟ ପ୍ରଦାନରେ ବିଳମ୍ବ

**ଲୋଇସିଂହା,୧୨।୧୧(ଡି.ଏନ୍.ଏ.)**

**ଗାଁ ସାଥୀ ସଂଘର ଅସନ୍ତୋଷ**

ବଲାଙ୍ଗୀର ଜିଲାର ୧୪ଟି ବ୍ଲକର ପଞ୍ଚାୟତସ୍ତରରେ କାର୍ଯ୍ୟରତ ଗାଁ ସାଥୀମାନଙ୍କ ଡାଟାବେସ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନରେ ଜିଲା ପ୍ରଶାସନ ପକ୍ଷରୁ ବିଳମ୍ବ କରାଯାଉଛି। ଏନେଇ ଜିଲା ଗାଁ ସାଥୀ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲା ସଂଘ କର୍ମକର୍ତ୍ତା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁକୁ ସୋମବାର ସାକ୍ଷାତ କରି ରିପୋର୍ଟ ପ୍ରଦାନ କରିବା ସହ ୫ ଦଫା ଦାବି ଜଣାଇଛନ୍ତି।

ସଂଘର ଅଭିଯୋଗ ମୁତାବକ, ପଞ୍ଚାୟତସ୍ତରରେ କାମ କରୁଥିବା ଗାଁ ସାଥୀମାନଙ୍କ ଡାଟାବେସ ରିପୋର୍ଟ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ରାଜ୍ୟ ସରକାର ଚିଠି ନଂ.୧୫୫୬୧(ତା.୨୦।୦୮।୧୮)ରେ ମାଗିଛନ୍ତି। ଉକ୍ତ ରିପୋର୍ଟ ରାଜ୍ୟ ସରକାରଙ୍କ ହସ୍ତଗତ ପରେ ପ୍ରକୃତରେ କାର୍ଯ୍ୟରତ ଗାଁ ସାଥୀମାନଙ୍କୁ ରାଜ୍ୟ ସରକାରଙ୍କୁ ପକ୍ଷରୁ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ । ହେଲେ ବଲାଙ୍ଗୀର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଗାଁ ସାଥୀମାନଙ୍କ ଡାଟାବେସ ରିପୋର୍ଟ ପ୍ରଦାନରେ ବିଳମ୍ବ କରାଯାଇଛି। ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସଂଘ ଜିଲା ସଭାପତି ସଞ୍ଜୟ ଗଡତ୍ୟା, ଜିଲା ସହସମ୍ପାଦକ ହିମାଞ୍ଚଳ ମେହେର, ଅରବିନ୍ଦ ପଟେଲ, ମୌସୁମି ଦୀପ, ରାକେଶ ବିଶ୍ୱାଳ, ରାଧାକାନ୍ତ ଦଳାଇଙ୍କ ସମେତ ୧୪ ବ୍ଲକର ପ୍ରତିନିଧି ସୋମବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରିଥିଲେ। ସାକ୍ଷାତ ବେଳେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜିଲାର ଲୋଇସିଂହା ଏବଂ ଆଗଲପୁର ବ୍ଲକରୁ ରିପୋର୍ଟ ହସ୍ତଗତ ହୋଇଛି । ବାକି ୧୨ଟି ବ୍ଲକର ରିପୋର୍ଟ ଆସି ନ ଥିବାରୁ ରାଜ୍ୟ ସରକାରଙ୍କୁ ପଠାଯାଇ ନ ଥିବା କହିଥିଲେ। ଏହି ଅବସରରେ ଜିଲା ସଂଘ ପକ୍ଷରୁ ୨୦୦୮ରୁ କାର୍ଯ୍ୟରତ ଗାଁସାଥୀଙ୍କ ଷ୍ଟାଟସ ରିପୋର୍ଟ ଦେବାକୁ କହିଥିଲେ। ଅଗଷ୍ଟରୁ ରାଜ୍ୟ ସରକାର ଜିଲା ପ୍ରଶାସନକୁ ରିପୋର୍ଟ ମାଗିଥିଲେ ସୁଦ୍ଧା ବ୍ଲକ ପ୍ରଶାସନର ଅବହେଳାକୁ ନିନ୍ଦା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଗାଁ ସାଥୀମାନଙ୍କୁ ରେଜିଷ୍ଟ୍ରେଶନ କରି ପରିଚୟ ପତ୍ର ପ୍ରଦାନ କରିବା, ରାଜ୍ୟ ସରକାରଙ୍କ ଚିଠି ଅନୁସାରେ ବର୍ଷକୁ ଅନୁନ୍ୟ ୧୫୦ ଦିନ କାମ ନିଶ୍ଚିତ ଯୋଗାଇ ଦେବା, ଗ୍ରାମାଞ୍ଚଳରେ କର୍ମ ନିଯୁକ୍ତି ସୃଷ୍ଟି କରିବା, ସରକାରଙ୍କ ନିର୍ଦ୍ଦେଶ ମୁତାବକ ଏମ୍‌ଜିଏନ୍‌ଆର୍‌ଆଇଜିଏସ୍ ଯୋଜନାରେ ଯେ କୌଣସି ବିଭାଗର କାମଗୁଡିକରେ ଠିକାଦାର ରାଜ ନ କରାଇ ଗାଁ ସାଥୀଙ୍କ ଜରିଆରେ କରାଇବାକୁ ଦାବି କରାଯାଇଛି।

## ଫଟୋରେ ଖବର



ବଲାଙ୍ଗୀର ବିଜୁ ଯୁବବାହିନୀ ପକ୍ଷରୁ ଲର୍କିପାଲିଠାରେ ଆୟୋଜିତ କ୍ରିକେଟ୍ ମ୍ୟାଚ୍‌ରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।



ବଲାଙ୍ଗୀର ଅମ୍‌ଲା ଭବନଠାରେ ଜିଲା ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରୀ କମିଟି ବୈଠକରେ ମଞ୍ଚାସୀନ ଅତିଥି। (ଫଟୋ: ସୁନୀଲ)

### ସବୁ ପରକାର ସରକାରୀ ସୁବିଧାରୁ ବଁଚିତ

# ମୁର୍‌ତୁ ସଂଗେ ଯୁଝୁଛନ୍ ବୁରୁଧ୍ ରଘୁନାଥ

**ଲୋଇସିଂହା,୧୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଯୋଗୀସର୍ଡା ଗାଁର ରଘୁନାଥ ମିଶ୍ର(୬୧)। ବନିହାଁ ବଛର କେତେ ହେଲା ତାକର ମାନ୍‌ସିକ୍ ଥିତି ଠିକ୍ ନାଁଇଁନ। ପାଖାପାଖି ଅଢ଼େମାସ୍ ହେବା ତାକର ଡେବ୍‌ରି ଗୁଡେ ଗୁଟେ ଘା' ହେଇଛେ। ଏକ୍‌ଲା ରହୁଥିବାର ଲାଗି ରଘୁନାଥ ସେବାଯତନ୍ ଆର୍ ଚିକିତ୍ସା ସୁବିଧାରୁ ବଁଚିତ୍ ଅଛନ୍। ଯେନ୍‌ଥିରଲାଗି ଏହେଦେ ତାକର ଘା' ପଚି କିର୍‌ହା ହେଇଯାଇଥିବାର ପଡିଶା ଲୁକ୍‌କରନୁ ଜାନ୍‌ବାକେ ମିଳିଛେ। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫୁ ବୁରୁଧ୍ ରଘୁନାଥକୁଁ ଉଧାର କରି ଚିକିତ୍ସା ସୁବିଧା ଯୁଗେଇଦେଲେ ସେ ଭଲ ହେଇଯାଏତେ ଆର୍ ତାକର ଜୀବନ୍‌ଟା ବି ବଁଚି ଯାଏତା ବଲି ଗାଁବାସୀ ଦାବି କରିଛନ୍।

ସୂଚ୍‌ନା ହିସାବେ, ଯୋଗୀସର୍ଡା ପଁନ୍‌ଚେତ ସଦର ଗାଁର ବାସିନ୍ଦା ରଘୁନାଥ ମିଶ୍ର। ଗାଁର ମାଉସୀ ଗୁଡିର ପଛଫାଲର ବାଡାକେ ଲାଗିଥିବାର ତାକର ଝିଁଟିମାଟି କୁରିଆରେ ଖରା, ବର୍ଷା, ଶୀତ୍ ବିତୁଛେ। ମାନ୍‌ସିକ୍ ଥିତି ଠିକ୍ ନାଇଁଥିବାର ଲାଗି ସେ ସବୁ ପରକାର ସରକାରୀ ସୁବିଧାରୁ ବି ବଁଚିତ୍ ହେଇଛନ୍। ସେ ଯେନ୍ ଅବସ୍‌ତାରେ ରହୁଛନ୍ ଯେକେହି ଦେଖିଲେ କହେବା ସରକାରୀ ଯୋଜ୍‌ନା ତାହାକୁ ଉପ୍‌ହାସ କରୁଛେ।

ଯୁଆନ୍ ବେଲେ ଠିକ୍‌ଠାକ୍ ଥିଲେ ରଘୁନାଥ। ରାଉରକେଲା ବ୍ୟାସଦେବ ଅଂଚଲର ଗୁଟେ ଗୁଡିରେ ରହି ପୂଜାପାଠ୍ କରୁଥିଲେ। ବିହା ହେବାର ଲାଗି ଗାଁକେ ଆସି ଇଠାନେ ରହେଲେ, ଆରମ୍ ହେଲା ତାକର ପାରିବାରିକ୍ ଜୀବନ୍। ହସ୍‌ଖୁସିରେ ଜୀବନ୍ ବିତିଯାଉଥିଲା। ଏନ୍‌ଥେଇ ଦିନାକେତେ ଗଲା ଉତାରୁ ରଘୁନାଥକଁର ମାନ୍‌ସିକ୍ ଥିତି ବିଗ୍‌ଡି ବସ୍‌ଲା। ଦିନୁ ଦିନ୍‌କେ ଥିତି ଆହୁରି ବିଗ୍‌ଡି ବସ୍‌ଲା। ଶେଷେ ଗରଭ୍‌ବତୀ ଥିବାର ନିଜର ମାଏକିନା ଡର୍‌ହେ ରଘୁନାଥକୁଁ ଛାଡ଼ି ବାପ୍ ଘରକେ ପଲେଇଗଲେ। ବାପ୍‌ଘରେ ରଘୁନାଥକଁର ମାଏକିନା ଗୁଟେ ଝିଁକେ ଜନମ୍ ଦେଲେ। ହେଲେ କେଭେ ବି ସେ ରଘୁନାଥକଁର ଭଲ୍‌ମଁନ୍ଦ୍ ବୁଝ୍‌ବାକେ ଗାଁକେ ନାଇଁ ଆଏଲେ। ଏନ୍‌ତାଥି ବଡ଼ବହୁକଁର ଆଶ୍‌ରେଥି ରହେଲେ ରଘୁନାଥ। ହେଲେ ଦିନୁ ଦିନ୍‌କେ ରଘୁନାଥକଁର ଜୀବନ୍ ଦୁଖିଥି ଭରିଗଲା। ଏନ୍‌ଥେଇ ୨୦ ବଛର ବିତିଗଲା, ମାମୁ ଘରେ ବଢୁଥିବାର ଝିଁର ବିହା ବି ସରିଗଲା। ଶେଷେ ଝି ବାପାକେ ମନେ ପକେଇ ଯୋଗୀସର୍ଡାକେ ଆଏଲେ। ତାହାକୁ ସେବାଯତନ୍ କରବାର ଲାଗି ଶାଶ୍ ଘରକେ ନେଇକରି ଗଲେ। ସେଠାନେ ଦିନାକେତେ ରଖି ବାପର ସେବାଯତନ୍ ବି କଲେ। ହେଲେ ରଘୁନାଥ ସେଠାନେ ନାଇଁ ରହିକରି ଯୋଗୀସର୍ଡା ପଲେଇ ଆଏଲେ। ଏହେଦେ ଏକ୍‌ଟିଆ ପତର କୁରିଆରେ ଅସାହା ହେଇ ପଡି ରହିଛନ୍। ତାକର ଡେବ୍‌ରି ଗୁଡେ ହେଇଥିବାର ଘା' ଏହେଦେ ପାଚି ବେଦ୍‌ବେଦେଇ କିର୍‌ହା ହେଇଗଲେନ। ଯେତେ ଜଲ୍‌ଦି ହେବା ରଘୁନାଥକୁଁ ଉଧାର କରି ଚିକିତ୍ସା ନାଇଁ କରାଗଲେ ତାକର ଅବସ୍‌ତା ଆହୁରି ଗୁରୁତର ହେବାର ଭଏ ରହିଛେ। ଏହେଦେ ରଘୁନାଥକଁର ବଏସ୍ ୬୦ ଟପ୍‌ଲାନ, ବଲ୍ ବଏସ୍ ଖସ୍‌ଲାନ, ସେଥିରଲାଗି ତାକର ଜୀବନ୍ ପର୍‌ତି ବିପଦ୍ ସୁରୁଷ୍‌ଟି ହେବାର ଆଶଁକା କରିଛନ୍ ଗାଁବାସୀ। ଗାଁରେ ଥିବାର ଏଏନଏମ କେନ୍ଦ୍ର କେହେନ୍‌ସି କାମେ ନାଇଁ ଆସୁଥିବାର ଲାଗି ଗାଁବାସୀ ବଡ଼ଭାରି ଅସନ୍‌ତୋଷ୍ ହେଉଛନ୍। ଇ ଦିଗେ ଜିଲା ପର୍‌ଶାସନ ଆର୍ ସୁଆସ୍‌ତିଅ ବିଭାଗ୍ ଦୁରୁଷ୍‌ଟି ଦେଇ ରଘୁନାଥକୁଁ ଉଧାର କରବାର ସଂଗେ ଚିକିତ୍ସା ସୁବିଧା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଯୋଗୀସର୍ଡା ପଁନ୍‌ଚେତର ସରପଁଚ୍ ପ୍ରଶାନ୍ତ କୁମାର ପଧାନଙ୍କୁଁ ପଚ୍‌ରାଲାରୁ ମୁଇଁ ଇ ବାବ୍‌ଦେ ନାଇଁ ଜାନି, ଆପନକରନୁ ଜାନ୍‌ବାକେ ପାଇଲି ଆର୍ ମୋର ଦୁଆରା ଯାହା ସମ୍ଭବ କରମି ବଲି କହିଥିଲେ। ଇ ବାବ୍‌ଦେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା.ସନ୍ତୋଷ କୁମାର ସେଠୀକୁଁ ପଚ୍‌ରାଲାରୁ ମୁଇଁ ଘଟ୍‌ନା ବାବ୍‌ଦେ ଖବର ନାଇଁ ପାଇଥାଇ, କାଲ୍‌କି ଆମର ମେଡିକାଲ ଟିମ୍‌କେ ପଠାମି ବଲି କହିଥିଲେ।



**ଲୋଇସିଂହା ବ୍ଲକ୍**

- ରଘୁନାଥକଁର ମାନ୍‌ସିକ୍ ଥିତି ଠିକ୍ ନାଁଇଁନ
- ଡେବ୍‌ରି ଗୁଡେ ଘା' ହେଇ କିର୍‌ହା ହେଇଗଲେନ
- ଅସାହା ହେଇ ଦଦ୍‌ରା କୁରିଆରେ ଏକ୍‌ଲା ପଡିଛନ୍
- ଚିକିତ୍ସା ସୁବିଧା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍



ଏ ଜନ୍ମରେ ସୁକର୍ମ କଲେ ଆଗାମୀ
ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବ୍ରିଗେଡ୍ ସ୍କୁଲରେ ମାତୃ ସମ୍ମିଳନୀ

**ଟିକ୍ରାପଡ଼ା,୧୨।୧୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡ଼ାସ୍ଥିତ ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ମାତୃ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ଏଥିରେ ଅଧକ୍ଷତା କରିଥିଲେ। ଗୋକୁଳାନନ୍ଦ ବାରିକ ସଭା ସଂଯୋଜନା କରିଥିଲେ। ପ୍ରିନର୍ସରୀ ଓ ନର୍ସରୀ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମା'ମାନେ ଏଥିରେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ପ୍ରଗତି ସମ୍ବନ୍ଧରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। ରସନ୍ତି ପୁଟେଲ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ। ଦିଲୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଭାର୍ଗବି ରାଜପଲିଆ, ଉପମା ରାଜପଲିଆ, ଭାରତୀ ପଧାନ, ଦୀପାଳି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ଚାଷୀ

**ସଇଁତଲା,୧୨।୧୧(ଡି.ଏନ୍.ଏ.)**

ନବ ନିର୍ମାଣ କୃଷକ ସଂଗଠନର ଆହ୍ୱାନ କ୍ରମେ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବି ନେଇ ସୋମବାର ଚାଷୀମାନେ ସଇଁତଲା ବ୍ଲକ ଅଧୀନ ଧରପଗଡ, ଗଣ୍ଡପତ୍ରାପାଲି ଓ କୁମ୍ଭାରୀ ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ବ୍ଲକ କୃଷକ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଅଞ୍ଚଳର ପଞ୍ଚାୟତ ଅଫିସ ସମ୍ମୁଖରେ ନାରାବାଜି ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ରାଜ୍ୟ ସରକାର ରାଜଧାନୀ ରାସ୍ତାର ଅଧା ବାଟରୁ ଚାଷୀଙ୍କୁ ପୋଲିସ ଲାଗାଇ ଫେରାଇ ଦେଇଥିବା ବେଳେ ଚାଷୀ କୌଣସି ରାଜନେତା କିମ୍ବା ମନ୍ତ୍ରୀଙ୍କୁ ଗାଁରେ ପଶାଇ ଦେବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଚଳିତ ବର୍ଷ ବର୍ଷା ଅଭାବରୁ ଅଞ୍ଚଳରେ ମରୁଡି ପରିସ୍ଥିତ ଦେଖାଦେଇଛି। ଏନେଇ ଚାଷୀଙ୍କ ଅବସ୍ଥା ଦୟନୀୟ ହୋଇ ପଡିଥିବା ବେଳେ ରାଜ୍ୟ ସରକାର କୌଣସି ପ୍ରତିକାର ବ୍ୟବସ୍ଥା କରୁ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆସନ୍ତା ନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି ଚାଷୀମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ କୁମ୍ଭାରୀ ପଞ୍ଚାୟତଠାରେ ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ, ପ୍ୟାକ୍ସ ସଭାପତି ମକରନ୍ଦ ବକୁଲ, ଉଦ୍ଧବ ରଣା, ପ୍ରମୋଦ ରଣା, କ୍ଷମାନିଧି ରଣା, ଜଗବନ୍ଧୁ ସାହୁ, ଗଣ୍ଡପତ୍ରାପାଲିଠାରେ ବିପିନ ସ୍ୱାଇଁ ଓ ବିପିନ ବେହେରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ପଞ୍ଚାୟତ ଅଫିସେ ଘେରାଉ କରିଥିଲେ।



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ମୁମୂର୍ଷୁ ଅବସ୍ଥାରେ ବୃଦ୍ଧଙ୍କୁ ଉଦ୍ଧାର

**ଖପ୍ରାଖୋଲ,୧୨।୧୧(ଡି.ଏନ୍.ଏ.)**

ଖପ୍ରାଖୋଲ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଜଣେ ବୃଦ୍ଧଙ୍କୁ କିଛି ଯୁବକ ଉଦ୍ଧାର କରି ସୋମବାର ମଧ୍ୟାହ୍ନରେ ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ବୃଦ୍ଧଙ୍କ ଚିକିତ୍ସା ଚାଲିଛି। ସୂଚନା ମୁତାବକ, ଟିକେଶ୍ୱର ଧରୁଆ ନାମକ ଜଣେ ସାମାଜିକ କର୍ମୀ ରାସ୍ତାରେ ଯାଉଥିବା ବେଳେ ଜଣେ ବୃଦ୍ଧ ରାସ୍ତା କଡରେ ପଡି ଛଟପଟ ହେଉଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେବା ସହ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଜଣାଇଥିଲେ। ହେଲେ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ନ ଆସିବାରୁ ଆଶିସଙ୍କ ସହ ନାରାୟଣ ପଧାନ ଓ ଅନ୍ୟ ୨ଜଣ ସାମାଜିକ କର୍ମୀ ବୃଦ୍ଧଙ୍କୁ ଏକ ଅଟୋ ଯୋଗେ ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀ ତରଣି ସୁନା, ଜିପିଇଓ ସୁଶାନ୍ତ କୁମାର ପାଣି, ବ୍ଲକ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ସହାୟକ ତ୍ରିଭୁଜ ରଣା ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ବୃଦ୍ଧ ଜଣକ ବେଲପଡ଼ା ବ୍ଲକ ଦର୍ଲିପାଲି ପଞ୍ଚାୟତ ମାଲପଡ଼ା ଗ୍ରାମର ଦଶରଥ ଗଡତିଆ(୭୨) ବୋଲି ଜଣାପଡିଛି। କିଛି ବର୍ଷ ହେଲା ସେ ଘରୁ ଚାଲିଆସି ଖପ୍ରାଖୋଲ ଅଞ୍ଚଳରେ ଭିକ୍ଷା ବୃତ୍ତି କରି ଚଳୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ଖପ୍ରାଖୋଲ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଉତ୍କଳମଣି ମେହେରଙ୍କୁ ପଚାରିବାରୁ ବୃଦ୍ଧଙ୍କୁ ଜ୍ୱର ହେଉଥିବା ବେଳେ ସେ କିଛି ଖାଦ୍ୟ ଖାଇ ନ ଥିବାରୁ ଦୁର୍ବଳ ହୋଇପଡିଛନ୍ତି। ଚିକିତ୍ସା ପରେ ବୃଦ୍ଧ ଜଣକ କଥା କହି ପାରୁଥିବା ଜଣାପଡିଛି। ଏ ନେଇ ବିଡିଓ ସୁନାଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆବଶ୍ୟକ ଜରୁରିକାଳିନ ସହାୟତା ଯୋଗାଇ ଦିଆଯାଇଛି ବୋଲି କହିଥିଲେ।

### ଥମୁନି ଶିଳାନ୍ୟାସ ରାଜନୀତି

# 'କାମରେ ପ୍ରତିଯୋଗିତା ହେଉ'

**ଦେଓଗାଁ,୧୨।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହା ମିନିଷ୍ଟାଡିୟମର ଉନ୍ନତି କରଣ ପାଇଁ ପ୍ରଥମେ ବିଧାୟକ ଶୁଭ ଦେଇଥିଲେ। କାମ ଆରମ୍ଭ ହେବାପରେ ଶନିବାର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଶିଳାନ୍ୟାସ କରିଥିଲେ। ଏହାର ୨ ଦିନ ପରେ ସୋମବାର ଉକ୍ତ ପ୍ରକଳ୍ପକୁ ପୁଣି ବିଧାୟକ ନରସିଂହ ମିଶ୍ର ଶିଳାନ୍ୟାସ କରିଛନ୍ତି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ବର୍ତ୍ତମାନ ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ଉନ୍ନତିକରଣ କାର୍ଯ୍ୟକୁ ନେଇ ନେତୃବୃନ୍ଦ ଶ୍ରେୟ ନେବା କିଛି ନୂଆଁଘଟଣା ନୁହେଁ ବୋଲି ସାଧାରଣରେ ଆଲୋଚ୍ୟର ବିଷୟ ହୋଇଥିବା ବେଳେ କାହାର ପ୍ରଚେଷ୍ଟାରେ କେଉଁକାର୍ଯ୍ୟ ସାଧିତ ହେଉଛି ତାହା ଲୋକେ ଅବଗତ ଅଛନ୍ତି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ରୀନା ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିରୋଧୀଦଳନେତା ତଥା ବିଧାୟକ ନରସିଂହ ମିଶ୍ର ଯୋଗଦେଇ ୨୪ଲକ୍ଷ ୯୮ହଜାର ଟଙ୍କା ବ୍ୟୟରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିବା ସହ ବିକାଶରେ ପ୍ରତିଯୋଗୀତା ହେଉ, ମିଛ କହିବାରେ ପ୍ରତିଯୋଗୀତା ନ ହେଉ। କାମରେ ପ୍ରତିଯୋଗୀତା କଲେ ସାଧାରଣ ଜନତା ଉପକୃତ ହେବେ ଫଳକ ଲଗାରେ ପ୍ରତିଯୋଗୀତା ପ୍ରକୃତ ନେତାପକ୍ଷେ ଶୋଭନୀୟ ନୁହେଁ ବୋଲି ମତବ୍ୟକ୍ତ କରିଥିଲ। ଏଥିସହ ସେ ଦର୍ଶାଇଥିଲେ ଯେ, ଅଞ୍ଚଳର ଜନସାଧାରଣଙ୍କ ଦାବି ଅନୁସାରେ ଗତ ଫେବୃୟାରୀ ୬ ତାରିଖରେ ଖେଳ ଓ ଯୁବ ବ୍ୟାପାର ବିଭାଗର କମିଶନରଙ୍କୁ ପତ୍ର ମାଧ୍ୟରେ ଜରାସିଂହା ନେତ୍ରଭାନୁ ହାଇସ୍କୁଲ ଖେଳପଡ଼ିଆ, ଲୋଇସିଂହା ଷ୍ଟାଡିୟମ ଓ ଛତାମଖନା ବିନୋବା ହାଇସ୍କୁଲ ଖେଳପଡ଼ିଆର ଉନ୍ନତିକରଣ ପାଇଁ ଅନୁଦାନ ମଞ୍ଜୁର କରିବାକୁ ଜଣାଇବା ପରେ ଉକ୍ତ ୩ଟି ପ୍ରକଳ୍ପର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର ହୋଇ କାମ ଆରମ୍ଭ ହୋଇଛି। ଏବେ ଏହାର ଶ୍ରେୟ ନେବାପାଇଁ ଅନ୍ୟମାନେ ଆଗେଇ ଆସିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଥିଲେ। ଆଗକୁ ଏହି ଖେଳ ପଡ଼ିଆ ନିଶ୍ଚିତ ଭାବେ ଏକ ଉନ୍ନତମାନର ଷ୍ଟାଡିୟମରେ ପରିଣତ କରିବା ପାଇଁ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ସୁରେଶ କୁମାର ମେହେର, ବିଧାୟକଙ୍କ ପ୍ରତିନିଧି କାନ୍ତେଶ୍ୱର ପଧାନ, ସ୍ଥାନୀୟ ସମିତିସଭ୍ୟା ମମତାମୟୀ ପୁଟେଲ, ସମିତିସଭ୍ୟା ଉର୍ମିଳା ବେହେରା ବୀଣାପାଣି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୩୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ମୁରିବାହାଲ, ୧୨।୧୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଉପଖଣ୍ଡସ୍ତରୀୟ ମିଳିତ ଜନଶୁଣାଣୀ ଟିଟିଲାଗଡଠାରେ ସୋମବାର ହେବାକୁ ଥିଲା। ହେଲେ ଟିଟିଲାଗଡ ଜିଲା ଦାବିକୁ ନେଇ ବିଭିନ୍ନ ସରକାରୀ ଅନୁଷ୍ଠାନ ବନ୍ଦ ଥିବା ଯୋଗୁଁ ଶେଷ ମୁହୂର୍ତ୍ତରେ ମୁରିବାହାଲ ବ୍ଲକ କାର୍ଯ୍ୟାଳୟଠାରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ସାମୂହିକ ଓ ବ୍ୟକ୍ତିଗତ ଏହିପରି ମୋଟ ୩୭ଗୋଟି ଅଭିଯୋଗର ଶୁଣାଣି କରିଥିଲେ ଜିଲାପାଳ ଅରିନ୍ଦମ ଡାକୁଆ। ତନ୍ମଧ୍ୟରୁ ମୁରିବାହାଲ ସାମ୍ବାଦିକ ସଂଘ ପକ୍ଷରୁ ମୁରିବାହାଲ ଗ୍ରାମରେ ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା କରିବା, ବ୍ଲକ ଅଫିସରେ ଆବଶ୍ୟକ କର୍ମଚାରୀ ପଦବୀ ପୂରଣ, ମୁରିବାହାଲ-ହଳଦୀ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର, ନୂତନ ଭାବେ ୧୭ପଞ୍ଚାୟତକୁ ନେଇ ଗଠନ ହୋଇଥିବା ଥାନା ପାଇଁ ସ୍ଥାନ ନିରୂପଣ କରାଯାଇ ନଥିବା ବିଷୟ ସଂଘ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଆଗାମୀ ଦିନରେ ଯଥାଶୀଘ୍ର ଏହା ପ୍ରତିଧ୍ୟାନ ଦେଇ ପଦକ୍ଷେପ ନେବା ପାଇଁ ଜିଲାପାଳ ଡାକୁଆ ପ୍ରତିଶ୍ରୁତି ଦେଇଥିଲେ। ପରେ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନଙ୍କ ନେତୃତ୍ୱରେ ସମସ୍ତ ସରପଞ୍ଚ, କେତେକ ସମିତି ସଭ୍ୟ ଓ ଚାଷୀ ସଂଗଠନ ବୀମାରାଶି ଫେରସ୍ତ, କୃଷକମାନଙ୍କର ଅନ୍ୟାନ୍ୟ ସମସ୍ୟାକୁ ନେଇ ଗତ ୫ ତାରିଖେ ଜାତୀୟ ରାଜପଥ ୫୬କୁ ହଳଦୀଠାରେ ଅବରୋଧ କରିଥିବା ମଧ୍ୟ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏତଦ୍‌ବ୍ୟତୀତ ଗୋଇମୁଣ୍ଡ ଗ୍ରାମପଞ୍ଚାୟତରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକ ପ୍ରାପ୍ତ ପାଇବାରେ ବିଳମ୍ବ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରୋତ୍ସାହନ ରାଶି ନ ପାଇବା, ଖାଉଟି କାର୍ଡ ନ ମିଳିବା ବିଷୟକୁ ନେଇ ଅଭିଯୋଗ କରାଯାଇଥିଲା। ଗୁଡିଘାଟ ପଞ୍ଚାୟତର ବାରବନ୍ଧ ଗ୍ରାମରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଦେଶୀ ଓ ବିଦେଶୀ ମଦ କାରବାରକୁ ରୋକା ନ ଯିବା ନେଇ ଗ୍ରାମର ୮ସ୍ୱୟଂ ସହାୟକ ଦଳର ମହିଳା ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏହି ମିଳିତ ଜନଶୁଣାଣିରେ ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ଡିଏସ୍‌ପି ସରୋଜ କୁମାର ମହାପାତ୍ର, ବଲାଙ୍ଗୀର ଡିଇଓ ସୁବୋଧ କୁମାର ଦାସ ତଥା ଜିଲାର ସମସ୍ତ ପଦାଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଯୋଗାଣ ବିଭାଗ, ଗ୍ରାମ୍ୟ ପରିମଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିଭାଗର ପଦାଧିକାରୀମାନେ ଯୋଗଦେଇଥିଲେ।



ଗୁଡିଘାଟ ପଞ୍ଚାୟତ ବାରବନ୍ଧ ଗ୍ରାମରେ ମଦ କାରବାର ବନ୍ଦ କରିବା ଦାବିରେ ଜନ ଶୁଣାଣିରେ ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ସ୍ୱୟଂ ସହାୟକ ଦଳର ମହିଳାମାନେ।

# ମରୁଡ଼ି ଘୋଷଣା ଦାବିରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୧୨।୧୧**

ବଲାଙ୍ଗୀର ଜିଲାର ଦେଓଗାଁ ବ୍ଲକ ସହ ଜିଲାର ଅନ୍ୟ ବ୍ଲକ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ଦାବି ନେଇ ଶତାଧିକ ଚାଷୀ ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚଳିତ ବର୍ଷ ବଲାଙ୍ଗୀର ଜିଲାରେ କମ୍ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସମୟରେ ସରକାର ଜିଲାର ୧୦ଟି ବ୍ଲକରେ ମରୁଡି ହୋଇଥିବା ଘୋଷଣା କରିଛନ୍ତି। ସେଥିରେ ଜିଲାର ଦେଓଗାଁ ସମେତ ଅନ୍ୟ ୪ଟି ବ୍ଲକ୍‌ର ନାମ ଉଲ୍ଲେଖ କରାଯାଇନାହିଁ। ବାସ୍ତବରେ ଦେଓଗାଁ ବ୍ଲକ୍‌ରେ ମଧ ମରୁଡି ହୋଇଛି। ଚକଡା ପୋକରେ ଚାଷୀ ସର୍ବସ୍ୱାନ୍ତ ହେଲେଣି। ଏଭଳି ପରିସ୍ଥିତିରେ ସରକାର ଏହି ବ୍ଲକକୁ ତୁରନ୍ତ ମରୁଡିଗ୍ରସ୍ତ ଅଞ୍ଚଳ ଭାବେ ଘୋଷଣା କରି ଚାଷୀଙ୍କ ଉଚିତ୍ ସହାୟତା ଯୋଗାଇ ଦିଅନ୍ତୁ ବୋଲି ଦାବି କରିଥିଲେ। ଦେଓଗାଁ ବ୍ଲକ୍‌ର ରାମଚନ୍ଦ୍ରପୁର ଅଞ୍ଚଳର ଶତାଧିକ ଚାଷୀ ଏହି ବିକ୍ଷୋଭରେ ଯୋଗଦେଇଥିଲେ।





ସାଧନକର୍ମୀଙ୍କ ସହ ରାଣୀପୁର ଝରିଏଲ ପରିଦର୍ଶନରେ ଆସିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଛାତ୍ରୀଛାତ୍ରୀଙ୍କ ରାଣୀପୁର ଝରିଏଲ ପରିଦର୍ଶନ

**ବଙ୍ଗୋମୁଣ୍ଡା,୧୨।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଅଧୀନ ଧନ୍ଦାମୁଳକ ଶିକ୍ଷା ପ୍ରଦାନ କରାଯାଉଥିବା ବାଳକ ଉଚ୍ଚ ବିଦ୍ୟାଳୟ ଟିଟିଲାଗଡ, ଶ୍ରୀ ଦୁର୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ଲାଠୋର, ଉଚ୍ଚ ବିଦ୍ୟାଳୟ ମଣ୍ଡଳ, ଜରାସିଂହା ଉଚ୍ଚ ବିଦ୍ୟାଳୟର ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଏସିଆର ସର୍ବବୃହତ ଯୋଗିନୀ ପିଟ ରାଣୀପୁର ଝରିଏଲ ପରିଦର୍ଶନ କରିଥିଲେ। ସଂଯୋଜକ ଜ୍ୟୋତିପ୍ରକାଶ ଗୋଡତିଆଙ୍କ ଉଦ୍ୟମରେ ଶିଶୁ ସାହିତ୍ୟିକ ବିରଞ୍ଚି ନାରାୟଣ ଦାସ, ସାଧନକର୍ମୀ ଛାତ୍ରୀଛାତ୍ରମାନଙ୍କୁ ଚଉଷଠୀ ଯୋଗିନୀ ମନ୍ଦିର ଓ ସୋମନାଥ ତୀର୍ଥ ରାଣୀପୁର ଝରିଆଲ ଉପରେ ଅବଗତ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରୀମାନଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗୀତା ହୋଇଥିଲା। କାର୍ଯ୍ୟକ୍ରମରେ ଦୀପକ ସାହୁ, ସାନ୍ତନୁ ଷଡଙ୍ଗୀ, କ୍ଷେତ୍ରମୋହନ ମିଶ୍ର, ବିଶ୍ୱଜିତ ସାହୁ, ଗିରଜାଦେବୀ ନାଗ, ରଶ୍ମିତା ନାଏକ, ପ୍ରମୋଦ ନାଗ, ରତ୍ନା ରଣା, ନିରଞ୍ଜନ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଡୁଙ୍ଗୁରିପାଲି,୧୨।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମଦଭାଟି ପାଖରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ସୋମବାର ଉଦ୍ଧାର କରିଛି। ମଦଭାଟି ପାଖରୁ କଲେଜ ରାସ୍ତାକୁ ଗଲାବେଳେ ମାତ୍ର ୧୦୦ ମିଟର ଦୂର ରାସ୍ତାକଡରେ ଥିବା ଏକ ଡୁମେର ଗଛରେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଯୁବକଙ୍କ ବେକରେ ଗାମୁଛା ଗୁଡେଇ ହୋଇ ଗଣ୍ଠି ପଡିଥିବା ବେଳେ ଅନ୍ୟପଟଟି ଗଛର ଏକ ଡାଳରେ ବନ୍ଧା ହୋଇଥିଲା।

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଙ୍କୋଚ ହେବା ଉଚିତ୍
- ଚରଣ ସିଂ

## ସଂକ୍ଷେପରେ

### ବି.ଆର୍. ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**ବେଲପାହାଡ଼,୧୨।୧୧(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରସ୍ଥିତ ବି.ଆର୍.ଉଚ୍ଚ ବିଦ୍ୟାଳୟରେ ଗତ ଶନିବାର ଓ ରବିବାର ଦୁଇ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ,ବିଦ୍ୟାଳୟ ସଭାପତି ହ୍ରିଦେଶ ସେହଗଲ ଓ ସମ୍ପାଦକ ସୁଶାନ୍ତ ଦାଶ ଯୋଗ ଦେଇଥିଲେ । ଉକ୍ତ ଉତ୍ସବରେ ପୁରାତନ ଛାତ୍ର ସଂସଦର ମାର୍ଗଦର୍ଶକ ଅଜୟ କୁମାର ଭ୍ରମରବର ରାୟ, ଜୟନ୍ତୀ କମିଟି ସଭାପତି କଲ୍ୟାଣ ପଟ୍ଟନାୟକ, ସମ୍ପାଦକ ଦିଲୀପ ସେନ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ବେହେରା କଠିନ ପରିଶ୍ରମ,ଏକାଗ୍ରତା ଓ ଗୁରୁଭକ୍ତି ବିନା ସଫଳତା ମିଳିପାରିବ ନାହିଁ ବୋଲି ପ୍ରକାଶ କରିଥିଲେ । ଉତ୍ସବରେ ଅତିଥିମାନେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ଗୌରୀ ଶଙ୍କର ଦାଶ,ଶିକ୍ଷୟିତ୍ରୀ ସୌଦାମିନୀ ଦାଶ,ପୂର୍ବତନ ଶିକ୍ଷକ ଗୌରୀଶଙ୍କର ଦାଶ ଓ ଶିକ୍ଷୟିତ୍ରୀ ଦୀପ୍ତାଞ୍ଜଳି ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ । ଏମାନଙ୍କ ବ୍ୟତୀତ ବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଦସ୍ୟ ଗଜେନ୍ଦ୍ର କୁମାର ମହାନ୍ତି, ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ଦାସ,ସହକାରୀ ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀ ଓ କେତେଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ଉତ୍ସରେ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଏବଂ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଲଇକେରାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଲଇକେରା, ୧୨।୧୧ (ଡି.ଏନ.ଏ.)-** ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ପରିସରରେ ସୋମବାର ବିଭିନ୍ନ ଯୋଜନାରେ ମନୋନୀତ ହିତାଧିକାରୀଙ୍କ ସହାୟତା ସକାଶେ ଭତ୍ତା ବଣ୍ଟନ କରାଯାଇଛି । ଏହି ଅବସରରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ୨୭୦ଜଣ ବୃଦ୍ଧ ବୃଦ୍ଧାଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇ ୩ମାସର ଭତ୍ତା ବାବଦରେ ୯ଶହ ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ, ବିଧବା ଭତ୍ତା ପ୍ରଦାନ କରାଯାଇଥିଲା । ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୧ ଜଣ ବିପିଏଲ ପରିବାରର ବିଧବାଙ୍କୁ ସହାୟତା ସ୍ୱରୂପ ୨୦ ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରାଯାଇଛି । ଭତ୍ତା ବଣ୍ଟନ ଉତ୍ସବରେ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ଜିଲାପରିଷଦ ସଭ୍ୟ ବ୍ରଜକିଶୋର ସୁନାନୀ, ବ୍ଲକ ଅଧକ୍ଷା ରୋଜାଲିନ ପଟେଲ, ଉପାଧକ୍ଷ ମୋହନ କିଶାନ, ବିଡିଓ ପ୍ରଶନ୍ନ କୁମାର ପାଣ୍ଡେ ଏବଂ ଜିଲା ସାମାଜିକ ଅଧିକାରୀ ସୁଶିଲା ଟିରୋ ପ୍ରମୁଖ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ ।

■ ଝାରସୁଗୁଡ଼ା-ସରଡେଗା ରେଳ ଲାଇନ୍

# ଲୁହା ଶିକୁଳିରେ ରେଳ ଫାଟକ ନିୟନ୍ତ୍ରଣ

**ଝାରସୁଗୁଡ଼ା ଅଫିସ,୧୨।୧୧**

ରେଲୱେ ଫାଟକରେ ସୁରକ୍ଷା ନେଇ ସର୍ବଦା ଅଙ୍ଗୁଳି ଉଠୁଛି । କେତେବେଳେ ଫାଟକ ନ ଥାଇ ଦୁର୍ଘଟଣା ଘଟୁଛି ତ କେତେବେଳେ ନିୟମ ଉଲ୍ଲଂଘନ ଦୁର୍ଘଟଣାର କାରଣ ସାଜୁଛି । ହେଲେ ରେଲୱେ ନିଜର ଖାମଖିଆଲ ମନୋଭାବରୁ କ୍ଷାନ୍ତ ହେଉନି। ସେହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲାରେ। ଦକ୍ଷିଣ-ପୂର୍ବ ରେଳପଥ ଅଧୀନ ଝାରସୁଗୁଡ଼ା-ସରଡେଗା ରେଳ ଲାଇନ୍‌ରେ କୋଇଲା ପରିବହନ ଆରମ୍ଭ ହୋଇଥିଲେ ମଧ୍ୟ ସମ୍ଭାବ୍ୟ ଫାଟକରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଢିଲା ପଡ଼ିଛି। ଘରୋଇ ଠିକାସଂସ୍ଥା ଦ୍ୱାରା ଶ୍ରମିକ ନିଯୁକ୍ତି କରାଯାଇ ଫାଟକ ପରିଚାଳନା କରାଯାଉଛି ବୋଲି ଅଭିଯୋଗ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ଫାଟକ ପରିଚାଳନା ପାଇଁ ଆବଶ୍ୟକ ବୈଷୟିକ ଉପକରଣର ମଧ୍ୟ ଅଭାବ ରହିଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ସୁନ୍ଦରଗଡ଼ ଜିଲା ଏମ୍‌ସିଏଲ୍ ଅଧୀନ ବସୁନ୍ଧରା କୋଇଲା ଖଣି ଅଞ୍ଚଳରୁ କୋଇଲା ପରିବହନ ଲାଗି ୨୦୧୩ ମସିହାରେ ସରଡେଗା-ଝାରସୁଗୁଡ଼ା ଟ୍ରେନ୍ ଲାଇନ୍ ନିର୍ମାଣ କାମ ଆରମ୍ଭ ହୋଇଥିଲା। ପ୍ରାୟ ୫୩.୧ କି.ମି ବିଶିଷ୍ଟ ଏହି ଟ୍ରେନ୍ ଲାଇନ ନିର୍ମାଣ ଲାଗି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ୧୧୨୪ କୋଟି ଟଙ୍କା ବ୍ୟୟ କରିଛି। ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ାରେ ଏହି ରେଳ ଲାଇନ୍ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଏହାପରେ କୋଇଲା ପରିବହନ ଆରମ୍ଭ ହୋଇଛି। ହେଲେ ଏହି ପ୍ରକଳ୍ପ ମଝିରେ ରହିଥିବା ୧୧ଟି ସମ୍ଭାବ୍ୟ ଫାଟକରେ ସୁରକ୍ଷା ବ୍ୟବସ୍ଥା ଢିଲା ରହିଛି। ଏହି ୧୧ଟି ଫାଟକରେ ଘରୋଇ ସଂସ୍ଥା ପକ୍ଷରୁ ଠିକା ଶ୍ରମିକ ନିଯୁକ୍ତି କରାଯାଇ ରେଳ ଫାଟକ ପରିଚାଳନା କରାଯାଉଛି ବୋଲି ସୂଚନା ମିଳିଛି। କାରଣ ବ୍ରଜରାଜନଗର ଗାନ୍ଧୀଛକରୁ ଦର୍ଲିପାଲି ଯିବା ରାସ୍ତାରେ ରାଜପୁରଠାରେ ଏକ ରେଳ ଫାଟକ ରହିଛି। କିନ୍ତୁ ସେଠାରେ ରେଲୱେ ପକ୍ଷରୁ କୌଣସି ଫାଟକ ନ ଥିବା ବେଳେ ଜଗୁଆଳି ମଧ୍ୟ ନାହାନ୍ତି। ରାଜପୁର ଫାଟକରେ ଏକ ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଲୋକ ଆନ୍ଦୋଳନ କରିଥିଲେ। ଏହାପରେ ଠିକାସଂସ୍ଥା ପକ୍ଷରୁ ମାସିକ ସ୍ୱଳ୍ପ ବେତନଯୁକ୍ତ ଶ୍ରମିକ ନିଯୁକ୍ତି କରାଯାଇଛି।

ଟ୍ରେନ୍ ଯାତାୟତ ସମୟରେ ରେଳ ଫାଟକରେ ଲୁହା ଶିକୁଳି ଟାଣି ଲୋକଙ୍କୁ ଅଟକାଯାଉଛି। ରେଳ ଚଳାଚଳ ଜନିତ ସୂଚନା ପାଇବା ପାଇଁ ନିୟୋଜିତ କର୍ମଚାରୀ ୱାକି-ଟକି ଏବଂ ମୋବାଇଲ ଭଳି ଉପକରଣ ବ୍ୟବହାର କରୁଛନ୍ତି, ଯାହା ଉପଯୁକ୍ତ ସମୟରେ ସୂଚନା ପାଇବା ଏବଂ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ଦିଗରେ କେତେ ଯଥାର୍ଥ ବୋଲି ସ୍ଥାନୀୟ ବାସିନ୍ଦା ବିରଞ୍ଚି ନାରାୟଣ ପଣ୍ଡା ପ୍ରଶ୍ନ କରିଛନ୍ତି। ଟ୍ରେନ୍ ଆସୁଥିବା ନେଇ ସୂଚନା ପାଇବା ପରେ ନିୟୋଜିତ କର୍ମଚାରୀ ଲୁହା ଶିକୁଳି ବାନ୍ଧି ଲୋକଙ୍କୁ ଅଟକାଉଛନ୍ତି ଏବଂ ଟ୍ରେନ୍ ଅତିକ୍ରମ ପରେ ଲୁହା ଶିକୁଳି ଖୋଲୁଛନ୍ତି। ରାଜପୁର ରାସ୍ତା ଭଳି ଝାରସୁଗୁଡା-ସରଡେଗା ଲାଇନରେ ରହିଥିବା ୧୧ଟି ସମ୍ଭାବ୍ୟ ଫାଟକରେ ନିୟୋଜିତ ଠିକା କର୍ମଚାରୀ ରେଳ ଚଳାଚଳ ନିୟନ୍ତ୍ରଣ କରୁଛନ୍ତି । ଏହା ଦିନେ ଲୋକଙ୍କ ଜୀବନ ପ୍ରତି ବିପଦ ସାବ୍ୟସ୍ତ ହୋଇପାରେ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ପରେ ଏହି ରାସ୍ତାରେ କୋଇଲା ପରିବହନ ଆରମ୍ଭ ହୋଇଛି । ହେଲେ ଦକ୍ଷିଣ-ପୂର୍ବ ରେଳତଟ ପକ୍ଷରୁ ସ୍ଥାୟୀ ଫାଟକ ନିର୍ମାଣ ଏବଂ କର୍ମଚାରୀ ନିୟୋଜିତ କରାଯାଇନି । ଏପରି ଅବ୍ୟବସ୍ଥା ଲୋକଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କରିଛି । ଏବାବଦରେ ରେଳ କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



ରାଜପୁର ରାସ୍ତାରେ ଲୁହା ଶିକୁଳି ଟାଣି ଫାଟକ ନିୟନ୍ତ୍ରଣ କରାଯାଉଛି।

- ■ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ ପରେ ବି ଅବ୍ୟବସ୍ଥା
- ■ ଘରୋଇ ଠିକାସଂସ୍ଥା ଦ୍ୱାରା ଫାଟକ ପରିଚାଳନା
- ■ ଦୁର୍ଘଟଣା ଘଟିଲେ ଚେତିବେ ରେଳ କର୍ତ୍ତୃପକ୍ଷ

### ତଦନ୍ତ ଆଢୁଆଳରେ ଟିଭିଏସ୍ ଏକ୍ସପ୍ରେସ୍ ଚିଟଫଣ୍ଡ୍

**ଝାରସୁଗୁଡ଼ା ଅଫିସ,୧୨।୧୧**

ଲୋକଙ୍କୁ ଲୋଭ ଦେଖାଇ ଟଙ୍କା ଲୁଟିଥିବା ଅଧିକାଂଶ ଚିଟ୍‌ଫଣ୍ଡ କମ୍ପାନୀ ତଦନ୍ତ ଜାଲରେ ଫସି ଯାଇଛନ୍ତି। ହେଲେ ଆଞ୍ଚଳିକ ଭିତ୍ତିରେ ଚିଟ୍‌ଫଣ୍ଡ ସଂସ୍ଥା ଚଳାଇ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିଥିବା ଆଉ କେତେକ ଠକ କମ୍ପାନୀ ତଦନ୍ତ ପ୍ରକ୍ରିୟା ବାହାରେ ରହିଛନ୍ତି। ଝାରସୁଗୁଡ଼ା ସମେତ ସମ୍ବଲପୁର, ସୁନ୍ଦରଗଡ଼, ରାଉରକେଲା ଭଳି ଅଞ୍ଚଳରେ ପ୍ରଭାବ ବିସ୍ତାର କରି ଚିଟ୍‌ଫଣ୍ଡ ସଂସ୍ଥା ଚଳାଇଥିବା ଟିଭିଏସ୍ ଏକ୍ସପ୍ରେସ୍ ନାମକ ଏକ କମ୍ପାନୀ ଦ୍ୱାରା ବହୁ ଲୋକ ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୂର୍ବରୁ ଜିଲା ପ୍ରଶାସନ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଠାରେ ଅଭିଯୋଗ ହୋଇଥିଲେ ମଧ୍ୟ କମ୍ପାନୀ ପରିଚାଳନା କରୁଥିବା ଲୋକ ସ୍ଥାନୀୟ ରାଜନେତା ଏବଂ ମୁଷ୍ଟିମେୟ ଲୋକଙ୍କୁ ଧରି ଖସିଯିବାରେ ସଫଳ ହୋଇଛନ୍ତି। ହେଲେ ଟିଭିଏସ୍ ଏକ୍ସପ୍ରେସ୍ ଦ୍ୱାରା ଠକେଇର ଶିକାର ହୋଇଥିବା ଲୋକ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି କମ୍ପାନୀର କର୍ମଚାରୀ ଲୋକଙ୍କୁ କମ୍ ଅବଧିରେ ଦୁଇଗୁଣା ଅର୍ଥ, ବିଦେଶ ଯାତ୍ରାର ରଙ୍ଗୀନ୍ ସ୍ୱପ୍ନ ଦେଖାଇ କୋଟି କୋଟି ଟଙ୍କା ଠକି ନେଇଛି। ଏବେ ଜମାକାରୀଙ୍କୁ ହତ୍ୟା ଧମକ ଦେଇ ପାଟି ଚୁପ୍ କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏହି ସଂସ୍ଥାକୁ ତଦନ୍ତ ପରିସରଭୁକ୍ତ କରିବାକୁ କ୍ଷତିଗ୍ରସ୍ତ ଜମାକାରୀମାନେ ଦାବି କରିଛନ୍ତି।



ବେଲପାହାଡ଼ ସହର ଛୁଆଲିବେର୍ଣ୍ଣାସ୍ଥିତ ଆଶ୍ରମ ବିଦ୍ୟାଳୟରେ ଆୟୋଜିତ ସର୍‌ଗିଫୁଲ ଶିଶୁ ମହୋତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ।

# ଶିଶୁ ମହୋତ୍ସବ 'ସର୍‌ଗିଫୁଲ'

■ ଯୋଗ ଦେଲେ ୩୬ ବିଦ୍ୟାଳୟ ଛାତ୍ରୀଛାତ୍ର

**ବେଲପାହାଡ଼,୧୨।୧୧(ଡି.ଏନ୍.ଏ.)**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗ ପକ୍ଷରୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରସ୍ଥିତ ଛୁଆଲିବେର୍ଣ୍ଣା ଆଶ୍ରମ ବିଦ୍ୟାଳୟରେ ସୋମବାର ଅଷ୍ଟମ ଜିଲା ସ୍ତରୀୟ ଶିଶୁ ମହୋତ୍ସବ 'ସର୍‌ଗିଫୁଲ' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲାର ୫ଟି ବ୍ଲକ ଅଧୀନ ୩୬ ବିଦ୍ୟାଳୟରୁ ଆସିଥିବା ପ୍ରାୟ ୪୫୦ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ ।

ଜିଲା ମଙ୍ଗଳ ଅଧିକାରୀ ବିଜୟ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବ ଉଦଘାଟନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ଜୟକୃଷ୍ଣ ମହାପାତ୍ର,ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ବିଜୟା ମେହେର ଓ ଆରତୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବା ସହିତ ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ମେହେର, ନରେନ୍ଦ୍ର ପାଣି, କ୍ଷିତଚନ୍ଦ୍ର ନାୟକ, ନବଜାତ ସାମଦ, ଦିବ୍ୟରାଜ ନାୟକ ଏବଂ କର୍ମଚାରୀ ଦୁଃଖବନ୍ଧୁ ସାହୁ ଓ ବୃଷଭାନୁ ବୁଡ଼ାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ମଙ୍ଗଳ ସଂଯୋଜିକା ମୀନାରାଣୀ ମଙ୍ଗଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗରିଧାରୀ ଭୋଇ, ଶିକ୍ଷା ମଣ୍ଡଳ ଅଧିକାରୀ ଅକ୍ଷୟ କୁମାର ମହନ୍ତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ସୁଶାନ୍ତ ତ୍ରିପାଠୀ ଓ ପ୍ରେମସାଗର ଦାଶ ମଞ୍ଚ ପରିଚାଳନା କରିଥିଲେ । ମହୋତ୍ସବ ଆୟୋଜକ ସମ୍ପାଦକ ଶିକ୍ଷକ ବିଜୟ ପାଣି ଓ ସତ୍ୟବାନ ପତିଙ୍କ ସମେତ ଛୁଆଲିବେର୍ଣ୍ଣା ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ । ମହୋତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ

**ଝାରସୁଗୁଡ଼ା ଅଫିସ,୧୨।୧୧**

ଝାରସୁଗୁଡ଼ା ପୌର ପରିଷଦ ୱାର୍ଡ ନଂ-୧୩ରେ ଶନିବାର ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରାଯାଇଛି। ୧୦ ଲକ୍ଷ ଟଙ୍କା ବ୍ୟୟରେ ବାଲିଯୋରୀ ଓରାମପଡ଼ାରେ ନିର୍ମିତ କମ୍ୟୁନିଟି ହଲ, ଦେବାଡିହି ଡିହିପଡ଼ାରେ କମ୍ୟୁନିଟି ହଲ ଏବଂ ଓରାମପଡ଼ାରେ ନିର୍ମିତ ଏକ ରାସ୍ତାର ଉଦ୍‌ଘାଟନ କରାଯାଇଥିଲା। ସେହିପରି ୧୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଓଭରହେଡ୍ ଟାଙ୍କି ଏବଂ ଗଭୀର ନଳକୂପ ଏବଂ ଏକ ଭାଗବତ ଟୁଙ୍ଗୀର ଶିଳାନ୍ୟାସ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୌରାଧକ୍ଷ ହରିଶ ଗଣ୍ଡ୍ରା ଏବଂ ସ୍ଥାନୀୟ କାଉନସିଲର ତ୍ରିନାଥ ଗୁଆଲ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଥିଲେ।



ପୌରାଧକ୍ଷ ଏକ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି।

# ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ଗଣସତ୍ୟାଗ୍ରହ

**ଝାରସୁଗୁଡ଼ା ଅଫିସ,୧୨।୧୧**

ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ତରଫରୁ ସୋମବାର ଏକ ବିଶାଳ ଶୋଭାଯାତ୍ରା ଏବଂ ବିକ୍ଷୋଭ ସଭା ଆୟୋଜନ ହୋଇଥିଲା। ଏହି ଅବସରରେ କ୍ଷତିଗ୍ରସ୍ତ ଜମାକାରୀମାନେ ଝାରସୁଗୁଡ଼ା ବସଷ୍ଟାଣ୍ଡ ଛକରୁ ଜିଲାପାଳ ଅଫିସ ଯାଏଁ ଏକ ବିଶାଳ ଶୋଭାଯାତ୍ରାରେ ଆସିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ତ୍ରୁଟିଯୁକ୍ତ କେନ୍ଦ୍ରୀୟ ଓ ରାଜ୍ୟ ଆଇନ୍ ତଥା ଉଭୟ ସରକାରଙ୍କ ପୃଷ୍ଠପୋଷକତା ହାସଲ କରି ଠକ କମ୍ପାନୀମାନେ ଲୋକଙ୍କ କମ୍ ସମୟରେ ଅଧିକ ଅର୍ଥ ଦେବାର ପ୍ରତିଶ୍ରୁତି ଦେଇ ଜମାଟଙ୍କା ନେଇ ଉଭାନ୍ ହୋଇଯାଇଛନ୍ତି। ଏହାପରେ ଜମାକାରୀଙ୍କ ସ୍ୱାର୍ଥପାଇଁ ଲଢୁଥିବା ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ସହ ସରକାର ଆଲୋଚନା ନ କରି ଗ୍ରହଣ କରିଥିବା ପଦକ୍ଷେପ ଫଳପ୍ରଦ ହୋଇନାହିଁ। ଅନ୍ୟପକ୍ଷରେ ଠକ କମ୍ପାନୀମାନେ ଖସିଯାଇ ସମ୍ପତ୍ତି ହସ୍ତାନ୍ତରରେ ସଫଳ ହୋଇଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ, ବିଚାର ବିଭାଗୀୟ ତଦନ୍ତ କମିଶନଙ୍କ ତଦନ୍ତ, ସିବିଆଇ ତଦନ୍ତ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ତଦନ୍ତ ରାଜ୍ୟର ସମୂହ ଜମାକାରୀଙ୍କ କଷ୍ଟୋପାର୍ଜିତ ଅର୍ଥ ଫେରସ୍ତ କରିବାରେ ଏପର୍ଯ୍ୟନ୍ତ ସଫଳ ହୋଇନାହାନ୍ତି। ତେଣୁ ଏହି ମଞ୍ଚ ବର୍ତ୍ତମାନ ଗଣସତ୍ୟାଗ୍ରହ ମାଧ୍ୟମରେ ବିଭିନ୍ନ ଜିଲାରେ ଆନ୍ଦୋଳନ ଚଳାଇଛି। ଏହି ଅବସରରେ ମିଳିତ ମଞ୍ଚର ରବି ଦାସ, ଜୟନ୍ତ ଦାସ, ସାରଙ୍ଗଧର ମିଶ୍ର ସମେତ ଅନ୍ୟମାନେ ଜିଲା ପ୍ରଶାସନ ଜରିଆରେ ଓଡ଼ିଶା ରାଜ୍ୟପାଳଙ୍କୁ ୬ ଦଫା ଦାବି ଯୁକ୍ତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।




କ୍ଷତିଗ୍ରସ୍ତ ଜମାକାରୀ ଶୋଭାଯାତ୍ରାରେ ଯାଉଛନ୍ତି।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ
**ସଂଶୋଧନ ପତ୍ର**
ତା.୦୯.୧୧.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ 'ନିୟମ ଓ ସର୍ତ୍ତାବଳୀ'ର କ୍ର. ନଂ. ୩ ରେ ଦର୍ଶିତ 'ଆକାଉଣ୍ଟ ନଂ. ଏବଂ ଆକାଉଣ୍ଟ ର ନାମ' "Account No.: 33401288726 & Name of the A/c: AGM, SARB, NO LIEN ACCOUNT" ପରିବର୍ତ୍ତେ **"Account No.: 30784275855 & Name of the A/c: AGM, SARB, Recovery Account"** ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୧୨.୧୧.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika
ଡି-୨/୩, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର- ୧୦
**ବିଜ୍ଞାପନ**
ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **ଏନ୍.ଟି.ପି.ସି., କଣିହା** ଠାରେ **୨୩/୧୧/୨୦୧୮** ଠାରୁ **୦୨/୧୨/୨୦୧୮ ପର୍ଯ୍ୟନ୍ତ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।
ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗର ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୧୯/୧୧/୨୦୧୮** ସୁଧା ଆବେଦନ କରିବା ପାଇଁ ଅନୁରୋଧ।
ପରିଚାଳନା ନିର୍ଦ୍ଦେଶକ

**ODISHA JOINT ENTRANCE EXAMINATION 2018**
**No:- OJEE-18/506** **Date-12/11/2018**
**Detailed Schedule for Second Round Spot Counselling for BAMS/BHMS**
In view of the extended cut-off date of admission to BAMS/BHMS courses prescribed by appropriate Authority as per the letter No. **4CE-AT-01/15 No. 8073/DAYUSH Dt. 08.11.2018**, the **Second Round Spot counselling - cum-admission** for the Institutes in Odisha as mentioned below shall be conducted as per the following schedule.
All the **registered/ unregistered** (in previous rounds of counselling)' All India NEET' rank holders interested to take part in spot round counselling have to report as per the timetable given below.

| VENUE | DATE | REPORTING TIME | ALL INDIA NEET RANK |
|---|---|---|---|
| OJEE CELL, Gandamunda, Bhubaneswar | 15-11-2018 | 10:00AM TO 11.00 AM | 25000 TO 500000 |
| | 15-11-2018 | 11:00AM TO 12 NOON | 500001 TO 900000 |
| | 15-11-2018 | 2:30PM TO 3:30PM | 900001 AND ABOVE |

For further details, please login to **www.ojee.nic.in** or **www.odishajee.com**

**Seat Matrix for Second Round Spot Counselling (BAMS/BHMS 2018)**

| SL. No. | Homoeopathic Colleges | Course | Category GE | Total Vacancy |
|---|---|---|---|---|
| 1. | BPHMC&H Berhampur (Govt.) | BHMS | 01 | 01 |
| 2. | OMCH&R, Sambalpur (Govt.) | BHMS | 03 | 03 |

**Final updated SEAT MATRIX will be displayed on the website www.ojee.nic.in / www.odishajee.com on 14.11.2018, 5.00 PM**
***Admission will be declared closed as and when seats are exhausted.***
**SD/-**
**CHAIRMAN, OJEE 2018**



ମନୁଷ୍ୟ ନିଜର ଓ ନିଜ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ ସେ ଚୋର ଅଟେ। - **ବ୍ୟାସଦେବ**



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବେଦବ୍ୟାସ,୧୨।୧୧(ଡି.ଏନ୍.ଏ.)**- ବ୍ରାହ୍ମଣୀତରଙ୍ଗ ଥାନା ଟାଇଁସର ଛକଠାରେ ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ବାଇକ୍ ଧକ୍କାରେ ଟାଇଁସର ନିବାସୀ ଭାଟୁ ଓରାମ (୨୪)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଦୁର୍ଘଟଣା ଘଟାଇଥିବା ଓଡି୧୪-ପି୭୮୪୫ନଂ ବାଇକ୍ ଚାଳକ ଗୁରୁତର ଆହତ ହୋଇ ରାଉରକେଲାର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ସୂଚନାନୁଯାୟୀ, ଭାଟୁ ରାସ୍ତା ଅତିକ୍ରମ କରୁଥିବା ବେଳେ କଲୁଙ୍ଗା ପଟୁ ଗୁରୁଣ୍ଡିଆ ଆଡ଼କୁ ଦ୍ରୁତଗତିରେ ଯାଉଥିବା ବାଇକ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ରାଉରକେଲା ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବାଇକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇ ରାଉରକଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏନେଇ ପୋଲିସ ଏକ ଦୁର୍ଘଟଣା ମାମଲା (ନଂ.-୨୫୩/୧୮) ରୁଜୁ କରି ତଦନ୍ତ ଚଳାଇଛି।

### ଗର୍ଭବତୀ ମହିଳାଙ୍କ ମୃତ୍ୟୁ

**ଲହୁଣୀପଡ଼ା,୧୨।୧୧(ଡି.ଏନ୍.ଏ.)**- ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଡଲେଇସରା ପଞ୍ଚାୟତ ବାଙ୍କି ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କର ଲହୁଣୀପଡ଼ା ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ବାଙ୍କି ଗ୍ରାମର ସଞ୍ଜୟ ନାଏକଙ୍କ ସ୍ତ୍ରୀ ରୀନା (୩୦) ଗର୍ଭବତୀ ଥିଲେ। ରବିବାର ରାତି ପ୍ରାୟ ୩ଟାରେ ସେ ଗର୍ଭ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ଗ୍ରାମର ଆଶାକର୍ମୀ ବୀଣାପାଣି ନାଏକଙ୍କୁ ଯୋଗାଯୋଗ କରିଥିଲେ। ଆଶାକର୍ମୀ ନାଏକ ଜନନୀ ସୁରକ୍ଷା ଗାଡ଼ିକୁ ଫୋନ୍ କରିଥିଲେ। ଜନନୀ ସୁରକ୍ଷା ଗାଡ଼ି ପହଞ୍ଚିବା ରୀନାଙ୍କୁ ଲହୁଣୀପଡ଼ା ମେଡିକାଲ ନେଇଥିଲା। ତେବେ ଡାକ୍ତର ରକ୍ତଚାପ ପରୀକ୍ଷା କରୁଥିବା ବେଳେ ରୀନାଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ରୀନାଙ୍କର ଗର୍ଭଜନିତ ସେଭଳି କୌଣସି ଜଟିଳତା ନ ଥିବାବେଳେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ଡଲେଇସରା ପଞ୍ଚାୟତ ବାଙ୍କି ଗ୍ରାମ ଲହୁଣୀପଡ଼ାଠାରୁ ପ୍ରାୟ ୩୫ରୁ ୪୦ କିଲୋମିଟର ଦୂର। ଅଞ୍ଚଳଟି ଆଦିବାସୀ ଅଧୁଷିତ ହୋଇଥିବା ବେଳେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏକ ଏଏନ୍ଏମ୍ ସେଣ୍ଟର ରହିଛି। କିନ୍ତୁ ସେଠାରେ ଏଏନ୍ଏମ୍ ରହୁ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।



ଯୁବମୋର୍ଚ୍ଚା କର୍ମୀମାନେ ରାସ୍ତା ଅବରୋଧ କରି ବନ୍ଦ ପାଳନ କରୁଛନ୍ତି।

# ଭାଜପାର ୧୨ଘଣ୍ଟିଆ ବନ୍ଦ ପାଳନ

**ଲହୁଣୀପଡ଼ା,୧୨।୧୧(ଡି.ଏନ୍.ଏ.)**

ବଣେଇ ସାଙ୍ଗଠନିକ ଭାଜପା ଜିଲା ଯୁବମୋର୍ଚ୍ଚା ପକ୍ଷରୁ ୬ଦଫା ଦାବି ନେଇସୋମବାର ବଣେଇ ବନ୍ଦ ଡାକରା ଦିଆଯାଇଥିଲା। ଏହି କ୍ରମରେ ଯୁବମୋର୍ଚ୍ଚା କର୍ମୀମାନେ ଲାଜାମୁଣ୍ଡା ବାଇପାସଠାରେ ସକାଳ ପ୍ରାୟ ୮ଟାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ଅଟକି ରହିଥିଲା। ସେହିପରି କର୍ମୀମାନେ ପିକେଟିଂ କରି ବିଭିନ୍ନ ସରକାରୀ ଅଫିସ, ସ୍କୁଲ, ବ୍ୟାଙ୍କ ଆଦି ବନ୍ଦ କରିଥିଲେ। ବଣେଇ ଓ ଲହୁଣୀପଡ଼ାକୁ ତୁରନ୍ତ ଏନ୍ଏସି ଘୋଷଣା, ବଣେଇ ଉପଖଣ୍ଡ ଡାକ୍ତରଖାନାକୁ ଶହେ ଶଯ୍ୟା ବିଶିଷ୍ଟ କରିବା, ବଣେଇ କଲେଜକୁ ସରକାରୀ କଲେଜ ମାନ୍ୟତା ପ୍ରଦାନ, ଖୁଣ୍ଟଗାଁକୁ ନୂତନ ବ୍ଲକ ଘୋଷଣା, ବିମଳାଗଡ଼-ତାଳଚେର ରେଳପଥ ପାଇଁ ତୁରନ୍ତ ଜମି ଅଧିଗ୍ରହଣ ଏବଂ ବଣେଇ ଉପଖଣ୍ଡକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିରେ ଏହି ବନ୍ଦ ପାଳନ କରାଯାଇଥିଲା। ଦିନ ପ୍ରାୟ ୧୨ଟା ବେଳେ ରାସ୍ତା ଅବରୋଧ ହଟିଥିଲା। ଏହି ବନ୍ଦ ପାଳନରେ ଲୁଥାର ଓରାମ, ସେବତୀ ନାଏକ, ନାରାୟଣ କୁମ୍ଭାର, କୈଳାସ ଠାକୁର, ଲକ୍ଷ୍ମଣ ନାଏକ ପ୍ରମୁଖଙ୍କ ସମେତ ଭାଜପା ଯୁବମୋର୍ଚ୍ଚାର ଶତାଧିକ କର୍ମୀ ସାମିଲ ହୋଇଥିଲେ।

**ଦଳିତ ମହିଳା ଚାଷୀଙ୍କ ଆତ୍ମହତ୍ୟା ଘଟଣା**

# ୧୦ ଲକ୍ଷ ଟଙ୍କା କ୍ଷତିପୂରଣ, ମରୁଡ଼ି ଘୋଷଣା ଦାବି

**ବଡ଼ଗାଁ,୧୨।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ସାହାଜବାହାଲ ଗ୍ରାମର ଦଳିତ ମହିଳା ଚାଷୀ ମୁଗ ଦୁତିଆଙ୍କ ଖରିଫ ଧାନ ଫସଲ ଉଜୁଡ଼ି ଯିବାରୁ ଋଣ ପରିଶୋଧ ଚିନ୍ତାରେ ସେ ଗତ ମାସ ୨୮ ତାରିଖରେ ବିଷାକ୍ତ ଫଳ ଖାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ସମ୍ପର୍କରେ ତାଙ୍କ ପୁଅ ସଞ୍ଜୀବ ରବିବାର ଥାନାରେ ଲିଖିତ ଭାବେ ଜଣାଇଥିଲେ। ସୋମବାର ସାହାଜବାହାଲ ଗ୍ରାମର କେତେଜଣ ଯୁବକଙ୍କ ଉପସ୍ଥିତିରେ ଭୋଇପାଲି କୃଷକ ବଜାର କମିଟି ସଭାପତି ରବୀନ୍ଦ୍ର ପଟେଲ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବଡ଼ଗାଁ ତହସିଲଦାର ସୋନାଲି ଚାନ୍ଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମୃତକ ମୁଗଙ୍କ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯିବା ଯୋଗୁ ଋଣ ପରିଶୋଧ ଚିନ୍ତାରେ ସେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଓ ଭବିଷ୍ୟତରେ ଏଭଳି ଘଟଣାକୁ ଏଡ଼ାଇବା ପାଇଁ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ିଗ୍ରସ୍ତ ଘୋଷଣା କରିବାକୁ ଦାବି କରାଯାଇଛି। ଚାଷୀମାନେ ବାରମ୍ବାର ଦାବି କରିବା ସତ୍ତ୍ୱେ ୨୦୧୦ ମସିହାର ଉତ୍କଟ ମରୁଡ଼ି ପରିସ୍ଥିତି ପରେ କୌଣସି ସହାୟତା ମିଳିନାହିଁ। ଏପରିକି ଗତବର୍ଷର ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ମଧ୍ୟ ଚାଷୀ ପାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ମାଳ, ଗୋଡ଼ା, ବେର୍ଣ୍ଣା ଜମିର ୮୦ ପ୍ରତିଶତ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଏହି କାରଣରୁ ଚାଷୀ ଆଗାମୀ ବର୍ଷ ପାଇଁ ବିହନ ଓ ବର୍ଷକର ଖାଦ୍ୟ ପାଇପାରିବେ ନାହିଁ ବୋଲି କୁହାଯାଉଛି। ଏପରିକି କେତେକ ବାହାଲ ଜମିର ଚାଷ ମଧ୍ୟ ନଷ୍ଟ ହୋଇଛି। ଏଥିରୁ ଯେଉଁ ଧାନ ଅମଳ ହେବ ତାହା ପୁଷ୍ଟ ହେବନାହିଁ ଏବଂ ଓଜନ ମଧ୍ୟ କମିବ ବୋଲି କୁହାଯାଉଛି। ଏପରି ସ୍ଥିତିରେ ଚାଷୀ ହତାଶ ହୋଇପଡ଼ିଛନ୍ତି। ସରକାର ତୁରନ୍ତ ମରୁଡ଼ି ଘୋଷଣା କରି ଚାଷୀଙ୍କୁ ସହଯୋଗର ହାତ ବଢ଼ାଇବାକୁ ଦାବି ହେଉଛି।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

### ନାବାଳିକା ଅପହରଣ ନେଇ ଥାନାରେ ମାମଲା

**ବସ୍ତା,୧୨।୧୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଶନିବାର ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# କୁସମେଲ ଆଶ୍ରମ ସ୍କୁଲରେ ଯୋଗ ଶିବିର

**ହେମଗିର,୧୨।୧୧(ଡି.ଏନ୍.ଏ.)**

ସମଗ୍ର ଦେଶରେ ବର୍ତ୍ତମାନ ଯୋଗର ଚାହିଦା ବୃଦ୍ଧି ପାଉଥିବାବେଳେ ଏହା ସ୍କୁଲ କଲେଜରେ ମଧ୍ୟ ଆଦୃତ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କୁସମେଲ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଯଜ୍ଞ କୁମାର ପଟେଲଙ୍କ ନେତୃତ୍ୱରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ରଫିକ ଭାଇ ଓ ଇନ୍ଦ୍ରମଣି ଭାଇ ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଯୋଗ, ପ୍ରାଣାୟାମ ପ୍ରଶିକ୍ଷଣ ଦେଇଥିଲେ। ଏହା ଦ୍ୱାରା ଉତ୍ତମ ଶିକ୍ଷା ସହ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ହୋଇପାରିବ ବୋଲି ପ୍ରଶିକ୍ଷକମାନେ କହିଥିଲେ। ଲୋକନାଥ ସେଟ, ଶ୍ରବଣ ବାରିକ, କମଳେଶ ପଟେଲ, ମମିତା କରସେଲ, ମଧୁଲିକା ଭୋଇ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ମୋ ଭାରତ ସ୍ୱର୍ଣ୍ଣିମ ଭାରତ ବସ୍‌କୁ ସ୍ୱାଗତ ପାଇଁ ପ୍ରସ୍ତୁତି

**ସୁନ୍ଦରଗଡ଼,୧୨।୧୧(ଡି.ଏନ୍.ଏ.)**

ଯୁବ ସମାଜ ମଧ୍ୟରେ ଶୃଙ୍ଖଳା ଓ ସ୍ୱଚ୍ଛତା ଭାବନା ଜାଗ୍ରତ କରିବା ବାର୍ତ୍ତା ନେଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଣ୍ଟ ଆବୁଠାରୁ ବାହାରିଥିବା ମୋ ଭାରତ ସ୍ୱର୍ଣ୍ଣିମ ଭାରତ ବସକୁ ସୁନ୍ଦରଗଡ଼ରେ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ସ୍ଥାନୀୟ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ରାଜଯୋଗ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ଯୁବ ପ୍ରଭାଗ କମିଟି ସଭ୍ୟ ରାଜଯୋଗୀ ବ୍ରହ୍ମାକୁମାର ରୂପେଶ ଭାଇ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଏହି ବସ୍ ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱର୍ଣ୍ଣିମ ଭାରତର ନବନିର୍ମାଣ ଏବଂ ଯୁବସମାଜକୁ ଆହ୍ୱାନ ଜଣାଇବା ପାଇଁ ସୁସଜ୍ଜିତ ପ୍ରଦର୍ଶନୀ ବସ୍ ସମଗ୍ର ଦେଶ ପରିଭ୍ରମଣ କରୁଛି। ରାଜଯୋଗ ମାଧ୍ୟମରେ ଯୁବବର୍ଗକୁ ଆଧ୍ୟାତ୍ମିକ ମୂଲ୍ୟବୋଧ ଓ ଚରିତ୍ର ନିର୍ମାଣ ପ୍ରତି ପ୍ରୋତ୍ସାହିତ କରି ସ୍ୱଚ୍ଛ ସୁସ୍ଥ ଭାରତ ଗଠନ ଦିଗରେ ସକ୍ରିୟ ଭୂମିକା ଗ୍ରହଣ ସକାଶେ ପ୍ରେରଣା ଯୋଗାଇବା ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ୨୦୧୭ ଅଗଷ୍ଟ ୧୨ରୁ ଗୁଜରାଟର ଅହମଦାବାଦରୁ ଏହି ଯାତ୍ରା ଆରମ୍ଭ ହୋଇଥିବା ସେ କହିଥିଲେ। ସୁନ୍ଦରଗଡ଼ ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ଜୋସ୍ନା କହିଥିଲେ, ଆସନ୍ତା ୨୫ ତାରିଖରେ ଏହି ବସ୍ ସୁନ୍ଦରଗଡ଼ରେ ପହଞ୍ଚିବ। ଉକ୍ତଦିନ ସ୍ଥାନୀୟ ଭବାନୀ ଭବନ ପଡ଼ିଆଠାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୧୦୦୦ରୁ ଊର୍ଦ୍ଧ୍ୱ ଯୁବଗୋଷ୍ଠୀଙ୍କୁ ସ୍ୱର୍ଣ୍ଣିମ ଭାରତ ନିର୍ମାଣରେ ସହଯୋଗ କରିବା ପାଇଁ ଶିବ ସନ୍ଦେଶ ଏବଂ ରାଜଯୋଗ ଶିକ୍ଷା ପ୍ରଦାନ କରାଯିବ। ୨୬ ତାରିଖରେ ଜିଲା କାରାଗାର, ବିଭିନ୍ନ କଲେଜ, କେନ୍ଦ୍ରୀୟ ବିଦ୍ୟାଳୟ ଓ ଯୁବ ସଂଗଠନଗୁଡ଼ିକରେ ଯୁବ ଜାଗରଣ ସହିତ ନିଶା ନିବାରଣ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସେ ସୂଚନା ଦେଇଥିଲେ। ବ୍ରହ୍ମାକୁମାରୀ ଶ୍ୱେତା ଅତିଥି ପରିଚୟ ଓ ବ୍ରହ୍ମାକୁମାର ବାଣେଶ୍ୱର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।



କୁସମେଲ ଆଶ୍ରମ ସ୍କୁଲରେ ଯୋଗ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

# କଲୁଙ୍ଗାରେ ନୂଆଁଖାଇ ଭେଟଘାଟ

**ବେଦବ୍ୟାସ,୧୨।୧୧(ଡି.ଏନ୍.ଏ.)**

କଲୁଙ୍ଗା ଫୁଟବଲ ଖେଳପଡ଼ିଆରେ ରବିବାର ମା' ସମଲେଇ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ-୨୦୧୮ ପାଳିତ ହୋଇଛି। ଏଥିରେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ନୃତ୍ୟଶିଳ୍ପୀ ତଥା ଗାୟିକା ପଦ୍ମିନୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କଳା ଓ ସଂସ୍କୃତିକୁ ଆଦରି ଦେଶ ବିଦେଶରେ ଏହାର ବ୍ୟାପକ ପ୍ରଚାର ପ୍ରସାର କରୁଥିବା ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ଡା. ଅଚ୍ୟୁତ କୁମାର ରଥ ଯୋଗଦେଇ ତାଙ୍କ ରଚିତ କବିତା ପାଠ କରି ଦର୍ଶକଙ୍କ ମନ ମୋହିଥିଲେ। ସମ୍ମାନିତ ଅତିଥି ଭାବେ କୁଆଁରମୁଣ୍ଡା ରେଞ୍ଜର ସୁଧାଂଶୁ ଶେଖର ସାହାଣୀ ଯୋଗଦେଇ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଉଦୟ ମଶ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷାବିତ୍ ତଥା ସଭାପତି କୃଷ୍ଣଚନ୍ଦ୍ର ନନ୍ଦ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ପଟେଲ, ଓଁକାର ପଣ୍ଡା, ବିଜୟ ଦୁବେ, ଅନୀଲ ଠାକୁର, ଶିବାଶିଷ ନନ୍ଦ, ଶିଶିର ଠାକୁର, ମନୋଜ ପଣ୍ଡା, ଶ୍ରୀକାନ୍ତ ପଟେଲ, ବୀରକିଶୋର ନାଏକ, ବିବେକାନନ୍ଦ ଠାକୁର, ରବି ପଣ୍ଡା, ବଦ୍ରି ପଣ୍ଡା, ବୀରେନ ଦାଶ, ବିନୋଦ ରଣା ପ୍ରମୁଖଙ୍କ ସମେତ କଲୁଙ୍ଗା, ବଲଣ୍ଡା, ଜିଆବାହାଲ, ନୂଆଗାଁ, କିଲିଙ୍ଗା ସାଗଯୋର ଅଞ୍ଚଳର ପ୍ରାୟ ୧୫୦୦ ପରିବାର ଯୋଗଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦୋଳଗୋବିନ୍ଦ ଦାଶ ସଭା ପରିଚାଳନା କରିଥିବା ବେଳେ ହରେନ୍ଦ୍ର ନାରାୟଣ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଅଞ୍ଚଳର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଶେଷରେ ଝାରସୁଗୁଡ଼ା ରାଇଁଝାଇଁ ନୃତ୍ୟ ଗ୍ରୁପ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

**ହେମଗିର,୧୨।୧୧(ଡି.ଏନ୍.ଏ.)**

ଏନ୍‌ଟିପିସି ତୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ପକ୍ଷରୁ ଖପୁରିକଛାର ସାଇଟ୍ ଅଫିସଠାରେ ହେମଗିର ବ୍ଲକର ବିଭିନ୍ନ ହାଇସ୍କୁଲ, କଲେଜଗୁଡ଼ିକର ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଅଧ୍ୟାପକଙ୍କ ନିମନ୍ତେ ତିନିଦିନିଆ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ହେମଗିର ବିଡିଓ ପ୍ରଦୀପ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ସୋମବାର ଶିବିରକୁ ଉଦ୍‌ଘାଟନ କରିବା ସହ କମ୍ପାନୀର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ଏହାଦ୍ୱାରା ଶିକ୍ଷା କ୍ଷେତ୍ରରେ ବିକାଶ ହେବା ସହ ଶିକ୍ଷୟତ୍ରୀ, ଶିକ୍ଷକମାନେ ମଧ୍ୟ ଯଥେଷ୍ଟ ଲାଭବାନ ହୋଇପାରିବେ ବୋଲି ବିଡିଓ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଇଓ ସୁରେନ୍ଦ୍ର କୁମାର ସାହୁ ଯୋଗଦେଇ କମ୍ପାନୀର ଏହି ପ୍ରୟାସ ବାସ୍ତବିକ ଏକ ଉତ୍ତମ ପଦକ୍ଷେପ ବୋଲି କହିଥିଲେ। ଶିବିରରେ କନକତୁରା, ହେମଗିର, ତୁରୁବଗା, କୁଚେଡେଗା, ରୁଆବାହାଲ, ସାନଘୁମୁଡ଼ା, କନିକା ତଥା ଭେଷଜ ପଟେଲ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଧ୍ୟାପକମାନେ ଯୋଗଦେଇଥିଲେ। କମ୍ପାନୀର ପ୍ରକଳ୍ପ ପ୍ରବନ୍ଧକ ଏସ୍.କେ. ରାୟ, ଡିଜିଏମ୍ ଅଶ୍ୱିନୀ କୁମାର ମିଶ୍ର, ମ୍ୟାନେଜର ଅରିନ୍ଦମ ପଟ୍ଟନାୟକ, ଅମରେଶ ରାଉଲ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ଆସନ୍ତା ୧୪ ତାରିଖରେ ଉଦ୍‌ଯାପିତ ହେବ।

# ବଣିକ ସଂଘ ପକ୍ଷରୁ ସେଲ୍ ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର

**ରାଉରକେଲା ଅଫିସ,୧୨।୧୧**

ସେଲ୍ ଅଧ୍ୟକ୍ଷ ଅନୀଲ ଚୌଧୁରୀଙ୍କ ଦୁଇ ଦିନିଆ ରାଉରକେଲା ଗସ୍ତ ଅବସରରେ ରାଉରକେଲା ବଣିକ ସଂଘ ପକ୍ଷରୁ ତାଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏଥିରେ ରାଉରକେଲାର ପ୍ରମୁଖ ସମସ୍ୟା ଓ ଏହାର ସମାଧାନ ନେଇ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆରଏସ୍‌ପି ଓ ବଣିକ ସଂଘ ମଧ୍ୟରେ ସହଯୋଗ ରହିଲେ ଏହା ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ କଳକାରଖାନାର ଉନ୍ନତି ଦିଗରେ ଆରଏସପି ତଥା ସେଲର ସହଯୋଗକୁ ଅସ୍ୱୀକାର କରିହେବ ନାହିଁ। ଏ ଦିଗରେ କର୍ତ୍ତୃପକ୍ଷଙ୍କ ସହଯୋଗ ମନୋଭାବ ଶିଳ୍ପାନୁଷ୍ଠାନ ଉତ୍ଥାନରେ ସହାୟକ ହୋଇ ପାରିବ ବୋଲି ସଂଘ ଆଶା ପ୍ରକାଶ କରିଛି। ଷ୍ଟିଲ ସିଟିରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଇସ୍ପାତ ଜେନେରାଲ ହସ୍ପିଟାଲର ସ୍ୱତନ୍ତ୍ର ପରିଚୟ ରହିଛି। ହୃଦ୍‌ରୋଗ ଓ ସ୍ନାୟୁରୋଗ ଭଳି ଅତ୍ୟାବଶ୍ୟକ ପୂର୍ଣ୍ଣକାଳୀନ ବ୍ୟବସ୍ଥା ଏଠାରେ ଉପଲବ୍ଧ ନାହିଁ। ଏପରି କ୍ଷେତ୍ରରେ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଦୂରଦୂରାନ୍ତକୁ ଯିବାକୁ ପଡୁଥିବା ବେଳେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏନେଇ ଆଇଜିଏଚ୍‌ରେ ବ୍ୟବସ୍ଥା କରାଗଲେ ସମସ୍ୟା ଦୂରହୋଇ ପାରନ୍ତା ବୋଲି ବଣିକ ସଂଘ ସେଲ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେହିଭଳି ଶିଳ୍ପ ବହୁଳ ସୁନ୍ଦରଗଡ ଜିଲ୍ଲାକୁ ବିମାନ ଯୋଗାଯୋଗ ଏକ ବଡ ବାଧକ ସାଜିଛି। ଶିଳ୍ପ ଓ ବାଣିଜ୍ୟିକ ଉତ୍ଥାନ କ୍ଷେତ୍ରରେ ବିମାନ ସେବାକୁ ଅସ୍ୱୀକାର କରିହେବନି। ଏ ଦିଗରେ ସେଲ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ବିମାନ ସେବା ଉଡାନ ଯୋଜନାର ସଫଳତା ନେଇ କର୍ତ୍ତୃପକ୍ଷ ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିବେ ବୋଲି ସଂଘ ଆଶା ବ୍ୟକ୍ତ କରିଛି। ପ୍ରତିନିଧି ଦଳରେ ସୁବ୍ରତ ପଟ୍ଟନାୟକ, ପୂର୍ବତନ ସଭାପତି ମହେଶ ଜେ. ଭଜିର, ଉପସଭାପତି ପ୍ରବୀଣ ଗର୍ଗ, ଲଳିତ ଗୁରୁୱାରା, ସାଧାରଣ ସମ୍ପାଦକ ଆଲୋକ ଲୋସଲକା, କାନ୍ତିଲାଲ ଏମ୍.କୋଠାରୀ, ରାଜୁ ମିତଲ ଓ ତରସେନ ଗୋଏଲ ପ୍ରମୁଖ ସାମିଲ ଥିଲେ।



ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅତିଥି।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୧୩/୨୦୧୮



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ଆମ୍ ଆଦ୍‌ମୀ ପାର୍ଟି କର୍ମୀଙ୍କୁ ପ୍ରଶିକ୍ଷଣ: ଦଳ କ୍ଷମତାକୁ ଆସିବା ଉପରେ ଗୁରୁତ୍ୱ

**ରାଉରକେଲା ଅଫିସ,୧୨। ୧୧**-ଆମ୍ ଆଦ୍‌ମୀ ପାର୍ଟିର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ନେଇ ଗତ ରବିବାର ବାସନ୍ତୀ କଲୋନୀ ଡିଏଭି କ୍ଲବରେ ଏକ କର୍ମୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ସୁନ୍ଦରଗଡ଼ ଜିଲାର ୭ଟି ବିଧାନସଭା କ୍ଷେତ୍ରରୁ ଆମ୍ ଆଦ୍‌ମୀ ପାର୍ଟିର ପ୍ରତିନିଧି ଯୋଗଦେଇଥିଲେ। ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଷ୍ଟାନଲାସ ଏକ୍କା, ବୀରମିତ୍ରପୁରରୁ ବିନୟ କୁଲ୍ଲୁ, ରଘୁନାଥପାଲିରୁ ନବୀନ ବାଙ୍କରା, ବଣାଇଁରୁ ସପନୀ ମୁଣ୍ଡା, ରାଉରକେଲା ବିଧାନସଭା କ୍ଷେତ୍ରରୁ ପ୍ରମୋଦ ସାହୁ, ସୁନ୍ଦରଗଡ଼ ଲୋକସଭା ଆବାହକ ତଥା ରାଜ୍ୟ କମିଟି ସଦସ୍ୟ ବାସିଲ ଏକ୍କା ଓ ରାଜ୍ୟ ସମ୍ପାଦକ ବିନୟ ତିୱାରୀ ଉପସ୍ଥିତ ସଦସ୍ୟଙ୍କୁ ଦଳୀୟ କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆମ୍ ଆଦ୍‌ମୀ ପାର୍ଟି ସରକାର ଦିଲ୍ଲୀରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, କର୍ମନିଯୁକ୍ତି ଇତ୍ୟାଦି ନେଇ ଯେଉଁଭଳି ଦୃଢ ପଦକ୍ଷେପ ନେଇଛି ଓଡିଶାରେ ଦଳ କ୍ଷମତାକୁ ଆସିଲେ ଏହା ସମ୍ଭବ ହୋଇପାରିବ ବୋଲି ଏହି ଶିବିରରେ କୁହାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ୧୫୦ ଜଣ କର୍ମୀ ଅଂଶ ଗ୍ରହଣ କରିଥିଲେ। ଦଳୀୟ କାର୍ଯ୍ୟକ୍ରମକୁ ଜିଲାର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଉପସ୍ଥିତ ନେତୃମଣ୍ଡଳୀ ପରାମର୍ଶ ଦେଇଥିଲେ।

### ୧୯୮୪ ବ୍ୟାଚ୍ ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ବୈଠକ

**ରାଉରକେଲା ଅଫିସ,୧୨। ୧୧**-ଆସନ୍ତା ଡିସେମ୍ବର ୨୩ରେ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ୧୯୮୪ ବ୍ୟାଚ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହେବ। ଏନେଇ ରବିବାର ଫର୍ଟିଲାଇଜର ଟାଉନଶିପ ସମାଜମଙ୍ଗଳ କେନ୍ଦ୍ର ପରିସରରେ ବିଜୟ ମହାନ୍ତିଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରାତନ ଛାତ୍ର ଗୌତମ ବେହେରା, ଗୌତମ ଜେନା, ଲକ୍ଷ୍ମୀଧର ପାତ୍ର, ରାଜୁ ତାଣ୍ଡି, ଶିବରାମ ନାୟକ, ନବକିଶୋର ମହାପାତ୍ର, ଶରତ ସାହୁ, ନିକୁଞ୍ଜ ନାୟକ ଓ ବାବୁ ସାମଲ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସମସ୍ତ ପୁରାତନ ଛାତ୍ର କିପରି ଏହି ସମାବେଶରେ ଯୋଗଦେବେ ସେନେଇ ଏବେଠୁ ଯୋଗାଯୋଗ କରିବାକୁ ବିଜୟ ମହାନ୍ତିଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରେ ରହୁଥିବା ଶତାଧିକ ପୁରାତନ ଛାତ୍ରୀଛାତ୍ର ଏଥିରେ ଯୋଗ ଦେବେ ବୋଲି ମହାନ୍ତି ଏକ ବିବୃତ୍ତିରେ ଜଣାଇଛନ୍ତି।

### କେଜେଡି ପକ୍ଷରୁ ସାଙ୍ଗଠନିକ ପ୍ରକ୍ରିୟା ଆରମ୍ଭ, ସୁବାସ ରାଉରକେଲା ଜିଲା ଆବାହକ

**ରାଉରକେଲା ଅଫିସ,୧୨।୧୧**-ଗତ ରବିବାର କୋଶଳ ଜନତା ଦଳ(କେଜେଡି) ରାଜ୍ୟ କାର୍ଯ୍ୟାଳୟ ଛେଣ୍ଡରେ ମାସିକ ସାଙ୍ଗଠନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଓ ରାଉରକେଲାକୁ କେଜେଡି ଦୁଇଟି ସାଙ୍ଗଠନିକ ଜିଲାର ମାନ୍ୟତା ପ୍ରଦାନ କରିଛି। ପ୍ରଥମ ପର୍ଯ୍ୟାୟରେ ରାଉରକେଲା ଜିଲା ଆବାହକ ରୂପେ ସୁବାସ ଲେଙ୍କାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଲେଙ୍କା ଜିଲାସ୍ତରୀୟ କମିଟି ଗଠନ କରିବେ ବୋଲି ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ନଭେମ୍ବର ସୁଦ୍ଧା ପ୍ରତ୍ୟେକ ସାଙ୍ଗଠନିକ ଜିଲା ଏହାର ଉପଖଣ୍ଡ ଓ ବ୍ଲକସ୍ତରୀୟ ଆବାହକ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସଭାପତି ପରାମର୍ଶ ପ୍ରଦାନ କରିଛନ୍ତି। ଏହି ଅବସରରେ ଦଳରେ ଯୋଗ ଦେଇଥିବା ମହେଶ ଗୌଡ ଏବଂ ବେବୀ ଦେହୁରୀଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହ ଦଳର ଉପଦେଷ୍ଟା ରୂପେ ସେଲର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ଅଦ୍ୱୈତ ପଣ୍ଡା ଯୋଗ ଦେଇଥିବାରୁ ତାଙ୍କୁ ଉପଦେଷ୍ଟା କମିଟି ଅଧକ୍ଷ କର୍ଣ୍ଣେଲ ହରିହର ସାହୁ, ଡା. ମେଜର ଅକ୍ଷୟ ସାମଲ, ଦଳୀୟ ସଭାପତି ବୈଦ୍ୟନାଥ ମିଶ୍ର, ପୀତବାସ ମିଶ୍ର ଓ ସନତ ପ୍ରଧାନ ପ୍ରମୁଖ ସ୍ୱାଗତ କରିଥିଲେ। ଚଳିତ ମାସ ଶେଷ ସୁଦ୍ଧା କୋଶଳ ମୁକ୍ତି ରଥ ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଦେବଗଡ଼ ଆଦି ଜିଲା ପରିକ୍ରମା ଶେଷ କରିବ ବୋଲି ଦଳର ସାଧାରଣ ସମ୍ପାଦକ ଚକ୍ରାନ୍ତି ଜେନା ଏଥିରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ସମ୍ପାଦକ ନିର୍ମଳ ଦାସ, ମୁଖପାତ୍ର ସୁରମା ମିଶ୍ର, ସରୋଜ ପରିଡ଼ା, ପ୍ରକାଶ ପାଢ଼ୀ, ମିଡିଆ ପ୍ରଭାରୀ ସ୍ୱରୂପ ମିଶ୍ର, ସଞ୍ଜିତ ସେନ ଓ ଦୁର୍ବାଦଳ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ସେଲ୍ ଅଧ୍ୟକ୍ଷ ଅନୀଲ ଚୌଧୁରୀଙ୍କ ସହ ଆଲୋଚନା କରିବାକୁ ଆସିଥିବା ଶ୍ରମିକ ସଂଗଠନ କର୍ମକର୍ତ୍ତା।

■ ସେଲ୍ ଅଧ୍ୟକ୍ଷଙ୍କ ସହ ଶ୍ରମିକ ସଂଘ କର୍ମକର୍ତ୍ତାଙ୍କ ଆଲୋଚନା

# ମଜୁରି ଚୁକ୍ତିନାମା ବିଳମ୍ବ ହେଲେ ପରିସ୍ଥିତି ଅଣାୟତ୍ତ ହେବ

■ ଡିପ୍ଲୋମା ଓ ଆଇଟିଆଇଧାରୀଙ୍କୁ ଗ୍ରେଡ୍ ପ୍ରଦାନ ଦାବି
■ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ କରାଯାଉ
■ ଷ୍ଟିଲ ଟାଉନଶିପ ସ୍ମାର୍ଟ ସିଟରେ ପରିଣତ ହେଉ

**ରାଉରକେଲା ଅଫିସ,୧୨।୧୧**

ସେଲ୍ ଅଧ୍ୟକ୍ଷ ଅନୀଲ ଚୌଧୁରୀଙ୍କ ଦୁଇଦିନିଆ ରାଉରକେଲା ଗସ୍ତ ଅବସରରେ ବିଭିନ୍ନ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା ତାଙ୍କ ସହ ଆଲୋଚନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ରାଉରକେଲା ହାଉସଠାରେ ଏଆଇଟିୟୁସି ସହବନ୍ଧିତ ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ପ୍ରଭାତ ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ତାଙ୍କୁ ସାକ୍ଷାତ୍ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଇସ୍ପାତ୍ ଲେବର ୟୁନିୟନ ସଭାପତି ଏନ୍.କେ. ମହାନ୍ତି, କିସ୍ ପକ୍ଷରୁ ବିଜୟ ପରିଡା ଓ ଚିତ୍ତ ଜେନା, ରାଉରକେଲା ଶ୍ରମିକ ନେତା ପ୍ରଫୁଲ୍ଲ ନନ୍ଦ, ଲୌହ ମଜଦୁର ୟୁନିୟନ ପକ୍ଷରୁ ରମେଶ ସେଠୀ ଓ ନୀଳମାଧବ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରମିକ ନେତାମାନେ କହିଥିଲେ, ମଜୁରି ଚୁକ୍ତିନାମା ନେଇ ଅହେତୁକ ବିଳମ୍ବ ହୋଇ ସାରିଛି। ଏନେଇ ଆଉ ଅଧିକ ସମୟ ନେଲେ ପରିସ୍ଥିତି ଅଣାୟତ୍ତ ହୋଇପାରେ। ତୁରନ୍ତ ଏନ୍‌ଜେସିଏସ୍ ବୈଠକ ଡାକି ଏ ସମ୍ପର୍କରେ ଚୂଡାନ୍ତ ଫଇସଲା ଶୁଣାଇବାକୁ ଦାବି କରାଯାଇଥିଲା। ଏଥିସହ ଡିପ୍ଲୋମା ଓ ଆଇଟିଆଇଧାରୀଙ୍କୁ ଯଥାକ୍ରମେ ଏସ୍-୬ ଓ ଏସ୍-୩ ଗ୍ରେଡ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଖାଲି ପଡିଥିବା କ୍ୱାଟର୍ସକୁ ଲିଜ୍ ସୂତ୍ରରେ ପ୍ରଦାନ କରିବାକୁ ସେଲ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରତିଶ୍ରୁତି ଅନୁଯାୟୀ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ ସହ ମେଡିକାଲ କଲେଜରେ ପରିବର୍ତ୍ତନ କରିବାକୁ ପଦକ୍ଷେପ ନିଆଯାଉ ବୋଲି ୟୁନିୟନ ନେତୃମଣ୍ଡଳୀ ଦାବି କରିଥିଲେ। ଏହି ଅବସରରେ ଆରଏସ୍‌ପିର ବିଭିନ୍ନ ଅନିୟମିତତା ବାବଦରେ ସେଲ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲା। କର୍ମଚାରୀଙ୍କ ନିମନ୍ତେ କାରଖାନା କର୍ତ୍ତୃପକ୍ଷ ନିଜସ୍ୱ କ୍ୟାଣ୍ଟିନ ବ୍ୟବସ୍ଥା କରନ୍ତୁ। ଷ୍ଟିଲ ଟାଉନଶିପକୁ ସ୍ମାର୍ଟ ସିଟି ଭାବେ ଉନ୍ନୀତ କରାଯାଉ ବୋଲି ମିଳିତ ମଞ୍ଚ ନେତୃମଣ୍ଡଳୀ ଅଧକ୍ଷ ଚୌଧୁରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଆରଏସ୍‌ପିରେ କାର୍ଯ୍ୟରତ ଠିକା ଶ୍ରମିକଙ୍କୁ କେନ୍ଦ୍ରୀୟ ହାରରେ ମଜୁରି ପ୍ରଦାନ କରିବାକୁ ଏଥିରେ ଦାବି କରାଯାଇଥିଲା। ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ପ୍ରଦାନ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରତିନିଧି ଦଳରେ ଷ୍ଟିଲ ମଜଦୁର ୟୁନିୟନ ସମେତ କଳିଙ୍ଗ ଇସ୍ପାତ ଶ୍ରମିକ ସଂଘ, ନର୍ଥ ଓଡିଶା ୱାର୍କର୍ସ ୟୁନିୟନ, ଲୌହ ମଜଦୁର ୟୁନିୟନ, ହିନ୍ଦୁସ୍ଥାନ ଷ୍ଟିଲ ୱାର୍କର୍ସ ୟୁନିୟନ, ରାଉରକେଲା ଶ୍ରମିକ ପଞ୍ଚାୟତ ଓ ଇସ୍ପାତ ଲେବର ୟୁନିୟନ ପ୍ରତିନିଧି ସାମିଲ ଥିଲେ।





ଜନଶୁଣାଣି ଶିବିରରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀମାନେ।

# ଲାଠିକଟାରେ ଜନଶୁଣାଣି

■ ଏଥର ସର୍ବାଧିକ ଅଭିଯୋଗ ୧୦୬

**ରାଉରକେଲା ଅଫିସ,୧୨। ୧୧**

ଲାଠିକଟା ବ୍ଲକ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ଜିଲାପାଳ ସୁରେନ୍ଦ୍ର ମୀନା, ରାଉରକେଲା ପୋଲିସ ଆରକ୍ଷୀ ଅଧୀକ୍ଷକ ଡ. ଉମାଶଙ୍କର ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂଯୋଜକ ଭୂମେଶ ବେହେରା, ସିଡିଏମ୍‌ଓ ଦିଲୀପ ଦାସ, ଲାଠିକଟା ବ୍ଲକ ବିଡିଓ ରାମଚନ୍ଦ୍ର ସୋରେନ, ସହକାରୀ ବିଡିଓ ମାଧବ ପାଣିଗ୍ରାହୀ ଓ ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ଖାଲକୋଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଲାଠିକଟା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକ ପ୍ରତିନିଧିମାନେ ଉନ୍ନୟନ, ଜମିଜମା ଆଦି ବାବଦରେ ଏଥର ସର୍ବାଧିକ ୧୦୬ଟି ଅଭିଯୋଗ ଉପସ୍ଥାପନ କରାଯାଇଥିଲା। ଏହାର ସମାଧାନ ନେଇ ଉପସ୍ଥିତ ଅଧିକାରୀ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ପ୍ରଦାନ କରିଥିଲେ।

### ଛଟ୍‌ପୂଜା ପାଇଁ ତତ୍ପରତା: ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ

**ରାଉରକେଲା ଅଫିସ,୧୨। ୧୧**

ଛଟ୍ ପୂଜା ନେଇ ସହରରେ ତତ୍ପରତା ପ୍ରକାଶ ପାଇଛି। ଏନେଇ ମଙ୍ଗଳବାର ସନ୍ଧ୍ୟା ଓ ବୁଧବାର ପ୍ରତ୍ୟୁଷରୁ ନଦୀ ଘାଟକୁ ଜାତୀୟ ରାଜପଥ ଦେଇ ଯାତାୟତ କରିବେ ଶହସ୍ରାଧିକ ଶ୍ରଦ୍ଧାଳୁ। ଏପରି ଅବସ୍ଥାରେ ଦେଓଗାଁରୁ ତର୍କରା ବାଲୁଘାଟ ପର୍ଯ୍ୟନ୍ତ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଧାୟକ ଦିଲୀପ ରାୟ ରାଉରକେଲା ଏସ୍‌ପି ଉମାଶଙ୍କର ଦାସଙ୍କ ସହ ଆଲୋଚନା କରିଛନ୍ତି। ଏହା ବ୍ୟତୀତ ତାଙ୍କ ପରାମର୍ଶକ୍ରମେ ବରିଷ୍ଠ ନେତା ହରିହର ରାଉତରାୟ, ରମେଶ ବଳ, ରଞ୍ଜିତ ନାୟକ, ଇରସାଦ ଖାଁ, ରସିଦ ଆସଲମ ରଞ୍ଜନ ସାହୁ, ଦେବଦତ୍ତ ପ୍ରସାଦ, ସବିତା ଖାତୁନ ଓ ଶଙ୍କର ସାହୁ ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେଦିନ ଅପରାହ୍ଣ ୩ଟାରୁ ୭ଟା ଓ ତା'ପର ଦିନ ସକାଳ ୪ଟାରୁ ଦିନ ୮ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ପ୍ରତି କଟକଣା ଜାରି କରିବାକୁ ନିବେଦନ କରିଛନ୍ତି ପ୍ରତିନିଧି ମଣ୍ଡଳୀ।

## ମୋ ରାଉରକେଲା

# ବହୁ ନିଆରା ପଣରେ ସମୃଦ୍ଧ ସହର



ଡା. କୃପାସିନ୍ଧୁ ନାୟକ କବି, ନାଟ୍ୟକାର

ଷ୍ଟିଲ୍ ସିଟି ପ୍ରତି ମୋ ସ୍ତ୍ରୀଙ୍କ ମନରେ ରହିଥିବା ଅନୁରକ୍ତି ମୋତେ ଗତ ୭୦ ଦଶକରେ ଏଠିକୁ ଟାଣି ଆଣିଥିଲା। ସେବେଠୁ ମୁଁ ଇସ୍ପାତ୍ ସହର ପ୍ରେମରେ ପଡିଗଲି। କର୍ମ ବନ୍ଧନ ଯୋଗୁ ଯୁଆଡେ ଗଲେ ବି ପୁଣି ଫେରିବାକୁ ପଡିଛି ଏ ସହରକୁ। ବହୁ ନିଆରା ପଣରେ ସମୃଦ୍ଧ ଇସ୍ପାତ ସହର। ଯିଏ ଥରେ ଏଠି ପାଦ ଥାପିଛି ତା' ଫେରିବା ବାଟ ଯେମିତି ଅମଡା ଲାଗେ। ଶିଳ୍ପ ସମୃଦ୍ଧ ଏ ସହରରେ ଜାତି, ଧର୍ମ ନିର୍ବିଶେଷରେ ସଭିଏଁ ସମାନତାର ସୁବିଧା ଉପଭୋଗ କରନ୍ତି। ପ୍ରାକୃତିକ ଶୋଭାରାଜିର ସହର ରାଉରକେଲା। ଶିକ୍ଷା, ସଂସ୍କୃତି, ପରମ୍ପରା ଓ କଳା ମାଧୁର୍ଯ୍ୟର ରୂପ ଲାବଣ୍ୟରେ ଝଟକୁ ଥିବା ସହର ସହ ମୋର ଅନେକ ସ୍ମୃତି ମାନସ ପଟରେ ଲିପିବଦ୍ଧ ହୋଇ ରହିଛି। ମୋର ବୃତ୍ତି ଓ ପ୍ରବୃତ୍ତିଗତ ଜୀବନର ବହୁ ରଙ୍ଗିନ ଫର୍ଦ୍ଦ ଯୋଡି ହୋଇ ରହିଛି ଏ ସହର ସହିତ। ଜୀବନ ଯାତ୍ରାର ସ୍ମୃତି ବିଜଡିତ ଲମ୍ବା ଫର୍ଦ୍ଦ ଭିତରେ ଲିପିବଦ୍ଧ ହୋଇ ରହି ଯାଇଛି ଲୁହ ଲହୁର ଅଭୁଲା ଅତୀତ। ଏଣୁ ରାଉରକେଲା ମୋର ପ୍ରଣମ୍ୟ।



ଶିଳାନ୍ୟାସ ଉତ୍ସବରେ ବିଧାୟକ ଦିଲୀପ ରାୟ ଓ ଅନ୍ୟମାନେ।

# ଉନ୍ନୟନ କାମର ଶିଳାନ୍ୟାସ କଲେ ବିଧାୟକ

**ରାଉରକେଲା ଅଫିସ,୧୨।୧୧**

ରାଉରକେଲା ବିଧାୟକ ଦିଲୀପ ରାୟ ରବିବାର ୧କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଛେଣ୍ଡ ଠାରେ ଥିବା ବ୍ରାଇଟଲେନ ୱେଲଫେୟାର କମିଟି ଗଣେଶ ପୂଜା ମଣ୍ଡପ ନିର୍ମାଣ ନିମନ୍ତେ ୫ଲକ୍ଷ, ରାମକୃଷ୍ଣ ମେମୋରିଆଲ ହାଇସ୍କୁଲ ଶ୍ରେଣୀ କୋଠରି ପାଇଁ ୫ଲକ୍ଷ, ଦେବବିହାର ଜଗନ୍ନାଥ ମନ୍ଦିର ମଣ୍ଡପ ପାଇଁ ୧୦ଲକ୍ଷ, ଲକ୍ଷ୍ମୀବରାହ ମନ୍ଦିର ଉନ୍ନୟନ ନିମନ୍ତେ ୫ଲକ୍ଷ ପ୍ରଦାନ କରିଛନ୍ତି। ଏଥିସହ ଆରଏମସି ୧ ନଂ. ୱାର୍ଡ ଅନ୍ତର୍ଗତ ବେଲ ଟାୱାର ଚର୍ଚ୍ଚ ସଭା ଗୃହ ନିମନ୍ତେ ୩ଲକ୍ଷ, ପ୍ରଧାନପାଲି ମହିଳା ସମିତି ସଭାଗୃହ ୩ଲକ୍ଷ, ପାନପୋଷ ନୁର ମସଜିଦ ସଭାଗୃହ ନିର୍ମାଣ ନେଇ ୧୦ଲକ୍ଷ ନିଜ ବିଧାୟକ ହାତ ପାଣ୍ଠିରୁ ପ୍ରଦାନ କରିଛନ୍ତି। ସେହିଭଳି ଲେବର ଟେନାମେଣ୍ଟ ଆଦିବାସୀ କ୍ଲବ ପାଇଁ ୫ଲକ୍ଷ, ବାସନ୍ତୀ କଲୋନୀରେ ଥିବା ଆଳୀୟ ଖଣ୍ଡାୟତ କ୍ଷତ୍ରୀୟ ମହାସଭା ମଣ୍ଡପ ନିମନ୍ତେ ୫ଲକ୍ଷ, ଛତିଶଗଡବାସୀଙ୍କୁ ନେଇ ଗଢି ଉଠିଥିବା ଡାବରପଡା କ୍ଲବ ନିମନ୍ତେ ୫ଲକ୍ଷ ପ୍ରଦାନ କରିଛନ୍ତି। ମାଲଗୋଦାମ ଉର୍ଦ୍ଦୁ ସ୍କୁଲ ଗୃହ ନିର୍ମାଣ ନିମନ୍ତେ ୫ଲକ୍ଷ ଘୋଷଣା କରିଥିବା ବେଳେ ମଧୁସୂଦନପାଲି ଶିବ ମନ୍ଦିର ଉନ୍ନୟନ ପାଇଁ ୩ଲକ୍ଷ ଅର୍ଥ ବ୍ୟବସ୍ଥା କରିଛନ୍ତି। ସେହିଭଳି ଟିମ୍ବର କଲୋନୀ ଜଗନ୍ନାଥ ମନ୍ଦିର ପାଇଁ ୩ଲକ୍ଷ, ନୂଆବଜାର ଅଞ୍ଚଳର ଉନ୍ନୟନ ପାଇଁ ୩ ଲକ୍ଷ, ସ୍ଥାନୀୟ ଦୁର୍ଗା ପୂଜା ମଣ୍ଡପ ନିର୍ମାଣ ନେଇ ୫ଲକ୍ଷ, ଗାନ୍ଧୀ ରୋଡ ମହିଳା ସମିତି ଗୃହ ନିମନ୍ତେ ୩ ଲକ୍ଷ, କୋଏଲନଗର ଅବସର କର୍ମଚାରୀଙ୍କ ଯୋଗ ମଣ୍ଡପ ନିର୍ମାଣ ନେଇ ୫ଲକ୍ଷ, ଜଗଦା ସାଂସ୍କୃତିକ ପରିଷଦ କଲ୍ୟାଣ ମଣ୍ଡପ ନିମନ୍ତେ ପାଇଁ ୫ଲକ୍ଷ ଓ ହନୁମାନ ମନ୍ଦିର ପାଇଁ ୫ଲକ୍ଷ ପ୍ରଦାନ କରିଛନ୍ତି। ସେହିଭଳି ଡିଜେଲ କଲୋନୀ, ରାଜୀବ ଗାନ୍ଧି ୟୁଥ କ୍ଲବ, ନେପାଳି ବସ୍ତି, ବଜରଂଗବାଲି ମନ୍ଦିର ମାତା ମନ୍ଦିର, ବନ୍ଧମୁଣ୍ଡା ଉତ୍କଳ ବାହିନୀ ଗୃହ ନିର୍ମାଣ ଭଳି ଅନେକ ସାମାଜିକ ଅନୁଷ୍ଠାନକୁ ତାଙ୍କ ବ୍ୟକ୍ତିଗତ ତଥା ବିଧାୟକ ହାତପାଣ୍ଠିରୁ ଆର୍ଥିକ ଅନୁଦାନ ଘୋଷଣା କରିବା ସହ ଶୁଭାଦାନ କରିଛନ୍ତି ବିଧାୟକ ରାୟ। ଉପରୋକ୍ତ କାର୍ଯ୍ୟକ୍ରମରେ ହରିହର ରାଉତରାୟ, ରମେଶ ବଳ, ରସିଦ ଆସଲାମ, ନିରାକାର ଲେଙ୍କା, ରଣଜିତ ନାୟକ, କିଶୁନ ସାହୁ, ଧୀରେନ ସେନାପତି କାଳିନ୍ଦୀ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଛଟ୍ ପୂଜା ପାଇଁ ରାଉରକେଲା ଡେଲିମାର୍କେଟରେ ବିକ୍ରି ହେଉଥିବା ବିଭିନ୍ନ ସାମଗ୍ରୀ କିଣିବାକୁ ଭିଡ ଜମିଛି।



ଶୀତ ଆରମ୍ଭରୁ ରାଉରକେଲା ବାସନ୍ତୀକଲୋନୀ ଓଭରବ୍ରିଜ୍ ଅଞ୍ଚଳ ସୋମବାର ସକାଳେ କୁହୁଡିମୟ ହୋଇଛି।



“ ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ରାଜପୁରରେ ନାଗେନ ଚଉଠି ପାଳିତ

**ବ୍ରଜରାଜନଗର, ୧୨।୧୧ (ଡି.ଏନ.ଏ.)**- ରାଜପୁର ଗ୍ରାମରେ ଚଳିତ ବର୍ଷ ନାଗେନ ଚଉଠି ଯାତ୍ରା ପାଳନ କରାଯାଇଛି । ରବିବାର ରାତ୍ରିରେ ଗ୍ରାମ ପାଖ ମା'ଙ୍କ ମନ୍ଦିରରେ ପୂଜା କରାଯାଇଥିଲା । ବରୁଆମାନେ ସକାଳେ ନଦୀ ଘାଟରେ ପୂଜା କରିଥିଲେ । ପରେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ସନ୍ଧ୍ୟାରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲା। ମଙ୍ଗଳବାର ପୁନର୍ବାର ଥାଳ ଭିକ୍ଷା ଓ ଗୁରୁପୂଜା କରାଯିବା ପରେ ଚଉଠି ଯାତ୍ରା ସମ୍ପୂର୍ଣ୍ଣ ହୋଇଥିବା ବ୍ରତଧାରୀମାନେ କହିଛନ୍ତି। ସେହିପରି ନୂଆଡିଡି ଗ୍ରାମରେ ଏହି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ସଂକୀର୍ତ୍ତନ କରାଯିବା ସହ ରାତିରେ ଗ୍ରାମର ଯୁବକମାନଙ୍କୁ ନେଇ 'ବାଟ ହଜିଗଲା ହାଟ ମଝିରେ' ନାଟକ ମଞ୍ଚସ୍ଥ କରାଯାଇଥିଲା । ନାଟକ ଦେଖିବା ପାଇଁ ଜନ ସମାଗମ ହୋଇଥିଲା ।

### ଚୋର ଗିରଫ, ୩ ମୋବାଇଲ ଜବତ

**ବଡବିଲ, ୧୨।୧୧(ସ୍ୱ.ପ୍ର.):** ବଡ଼ବିଲ ଥାନା ଝୁମ୍ପୁଡି ହଟିଂ ଅଞ୍ଚଳରୁ ପୋଲିସ ଜଣେ ମୋବାଇଲ ଚୋରଙ୍କୁ ଗିରଫ କରିଛି। ତାଙ୍କଠାରୁ ୩ ମୋବାଇଲ ଜବତ ହୋଇଛି। ଗତ ଏକ ସପ୍ତାହ ତଳେ କଳିଙ୍ଗ ଅଞ୍ଚଳରେ ରହୁଥିବା ବିଦ୍ୟାଧର ସାହୁଙ୍କ ଘରୁ ମୋବାଇଲ ଚୋରି ହୋଇଥିଲା। ଏ ନେଇ ରବିବାର ବଡ଼ବିଲ ଥାନାରେ ଅଭିଯୋଗ ହୋଇଥିଲା।

■ ଚଢ଼ାଦରରେ କିରୋସିନ ବିକ୍ରି ଘଟଣା

# ଏସ୍‌ଏଚ୍‌ଜିକୁ ଦାୟିତ୍ୱ ମୁକ୍ତ କରିବାକୁ ଦାବି

**କୋଲାବିରା,୧୨।୧୧(ଡି.ଏନ.ଏ.)**

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମିଳୁଥିବା କିରୋସିନକୁ ଚଢାଦରରେ ବିକ୍ରି କରୁଛନ୍ତି ଏସ୍‌ଏଚ୍‌ଜି ଗ୍ରୁପ। ସବୁ ଜାଣି ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା କୋଲାବିରା ବ୍ଲକ ଅନ୍ତର୍ଗତ ଝିଲ୍ଲାପାଲି ପଞ୍ଚାୟତର ହିତାଧିକାରୀମାନେ ଅଭିଯୋଗ କରିଛନ୍ତି ।

ଝିଲ୍ଲାପାଲି ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ସାଧାରଣ ବଣ୍ଟନ ବ୍ୟବସ୍ଥା ଦାୟିତ୍ୱରେ ଥିବା ମା'ସରସ୍ୱତୀ ଓ ଲକ୍ଷ୍ମୀନାରାୟଣ ଏସ୍‌ଏଚ୍‌ଜିକୁ ଏଥିପାଇଁ ଦାୟିତ୍ୱ ମୁକ୍ତ କରାଯାଉ। ପଞ୍ଚାୟତ କାର୍ଯ୍ୟାଳୟରେ ନିଯୁକ୍ତ ଥିବା ଯୋଗାଣ ସହାୟକ ଜରିଆରେ କିରୋସିନି ବଣ୍ଟନର ସୁବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଗ୍ରାମର ୧୧୭ ଜଣଙ୍କ ଦସ୍ତଖତ ବିଶିଷ୍ଟ ଅଭିଯୋଗ ପତ୍ର କୋଲାବିରା ବିଡିଓ,ଜିଲା ଯୋଗାଣ ଅଧିକାରୀ ଏବଂ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଗ୍ରାମର ନରେଶ ରାଓ, ଶକ୍ତି ଭୂଷଣ ସେଠୀ, ଦିନ ମାଝୀ, ପ୍ରଫୁଲ୍ଲ କୁମାର ପଟେଲ, ଜଗନ୍ନାଥ କିଶାନ, ଭକ୍ତରାମ ଛତ୍ରିଆ, କ୍ଷେମାନ୍ତ ରଣବିଡା, ରାକେଶ ଛତ୍ରିଆ ,କାର୍ତ୍ତିକ ଡିଲା, ଫକୀର କିଶାନ,ସୁନିଲ ରଣା ପ୍ରମୁଖ ଗ୍ରାମବାସୀଙ୍କ ଏହି ଅଭିଯୋଗପତ୍ର ଦସ୍ତଖତ କରିଛନ୍ତି । ଝିଲ୍ଲାପାଲି ସରପଞ୍ଚ ଦୁବରାଜ ନାଏକଙ୍କ ସମେତ ୱାର୍ଡ ସଭ୍ୟା ସବିତା ସେଠୀ, କୁନୁ ନାଏକ, ଯୁଧିଷ୍ଠିର ପଟେଲ, ରମାକାନ୍ତ ପଟେଲ, ହିତାଧିକାରୀ ବେଦମତି ଭଞ୍ଜ, ଝୁନି ବେସନ, ସୁଶିଳା ମହାନନ୍ଦ, ତୁଳାରାମ ବୁଡା, ଧନମତୀ ବୁଡା, ମିଟକି ବୁଡା,ନମିତା କୁସୁମ, ଶେଷଦେବ ବାଗ ପ୍ରମୁଖ ଏ ନେଇ ତଥ୍ୟ ସଂଗ୍ରହ କରିଛନ୍ତି। ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତିଲତା ବାରିକ କହିଛନ୍ତି ,ଏହା ଏକ ଛୋଟ ଭୂଲ। ଏଥିପାଇଁ ଆମେ ଉଭୟ ଏସ୍‌ଏଚ୍‌ଜି ଗ୍ରୁପଙ୍କୁ ତାଗିଦ କରିଛୁ। ସେମାନେ ଟଙ୍କାଏ ଲେଖାଏଁ ହିତାଧିକାରଙ୍କୁ ଫେରସ୍ତ କରିଦେବେ। ଉକ୍ତ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ କୋଲାବିରା ବ୍ଲକ ଯୋଗାଣ ଅଧିକାରୀ ବାରିକ ଝିଲ୍ଲାପାଲି ଗ୍ରାମକୁ ଯାଇ ସତ୍ୟାସତ୍ୟ ପରଖିଛନ୍ତି।

# ବ୍ୟବସାୟିକ ଶତ୍ରୁତାରୁ ଗାଡ଼ି ଚୋରି

■ ୩ ଗିରଫ, ୩ ନିଖୋଜ
■ ବ୍ୟାପୁଛି ଲଘୁ ଖଣିଜ ଚୋରା କାରବାର

**ଝାରସୁଗୁଡ଼ା ଅଫିସ/ ବ୍ରଜରାଜନଗର (ଡି.ଏନ.ଏ.), ୧୨।୧୧**

ଲଘୁ ଖଣିଜ ସମ୍ପଦ ଚୋରା କାରବାରରେ ଝାରସୁଗୁଡ଼ା ଜିଲା ରାଜ୍ୟରେ ଶୀର୍ଷ ସ୍ଥାନରେ ରହିବ। କେବଳ ସେହି କାରଣରୁ ଜିଲାରେ ଅପରାଧିକ କାରବାର ମଧ୍ୟ ବୃଦ୍ଧି ପାଉଛି। ବ୍ୟବସାୟିକ ଶତ୍ରୁତାକୁ ନେଇ ଜଣେ ଆଉଜଣଙ୍କ ବିରୋଧରେ ଷଡଯନ୍ତ୍ର କରୁଛନ୍ତି। ପ୍ରଶାସନ ଏବଂ ପୋଲିସ ମିଳିତ ଭାବେ ପଥର, ବାଲି ଭଳି ଲଘୁ ଖଣିଜ ଚୋରା କାରବାର ରୋକିବାରେ ସଫଳ ହେଉନାହାନ୍ତି। ବ୍ୟବସାୟିକ ଶତ୍ରୁତାରୁ ଶନିବାର ରାତିରେ ବ୍ରଜରାଜନଗର କେଛୋବାହାଲର ଏକ ପଥରଖାଦାନରୁ ପ୍ରାୟ ୭୦ ଲକ୍ଷ ଟଙ୍କାର ଭଲଭୋ-୨୧୦ ମେସିନ୍ ଏବଂ ଏକ ପିକ-ଅପ୍ ଚୋରି ହୋଇଥିଲା। ଏହି ଅଭିଯୋଗରେ ବ୍ରଜରାଜନଗର ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତମାନେ ଏଯାଏଁ ପରଦା ଆଢୁଆଳରେ ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁର ଜିଲାର ଗୋକୁଳ ବାଗ୍, ଶ୍ରୀକାନ୍ତ ବାରିକ ଏବଂ ଅନ୍ତର୍ଯାମୀ ମେଣ୍ଡୁଲି। ପୋଲିସ ସେମାନଙ୍କଠାରୁ ଚୋରି ହୋଇଥିବା ଗାଡିଗୁଡିକ ଜବତ କରିଛି। ହେଲେ ଗାଡିସହ ନିଖୋଜ ଥିବା ପ୍ରିୟାନ୍ତ ମହାକୁଡ, ରାଜେଶ ବେହେରା ଏବଂ ଦୁଷ୍ମନ୍ତଙ୍କ ପତ୍ତା ମିଳିନାହିଁ। ସୂଚନା ମୁତାବକ, କଳାହାଣ୍ଡି ଜିଲା ଭବାନୀପାଟଣା ଥାନା ଅଞ୍ଚଳର ଅଶୋକ କୁମାର ମହାପାତ୍ରଙ୍କ ଏକ ଭଲଭୋ-୨୧୦ ମେସିନ୍, ବଲେରୋ ପିକ-ଅପ୍ ବ୍ରଜରାଜନଗର କେଛୋବାହାଲର କ୍ରସର ମାଲିକ ସୁନିଲ ଅଗ୍ରୱାଲ ଭଡା ସୂତ୍ରରେ ଆଣିଥିଲେ। ଗତ ୪୫ ଦିନ ହେବ ଗାଡିଗୁଡିକ କେଛୋବାହାଲ ନିକଟ ଏକ ପଥର ଖାଦାନରେ ନିୟୋଜିତ ଥିଲା। ପୋଲିସ ସୂଚନା ଅନୁସାରେ, ଅଶୋକ ମହାପାତ୍ରଙ୍କ ସହ ସୋନପୁର ଜିଲାର ଶ୍ରୀନିବାସ ମିଶ୍ରଙ୍କ ବ୍ୟବସାୟିକ ଶତ୍ରୁତା ଅଛି। ଅଶୋକଙ୍କ ଗାଡି ବ୍ରଜରାଜନଗର କେଛୋବାହାଲରେ ନିୟୋଜିତ ଥିବା ଜାଣିବା ପରେ ଶ୍ରୀନିବାସ କେତେଜଣ ଯୁବକଙ୍କୁ ପଠାଇ ଗାଡି ଉଠାଇ ନେଇଥିଲେ। ଶନିବାର ରାତି ପ୍ରାୟ ୧୦ଟାରେ ସୁନିଲ ଅଗ୍ରୱାଲଙ୍କ ସୁପରଭାଇଜର ବିଶ୍ୱଜିତ ରାୟ ଗାଡିଗୁଡିକ ପଥର ଖାଦାନରେ ରହିଥିବା ଦେଖିଥିଲେ। କିନ୍ତୁ ପରେ ସେଗୁଡିକ ଚୋରି ହୋଇଥିବା ଜାଣିପାରିଥିଲେ। ଗାଡି ମାଲିକ ମହାପାତ୍ର ରବିବାର ଏ ନେଇ ବ୍ରଜରାଜନଗର ଥାନାରେ ଦେଇଥିବା ଏତଲାକ୍ରମେ ପୋଲିସ ମାମଲା ରୁଜୁ କରି ଗାଡି ଉଦ୍ଧାର କରିଛି ଏବଂ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟ ୩ ଜଣ ନିଖୋଜ ଅଛନ୍ତି। ଚୋରା କାରବାରକୁ ଘଷ୍ଟ ଘୋଡାଇବାକୁ ପୋଲିସ ମାପିଚୁପି କଥାବାର୍ତ୍ତା କରୁଥିବା ବେଳେ ପ୍ରକୃତ ଘଟଣାକୁ ଲୁଚାଉଥିବା ଅଭିଯୋଗ ହୋଇଛି। ଏହା ପ୍ରଥମ ଘଟଣା ନୁହେଁ, ଏହା ପୂର୍ବରୁ ବ୍ରଜରାଜନଗର ନିକଟରେ ଏକ ବେଆଇନ୍ ଖାଦାନରେ ବ୍ଲାଷ୍ଟିଂ ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଆଲୋଡନ ସୃଷ୍ଟି କରିଥିଲା। ମାଇନିଂ ପ୍ଲାନ ମୁତାବକ ଲଘୁ ଖଣିଜ ଉତ୍ତୋଳନ ନିୟମ ରହିଥିଲେ ମଧ୍ୟ ପ୍ଲାନିଂ ବହିର୍ଭୂତ ଖଣିଜ ଉତ୍ତୋଳନ ଏବଂ ଅଣ ଅନୁମୋଦିତ ଖଣିଜ ଉତ୍ତୋଳନ ଜୋର ସୋରରେ ଚାଲିଛି।



ଉଦ୍ଧାର ଗାଡି।



ଗିରଫ ଅଭିଯୁକ୍ତମାନେ।



ଲଖନପୁର ଖଣି ପ୍ରକଳ୍ପ ଅଧିକାରୀ ଅବୋଧ କୁମାର ପାଣ୍ଡେ କ୍ରୀଡାମଶାଲ ଜଳାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି ।

# ଓଭରଲୋଡ୍ ପାଉଁଶ ବୋଝେଇ ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ

■ ପୋଲିସ କହିଲା କାର୍ଯ୍ୟାନୁଷ୍ଠାନ ହେବ

**କୋଲାବିରା,୧୨।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ଅଞ୍ଚଳ ଦେଇ ପାଉଁଶ ପରିବହନକୁ ନେଇ ଲାଗି ରହିଥିବା ସମସ୍ୟାର ସମାଧାନ ହେଉନି । ଦିନକୁ ଦିନ ଏହି ସମସ୍ୟା ବଢ଼ିବାରେ ଲାଗିଛି । ପାଉଁଶ ଓଭରଲୋଡ କରି ଏକା ସଙ୍ଗେ ଏକାଧିକ ଭାରିଯାନ ସମାସିଂହା ଗ୍ରାମ ଭିତର ଦେଇ ଯାଉଛନ୍ତି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଫଳରେ ସେମାନେ ଗାଡିଗୁଡିକୁ ଅଟକ ରଖି କୋଲାବିରା ଥାନା ଏବଂ ପାଉଁଶ ପରିବହନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣେଇଥିଲେ। ସମାସିଂହା ଗ୍ରାମର ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି, ଅଜିତ ସେନାପତି,ଭିକାରୀ ସାହୁ, କୁନା ପୃଷେଠ ପ୍ରମୁଖଙ୍କ ୪ଟି ଗାଡିକୁ ଅଟକାଇଥିଲେ। ଆଗାମୀ ଦିନରେ ଯଦି ପୁଣି ଥରେ ଏପରି ଘଟେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଗାଡ଼ିଗୁଡିକ ଛଡା ଯାଇଥିଲା। କିଛିଦିନ ପୂର୍ବରୁ ଏହି ପାଉଁଶ ପରିବହନକୁ ନେଇ ଦେଖାଦେଇଥିବା ସମସ୍ୟାର ସମାଧାନ କରିବାକୁ ଯାଇ କୋଲାବିରା ଥାନା ପରିସରରେ ତ୍ରିପାକ୍ଷିକ ବୈଠକ ଆହୁତ ହୋଇଥିଲା। ବୈଠକରେ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ, ସମସ୍ତ ଗାଡିରେ ପାଲ ଠିକ ଭାବେ ବନ୍ଧାଯିବା ପରେ ଗାଡିଗୁଡିକ ଚଳାଚଳ କରିବ, ରାସ୍ତାରେ ପାଉଁଶ ପଡି ଗୁଣ୍ଡ ଉଡୁଥିବାରୁ ଝାଡୁଦାର ଲଗାଇ ରାସ୍ତାରେ ସଫା କରାଯିବ । ଜନବସତି ଦେଇ ଗାଡିଗୁଡିକ ଗୋଟିଏ ପରେ ଗୋଟିଏ ଧିରେ ଧିରେ ଅତିକ୍ରମ କରିବ। ମାତ୍ର ଦିନେ ଦୁଇଦିନ ସେହି ପ୍ରତିଶ୍ରୁତି ପାଳନ କରାଯିବ ପରେ ଏବେ ପୂର୍ବପରି ଗାଡ଼ି ଚଳାଚଳ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



ପାଉଁଶ ବୋଝେଇ ଭାରିଯାନ।

# ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ଆନ୍ତଃଗୋଷ୍ଠୀ ଖେଳକୁଦ ପ୍ରତିଯୋଗିତା

**ଲଖନପୁର,୧୨।୧୧(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁରକ୍ଷେତ୍ର ତରଫରୁ ବନ୍ଧବାହାଲ ଖେଳପଡିଆରେ ସୋମବାର ଏକ ଦିବସୀୟ ଆନ୍ତଃଗୋଷ୍ଠୀ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଖନପୁରକ୍ଷେତ୍ରର ବେଲପାହାଡ ଖୋଲାମୁହଁ କୋଇଲା ଖଣି ୟୁନିଟ୍, ଲଖନପୁର ଖୋଲାମୁହଁ କୋଇଲାଖଣି ୟୁନିଟ୍, ଲିଲାରୀ ଖୋଲାମୁହଁ କୋଇଲା ଖଣି ୟୁନିଟ୍ ଓ ଜିଏମ୍ ଅଫିସ୍ ୟୁନିଟ୍‌ର ସମୁଦାୟ ୪୭୦ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଡିସ୍କସ୍ ଥ୍ରୋ, ସଟ୍‌ପୁଟ୍ ଥ୍ରୋ, ହାମର ଥ୍ରୋ, ସାଇକେଲ୍ ରେସ୍, ଜାଭିଲିନ୍ ଥ୍ରୋ, ମାଠିଆ ଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଖେଳକୁଦ ପ୍ରତିଯୋଗିତାକୁ ବେଲପାହାଡ ଖୋଲାମୁହଁ କୋଇଲାଖଣି ପ୍ରକଳ୍ପ ଅଧିକାରୀ ଅବୋଧ କୁମାର ପାଣ୍ଡେ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଲଖନପୁରକ୍ଷେତ୍ର ପ୍ରବନ୍ଧକ ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ପ୍ରବନ୍ଧକ(ଅପରେଶନ୍) ଅରୁଣ କୁମାର ସ୍ୱର୍ଣ୍ଣକାର, ଲଖନପୁର ପିଓ ଏ.କେ.ପାଣ୍ଡେ, ବେଲପାହାଡ ପିଓ ୟୁରେନ୍ ପଟ୍ଟନାୟକ, ଲିଲାରୀ ଓସିପି ମ୍ୟାନେଜର୍ ପି.ଏନ୍. କୁଣ୍ଡୁ, ଏପିଏମ୍ ଶିଖା ଚାଟାର୍ଜୀ,ଏମ.କେ. ପ୍ରଧାନ, ଶ୍ରମିକନେତା ରବିନ୍ଦ୍ର ପ୍ରସାଦ, ଏ.କେ.ଶୁକ୍ଳା, ବିଜୟ ଦାସ, ବାବୁଲା ବେହେରା, ରାମକୃଷ୍ଣ ତିୱାରୀ, ରାଜକୁମାର ମହାନନ୍ଦ, ଅରବିନ୍ଦ ତିରୁନାଗରୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଆସିଷ୍ଟାଣ୍ଟ ମ୍ୟାନେଜର୍ ଆଶିଷ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ମଞ୍ଚାସୀନ ଶ୍ରମିକନେତାମାନେ ନିଜ ବକ୍ତବ୍ୟରେ ଏମ୍‌ସିଏଲ୍ ଲଖନପୁରକ୍ଷେତ୍ରରେ କ୍ରୀଡାର ଅଗ୍ରଗତି ପାଇଁ ଖେଳପଡିଆର ଅଭାବ ରହିଛି । କମ୍ପାନୀ ତରଫରୁ ବନ୍ଧବାହାଲରେ ଏକ ଉନ୍ନତଧରଣର ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ ମିନି ଷ୍ଟାଡିୟମ୍ ନିର୍ମାଣ କରିବାକୁ ଦାବି କରିଥିଲେ।

# ବେଲପାହାଡ଼ କଲେଜରେ ଜାତୀୟ ଶିକ୍ଷା ଦିବସ ପାଳିତ

**ବେଲପାହାଡ଼,୧୨।୧୧(ଡି.ଏନ୍.ଏ.)**–ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ମହାନ୍ ସ୍ୱାଧୀନତା ସଂଗ୍ରାମୀ ମୌଲାନା ଅବଦୁଲ କଲାମ ଆଜାଦଙ୍କ ୧୩୦ ତମ ଜନ୍ମବାର୍ଷିକୀ ଅବସରରେ ବେଲପାହାଡ଼ କଲେଜରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗତ ରବିବାର କଲେଜରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏଥିରେ ଯୁକ୍ତ-୨ କଲେଜ ଅଧ୍ୟକ୍ଷ ଧ୍ୟାନ ରଞ୍ଜନ ଦୀକ୍ଷିତ ମୁଖ୍ୟଅତିଥି ଏବଂ ଯୁକ୍ତ-୩ କଲେଜ ଅଧ୍ୟକ୍ଷ ଆଶିଷ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ପ୍ରାଧ୍ୟାପକ ନଗେନ୍ଦ୍ର କୁମାର ନାୟକ,ଅଧ୍ୟାପକ ସୁରେନ୍ଦ୍ର ଭୋଇ ଓ କ୍ଷମାନିଧି ନାଥ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ମୌଲାନ ଆଜାଦଙ୍କ ଜୀବନ ଦର୍ଶନ ଓ ଆଦର୍ଶ କାର୍ଯ୍ୟାବଳୀଗୁଡ଼ିକୁ ସ୍ମୃତିଚାରଣ କରିଥିଲେ । ଅଧ୍ୟାପିକା ରତ୍ନା ସେନଗୁପ୍ତା ସଭା ସଞ୍ଚାଳନ କରିଥିଲେ । ଅଧ୍ୟାପକ ବୃନ୍ଦାବନ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ସମସ୍ତ ଅଧ୍ୟାପିକା,ଅଧ୍ୟାପକ,ଛାତ୍ରୀଛାତ୍ର ଓ କର୍ମଚାରୀ ମୌଲାନ ଆଜାଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା- ୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597